ପ୍ରଥମ ପାଠ

# ଗୋପାଳନ



## ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ .......................

**ପ୍ରଥମ ପାଠ**

## ଗୋପାଳନର ଗୁରୁତ୍ୱ

ପ୍ରାଚୀନ ପ୍ରସ୍ତର ଯୁଗରେ ମନୁଷ୍ୟ ଯାଯାବର ଜୀବନଯାପନ କରୁଥିଲା । କିନ୍ତୁ କାଳକ୍ରମେ ନୂତନ ପ୍ରସ୍ତର ଯୁଗରେ ଲୋକମାନେ ଯାଯାବର ଜୀବନ ପରିତ୍ୟାଗ କରି ଗୋଟିଏ ସ୍ଥାନରେ ପ୍ରାୟତଃ ନଦୀକୂଳରେ ବସବାସ କରିବା ଆରମ୍ଭ କଲେ । ଏହି ସମୟରେ ସେମାନେ କୃଷି ଉତ୍ପାଦନ ସହିତ ପ୍ରାଣୀମାନଙ୍କୁ ଗୃହପାଳିତ କରି ସେମାନଙ୍କୁ ଚାଷ କାର୍ଯ୍ୟରେ ଓ ଖାଦ୍ୟ ଉତ୍ପାଦନରେ ନିୟୋଜିତ କରିଥିଲେ । ସେହି ସମୟରେ ଯେଉଁ ଦେଶର ଗୃହପାଳିତ ପଶୁସମ୍ପଦ ଅଧିକ ଥିଲା, ସେ ଦେଶ ସମାଜରେ ସେତେ ଧନୀ ଓ ସମ୍ମାନିତ ହେଉଥିଲା । କ୍ରମଶଃ ଗୋ ସମ୍ପଦର ଗବେଷଣା ଓ ଉନ୍ନୟନ ଫଳରେ ସାରା ପୃଥିବୀରେ ଗୋପାଳନ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହୋଇପାରିଛି । ଆଜିକାଲି ଆମ ଦେଶରେ ମଧ୍ୟ ଉନ୍ନତ ଗୋପାଳନ ଦିଗରେ ବିଶେଷ ଆଗ୍ରହ ପ୍ରକାଶ ପାଉଅଛି । ଜର୍ସି, ହୋଲଷ୍ଟିନ୍, ବ୍ରାଉନ୍ ସ୍ୱିସ୍ ପ୍ରଭୃତି ବିଦେଶୀ ଗାଇ ଓ ସେମାନଙ୍କ ଠାରୁ ସୃଷ୍ଟି ହେଉଥିବା ସଙ୍କର ଜାତୀୟ ଗାଈମାନେ ଆମ ଦେଶୀ ଗାଈମାନଙ୍କ ଠାରୁ ଅଧିକ କ୍ଷୀର ଦେଉଥିବାରୁ ସେହି ଜାତୀୟ ଗାଈ ରଖିବା ପାଇଁ ଲୋକମାନେ ଆଗ୍ରହ ପ୍ରକାଶ କରୁଅଛନ୍ତି । ଆମ ଦେଶୀଗାଈମାନଙ୍କ ପକ୍ଷରେ ଦିନକୁ ହାରାହାରି ଏକ ଲିଟର କ୍ଷୀର ଦେବା କଷ୍ଟକର ହେଉଥିବା ସ୍ଥଳେ ଜର୍ସି ବା ହୋଲ୍‌ଷ୍ଟିନ୍ ଜାତୀୟ ସଙ୍କର ଗାଈମାନଙ୍କ ଠାରୁ ଦିନକୁ ହାରାହାରି ୮ ଲିଟର ଠାରୁ ୧୨ ଲିଟର ପର୍ଯ୍ୟନ୍ତ ମଧ୍ୟ କ୍ଷୀର ମିଳି ପାରୁଅଛି । ଫଳରେ ଏହି ପ୍ରକାର ଗାଈମାନଙ୍କୁ ବୈଜ୍ଞାନିକ ଉପାୟରେ ଲାଳନ ପାଳନ କଲେ ଚାଷୀମାନେ ଯେ ଲାଭବାନ୍ ହୋଇପାରିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

## ଅଧିକ ଆୟ ପାଇଁ ଗୋପାଳନ

ଆଜିକାଲି ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ଭୂମିହୀନ, ନାମମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀମାନଙ୍କୁ ଗୋପାଳନ କରିବା ପାଇଁ ମଧ୍ୟ ଉତ୍ସାହିତ କରାଯାଉଅଛି । ପରୀକ୍ଷା ଦ୍ୱାରା ଜଣାଯାଇଅଛି ଯେ ଯଦି ଜଣେ ଛୋଟ ଚାଷୀ ଦୁଇଟି ଜର୍ସି ଜାତୀୟ ଦୁଧିଆଳୀ ଗାଈ ରଖେ, ତେବେ ସେ ବର୍ଷକୁ ହାରାହାରି ୪୫୦୦ ରୁ ୫୦୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ପାଇପାରିବ, ଯାହାର ଦାମ୍ ପ୍ରାୟ ୮୦ ରୁ ୯୦ ହଜାର ଟଙ୍କା ହେବ । ଦୁଇଟି ଗାଈ ପାଇଁ ବର୍ଷକୁ ପ୍ରାୟ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ । ସବୁ ଖର୍ଚ୍ଚ ଯାଇ ସେ ପାଇବ ପ୍ରାୟ ୨୦ ହଜାର ଟଙ୍କା । ତେଣୁ ଛୋଟ ଚାଷୀ, ଦିନ ମଜୁରିଆ ଓ ମଧ୍ୟବିତ୍ତ ଚାଷୀମାନେ ମଧ୍ୟ ଗୋପାଳନକୁ ଏକ ସହଯୋଗୀ ଧନ୍ଦା ରୂପେ ଗ୍ରହଣ କରିପାରିବେ । ଏପରିକି ଆମ ଦେଶର ଗ୍ରାମୀଣ ସ୍ତ୍ରୀ ଲୋକମାନେ ମଧ୍ୟ ସହଜରେ ଗୋପାଳନ କରିପାରିବେ ।

ଆମ ଭାରତ ବର୍ଷରେ ପ୍ରାୟ ୨୦ କୋଟି ଗାଈଗୋରୁ, ସାଢ଼େ ୧୦ କୋଟି ମଇଁଷି, ୭ କୋଟି ମେଣ୍ଢା, ୧୪ କୋଟି ଛେଳି ଓ ୧ କୋଟି ଘୁଷୁରୀ ସହିତ ପ୍ରାୟ ୫୩ କୋଟି ଗୃହପାଳିତ ପଶୁ ଥିବାର ଜଣାଯାଇଅଛି । ଆମର ଏତେ ସଂଖ୍ୟକ ଗାଈ ଥିଲେ ମଧ୍ୟ ଅନ୍ୟ ଦେଶ ତୁଳନାରେ ଦୁଗ୍ଧ ଉତ୍ପାଦନ ଖୁବ୍ କମ୍ ହୋଇଥାଏ । ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଡେନ୍‌ମାର୍କ, ହଲାଣ୍ଡ୍ ପ୍ରଭୃତି ଦେଶରେ ଥିବା ଉନ୍ନତ ଜାତିଆ ଗାଈମାନେ ଦୈନିକ ୩୦ ରୁ ୪୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । ସେଠାରେ ଜଣେ ଜଣେ ଚାଷୀ ୧୦୦ ରୁ ଅଧିକ ଦୁଧିଆଳୀ ଗାଈ ରଖି ତାହାକୁ ଖୁବ୍ ଲାଭଜନକ ବ୍ୟବସାୟ ରୂପେ ପରିଣତ କରି ପାରୁଅଛନ୍ତି । ଆମ ଭାରତରେ ମଧ୍ୟ ପଞ୍ଜାବ, ହରିଆନା ଓ ଉତ୍ତରପ୍ରଦେଶରେ ଅନେକ ଚାଷୀ ଉନ୍ନତ ପ୍ରଣାଳୀରେ ଗୋପାଳନ କରି ବେଶ୍ ଲାଭବାନ୍ ହୋଇପାରୁ ଅଛନ୍ତି ।

ପ୍ରକୃତରେ ଦେଖିବାକୁ ଗଲେ ଆମ ଦେଶର ଦୁଗ୍ଧ ଉତ୍ପାଦନର ଅଧିକ ଭାଗ (ଶତକଡ଼ା ପ୍ରାୟ ୫୩ ଭାଗ) ମଇଁଷିମାନଙ୍କ ଠାରୁ ମିଳିଥାଏ । ତା ପଛକୁ ରହିଛି



ଗାଈ ଦୁଗ୍ଧ (୪୪%) ଏବଂ ଛେଳି, ମେଣ୍ଢା ଆଦି ପ୍ରାଣୀମାନଙ୍କ ଠାରୁ ମିଳୁଥିବା ଦୁଗ୍ଧ (୩%) । ଦେଶରେ ଉତ୍ପାଦିତ ହେଉଥିବା କ୍ଷୀରର ଶତକଡ଼ା ୩୮ ଭାଗ ଉତ୍ତରାଞ୍ଚଳ, ୩୧ ଭାଗ ପଶ୍ଚିମାଞ୍ଚଳ, ୨୦ ଭାଗ ଦକ୍ଷିଣାଞ୍ଚଳ ଓ ବାକି ୧୧ ଭାଗ ଆମର ପୂର୍ବାଞ୍ଚଳ ରାଜ୍ୟମାନଙ୍କଠାରୁ ମିଳିଥାଏ । ଖୁସିର କଥା ଆମ ଦେଶ ଭାରତ ବର୍ତ୍ତମାନ ସମଗ୍ର ପୃଥିବୀରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହା କେବଳ ଆମର ଅଧିକ ସଂଖ୍ୟକ ଗୋ ମହିଷାଦି ମାନଙ୍କ ଯୋଗୁଁ ସମ୍ଭବପର ହୋଇପାରିଛି । କିନ୍ତୁ ଦୁଃଖର ବିଷୟ ଆମର ଗାଈ ପିଛା ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନର ପରିମାଣ ଅନ୍ୟାନ୍ୟ ୟୁରୋପୀୟ ଦେଶ ମାନଙ୍କ ତୁଳନାରେ ବହୁତ କମ୍ । ପୃଥିବୀରେ ଗାଈପିଛା ହାରାହାରି ଦୁଗ୍ଧ ଉତ୍ପାଦନ କ୍ଷମତା ଗୋଟିଏ ବର୍ଷରେ ପ୍ରାୟ ୨୨୦୦ ଲିଟର ଥିଲାବେଳେ ଭାରତରେ ଏହି ସଂଖ୍ୟା ୯୮୭ ଲିଟର । ଇସ୍ରାଏଲ୍, ଆମେରିକା, ସ୍ୱିଡେନ୍, ଡେନ୍‌ମାର୍କ, କାନାଡ଼ା, ନେଦରଲ୍ୟାଣ୍ଡ୍ ଆଦି ଦୁଗ୍ଧ ଉତ୍ପାଦନରେ ବିକଶିତ ଦେଶମାନଙ୍କର ଗାଈପିଛା ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନ କ୍ଷମତା ୭୦୦୦ ରୁ ୮୦୦୦ ଲିଟର ।

ଏସବୁ ଦୃଷ୍ଟିରୁ ବର୍ତ୍ତମାନ ସମୟରେ ଆମ ଚାଷୀଭାଇମାନେ ଏହି ବିଷୟ ହୃଦୟଙ୍ଗମ କରି ଉନ୍ନତ ପ୍ରଣାଳୀରେ ଗୋପାଳନ କରିବା ଉଚିତ୍ । ଏହାଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତିର ବିକାଶ ହେବା ସଙ୍ଗେ ସଙ୍ଗେ ତାହା ଆମ ଦେଶ ପାଇଁ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ । ଏହିସବୁ କାରଣରୁ ଅତି ପ୍ରାଚୀନ କାଳରୁ ଗୋପାଳନ ଉପରେ ଆମ ଦେଶରେ ବହୁତ ଗୁରୁତ୍ୱ ଦିଆଯାଇଅଛି ଓ ଗାଈମାନଙ୍କୁ ମା' ସହିତ ମଧ୍ୟ ତୁଳନା କରାଯାଇଅଛି ।

## ଗାଈ ଦୁଗ୍ଧର ଖାଦ୍ୟଗୁଣ

ଗାଈ ଦୁଗ୍ଧ ଏକ ପୁଷ୍ଟିକର ଖାଦ୍ୟ । ଏଥିରେ ଶତକଡ଼ା ୮୭.୫ ଭାଗ ଜଳ, ୩.୨ ଭାଗ ପ୍ରୋଟିନ୍ ବା ଛେନା, ୪.୪ ଭାଗ ଶର୍କରା ବା ଚିନି, ୪.୧ ଭାଗ ସ୍ନେହସାର ବା ଘିଅ ଅଂଶ ଓ ୦.୮ ଭାଗ ଧାତବ ଲବଣ ରହିଥାଏ । ମା' ଦୁଧରେ ଜଳୀୟ ଅଂଶ ଶତକଡ଼ା ୮୮ ଭାଗ, ପ୍ରୋଟିନ୍ ୧.୧ ଭାଗ, ଶର୍କରା ଅଂଶ ୫.୬

ଭାଗ, ସ୍ନେହସାର ୪.୫ ଭାଗ ଓ ଧାତବ ଲବଣ ୦.୮ ଭାଗ ଥାଏ । ତେଣୁ ଛେନା ଅଂଶକୁ ବାଦ୍‌ଦେଲେ ଏହା ପ୍ରାୟ ଗାଇ ଦୁଗ୍ଧ ସହିତ ସମାନ ଥିବାରୁ ପିଲାମାନଙ୍କୁ ସହଜରେ ଦିଆଯାଇପାରେ ।

ସାଧାରଣତଃ ଜଣେ ଲୋକପାଇଁ ପ୍ରତିଦିନ ଅନ୍ତତଃ ଅଧଲିଟର କ୍ଷୀର ପିଇବା ଆବଶ୍ୟକ ହୋଇଥାଏ । ଆମ ଦେଶରେ ଅଧିକାଂଶ ଶିଶୁ ଓ ସ୍ତ୍ରୀ ଲୋକମାନେ ଆବଶ୍ୟକ ପରିମାଣରେ କ୍ଷୀର ପାଉ ନଥିବାରୁ ସେମାନଙ୍କର ନାନା ପ୍ରକାରର ଖାଦ୍ୟାଭାବ ଜନିତ ରୋଗ ହୋଇଥାଏ ବା ସେମାନଙ୍କର ସ୍ୱାସ୍ଥ୍ୟ ଠିକ୍ ରହେ ନାହିଁ । ୨୦୧୦-୧୧ ମସିହାରେ ହୋଇଥିବା ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ମୋଟ ଦୁଗ୍ଧ ଉତ୍ପାଦନ ୧୨୧.୮ ନିୟୁତ ଟନ୍ ଥିବାବେଳେ ମୁଣ୍ଡପିଛା ଦୈନିକ ଜଣେ ଲୋକ ପ୍ରତି ୨୮୧ ଗ୍ରାମ୍ ଦୁଗ୍ଧ ମିଳିପାରୁଛି । ଏହି ସର୍ବଭାରତୀୟ ସଂଖ୍ୟାକୁ ତୁଳନା କଲେ ଦୈନିକ ମୁଣ୍ଡପିଛା ମିଳୁଥିବା ଦୁଗ୍ଧର ହାରାହାରି ପରିମାଣ ପଞ୍ଜାବରେ ରହିଛି ୯୪୪ ଗ୍ରାମ୍, ହରିଆନାରେ ୬୬୨ ଗ୍ରାମ୍, ଗୁଜୁରାଟରେ ୪୧୮ ଗ୍ରାମ୍ ଓ ଓଡ଼ିଶାରେ ମାତ୍ର ୧୧୨ ଗ୍ରାମ୍ । ଏହି ସମୟରେ ଓଡ଼ିଶାର ଦୁଗ୍ଧ ଉତ୍ପାଦନ ପରିମାଣ ରହିଛି ୧.୬୭ ନିୟୁତ ଟନ୍ ଯାହାକୁ ଆମେ ଅତିକମ୍‌ରେ ଦ୍ୱିଗୁଣିତ କରିବାକୁ ପଡ଼ିବ । ତେଣୁ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ଆମ ଦେଶରେ ଯେ ଗୋପାଳନର ଆବଶ୍ୟକତା ରହିଅଛି, ଏଥିରେ କୌଣସି ସନ୍ଦେହ ନାହିଁ ।

ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆମ ଦେଶରେ ଥିବା ମଇଁଷି ଓ ସଙ୍କର ଜାତୀୟ ଗୋଜାତିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏବେ ଆମ ଦେଶରେ ପ୍ରାୟ ସାଢ଼େ ଦଶ କୋଟି ମଇଁଷି ଅଛନ୍ତି ଓ ସେମାନେ ଦେଶୀ ଗାଇମାନଙ୍କ ଠାରୁ ଅଧିକ କ୍ଷୀର ଦେଇଥାନ୍ତି । ମଇଁଷି କ୍ଷୀରରେ ମଧ୍ୟ ଗାଇ ଦୁଧ ଅପେକ୍ଷା ଅଧିକ ପରିମାଣରେ ସ୍ନେହସାର ଥିବାରୁ ଏହାର ଦାମ୍ ଗାଇ ଦୁଧ ଅପେକ୍ଷା ଅଧିକ ହୋଇଥାଏ । ସୁଖର କଥା, ଆମ ଭାରତ ବର୍ଷରେ ମୁର୍‌ହା, ଜାଫରବାଡ଼ି, ନିଲିରବି, ସୁର୍ତ୍ତି ଓ ଭଦ୍‌ୱାରୀ ପ୍ରଭୃତି ଉନ୍ନତ ଜାତୀୟ ମଇଁଷି ଅଛନ୍ତି । ସେମାନେ ଥରେ ଜନ୍ମ କଲେ ଗୋଟିଏ



ଫଳିରେ ପ୍ରାୟ ୨୦୦୦ରୁ ୨୫୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । ମଇଁଷି କ୍ଷୀରରେ ଶତକଡ଼ା ୭ ରୁ ୮ ଭାଗ ସ୍ନେହସାର ବା ଘିଅ ଅଂଶ ଥାଏ । ଏହି କାରଣରୁ ଦୁଧିଆଳୀ ମଇଁଷି ପାଳନ ମଧ୍ୟ ଏକ ଲାଭଜନକ ଧନ୍ଦା ରୂପେ ଗ୍ରହଣ କରାଯାଇପାରିବ ।

## ବିଦେଶରେ ଗାଇମାନଙ୍କର ଯତ୍ନ

ଯଦିଓ ଆମେ ଗାଇକୁ ଗୋମାତା ବୋଲି କହିଥାଉ, କିନ୍ତୁ ପ୍ରକୃତ କ୍ଷେତ୍ରରେ ଆମେ ଗୋପାଳନ ଦିଗରେ ବିଶେଷ ଆଗ୍ରହ ଦେଖାଇ ନଥାଉ । ପାଶ୍ଚାତ୍ୟ ଦେଶରେ ଗୋପାଳନ ପାଇଁ କେତେ ଯେ ଯତ୍ନ ନିଆଯାଇଥାଏ, ତାହା ନ ଦେଖିଲେ ବିଶ୍ୱାସ କରିବା କଷ୍ଟକର । ତେବେ ସେଠାରେ ଗୋରୁଗାଇମାନଙ୍କର କିପରି ତତ୍ତ୍ୱ ନିଆଯାଏ, ତାହା ନିମ୍ନଲିଖିତ ବର୍ଣ୍ଣନାରୁ ବେଶ୍ ଜଣା ପଡ଼ିବ ।

ସେଠାରେ ଜଣେ ଚାଷୀ ୧୦୦ ବା ତହିଁରୁ ଅଧିକ ଦୁଧିଆଳୀ ଗାଇ ରଖିଥାନ୍ତି । ସେମାନଙ୍କ ଗୁହାଳ ବେଶ୍ ପ୍ରଶସ୍ତ ଓ ପରିଷ୍କାର ପରିଚ୍ଛନ୍ନ ରହିଥାଏ । ଚଟାଣ, କାନ୍ଥ ଇତ୍ୟାଦି ଇଟା ଓ ସିମେଣ୍ଟରେ ତିଆରି ହୋଇଥାଏ ଏବଂ ତାହାକୁ ସଫା କରିବା ପାଇଁ ପାଣିର ବ୍ୟବସ୍ଥା କରାଯାଇଥାଏ । ଗାଇମାନଙ୍କୁ ପାଣି ଓ ଦାନା ଦେବା ପାଇଁ ସ୍ୱୟଂକ୍ରିୟ ବ୍ୟବସ୍ଥା କରାଯାଇଥାଏ । ଗାଇକୁ ଶୋଷ ହେଲେ ସେ ତା ଥୋମଣି ଦ୍ୱାରା ଗୋଟିଏ ଲୁହା ପ୍ଲେଟ୍‌କୁ ଦାବିଲେ ତହିଁରୁ ପାଣି ବାହାରିଥାଏ । ଦାନା ଦେବା ସଙ୍ଗେ ସଙ୍ଗେ ଗାଇମାନଙ୍କୁ ସାଇଲେଜ୍ ବା ସାଇତା ଘାସ ଓ ହେ (Hay) ବା ଶୁଖିଲା ଘାସ ଇତ୍ୟାଦି ଦିଆଯାଇଥାଏ । ମେସିନ୍ ସାହାଯ୍ୟରେ ଦୁଗ୍ଧ ଦୁହାଁଯାଇ ଏକ ଆଲୁମିନିଅମ୍ ବା ଷ୍ଟିଲ୍ କୁଣ୍ଡରେ ରଖାଯାଏ । ଦୁଗ୍ଧ ଛିଣ୍ଡି ନଯିବା ପାଇଁ ଏହି ଆଲୁମିନିଅମ୍ କୁଣ୍ଡକୁ ଯାନ୍ତ୍ରିକ ଉପାୟରେ ଥଣ୍ଡା କରାଯାଏ । ତା'ର ଦିନେ ବା ଦୁଇ ଦିନ ପର୍ଯ୍ୟନ୍ତ ଦୁଗ୍ଧ ସେହି କୁଣ୍ଡରେ ସାଇତା ହୋଇ ରହିଥାଏ । ବେପାରୀମାନେ ଆସି ତାହା ନେଇଯାଆନ୍ତି ।

## ଗୋପାଳନ କରିବା ପାଇଁ କେତେକ ଜାଣିବା କଥା

ତେବେ ସେ ଯାହା ହେଉନା କାହିଁକି, ଆମ ଦେଶରେ ମଧ୍ୟ ଚାଷୀମାନେ ନିଶ୍ଚୟ ଉନ୍ନତ ପ୍ରଣାଳୀରେ ଗୋପାଳନ କରିପାରିବେ । କିନ୍ତୁ ସେଥିପାଇଁ ଯଥେଷ୍ଟ ଆଗ୍ରହ

ଥିବା ଉଚିତ୍ । ଗୋରୁଗାଈଙ୍କ ପ୍ରତି ଯାହାର ଆଗ୍ରହ ନଥିବ, ସେ କେବେହେଲେ ସଫଳ ଗୋପାଳକ ହୋଇପାରିବ ନାହିଁ ।

ଗାଈ ଗୋଟିଏ ଗୃହପାଳିତ ପ୍ରାଣୀ । ତେଣୁ ତା ପ୍ରତି ସବୁବେଳେ ଆମର ଦୟାଭାବ ରହିବା ଉଚିତ୍ । କୌଣସି କାରଣରୁ ହେଲେ ମଧ୍ୟ ଗୋରୁଗାଈଙ୍କୁ ନିଷ୍ଠୁର ଭାବରେ ପିଟିବା ଉଚିତ ନୁହେଁ । ଏହା ଯେ କେବଳ ନିଷ୍ଠୁରତା ତା ନୁହେଁ, ପିଟିବା ଦ୍ୱାରା ଦୁଗ୍ଧ ଉତ୍ପାଦନ ମଧ୍ୟ କମିଯାଏ । ଯେଉଁ ଲୋକ ରାଗ ସମ୍ଭାଳି ପାରେ ନାହିଁ, ସେ କେବେହେଲେ ଜଣେ ଭଲ ଗୋପାଳକ ହୋଇପାରିବ ନାହିଁ । ଦୁହିଁବା ସମୟରେ ବା ଖାଇବାକୁ ଦେବା ସମୟରେ ଗାଈମାନଙ୍କୁ ବ୍ୟସ୍ତ କରିବା ଉଚିତ୍ ନୁହେଁ ।

ଦୁଧିଆଳୀ ଗାଈମାନଙ୍କୁ ଅଳ୍ପ ସମୟ ପାଇଁ ବୁଲାଚଲା କରିବାକୁ ସୁଯୋଗ ଦେବା ଉଚିତ୍ । ସାଧାରଣତଃ ଦେଖାଯାଏ ଯେ, ଗାଈମାନେ ପ୍ରାୟ ୮ ଘଣ୍ଟାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଶୋଇରହି ପାକୁଳି କରିଥାନ୍ତି । ଗାଈମାନଙ୍କୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ୍ । କାରଣ ଏହାଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗେ ସଙ୍ଗେ ତାହା ପରିଷ୍କାର ଦୁଗ୍ଧ ପାଇବା ପାଇଁ ମଧ୍ୟ ସାହାଯ୍ୟ କରିଥାଏ ।

ଉନ୍ନତ ପ୍ରଣାଳୀରେ ଗୋପାଳନ କରିବାକୁ ହେଲେ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ଦରକାର ।

୧। **ଜାତିଆ ଦୁଧିଆଳୀ ଗାଈ –** ଅନ୍ତତଃ ଦିନକୁ ହାରାହାରି ୧୦ ଲିଟରରୁ ଅଧିକ କ୍ଷୀର ଦେଉଥିବା ଗାଈ ରଖିବା ଉଚିତ୍ । ଏଥିପାଇଁ ସଙ୍କର ଜାତୀୟ ଜର୍ସି, ହୋଲଷ୍ଟିନ୍ ବା ବ୍ରାଉନ୍ ସ୍ୱିସ୍ ଜାତୀୟ ଗାଈ ରଖିବା ଆବଶ୍ୟକ ।

୨। **ଉପଯୁକ୍ତ ଗୁହାଳ –** ଗାଈମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଭଲ ଗୁହାଳ କରିବା ଦରକାର । ଗୁହାଳର ଚଟାଣ ଓ କାନ୍ଥ ଇଟା, ସିମେଣ୍ଟରେ ହେବା ଏକାନ୍ତ ଆବଶ୍ୟକ । ଗୁହାଳ ଏପରି ଭାବରେ କରିବା ଉଚିତ୍, ଯାହାଦ୍ୱାରା କି ଗାଈମାନଙ୍କୁ ସହଜରେ ଦାନା ପାଣି ଇତ୍ୟାଦି ଦେଇ ହେବ ଓ ସେମାନଙ୍କର ଯତ୍ନ ନେବାରେ ଅସୁବିଧା ହେବ ନାହିଁ ।



୩। **ସୁଷମ ଖାଦ୍ୟ –** ଦୁଧିଆଳୀ ଗାଈମାନଙ୍କୁ ସୁଷମ ଖାଦ୍ୟ ଦେବା ଉଚିତ୍ । ଅଧିକ ଦୁଗ୍ଧ ପାଇବାକୁ ହେଲେ ଗାଈର ଆବଶ୍ୟକତା ଅନୁସାରେ ନିୟମିତ ଦାନା ଦେବା ଦରକାର । ଦିନଟିଏ ଦାନା ଦେବାରେ ଅସୁବିଧା ହେଲେ ସେମାନଙ୍କର ଦୁଗ୍ଧ ପରିମାଣ ମଧ୍ୟ କମିଯିବାର ସମ୍ଭାବନା ଥାଏ ।

୪। **ଘାସ ଯୋଗାଣ –** ଘାସ ଗାଈମାନଙ୍କର ପ୍ରାକୃତିକ ଖାଦ୍ୟ । ଆମ ପ୍ରାଣୀ ବିଶେଷଜ୍ଞମାନଙ୍କ ମତରେ ଗୋଟିଏ ଭଲ ଦୁଧିଆଳୀ ଗାଈକୁ ଦିନକୁ ଖୁବ୍ କମ୍‌ରେ ୨୦ ରୁ ୨୫ କିଲୋଗ୍ରାମ୍ କଞ୍ଚାଘାସ ଖାଇବାକୁ ଦେବା ଉଚିତ୍ । ଘାସ ଖାଇବା ଫଳରେ ଗାଈର ସ୍ୱାସ୍ଥ୍ୟ ଭଲ ରହେ ଓ ସେ ନିୟମିତ କ୍ଷୀର ଦେଇଥାଏ । ଘାସ ଖାଇବା ଦ୍ୱାରା ଦାନା ଖର୍ଚ୍ଚ ମଧ୍ୟ କମିଯାଇଥାଏ ।

୫। **ରୋଗ ପ୍ରତିଷେଧକ ବ୍ୟବସ୍ଥା –** କଥାରେ ଅଛି, ରୋଗର ଚିକିତ୍ସା କରିବା ଅପେକ୍ଷା ରୋଗ ନ ହେବା ପାଇଁ ବ୍ୟବସ୍ଥା କରିବା ଉଚିତ୍ । ଆଜିକାଲି ଅନେକ ଗୁଡ଼ିଏ ରୋଗ ଯଥା – ସାହାଣ, ବଜବଜିଆ, ଫାଟୁଆ, ଆନ୍ଥ୍ରାକ୍ସ, ରିଣ୍ଡରପେଷ୍ଟ ପ୍ରଭୃତି ରୋଗ ନ ହେବା ପାଇଁ ଟୀକା ମିଳୁଅଛି । ଆପଣ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ କରି ଏହିସବୁ ରୋଗ ପାଇଁ ଟୀକା କରାଇ ନେବା ଏକାନ୍ତ ଆବଶ୍ୟକ । ସେହିପରି ଯଦି ଗାଈମାନଙ୍କୁ ରୋଗ ହୁଏ, ତେବେ ସଙ୍ଗେ ସଙ୍ଗେ ପ୍ରାଣୀ ଚିକିତ୍ସକଙ୍କୁ ଡାକି ଚିକିତ୍ସା ଆରମ୍ଭ କରିନେବା ଉଚିତ୍ ।

୬। **ପଶୁ ବୀମା –** ଆପଣମାନେ ଜାଣି ଖୁସି ହେବେ ଯେ, ଆଜିକାଲି ଗାଈ, ମଇଁଷି ପ୍ରଭୃତିଙ୍କର ବୀମା କରାଯାଉଅଛି । ଗାଈ ଦାମ୍‌ର ମାତ୍ର ଶତକଡ଼ା ୫ ହାରରେ ପ୍ରିମିଅମ୍ ଦେଇ ବୀମା କରାଯାଇ ପାରିବ । ଯଦି କୌଣସି କାରଣରୁ ଅକସ୍ମାତ ଗାଈ ମରିଯାଏ, ତେବେ ବୀମା କମ୍ପାନୀଠାରୁ ଗାଈର ଦାମ୍ ମିଳିପାରିବ । ତେଣୁ ଏ ଦିଗରେ କୌଣସି ଚାଷୀ ହେଳା କରିବା ଉଚିତ୍ ନୁହେଁ ।

୭। **ଦୁଗ୍ଧ ବିକ୍ରୀ –** ଗୋପାଳନକୁ ବ୍ୟବସାୟ ଭାବରେ ଦେଖିବାକୁ ହେଲେ, ଦୁଗ୍ଧ ବିକ୍ରି କରିବା ପାଇଁ ବନ୍ଦୋବସ୍ତ କରିବା ଉଚିତ୍ । ଆଜିକାଲି ପୁରୀ, କଟକ,

ଢେଙ୍କାନାଳ, କେନ୍ଦୁଝର, ଗଞ୍ଜାମ ଓ ଗଜପତି ପ୍ରଭୃତି ଅଧିକାଂଶ ଜିଲ୍ଲାରେ ସମବାୟ ଭିତ୍ତିରେ ଓମ୍‌ଫେଡ୍ ଦ୍ୱାରା ଦୁଗ୍ଧର କ୍ରୟ/ବିକ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି । ଏହି ସଂସ୍ଥା ଚାଷୀମାନଙ୍କ ଠାରୁ ନିୟମିତ ଦୁଗ୍ଧ ସଂଗ୍ରହ କରି ଆଣୁଅଛନ୍ତି । ସେହିପରି ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଦୁଗ୍ଧ ବିକ୍ରି କରିବା ପାଇଁ ବ୍ୟବସ୍ଥା ହେଉଅଛି । ତେବେ ପ୍ରତ୍ୟେକ ଚାଷୀ ତାର ନିଜର ସୁବିଧା ଅନୁସାରେ ଦୁଗ୍ଧ ବିକ୍ରୟ କରିବା ପାଇଁ ବ୍ୟବସ୍ଥା କରିବା ଦରକାର ।

## ଦୁଇଟି ଦୁଧିଆଳୀ ଗାଇ ପାଳନର ସ୍କିମ୍ ବା ଯୋଜନା

### ୧. ମୂଳଧନ ବିନିଯୋଗ ବା ଅଣ ପୁନଃପୌନିକ ଖର୍ଚ୍ଚ

| | |
|---|---|
| (କ) ଗୁହାଳ ତିଆରି (ଗାଇ ଓ ବାଛୁରୀ ଗୁହାଳ) ଖର୍ଚ୍ଚ | ଟ.୨୮,୦୦୦.୦୦ |
| (ଖ) ଦୁଧିଆଳୀ ଗାଇ କିଣା ଖର୍ଚ୍ଚ (ଗାଇପ୍ରତି ଟ୨୫,୦୦୦/-) | ଟ.୫୦,୦୦୦.୦୦ |
| (ଗ) କ୍ଷୀର ଦୁହାଁ ବାଲ୍‌ଟି, ଦୁଗ୍ଧ କ୍ୟାନ୍, ଯନ୍ତ୍ରପାତି ଇତ୍ୟାଦି | ଟ. ୫,୦୦୦.୦୦ |
| **ମୋଟ** | **ଟ.୮୩,୦୦୦.୦୦** |

### ୨. ପୁନଃପୌନିକ ଖର୍ଚ୍ଚ (ବର୍ଷକ ପାଇଁ)

| | |
|---|---|
| (କ) ଗୃହନିର୍ମାଣ ଖର୍ଚ୍ଚର ହ୍ରାସଜନିତ ବ୍ୟୟ ଭାର (୧୦ ପ୍ରତିଶତ ହାରରେ) | ଟ. ୨,୮୦୦.୦୦ |
| (ଖ) ପଶୁକିଣା ଖର୍ଚ୍ଚର ହ୍ରାସଜନିତ ବ୍ୟୟ ଭାର (୨୦ ପ୍ରତିଶତ ହାରରେ) | ଟ.୧୦,୦୦୦.୦୦ |
| (ଗ) ଉପକରଣ/ଯନ୍ତ୍ରପାତି ବାବଦ ଖର୍ଚ୍ଚ ହ୍ରାସ (୧୫ ପ୍ରତିଶତ ହାରରେ) | ଟ. ୭୫୦.୦୦ |
| (ଘ) ସୁଷମ ଦାନା ଖର୍ଚ୍ଚ (କୁଇଣ୍ଟାଲ୍ ପ୍ରତି ଟ.୧,୧୦୦/- ଦରରେ) | ଟ.୩୫,୨୦୦.୦୦ |
| ଘାସ, ନଡ଼ା ଇତ୍ୟାଦି ଖର୍ଚ୍ଚ (କୁଇଣ୍ଟାଲ୍ ପ୍ରତି ଟ.୧୦୦/-ଦରରେ) | ଟ. ୮,୦୩୦.୦୦ |
| (ଙ) ପଶୁବୀମା ବାବଦକୁ ଖର୍ଚ୍ଚ (୫ ପ୍ରତିଶତ ହାରରେ) | ଟ. ୨,୫୦୦.୦୦ |
| (ଚ) ବ୍ୟାଙ୍କ୍ ମୂଳଧନର ସୁଧ ବାବଦକୁ (୧୨ ପ୍ରତିଶତ ହାରରେ) | ଟ. ୯,୯୬୦.୦୦ |
| (ଛ) ପଶୁ ଚିକିତ୍ସା ଓ ଅନ୍ୟାନ୍ୟ ଖର୍ଚ୍ଚ | ଟ. ୫,୦୦୦.୦୦ |
| **ମୋଟ** | **ଟ.୭୪,୨୪୦.୦୦** |



### ୩. ବାର୍ଷିକ ଆୟ

| | |
|---|---|
| (କ) ଦୁଗ୍ଧ ବିକ୍ରିରୁ ହାରାହାରି ଆୟ (ଗାଇ ପିଛା ବର୍ଷକୁ ୨୪୦୦ ଲିଟର ଓ ଲିଟର ୧୮ ଟଙ୍କା ହିସାବରେ) | ଟ.୮୬,୪୦୦.୦୦ |
| (ଖ) ଖତ ବିକ୍ରିରୁ ଆୟ (ଟନ୍ ପିଛା ୩୦୦ ଟଙ୍କା) | ଟ. ୩,୦୦୦.୦୦ |
| (ଗ) ବାଛୁରୀ ବିକ୍ରୀ ବାବଦକୁ | ଟ. ୫,୦୦୦.୦୦ |
| (ଘ) ଖାଲି ଦାନା ବିକ୍ରିରୁ | ଟ. ୫୦୦.୦୦ |
| **ମୋଟ** | **ଟ.୯୪,୯୦୦.୦୦** |

### ୪. ଲାଭ କ୍ଷତି ହିସାବ

**ବାର୍ଷିକ ନିଟ୍ ଲାଭ =** ବାର୍ଷିକ ଆୟ – ବାର୍ଷିକ ପୁନଃପୌନିକ ଖର୍ଚ୍ଚ

= ଟ.୯୪,୯୦୦.୦୦ – ଟ.୭୪,୨୪୦.୦୦ = **ଟ.୨୦,୬୬୦.୦୦**

ଗୋଟିଏ ବର୍ଷରେ ଦୁଇଟି ଦୁଧିଆଳୀ ଗାଇ ରଖି ପ୍ରାୟ ୨୦,୦୦୦ ଟଙ୍କା ଲାଭ କରାଯାଇପାରିବ ଏବଂ ଏହିପରି ଭାବରେ ଉପରୋକ୍ତ ଯୋଜନାରୁ ଗ୍ରାମାଞ୍ଚଳର କୃଷକ, ଅର୍ଦ୍ଧଶିକ୍ଷିତ ଯୁବକ, ଅଶିକ୍ଷିତ ବେକାର ଓ କମ୍ କାର୍ଯ୍ୟ ପାଉଥିବା ଗ୍ରାମୀଣ କୃଷି ଶ୍ରମିକ ବିଶେଷ ଉପକୃତ ହୋଇପାରିବେ ତଥା ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶରେ ନିଜକୁ ସାମିଲ କରିପାରିବେ ।

*****

*ମୂଳ ବିଷୟବସ୍ତୁ*
**ସ୍ୱର୍ଗତ ଡଃ ବିଭୂତି ଭୂଷଣ ରଥ**
**ଡଃ ଅନ୍ତର୍ଯ୍ୟାମୀ ମହାନ୍ତି**

*ସଂଶୋଧିତ ବିଷୟବସ୍ତୁ*
**ଡଃ ସୁରେନ୍ଦ୍ର ନାୟକ**
ଆସୋସିଏଟ ପ୍ରଫେସର
ପ୍ରାଣୀ ଉତ୍ପାଦନ ଓ ପରିଚାଳନା ବିଭାଗ
ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ, ଭୁବନେଶ୍ୱର

ଓ.ୟୁ.ଏ.ଟି. ପ୍ରେସ୍, ୫୦୦ – ୨୦୧୪

ଏଠାରୁ କାଟି ପଠାନ୍ତୁ

## ଗୋପାଳନ (ପ୍ରଥମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ


**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୩


ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ଆମ ଦେଶରେ ମୋଟରେ କେତେ ସଂଖ୍ୟାରେ ଗୋରୁ-ଗାଈ ଓ ମଇଁଷି ଅଛନ୍ତି ?

ଉ–

ପ୍ର. ୨ – ଆମ ଦେଶରେ ମୁଣ୍ଡପିଛା କେତେ ପରିମାଣର ଦୁଗ୍ଧ ଉତ୍ପାଦନ ହୋଇଥାଏ ?

ଉ.–

ପ୍ର. ୩ – ଆମ ଓଡ଼ିଶାରେ ବର୍ଷକୁ କେତେ ଲକ୍ଷ ଟନ୍ ଦୁଗ୍ଧ ଉତ୍ପାଦନ କରିବାକୁ ପଡ଼ିବ ?

ଉ.–

ପ୍ର. ୪ – ଗାଈମାନଙ୍କ ଦେହରେ ଦେଖାଯାଉଥିବା ଚାରୋଟି ରୋଗର ନାମ ଲେଖ ?

ଉ.–

ପ୍ର. ୫ – ଗୋଟିଏ ଦୁଧିଆଳୀ ଗାଈକୁ ଦୈନିକ ଦାନା ସହିତ ଖୁବ୍ କମ୍‌ରେ କେତେ ପରିମାଣର କଞ୍ଚା ଘାସ ଖାଇବାକୁ ଦେବା ଉଚିତ୍ ?

ଉ.–

ପ୍ର. ୬.– ମଇଁଷି କ୍ଷୀରରେ ଶତକଡ଼ା କେତେ ଭାଗ ସ୍ନେହସାର ବା ଘିଅ ଅଂଶ ଥାଏ ?

ଉ.–

ଚାଷୀଙ୍କ ସ୍ୱାକ୍ଷର –

ଡାକ ଠିକଣା

କ୍ରମିକ ନଂ –

ତାରିଖ –

ଦ୍ୱିତୀୟ ପାଠ

# ଗୋପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ ........................

## ଦ୍ୱିତୀୟ ପାଠ

## ଗୋପାଳନ ପାଇଁ ଜାତିଆ ଗାଈ

ଆଜିକାଲି ଦୁଧିଆଳୀ ଗାଈ ରଖିବା ପାଇଁ ଗାଁ ମାନଙ୍କରେ ବହୁତ ଆଗ୍ରହ ସୃଷ୍ଟି ହେଉଅଛି । ବିଶେଷ କରି ଗରିବ ଲୋକମାନଙ୍କର ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ଗୋପାଳନ କରିବା ନିମିତ୍ତ ସରକାରୀ ସଂସ୍ଥାରୁ ଋଣ ବି ମିଳୁଅଛି । ଅନେକ ଚାଷୀଭାଇ ଜର୍ସି ପ୍ରଭୃତି ଦୁଧିଆଳୀ ଗାଈ ରଖି ଲାଭବାନ ହେଉଥିବାର ମଧ୍ୟ କୁହାଯାଉଛି । ତେବେ ଏକଥା ନିଶ୍ଚିତ ଯେ ଗୋପାଳନରୁ ଲାଭବାନ ହେବାକୁ ହେଲେ ଅଧିକ ଦୁଧ ଦେଉଥିବା ଗାଈ ରଖିବା ଆବଶ୍ୟକ ।

ଆଗେ ଆମ ଦେଶରେ ରେଡ଼ସିନ୍ଧି ଓ ହରିଆନା ଜାତିର ଗାଈ ରଖିବା ପାଇଁ ପରାମର୍ଶ ଦିଆଯାଉଥିଲା । କାରଣ ଏମାନେ ଦିନକୁ ହାରାହାରି ୫ ରୁ ୬ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଉଥିଲେ । କିନ୍ତୁ ବିଦେଶରୁ ଜର୍ସି, ହୋଲଷ୍ଟିନ୍, ବ୍ରାଉନ୍‌ସ୍ୱିସ୍ ପ୍ରଭୃତି ଅଧିକ ଦୁଧ ଦେଉଥିବା ଗାଈ ଆସିବା ଫଳରେ ଲୋକମାନେ ଏହିସବୁ ଗାଈ ରଖିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଏହା ବ୍ୟତୀତ ଭାରତରେ ମିଳୁଥିବା ଦେଶୀ ଗୋରୁମାନଙ୍କର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଦିଗରେ ସଙ୍କରୀକରଣ ଏକ ଫଳପ୍ରଦ ପଦକ୍ଷେପ । ସଙ୍କରୀକରଣ ପାଇଁ ବିଭିନ୍ନ ବିଦେଶୀ ଗୋ ଜାତିର ଷଣ୍ଢ ଦ୍ୱାରା ଦେଶୀ ଗାଈମାନଙ୍କର ପ୍ରଜନନ କରାଯାଇ ସଙ୍କର ଜାତୀୟ ଗାଈ ଉତ୍ପାଦନ କରାଯାଉଅଛି । ଜର୍ସି, ହୋଲଷ୍ଟିନ୍ ପ୍ରଭୃତି ବିଦେଶୀ ଜାତି ଷଣ୍ଢ ମାନଙ୍କୁ ଏହି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ । ସଙ୍କରୀକରଣ ଦ୍ୱାରା ଗାଈର ଉତ୍ପାଦନ କ୍ଷମତା ବୃଦ୍ଧି ହେବା ସହିତ ଏହାଠାରେ ମୂଳ ଦେଶୀ ଗୋଜାତି ଠାରେ ଥିବା ରୋଗ ପ୍ରତିଷେଧକ ଶକ୍ତି ଏବଂ ଗ୍ରୀଷ୍ମମଣ୍ଡଳୀୟ ଉଷ୍ଣ ଓ ଆର୍ଦ୍ର ଜଳବାୟୁକୁ ସହ୍ୟ କରିବାର ଶକ୍ତି ମଧ୍ୟ ଅତୁଟ ରହିଥାଏ । ଏଣୁ ସମ୍ପୂର୍ଣ୍ଣ

ବିଦେଶୀ ଗାଈ ପାଳନ ଅପେକ୍ଷା ସଙ୍କର ଜାତୀୟ ଗାଈ ପାଳନ ଆମ ଜଳବାୟୁ ପାଇଁ ବିଶେଷ ଉପଯୋଗୀ ।

ସଙ୍କରୀକରଣ ପାଇଁ ବ୍ୟବହାର କରାଯାଉଥିବା ମୁଖ୍ୟ ବିଦେଶୀ ଗୋଜାତି ମାନଙ୍କର ବର୍ଣ୍ଣନା ନିମ୍ନରେ କରାଯାଇଛି ।

**ଜର୍ସି**

ଜର୍ସିଗାଈ ଇଂଲଣ୍ଡ ନିକଟରେ ଥିବା ଜର୍ସିଦ୍ୱୀପରେ ପ୍ରଥମେ ରହିଥିବାର ଜଣାଯାଏ । କିନ୍ତୁ ଆଜିକାଲି ପୃଥିବୀର ପ୍ରାୟ ସବୁ ଦେଶରେ ଏହି ଗାଈ ଦୁଧ ଉତ୍ପାଦନ ପାଇଁ ପାଳନ କରାଯାଉଅଛି । ଏମାନେ ଅନ୍ୟ ବିଦେଶୀ ଗାଈମାନଙ୍କଠାରୁ ଆକାରରେ ଛୋଟ । ଗୋଟିଏ ବଡ଼ ଗାଈର ଓଜନ ପ୍ରାୟ ୪୦୦ ରୁ ୪୫୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ । ଅନ୍ୟ ବିଦେଶୀ ଗୋଜାତି ଭଳି ଏହାର ମଧ୍ୟ ଚୂଳ ନଥାଏ । ଏହାର ଶରୀର ତୁଳନାରେ ପେଟ ବଡ଼ । ତେଣୁ ଏହା ଅଧିକ ଖାଦ୍ୟ ଖାଇପାରେ । ଜର୍ସିଗାଈ ସାଧାରଣତଃ କସରା, ଇଷତ୍ ଧୂସର ମିଶ୍ରିତ ପିଙ୍ଗଳ ବା କଳା ରଙ୍ଗର ହୋଇଥାନ୍ତି । କେତେକ ଗାଈଙ୍କର ଦେହରେ ଧଳା ବା କଳା ରଙ୍ଗର ସ୍ୱଳ୍ପ ଛଉ ରହିଥାଏ । ଏମାନଙ୍କର ନାକ ଓ ଜିଭର ରଙ୍ଗ କଳା । ଥୋମଣି ଓ ଆଖି ଚାରିପଟେ ପ୍ରାୟ ଲୋମ ନଥାଏ । ଏହି ଜର୍ସି ଜାତୀୟ ଛଡ଼ା ୧୪ ରୁ ୧୮ ମାସ ଭିତରେ ଗରମ ହୁଅନ୍ତି ଓ ୨ ବର୍ଷ ବେଳକୁ ପ୍ରଥମ ଥର ଜନ୍ମ କରିଥାନ୍ତି । ଏମାନେ ଦିନକୁ ହାରାହାରି ୧୦ ରୁ ୧୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି ଓ ଏହି କ୍ଷୀରରେ ପ୍ରାୟ ଶତକଡ଼ା ୫ ଦଶମିକ ୩ ଭାଗ ଘିଅ ଅଂଶ ଥାଏ । ଗୋଟିଏ ଭଲ ଜର୍ସିଗାଈ ଥରେ ଜନ୍ମ କଲେ ପ୍ରାୟ ୧୦ ମାସ ଠାରୁ ବର୍ଷକ ପର୍ଯ୍ୟନ୍ତ କ୍ଷୀର ଦେଇଥାଏ । ଏକ ହିସାବରୁ ଜଣାଯାଇଅଛି ଯେ ଗୋଟିଏ ଜର୍ସିଗାଈ ବର୍ଷକ ଭିତରେ ପ୍ରାୟ ୪୦୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାଏ ।

ଏକ ଜାତୀୟ ଗାଈ ଆମ ଦେଶର ଜଳବାୟୁରେ ବେଶ୍ ଭଲଭାବରେ ଉଧେଇ ପାରୁଅଛନ୍ତି । ପୁନଶ୍ଚ ଆମ ଦେଶିଗାଈ ସହିତ ଜର୍ସି ଷଣ୍ଢର ସଙ୍ଗମ ଫଳରେ ଯେଉଁ ସଙ୍କର ଜାତୀୟ ଜର୍ସିଗାଈ ସୃଷ୍ଟି ହେଉଛନ୍ତି ସେମାନେ ମଧ୍ୟ ଦେଢ଼ ବର୍ଷରୁ ୨ ବର୍ଷ



ଭିତରେ ଗରମ ଅବସ୍ଥାକୁ ଆସି ଅଢ଼େଇ ବର୍ଷ ବେଳକୁ ଛୁଆ ଜନ୍ମ କରିଥାନ୍ତି । ବାଛୁରୀ ସମୟରୁ ଯଦି ଏହି ସଙ୍କର ଜାତୀୟ ଗାଈମାନଙ୍କୁ ଭଲ ଭାବରେ ପାଳନ କରାଯାଏ ତେବେ ସେମାନେ ଦିନକୁ ୧୦ ରୁ ୧୨ ଲିଟର କ୍ଷୀର ମଧ୍ୟ ଦେଇପାରିବେ । ଏହି କାରଣରୁ ଆମ ରାଜ୍ୟରେ ବିଶୁଦ୍ଧ ଜର୍ସିଗାଈ ଅପେକ୍ଷା ସଙ୍କର ଜର୍ସିଗାଈ ରଖିବା ବେଶ୍ ଲୋକପ୍ରିୟ ହୋଇପାରିଛି ।

**ହୋଲଷ୍ଟିନ୍ ଫ୍ରିଜିଆନ୍**

ୟୁରୋପର ହଲାଣ୍ଡ ଓ ଫ୍ରିଜଲାଣ୍ଡ ଅଞ୍ଚଳ ଏହି ଜାତୀୟ ଗୋରୁଙ୍କ ଉତ୍ପତ୍ତିସ୍ଥଳ ହୋଇଥିବାରୁ ସେହି ଦୁଇଟି ଦେଶର ନାମ ଅନୁସାରେ ଏହି ଗାଈମାନଙ୍କୁ ହୋଲଷ୍ଟିନ୍-ଫ୍ରିଜିଆନ କୁହାଯାଏ । ଆଜିକାଲି ଏହି ଜାତୀୟ ଗାଈ ଆମେରିକା, କାନାଡ଼ା, ନିଉଜିଲାଣ୍ଡ୍ ପ୍ରଭୃତି ଦେଶରେ ବହୁ ସଂଖ୍ୟାରେ ପାଳନ କରାଯାଉଅଛି । ଏମାନେ ଆକାରରେ ବଡ଼ ଏବଂ ଏମାନଙ୍କର ଅଧିକ ଦୁଧ ଦେବାର ଶକ୍ତି ରହିଅଛି । ଗୋଟିଏ ବଡ଼ ଗାଈର ଓଜନ ପ୍ରାୟ ୭୦୦ ରୁ ୯୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ । ଏମାନଙ୍କର ରଙ୍ଗ କଳା ଓ ଦେହରେ ଧଳାରଙ୍ଗର ବଡ଼ ବଡ଼ ଛାପ ଥାଏ । ଏହି ଜାତୀୟ ଛଡ଼ା ଦୁଇରୁ ଅଢ଼େଇ ବର୍ଷ ଭିତରେ ଜନ୍ମ କରିଥାନ୍ତି । ହାରାହାରି ଏମାନେ ବର୍ଷକୁ ୬୦୦୦ ଲିଟର ପର୍ଯ୍ୟନ୍ତ ଦୁଧ ଦେଇଥାନ୍ତି । ଅନେକ ହୋଲଷ୍ଟିନ୍ ଗାଈ ବର୍ଷକୁ ୧୨୦୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେବାର ମଧ୍ୟ ଦେଖାଯାଇଅଛି । ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଜାତିର ଗାଈ ଦୁଗ୍ଧ ଉତ୍ପାଦନରେ ହୋଲଷ୍ଟିନ୍‌କୁ ଟପିଯାଇ ପାରିନାହାନ୍ତି । ତେଣୁ ଏମାନଙ୍କୁ ଆଧୁନିକ ଯୁଗର କାମଧେନୁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆମ ଦେଶରେ ଶଙ୍କର ଜର୍ସି ପରି ଶଙ୍କର ହୋଲଷ୍ଟିନ୍ ଗାଈ ମଧ୍ୟ ଲୋକପ୍ରିୟ ହୋଇ ପାରିଅଛି । ଏମାନେ ଅଧିକ କ୍ଷୀର ଦିଅନ୍ତି, କିନ୍ତୁ ଖରା ସହି ପାରନ୍ତି ନାହିଁ । ତେବେ ଜର୍ସି ଓ ହୋଲଷ୍ଟିନ୍ ଜାତୀୟ ଗାଈମାନଙ୍କୁ ପ୍ରଚୁର ପରିମାଣରେ ଘାସ ଖାଇବାକୁ ଦେଲେ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ ଓ ସେମାନେ ଅଧିକ କ୍ଷୀର ଦେବାକୁ ସକ୍ଷମ ହୋଇଥାନ୍ତି । ତେଣୁ ଆମ ରାଜ୍ୟରେ ଯେଉଁମାନେ ବ୍ୟବସାୟ ଦୃଷ୍ଟିରୁ ଗୋପାଳନ କରିବାକୁ ଚାହାନ୍ତି ସେମାନେ ସଙ୍କର ଜାତୀୟ ଜର୍ସି ଓ ହୋଲଷ୍ଟିନ୍ ଗାଈ ରଖିବା ଉଚିତ୍ ।

## ବ୍ରାଉନ ସ୍ୱିସ୍

ଆଜିକାଲି ବ୍ରାଉନ ସ୍ୱିସ୍ ଜାତୀୟ ଗାଇ ମଧ୍ୟ ଆମ ଦେଶରେ ଦୁଗ୍ଧ ଉତ୍ପାଦନ ପାଇଁ ରଖାଯାଉଅଛି । ଏହି ଜାତୀୟ ଗୋରୁ ମାନଙ୍କର ଉତ୍ପତ୍ତି ସ୍ଥଳ ସ୍ୱିଜରଲାଣ୍ଡର ପାର୍ବତ୍ୟାଞ୍ଚଳ ବୋଲି କୁହାଯାଏ । ଏମାନଙ୍କର ରଙ୍ଗ କସରା ବା କଳା ହୋଇଥାଏ । ବ୍ରାଉନସ୍ୱିସ୍ ଗାଇମାନେ ବର୍ଷକୁ ପ୍ରାୟ ୬୦୦୦ ରୁ ୮୦୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାନ୍ତି । ତେବେ ଏହି ଜାତିର ଷଣ୍ଢ ଓ ଆମ ଦେଶୀଗାଇଙ୍କ ଠାରୁ ଜନ୍ମିଥିବା ସଙ୍କର ବ୍ରାଉନସ୍ୱିସ୍ ଗାଇମାନେ ମଧ୍ୟ ଦିନକୁ ୧୦ ରୁ ୧୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି ।

## ଗର୍ଣ୍ଣସୀ

ୟୁରୋପର ଫ୍ରାନ୍ସ ନିକଟରେ ଥିବା ଗର୍ଣ୍ଣସୀ ଦ୍ୱୀପ ଅଞ୍ଚଳରେ ପ୍ରଥମେ ଏହି ଜାତିର ଗୋରୁ ରହିଥିବା ଦେଖାଯାଏ । ଏମାନଙ୍କର ରଙ୍ଗ କସରା ଓ ମୁହଁ, ଗୋଡ଼, ପିଠିରେ ଧଳା ଛଉ ଦେଖାଯାଏ । ଏହି ଗର୍ଣ୍ଣସୀ ଜାତୀୟ ଗାଇର ଦୁଧ ସାମାନ୍ୟ ହଳଦିଆ ଦେଖାଯାଏ । ଏମାନେ ବର୍ଷକୁ ପ୍ରାୟ ୪୦୦୦ ରୁ ୫୦୦୦ ଲିଟର ପର୍ଯ୍ୟନ୍ତ ଦୁଧ ଦେଇଥାନ୍ତି । ଏମାନଙ୍କ ଦୁଧରେ ଘିଅ ଅଂଶ ଶତକଡ଼ା ୫ ଭାଗ ଥାଏ ।

ସଙ୍କର ଜର୍ସିଗାଇ ପରି ସଙ୍କର ଗର୍ଣ୍ଣସୀ ଗାଇମାନେ ମଧ୍ୟ ଆମ ଦେଶରେ ବେଶ୍ ଅଧିକ କ୍ଷୀର ଦେଇ ପାରୁଅଛନ୍ତି ।

## ରେଡ୍ ଡେନ୍

ଡେନ୍‌ମାର୍କ ଦେଶ ଏହି ଜାତିର ଗୋରୁଙ୍କ ଉତ୍ପତ୍ତିସ୍ଥଳ । ଏମାନଙ୍କ ଶରୀର ଗହୀରିଆ, ପଞ୍ଜରା ହାଡ଼ ସଙ୍କୁଚିତ, ସିଧା ପିଠି, ପଛ ଅଣ୍ଟାଠାରୁ ଲାଞ୍ଜ ମୂଳ ପର୍ଯ୍ୟନ୍ତ ଲମ୍ବ ଅଧିକ । ମୁହଁ ମଧ୍ୟମ ଲମ୍ବ, ଶରୀର ରଙ୍ଗ ଗାଢ଼ ଲାଲ୍ ବା ବାଦାମୀ, ଥୋମଣୀ ଧୂଷର । ଗାଇଙ୍କ ଓଜନ ପ୍ରାୟ ୫୦୦ କି.ଗ୍ରା. । ଏମାନେ ମଧ୍ୟ ବର୍ଷକୁ ୪୦୦୦ ରୁ ୫୦୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି ।



ଉପରୋକ୍ତ ବିଦେଶୀ ଗୋଜାତିଙ୍କ ବ୍ୟତୀତ ଆମ ଦେଶରେ ଥିବା ମୁଖ୍ୟ ଗୋଜାତି ଗୁଡ଼ିକ ମଧ୍ୟରୁ ରେଡ୍ ସିନ୍ଧି ଓ ହରିଆନା ଜାତିର ଗାଇ ମଧ୍ୟ ଆମ ରାଜ୍ୟରେ ଗୋପାଳକ ମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇପାରିଛି ଓ ଏମାନଙ୍କର ଚାହିଦା ଏବେ ମଧ୍ୟ ପରିଲକ୍ଷିତ ହୁଏ ।

## ରେଡ୍ ସିନ୍ଧି

ରେଡସିନ୍ଧି ଜାତୀୟ ଗାଈର ଆକାର ମଧ୍ୟମ ଧରଣର ଓ ରଙ୍ଗ ଗାଢ଼ ଲାଲ । ବେଳେବେଳେ ରଙ୍ଗ ମଧ୍ୟ କସରା ବା ବାଦାମୀ ହୋଇଥାଏ । ଏହାର ପିଠିରେ ଚୂଳ ଥାଏ ଓ ବେକରେ କମଳ ରହିଥାଏ । ଏମାନଙ୍କର ଚମ ଢିଲା ଥିବାରୁ ଏମାନେ ଉତ୍ତାପ ସହିପାରନ୍ତି । ସିନ୍ଧି ଗାଈର ପହ୍ନା ବଡ଼ ଓ ହାରାହାରି ଏମାନେ ୩୨୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଓଜନ ହୋଇଥାନ୍ତି । ସିନ୍ଧିଗାଇ ଥରେ ଜନ୍ମ କଲେ ପ୍ରାୟ ୧୦ ମାସ ପର୍ଯ୍ୟନ୍ତ କ୍ଷୀର ଦେଇଥାଏ । ହାରାହାରି ଦିନକୁ ପ୍ରାୟ ୫ ରୁ ୬ ଲିଟର ପର୍ଯ୍ୟନ୍ତ ଦୁଧ ଦେଇଥାନ୍ତି । ଏହି ଜାତିର ଗାଇ ବେଶ୍ ଧୀରସ୍ଥିର ଓ ଭାରତର ଯେ କୌଣସି ଅଞ୍ଚଳରେ ମଧ୍ୟ ଏମାନେ ରହିପାରନ୍ତି । ଏମାନଙ୍କର ଅଣ୍ଡିରା ବାଛୁରୀ ବଳଦ ଭାବରେ ଚାଷ ଓ ଶଗଡ଼ ଟଣା କାମ କରିଥାନ୍ତି ।

## ହରିଆନା

ହରିଆନା ଜାତୀୟ ଗାଇ ଉତ୍ତର ଭାରତର ହରିଆଣା, ହିସାର ଓ ଦିଲ୍ଲୀ ଅଞ୍ଚଳରେ ଦେଖା ଯାଆନ୍ତି । ଏମାନଙ୍କର ରଙ୍ଗ ଧଳା । ଏମାନେ ଡେଙ୍ଗା ଓ ଦେଖିବାକୁ ବେଶ୍ ସୁନ୍ଦର । ଏମାନଙ୍କର ଚମଡ଼ା ବେଶ୍ ଚିକ୍‌କଣ ଓ ପତଳା । ଗାଇମାନଙ୍କର ଓଜନ ହାରାହାରି ୩୫୦ କିଲୋ ପର୍ଯ୍ୟନ୍ତ ହୋଇଥାଏ । ଏମାନେ ଥରେ ଜନ୍ମ କଲେ ପ୍ରାୟ ୧୦ ମାସ ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । ଦୈନିକ ହାରାହାରି ୪ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । କିନ୍ତୁ ହରିଆନା ଜାତିର ବଳଦ ଗୁଡ଼ିକ ଖୁବ୍ କାର୍ଯ୍ୟଦକ୍ଷ ଓ ଏମାନଙ୍କର ଚାହିଦା ଚାଷ ଓ ଶଗଡ଼ ଟଣା କାମରେ ଖୁବ୍ ବେଶି ।

## ଦୁଧିଆଳୀ ମଇଁଷି

ଆମ ଦେଶର କେତେକ ଚାଷୀ ଦୁଧିଆଳୀ ମଇଁଷି ରଖିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଥାନ୍ତି । ପୃଥିବୀରେ ଚୀନ୍, ଥାଇଲାଣ୍ଡ, ପାକିସ୍ଥାନ, ଫିଲିପାଇନ୍ସ ପ୍ରଭୃତି ଦେଶରେ ମଇଁଷି ପାଳନ କରାଯାଉ ଥିଲେ ମଧ୍ୟ ଭାରତ ବର୍ଷରେ ଭଲ ଜାତିଆ ମଇଁଷି ଥିବାର ଦେଖାଯାଏ । ଆମ ଦେଶରେ ଦେଖାଯାଉଥିବା ମଇଁଷିମାନଙ୍କ ମଧ୍ୟରେ ମୁର୍‌ହା, ଜାଫ୍ରାବାଦୀ, ସୁର୍ତ୍ତି, ନୀଲିରଭି, ନାଗପୁରୀ ଓ ପାରଳାଖେମୁଣ୍ଡି ଜାତୀୟ ମଇଁଷି ଅନ୍ତର୍ଭୁକ୍ତ । ଦୁଧ ଉତ୍ପାଦନ ପାଇଁ ଓଡ଼ିଶାରେ ମୁର୍‌ହା ଓ ପାରଳାଖେମୁଣ୍ଡି ଜାତୀୟ ମଇଁଷି ରଖିବା ପାଇଁ ଆମର ବିଶେଷଜ୍ଞ ମାନେ ପରାମର୍ଶ ଦେଇଥାନ୍ତି ।

## ମୁର୍‌ହା

ମୁର୍‌ହା ଜାତୀୟ ମଇଁଷି ଉତ୍ତର ଭାରତରେ ଅଧିକ ପରିମାଣରେ ପାଳନ କରାଯାଇଥାଏ । ଏମାନଙ୍କର ରଙ୍ଗ ଗାଢ଼ କଳା, ଆକାର ବଡ଼, ମୁଣ୍ଡ ଛୋଟ, ଲାଞ୍ଜର ଅଗ ଓ ଗୋଡ଼ର ଶେଷ ଭାଗରେ ଛୋଟ ଛୋଟ ଧଳା ଚିହ୍ନ ଦେଖାଯାଏ । ଏମାନଙ୍କର ଚମଡ଼ା ନରମ ଓ ଦେହରେ ଖୁବ୍ କମ୍ ଲୋମ ଥାଏ । ମୁର୍‌ହା ମଇଁଷି ଦୁଧରେ ଶତକଡ଼ା ୭ ରୁ ୮ ଭାଗ ଫ୍ୟାଟ୍ ବା ଘିଅ ଅଂଶ ଥାଏ । ଏମାନେ ବର୍ଷକୁ ପ୍ରାୟ ୩୦୦ ଦିନ ପର୍ଯ୍ୟନ୍ତ କ୍ଷୀର ଦେଇଥାଆନ୍ତି । ଏମାନଙ୍କର ଦୈନିକ ହାରାହାରି କ୍ଷୀର ଉତ୍ପାଦନ ଶକ୍ତି ୬ ରୁ ୭ ଲିଟର । କେତେକ ମୁର୍‌ହା ମଇଁଷି ଦିନକୁ ୨୦ ଲିଟରରୁ ମଧ୍ୟ ଅଧିକ କ୍ଷୀର ଦେବାର ଦେଖା ଯାଇଅଛି ।

## ପାରଳାଖେମୁଣ୍ଡୀ ଜାତୀୟ ମଇଁଷି

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଅଞ୍ଚଳର ମଇଁଷିମାନଙ୍କୁ ପାରଳାଖେମୁଣ୍ଡି ଜାତୀୟ ବୋଲି କୁହାଯାଏ । ଏମାନଙ୍କର ହାରାହାରି ଓଜନ ପ୍ରାୟ ୩୦୦ କିଲୋଗ୍ରାମ୍ । ଏହି ଜାତୀୟ ଅଣ୍ଡିରା ମଇଁଷିମାନେ ଚାଷକାମ କରିବାରେ ନିୟୋଜିତ ହୋଇଥାନ୍ତି । ମାଈ ମଇଁଷି ଦିନକୁ ହାରାହାରି ୩ ରୁ ୪ ଲିଟର କ୍ଷୀର ଦେଇଥାଏ । ଏମାନଙ୍କ ରଙ୍ଗ ଧୂସର । ପେଟତଳ, ପହ୍ନା ଓ ଚିର ସାମାନ୍ୟ ଲାଲ୍ ଦେଖାଯାଏ ।



ଏହିସବୁ ଜାତୀୟ ଗୋ-ମଇଁଷି ବ୍ୟତୀତ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ ଜାତିର ଗୋ-ମଇଁଷି ଦେଖାଯାଆନ୍ତି । ଗୁଜୁରାଟର କାଥିଆୱାଡ଼ ଅଞ୍ଚଳରେ ଗୀର୍, ହାଇଦ୍ରାବାଦ ପାଖାପାଖି ଅଞ୍ଚଳରେ ଡିଓନି, ଆନ୍ଧ୍ରପ୍ରଦେଶର ଓଙ୍ଗଲ ଓ ଗୁଣ୍ଟୁର ଅଞ୍ଚଳରେ ଓଙ୍ଗଲ ଏବଂ ଗୁଜୁରାଟର କଚ୍ଛ ଅଞ୍ଚଳ ଓ ରାଜସ୍ଥାନରେ ଥାରପାରକର୍ ଏବଂ କାଙ୍କରେଜ୍ ପ୍ରଭୃତି ଉନ୍ନତ କିସମର ଗାଈ ଦେଖାଯାଆନ୍ତି । ସେହିପରି ଅମୃତମହଲ, ମାଲ୍‌ଭି, ବାଚୁର, ହାଲିକାର୍, ପନୱାର, ଖିଲାରି ପ୍ରଭୃତି କେତେକ ଜାତିର ବଳଦମାନେ ଚାଷ ଓ ଗାଡ଼ିଟଣା କାମପାଇଁ ଉପଯୁକ୍ତ ହୋଇଥାନ୍ତି । କିନ୍ତୁ ଏହି ଜାତିର ଗାଈମାନେ ଦୁଧିଆଳୀ ହୋଇ ନଥିବାରୁ ସେମାନଙ୍କୁ ଦୁଗ୍ଧ ଉତ୍ପାଦନ ପାଇଁ ପ୍ରାୟ ରଖାଯାଇନଥାଏ ।

## ଦୁଧିଆଳୀ ଗାଈ ବାଛିବେ କିପରି

ଗାଈଟିଏ କିଣିବା ପୂର୍ବରୁ ତାହାର ଦୁଗ୍ଧ ଦେବା ଶକ୍ତି ବିଷୟରେ ଜାଣିବା ଦରକାର । ସାଧାରଣତଃ ବୈଜ୍ଞାନିକ ପ୍ରଣାଳୀରେ ଗାଈ ଚିହ୍ନିବାକୁ ହେଲେ ଗାଈର ମାଆ ଓ ବାପାମାନଙ୍କ ବିଷୟରେ ମଧ୍ୟ ଜାଣିବା ଦରକାର । ଏଥିପାଇଁ ପ୍ରତି ଗାଈ ବିଷୟରେ ତାହାର ଦୁଗ୍ଧ ଦେବା ଶକ୍ତି, ଥରେ ଜନ୍ମ କଲାପରେ ଦୁଧ ଦେଉଥିବାର ଦିନ ସଂଖ୍ୟା, ଗାଈର ସ୍ୱଭାବ ବିଷୟରେ ଲିଖିତ ବିବରଣୀ ଦେଖିବା ଉଚିତ୍ । ତେବେ ଆମ ଦେଶରେ ଏପରି ଲିଖିତ ବିବରଣୀ ମିଳିବା ସହଜ ନୁହେଁ । ସେଥିପାଇଁ ତାହାର ଆକାର ଓ ଶରୀରର ବିଭିନ୍ନ ଅଂଶକୁ ଦେଖି ଗାଈ କିଣିବା ଉଚିତ୍ ।

### ୧- ଦାନ୍ତ ପରୀକ୍ଷା କରି ବୟସ ଜାଣିବା ଉପାୟ

ସାଧାରଣତଃ ଆମ ଗାଁଗହଳରେ ଦାନ୍ତ ପରୀକ୍ଷା କରି ଗାଈର ବୟସ ଓ ତାହା କେତେ ଥର ଜନ୍ମ କରିଅଛି ସେ ବିଷୟରେ ଲୋକେ ଜାଣିପାରିଥାନ୍ତି । ବୟସ୍କ ଗାଈମାନଙ୍କର ୩୨ଟି ଦାନ୍ତ ଥାଏ । ସେଥିରୁ ଉପର ଓ ତଳ ପାଟିର ଡାହାଣ ଓ ବାମ କଡ଼େ ୬ଟି ଲେଖାଏଁ ୨୪ଟି କଳ ଦାନ୍ତ ଥାଏ । ତଳ ପାଟିରେ ୮ଟି ଛାମୁଦାନ୍ତ ଥାଏ ଏବଂ ଉପର ପାଟିରେ ଛାମୁଦାନ୍ତ ନଥାଏ, କେବଳ ମାଢ଼ି ଥାଏ ।

ସଙ୍କର ଜର୍ସିଗାଈ ମାନଙ୍କର ଦେଢ଼ ବର୍ଷରୁ ଦୁଇବର୍ଷ ଭିତରେ ପ୍ରଥମ ଯୋଡ଼ା ହଳ, ଅଢ଼େଇରୁ ୩ ବର୍ଷ ଭିତରେ ଦ୍ୱିତୀୟ ହଳ, ସାଢ଼େ ତିନି ବର୍ଷରୁ ଚାରିବର୍ଷ ଭିତରେ ତୃତୀୟ ହଳ, ସାଢ଼େ ଚାରି ବର୍ଷରୁ ୫ ବର୍ଷ ଭିତରେ ଚତୁର୍ଥ ହଳ ସ୍ଥାୟୀ ଛାମୁଦାନ୍ତ ଉଠିଥାଏ । ଭଲ ସଙ୍କର ଜର୍ସିଗାଈ ସାଧାରଣତଃ ଅଢ଼େଇରୁ ୩ ବର୍ଷ ଭିତରେ ପ୍ରଥମ ବାଛୁରୀ ଜନ୍ମ କରିଥାଏ । ସାଢ଼େ ତିନିବର୍ଷରୁ ୪ ବର୍ଷ ଭିତରେ ଦ୍ୱିତୀୟଥର ଜନ୍ମ କରିଥାଏ । ତେଣୁ ଯେଉଁ ଗାଈର ୨ ହଳ ଛାମୁଦାନ୍ତ ଉଠିଥିବ ତାହା ଏକ ଫଳି ବା ଥରେ ବାଛୁରୀ ଜନ୍ମ କରିଥିବା ଗାଈ ବୋଲି ଧରାଯିବ । ସେହିପରି ଯେଉଁ ଗାଈର ୩ ହଳ ଛାମୁ ଦାନ୍ତ ଉଠିଥିବ ତାହା ଦୁଇଫଳି ବୋଲି ଜଣାପଡ଼ିବ ।

ଗାଈଟିଏ କିଣିବା ବେଳେ ପ୍ରଥମ ଥର ଜନ୍ମ କରିବାର ମାସେ ଦୁଇମାସ ଭିତରେ କିଣିବା ଉଚିତ । ବାଛୁରୀ ମାନଙ୍କର ଜନ୍ମହେଲା ବେଳକୁ ୨ ହଳ ଅସ୍ଥାୟୀ ଛାମୁଦାନ୍ତ ଉଠି ସାରିଥାଏ । ପ୍ରଥମ ସପ୍ତାହରେ ତୃତୀୟ ହଳ ଦାନ୍ତ ଉଠିବାର ଆରମ୍ଭ କରେ ଓ ପ୍ରାୟ ଚତୁର୍ଥ ସପ୍ତାହ ବେଳକୁ ପୁରା ଉଠିଥାଏ । ପଞ୍ଚମ ସପ୍ତାହ ବେଳକୁ ଚତୁର୍ଥ ହଳ ଦାନ୍ତ ଉଠି ଅଷ୍ଟମ ସପ୍ତାହ ବେଳକୁ ପୁରା ଉଠି ଯାଇଥାଏ । ଏଣୁ ବାଛୁରୀର ଅସ୍ଥାୟୀ ଛାମୁ ଦାନ୍ତ ଦେଖି ମଧ୍ୟ ଗାଈ କେତେ ଦିନ ହେଲା ବାଛୁରୀ ଜନ୍ମ କରିଅଛି ଜାଣିବା ସମ୍ଭବ ହୋଇଥାଏ ।

**୨ – ଦୁଧିଆଳୀ ଗାଈର ଅନ୍ୟାନ୍ୟ ଗୁଣ**

ସାଧାରଣତଃ ଗାଈର ଗଠନ ଓ ସ୍ୱାସ୍ଥ୍ୟ, ଦୁଧଦେବା ଶକ୍ତି, ପହ୍ନା ଓ ଚିର ଇତ୍ୟାଦିର ଗଠନ ଦେଖି ଗାଈ ଚିହ୍ନା ଯାଇପାରିବ । ଗାଈର ପେଟ ବଡ଼ଥିଲେ ତାହା ଅଧିକ ଖାଦ୍ୟ ଖାଇପାରେ । ପହ୍ନା ବଡ଼ ଓ ଚିରଗୁଡ଼ିକ ସମାନ ଭାବେ ପହ୍ନାରୁ ଓହଳି ଥିଲେ ଅଧିକ କ୍ଷୀର ଦେବା ଲକ୍ଷଣ ବୋଲି ଜଣାଯାଏ । ଗାଈର ମୁହଁ ସୁନ୍ଦର ଏବଂ ଦେହରେ ଚର୍ବି ନଥିବା ଉଚିତ୍ । ଚମଡ଼ା ମାଂସ ସହିତ ଚିପି ନହୋଇ ଅଲଗା ରହିଥିଲେ ଏବଂ ଚାଲିଲାବେଳେ ଛାତିର ଚମଡ଼ା ପଞ୍ଜରାହାଡ଼ ସହିତ ଘସି ହେଉଥିଲେ ତାହା ଦୁଧିଆଳୀ



ଗାଈର ଲକ୍ଷଣ ବୋଲି ଜଣାପଡ଼େ । ଗାଈର ଶରୀର ତିନିକୋଣିଆ ହେବା ଦରକାର । ଅର୍ଥାତ ତାର ମୁହଁ ଓ ଦୁଇପାଖର ଶରୀରକୁ ଯୋଗକଲେ ଏକ ତ୍ରିଭୁଜ ସ୍ୱରୂପ ଦେଖାଯିବ । ଦୁଧିଆଳୀ ଗାଈର ପହ୍ନା ଦୁହିଁଲା ପୂର୍ବରୁ ବଡ଼ଥାଏ କିନ୍ତୁ ଦୁହିଁବା ପରେ ପୁରା ସଙ୍କୁଚିତ ହୋଇଯାଏ । କାରଣ ଦୁଧ ଦୁହିଁ ସାରିବା ପରେ ପୁରା ସଙ୍କୁଚିତ ହୋଇଯାଏ । କାରଣ ଦୁଧ ଦୁହିଁ ସାରିବା ପରେ ମଧ୍ୟ ବିଶେଷ ସଙ୍କୁଚିତ ହୁଏ ନାହିଁ ସେପରି ଗାଈ ଦୁଧିଆଳୀ ହୁଅନ୍ତି ନାହିଁ । ପହ୍ନାର ଆଗକୁ ଦୁଗ୍ଧ ଶିରାଗୁଡ଼ିକ ସ୍ପଷ୍ଟ ଭାବରେ ବଙ୍କା ଟଙ୍କା ହୋଇ ଦେଖାଯିବା ଉଚିତ୍ । ଚିରଗୁଡ଼ିକ ହାତରେ ମୁଠେଇ ଦୁହିଁବା ଭଳି ଉପଯୁକ୍ତ ଲମ୍ବା ଓ ମୋଟା ହେବା ଉଚିତ୍ ।

**ଦୁଧିଆଳୀ ଗାଈର ସ୍ୱଭାବ**

କ) ଦୁଧିଆଳୀ ଗାଈର ସ୍ୱଭାବ ଶାନ୍ତଶିଷ୍ଟ ହେବା ଉଚିତ୍ । ଯେଉଁ ଗାଈ ମରାମରି କରେ ବା ହୁରୁଡ଼େ ସେ ଗାଈର ଦୁଗ୍ଧ ଦେବା ଶକ୍ତି କମ୍ ଥିବାର ଦେଖାଯାଏ । ଶାନ୍ତଶିଷ୍ଟ ଗାଈ ଶୀଘ୍ର ପହ୍ନାଏ ଓ ଅଧିକ ସମୟ ପର୍ଯ୍ୟନ୍ତ ଦୁହିଁବାକୁ ଦେଇଥାଏ ।

ଖ) ସାଧାରଣତଃ ସଙ୍କର ଜାତୀୟ ଜର୍ସିଗାଈ ଏକ ମିନିଟରେ ୯୦ ରୁ ୯୮ ଥର ଖାଦ୍ୟ ଆହରଣ କରନ୍ତି ଓ ୪୦ ରୁ ୪୫ ଥର ଚୋବାଇ ଥାଆନ୍ତି । ଯେଉଁ ଗାଈଙ୍କର ଖାଦ୍ୟ ଆହରଣ କରିବା ଓ ଚୋବାଇବା କ୍ଷମତା ଯେତେ ବେଶୀ ସେ ଗାଈ ସେତିକି ଦୁଧିଆଳୀ ହୋଇଥିବାର ଦେଖାଯାଏ ।

ଗ) ସାଧାରଣତଃ ଗାଈ କିଣିଲା ବେଳେ ତାହାର କ୍ଷୀରର ପରିମାଣ ଜାଣିବା ଉଚିତ୍ । ଏଥିପାଇଁ ଗାଈକୁ ସକାଳେ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ହିସାବରେ ଦୁଇଦିନ ଦୁହିଁବା ଉଚିତ୍ । ପ୍ରଥମ ଥର ଦୁହାଁଯାଇଥିବା କ୍ଷୀରକୁ ବାଦଦେଇ ବାକି ତିନିଥରରେ ଯେତିକି କ୍ଷୀର ଦୁହାଁ ହୋଇଥାଏ ତାହାର ୩ ଭାଗରୁ ୨ ଭାଗ ଗାଈର ଦୈନିକ ଦୁଗ୍ଧ ଦେବାର କ୍ଷମତା ବୋଲି ଜାଣିବାକୁ ହେବ । ଉଦାହରଣ ସ୍ୱରୂପ ଗାଈ ଯଦି ସକାଳେ ୪ ଲିଟର ଓ ଉପରବେଳା ୩ ଲିଟର, ଦ୍ୱିତୀୟ ଦିନ ସକାଳେ ୪ ଲିଟର ଓ ଉପରବେଳା ୪ ଲିଟର କ୍ଷୀର ଦେଇଥାଏ ତେବେ ପ୍ରଥମ ଦିନ ସକାଳେ ଦେଇଥିବା ୪ ଲିଟର

କ୍ଷୀରକୁ ବାଦଦେଲେ ଅବଶିଷ୍ଟ ୩ ଥରରେ ୧୧ ଲିଟର କ୍ଷୀର ଦୁହାଁ ହୋଇପାରିବ । ତେଣୁ ୧୧ ଲିଟରର ୩ ଭାଗରୁ ୨ ଭାଗ ହେବ ୭ ଲିଟର ୩୩୦ ମିଲିଲିଟର । ତେଣୁ ଏଥିରୁ ଜାଣବାକୁ ହେବ ଯେ ଗାଈର ହାରାହାରି ଦୈନିକ କ୍ଷୀର ଦେବା ଶକ୍ତି ୭ ଲିଟରରୁ ସାମାନ୍ୟ ବେଶୀ ।

ସାଧାରଣତଃ ଗାଈଟିଏ ଜନ୍ମ କଲେ ତାହାର ଦୁଗ୍ଧ ଦେବା ପରିମାଣ ବଢ଼ି ବଢ଼ି ଦୁଇମାସ ବେଳକୁ ସବୁଠାରୁ ଅଧିକ ହୋଇଥାଏ ଏବଂ ଦୁଇମାସ ପରେ ଏହା କ୍ରମଶଃ କମିବାକୁ ଲାଗେ । ତେଣୁ ଗାଈ ଜନ୍ମ କରିବାର ଦ୍ୱିତୀୟ ସପ୍ତାହଠାରୁ ଅଷ୍ଟମ ସପ୍ତାହ ଭିତରେ ତାର ଦୁଗ୍ଧ ଦେବା ଶକ୍ତି ପରୀକ୍ଷା କରି କିଣିବା ଉଚିତ୍ ।

ଅନେକ ସମୟରେ ଗାଈ କିଣିବା ବେଳେ ଗୋଟିଏ ଗାଁକୁ ଦୁଇଦିନ ନିୟମିତ ଯାଇ ଦୁହାଁବେଳେ ପହଞ୍ଚିବା ସମ୍ଭବପର ହୋଇ ନଥାଏ । ପୁନଶ୍ଚ ଅନେକ ଅସାଧୁ ଲୋକ ମଧ୍ୟ ଗାଈ କିପରି ସେହି ସମୟରେ ଅଧିକ କ୍ଷୀର ଦେବ ସେଥିପାଇଁ ନାନା ପ୍ରକାରର ବ୍ୟବସ୍ଥା କରିଥାନ୍ତି । ସେହିପରି କ୍ଷେତ୍ରରେ ଯେ କୌଣସି ଦିନ ସନ୍ଧ୍ୟାବେଳେ ଗାଈର ଦୁଗ୍ଧ ପରିମାଣ ଜାଣିପାରିଲେ ତାହାର ଦୁଗ୍ଧ ଦେବା ଶକ୍ତି ମଧ୍ୟ ଜଣାଯାଏ ।

ମନେକରନ୍ତୁ ଉପରବେଳା ଗାଈଟି ୪ ଲିଟର ଦୁଗ୍ଧ ଦେଇଥିଲା । ତାହାକୁ ୨.୦୭୯ରେ ଗୁଣିଲେ ଯାହା ହେବ ତାହା ସେହି ଗାଈର ସେହି ଦିନର ଦୁଗ୍ଧ ପରିମାଣ । ବର୍ତ୍ତମାନ ଏହି ପରିମାଣ ଅର୍ଥାତ୍ ୮.୩୧୬ କୁ ୧.୦୨୫ ରେ ଗୁଣି ତା ସହିତ ୧.୩୫୦ ଯୋଗକଲେ ତାହା ହେବ ଗାଈର ସର୍ବାଧିକ ଦୈନିକ ଦୁଗ୍ଧ ଦେବାର ଶକ୍ତି । ଏହି ପ୍ରଣାଳୀରେ ଉପରୋକ୍ତ ଗାଈର ଦୈନିକ ସର୍ବାଧିକ ଦୁଗ୍ଧର ପରିମାଣ ହେବ ୯.୮୭୪ ଲିଟର ।

ବିଶେଷଜ୍ଞମାନେ ଗୋଟିଏ ଗାଈର ଦୈନିକ ଦୁଗ୍ଧର ପରିମାଣ ଜାଣି ପାରିଲେ ସେହି ଗାଈ ସେହି ଫଳିରେ କେତେ ଦୁଗ୍ଧ ଦେବ ସେ ବିଷୟରେ ମଧ୍ୟ ଅନୁମାନ କରି ପାରିଥାନ୍ତି । ଦୈନିକ ଦୁଗ୍ଧର ପରିମାଣକୁ ୧୯୧.୦୯ ସହିତ ଗୁଣି ତାହା ସହିତ ୨୯୮.୪୫ ମିଶାଇଲେ ଏହା ଜଣାଯାଇଥାଏ । ମନେକରନ୍ତୁ ଗୋଟିଏ ଗାଈର



ଦୈନିକ ଦୁଗ୍ଧ ଦେବା ପରିମାଣ ୮ ଲିଟର ତେଣୁ ସେହି ଗାଈର କ୍ଷୀର ଛଡ଼ାଇଲା ଭିତରେ ୮ x ୧୯୧.୦୯ + ୨୯୮.୪୫ = ୧୮୨୭.୧୭ ଲିଟର କ୍ଷୀର ଦେବାର ଅନୁମାନ କରାଯାଏ ।

ତେଣୁ ଜାତିଆ ଗାଈ କିଣିଲାବେଳେ ତାହାର କିସମ ବା ଜାତି, ଆକାର, ଗଠନ, ବିଶେଷ କରି ପହ୍ନା ଓ ଚିର, ଦୁଗ୍ଧଶିରା ଇତ୍ୟାଦିର ଆକୃତି ଏବଂ ସେହି ଗାଈ ଦେଉଥିବା ଦୁଧର ପରିମାଣ ଦେଖି କିଣିବା ଉଚିତ୍ ।

**ମନେରଖନ୍ତୁ**

* ଆମ ରାଜ୍ୟ ପାଇଁ କ୍ରମୋନ୍ନତ ସଙ୍କର ଜର୍ସିଗାଈ ସବୁଠାରୁ ଭଲ । ତେଣୁ ଗାଈ କିଣିଲା ବେଳେ ଏହି ଜାତୀୟ ଗାଈ କିଣନ୍ତୁ ।
* ସଙ୍କର ଜାତୀୟ ହୋଲଷ୍ଟିନ୍ ଗାଈ ସବୁଠାରୁ ବେଶୀ ଦୁଗ୍ଧ ଦେଇଥାଏ ।
* ଶାନ୍ତ ସ୍ୱଭାବର ଗାଈ କିଣନ୍ତୁ । ମାରଣା ଗାଈକୁ ରଖିବା ବଡ଼ ଅସୁବିଧା ଜନକ ।
* ଗାଈ କିଣିବା ପୂର୍ବରୁ ତାହାର ଆକାର, ଗଠନ, ପହ୍ନା, ଚିର ଇତ୍ୟାଦି ଦେଖି କିଣନ୍ତୁ ।
* ପ୍ରଥମ ଥର ଜନ୍ମ କରିଥିବା ଗାଈ କିଣିବା ସବୁଠାରୁ ଭଲ । କିଣିବା ପୂର୍ବରୁ ତାହାର ଦୁଗ୍ଧ ପରିମାଣ ଦେଖି କିଣନ୍ତୁ ।

*****

*ମୂଳ ବିଷୟବସ୍ତୁ*
**ପ୍ରଫେସର ଡଃ ମହେଶ୍ୱର ମିଶ୍ର**

*ସଂଶୋଧିତ ବିଷୟବସ୍ତୁ*
**ଡଃ ସୁରେନ୍ଦ୍ର ନାୟକ**
ଆସୋସିଏଟ୍ ପ୍ରଫେସର
ପ୍ରାଣୀ ଉତ୍ପାଦନ ଓ ପରିଚାଳନା ବିଭାଗ
ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ
ଭୁବନେଶ୍ୱର - ୭୫୧୦୦୩

ଓୟୁଏଟି ପ୍ରେସ୍, ୫୦୦-୨୦୧୪

ଏଠାରୁ ଚିରନ୍ତୁ

# ଗୋପାଳନ (ଦ୍ୱିତୀୟ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

## ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ଜର୍ସିଗାଈ ପ୍ରଥମେ କେଉଁଠି ଦେଖାଯାଇଥିଲା ?
ଉ.–

ପ୍ର. ୨ – ହୋଲଷ୍ଟିନ୍ ଫ୍ରିଜିଆନ ଗାଈର ହାରାହାରି ଓଜନ କେତେ ?
ଉ.–

ପ୍ର. ୩– ପାଞ୍ଚ କିସମର ମଇଁଷିର ନାମ ଲେଖ ?
ଉ.–

ପ୍ର. ୪ – ମୁର୍‌ହା ଜାତୀୟ ମଇଁଷି ଦୁଧରେ ଶତକଡ଼ା କେତେ ଭାଗ ଘିଅ ଅଂଶ ଥାଏ ?
ଉ.–

ପ୍ର. ୫ – ବୟସ୍କ ଗାଈମାନଙ୍କର କେତୋଟି ଦାନ୍ତ ଥାଏ ?
ଉ.–

ପ୍ର. ୬.– ସଙ୍କର ଜର୍ସି ଗାଈ ମାନଙ୍କର ପ୍ରଥମ ଯୋଡ଼ା ସ୍ଥାୟୀ ଛାମୁ ଦାନ୍ତ କେଉଁ ବୟସରେ ଉଠିଥାଏ । ?
ଉ.–

ଚାଷୀଙ୍କ ସ୍ୱାକ୍ଷର –

ଡାକ ଠିକଣା

କ୍ରମିକ ନଂ –

ତାରିଖ –

ତୃତୀୟ ପାଠ

# ଗୋପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ................................

କ୍ରମିକ ନଂ ........................

## ତୃତୀୟ ପାଠ
## ଗୋରୁମାନଙ୍କ ପାଇଁ ଗୁହାଳ ବ୍ୟବସ୍ଥା

ବିଶ୍ୱନିୟନ୍ତା ଇଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ମନୁଷ୍ୟ ତଥା ଜୀବଜନ୍ତୁ ରହିବା ପାଇଁ ବାସଗୃହ ବା ଆଶ୍ରୟସ୍ଥଳୀର ଆବଶ୍ୟକତା ଜରୁରୀ । ଏହା ସେମାନଙ୍କୁ ବିଭିନ୍ନ ପ୍ରତିକୂଳ ପାଗ ତଥା ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷା କରିଥାଏ । ଭାରତର ଗ୍ରାମାଞ୍ଚଳରେ ଅଧିକାଂଶ ଗୋପାଳକ ଚାଳ ଛପର ଘରେ କଚା ମେଜିଆ ଉପରେ ଗାଈଙ୍କୁ ପଘାରେ ବାନ୍ଧି ରଖିଥାନ୍ତି । ଏମାନେ ତିଆରି କରିଥିବା ଅଧିକାଂଶ ଗୁହାଳରେ ଝରକା ନଥାଏ ଏବଂ ଗୋରୁଙ୍କର ଗୋବର ତଥା ପରିସ୍ରା ଇତ୍ୟାଦି ବାହାରକୁ ନିର୍ଗତ ହେବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥାଏ । ଗୋବର ଓ ମୁତ୍ରର ଗନ୍ଧ, ଗାଈର ଶ୍ୱାସକ୍ରିୟାରୁ ବାହାରୁଥିବା ଅଙ୍ଗାରକାମ୍ଳ ବାଷ୍ପ ତଥା ଗାଈର ପେଟରୁ ପାଟି ବାଟେ ଆସୁଥିବା ଗ୍ୟାସ ଝରକା ନଥିବା ଯୋଗୁଁ ବାହାରକୁ ଯାଇପାରେ ନାହିଁ । ଫଳରେ ଗାଈ ଏକ ଅସ୍ୱାସ୍ଥ୍ୟକର ଓ ଅସନ୍ତୁଳିତ ପରିବେଶରେ ରହିବାକୁ ବାଧ୍ୟ ହୁଏ ଏବଂ ତାର ଉତ୍ପାଦନ ହ୍ରାସ ପାଏ । ଏଣୁ ଗୋପାଳନରୁ ଅଧିକ ଉତ୍ପାଦନ ତଥା ଅଧିକ ଲାଭ ପାଇବାକୁ ହେଲେ ଗୋରୁଗାଈଙ୍କୁ ସର୍ବଦା ବୈଜ୍ଞାନିକ ପ୍ରଣାଳୀରେ ତିଆରି ଗୁହାଳ ଓ ସ୍ୱାସ୍ଥ୍ୟକର ପରିବେଶରେ ରଖିବାକୁ ପଡ଼ିବ ।

ଗୋରୁଗାଈମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ରଖିବାକୁ ହେଲେ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ୍ ।

ଯଥା : ୧– ପ୍ରଚୁର ପରିମାଣରେ ପରିଷ୍କାର ପାଣି ।
୨– ଆବଶ୍ୟକ ପରିମାଣର ସୁଷମ ଖାଦ୍ୟ ।
୩– ପବନ ଚଳାଚଳ ଓ ଆଲୋକ ପାଉଥିବା ଘର ।
୪– ଗୋରୁଗାଈମାନେ ସହି ପାରୁଥିବା ଜଳବାୟୁ ।
୫– ସେମାନଙ୍କର ବୁଲାବୁଲି କରିବା ପାଇଁ ଆବଶ୍ୟକ ସ୍ଥାନ ।

ଏହା ସହିତ ଗୋରୁଗାଈମାନଙ୍କୁ ରୋଗ ହେଲେ ତାହାକୁ ଚିହ୍ନି ପ୍ରତିକାର କରିବା ପାଇଁ ଚିକିତ୍ସାର ବ୍ୟବସ୍ଥା କରିବା ଉଚିତ୍ । ଗୋପାଳକ ନିଜେ ମଧ୍ୟ କେତେକ ସତର୍କତା ଅବଲମ୍ବନ କରିବା ଉଚିତ୍ । ପ୍ରଥମ କଥା ହେଲା ତାଙ୍କର ଗୋରୁଗାଈମାନଙ୍କ ପ୍ରତି ଆଗ୍ରହ ଥିବା ଆବଶ୍ୟକ ଓ ସେ ଗୋରୁଗାଈମାନଙ୍କ କାମ କରିବା ପାଇଁ ମଧ୍ୟ ପ୍ରସ୍ତୁତ ଥିବା ଉଚିତ୍ । କୁହାଯାଏ ଯେ ଗୋପାଳନ କରିବା ପାଇଁ ୪ଟି ବିଷୟରେ ଧ୍ୟାନ ଦେବା ଉଚିତ୍ ।

କ) ଭଲ ଜାତିଆ ଗାଈ ବା ମଇଁଷି ନିର୍ବାଚନ ।

ଖ) ଯେଉଁ ଗାଈମାନେ ଭଲ କ୍ଷୀର ଦିଅନ୍ତି ନାହିଁ ବା ନାନାପ୍ରକାର ଅସୁବିଧା ସୃଷ୍ଟି କରନ୍ତି ସେମାନଙ୍କୁ ବିକ୍ରି କରିବା ।

ଗ) ଗୋରୁଗାଈମାନଙ୍କୁ ସବୁବେଳେ ଉପଯୁକ୍ତ ପରିମାଣର ସୁଷମ ଖାଦ୍ୟ ଦେବା । ଅଳ୍ପ ଖାଦ୍ୟ ଦେଲେ ଯେତିକି କ୍ଷତି ହୁଏ ଅଧିକ ଖାଦ୍ୟ ଦେଲେ ମଧ୍ୟ ସେହିପରି କ୍ଷତି ହୋଇଥାଏ ।

ଘ) ଉତ୍ତମ ପରିଚାଳନା ।

ଏହି ଚାରିଗୋଟି ବିଷୟ ପ୍ରତି ଦୃଷ୍ଟି ଦେଲେ ଗୋପାଳନ ଲାଭଜନକ ହୋଇପାରିବ ।

## ଗୋପାଳନ ପାଇଁ ଗୁହାଳ

ଗୁହାଳ ଏପରି ଭାବେ ହେବା ଦରକାର ଯେଉଁଠାରେ କି ଗାଈ ନିରାପଦରେ ଖରା, ବର୍ଷା, ଶୀତଠାରୁ ରକ୍ଷା ପାଇପାରିବେ ଓ ସେମାନଙ୍କୁ ସୁବିଧାରେ ଖାଦ୍ୟ, ପାଣି



ଯୋଗାଇ ହେବ । ପୁନଶ୍ଚ ଗୁହାଳ ସ୍ୱାସ୍ଥ୍ୟକର ନ ହେଲେ ଗୋରୁଗାଈମାନଙ୍କୁ ଅନେକ ରୋଗ ହେବାର ସମ୍ଭାବନା ରହିଥାଏ । ତେବେ ଗୁହାଳ ତିଆରି କଲାବେଳେ ଏହା ବ୍ୟୟବହୁଳ ହେବା ଉଚିତ୍ ନୁହେଁ । ଗୁହାଳଟି ଏପରି ଭାବେ ତିଆରି ହେବା ଦରକାର ଯେପରିକି ତହିଁରେ ଗାଈମାନେ ଆରାମରେ ରହିପାରିବେ, ସେମାନଙ୍କୁ ସୁବିଧାରେ ଖାଦ୍ୟ ଓ ପାଣି ଦିଆଯାଇ ପାରିବ ଏବଂ ସୁବିଧାରେ ଦୁଧ ଦୁହାଁ ଯାଇପାରିବ । ଗୁହାଳ ଅନ୍ଧାରିଆ ହେବା ଉଚିତ୍ ନୁହେଁ । କାନ୍ଥ, କବାଟ, ଝରକାରେ କୌଣସି ବିଷାକ୍ତ ରଙ୍ଗ ବା ରାସାୟନିକ ପଦାର୍ଥ ବୋଳାହେବା ଉଚିତ୍ ନୁହେଁ । ସାଧାରଣତଃ ଗୋଟିଏ ଗାଈ ରହିବା ପାଇଁ ୬ ଫୁଟ ଲମ୍ବ ଓ ୪ ଫୁଟ ଚଉଡ଼ା ଜାଗା ଆବଶ୍ୟକ । ସେହିପରି ଗାଈକୁ ଦାନା ଦେବାପାଇଁ ଯିବା ଆସିବା ରାସ୍ତା ଅଢ଼େଇ ଫୁଟରୁ ତିନି ଫୁଟ ଓ ଗୋବର ମୂତ୍ର ନଳା ପ୍ରାୟ ଏକ ଫୁଟ ରହିବା ଦରକାର । ଗୁହାଳର ମେଜିଆ ଓ କାନ୍ଥ ପକ୍କା ହେବା ଉଚିତ୍ ଏବଂ ଗୁହାଳ ଭିତରେ କୌଣସି ଗାତ ରହିବା ଉଚିତ୍ ନୁହେଁ । ଗୁହାଳ ତିଆରି କଲାବେଳେ ଏପରି ତିଆରି କରିବା ଉଚିତ୍ ଯେପରି ମୂତ, ପାଣି ଇତ୍ୟାଦି ସହଜରେ ଗୋଟିଏ ଦିଗକୁ ବୋହିଯାଇ ପାରିବ ।

## ଗୁହାଳ ପାଇଁ ଜାଗା

ଗୋରୁମାନଙ୍କ ଗୁହାଳ ଘର ସଠିକ୍ ଜାଗାରେ ଓ ଉପଯୁକ୍ତ ଭାବରେ ତିଆରି ହୋଇଥିଲେ ନିମ୍ନଲିଖିତ ଉପକାରମାନ ମିଳେ ।

କ) କମ୍ ସମୟରେ ଓ ସୁବିଧାରେ ଗୋରୁମାନଙ୍କର ଖାଦ୍ୟପେୟର ବ୍ୟବସ୍ଥା ଓ ଗୁହାଳ ସଫେଇ କାର୍ଯ୍ୟ ସମ୍ପାଦିତ ହୁଏ ।

ଖ) ଜଣେ ଗୋପାଳକ ଅଧିକ ସଂଖ୍ୟକ ଗୋରୁଙ୍କ ଯତ୍ନ ନେବାରେ ସୁବିଧା ହୁଏ ।

ଗ) ଗୁହାଳ ଘରେ ବିନିଯୋଗ ହେଉଥିବା ଦୈନିକ ପରିଶ୍ରମ ବାବଦ ଖର୍ଚ୍ଚ କମ୍ ହୁଏ ।

ଘ) ଗୋରୁମାନେ ସୁସ୍ଥ ରହିବା ଯୋଗୁଁ ଅଧିକ ଆରାମ ପାଇ ଅଧିକ ଦୁଗ୍ଧ ଦେଇଥାନ୍ତି ।

ସାଧାରଣତଃ ଖୋଲା ଜାଗାରେ ଗୁହାଳ ତିଆରି କରିବା ଉଚିତ୍ । ଘରପାଖରୁ

ଏହା ବେଶୀ ଦୂରରେ ରହିବା ଉଚିତ୍ ନୁହେଁ କିମ୍ବା ଘରକୁ ଲାଗି ରହିବା ଉଚିତ୍ ନୁହେଁ । ଢିପ ଓ ନିଗିଡ଼ା ଜାଗାରେ ଗୁହାଳ କରିବା ଦରକାର । ସନ୍ତସନ୍ତିଆ ବା ଖାଲ ଜାଗାରେ ଗୁହାଳ କରିବା ଉଚିତ୍ ନୁହେଁ, ଗୁହାଳ ପାଖରେ କିଛି ଝଙ୍କାଳିଆ ଛାୟା ପ୍ରଦାନକାରୀ ଗଛଥିବା ଆବଶ୍ୟକ । ଗଛ ନ ଥିଲେ ଶୀଘ୍ର ବଢ଼ି ପାରୁଥିବା ଗଛ ଲଗାଇବା ଦରକାର । ଗୁହାଳର ଲମ୍ବା ଭାଗଟି ଉତ୍ତର-ଦକ୍ଷିଣ ଦିଗରେ ତିଆରି କରିବା ଉଚିତ୍ । ଫଳରେ ସକାଳ ଓ ସନ୍ଧ୍ୟାର ସୂର୍ଯ୍ୟକିରଣ ଗୁହାଳରେ ପଡ଼ି ଗୁହାଳ ଶୁଖିଲା ରହେ ଏବଂ ଜୀବାଣୁ ନଷ୍ଟ କରିବାରେ ସାହାଯ୍ୟ କରେ । ଗୁହାଳ ପାଖରେ ଭଲ ପିଇବା ପାଣିର ବ୍ୟବସ୍ଥା ଥିବା ଦରକାର । ଘାସ ଚାଷ ପାଇଁ ଅଧିକ ପରିମାଣର ଜମି ମଧ୍ୟ ରଖିଥିବା ଆବଶ୍ୟକ ।

ଆଜିକାଲି ସମୟରେ ଗୋରୁଗୁହାଳ ପାଖରେ ବିଦ୍ୟୁତ ବ୍ୟବସ୍ଥା ଥିଲେ ବହୁତ ସୁବିଧା ହେବ । ଏହାଦ୍ୱାରା ନଡ଼ା ଓ ଘାସ କାଟିବାଠାରୁ ଆରମ୍ଭ କରି ପମ୍ପ୍ ସାହାଯ୍ୟରେ ପାଣି ମଧ୍ୟ ଉଠାଯାଇ ପାରିବ ।

ଆମ ଦେଶରେ ଗୋପାଳକ ସାଧାରଣତଃ ମାଟି ଘରେ ଗାଈ ରଖିଥାନ୍ତି । ଏହା ଗାଈମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ନୁହେଁ । ଏହାଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥାଏ । ଗୁହାଳରେ ଗୋରୁମାନଙ୍କୁ ରଖିବାର ପ୍ରଣାଳୀକୁ ନେଇ ସାଧାରଣତଃ ତିନିପ୍ରକାର ପଦ୍ଧତିରେ ଗୋରୁଗାଈମାନଙ୍କୁ ରଖାଯାଇପାରେ ।

### ୧. ଖୋଲା ଗୁହାଳ ବ୍ୟବସ୍ଥା/ପଦ୍ଧତି

ଏହି ପ୍ରଣାଳୀରେ ଗୋରୁଗାଈ ରଖିଲେ ସେମାନଙ୍କୁ ବାନ୍ଧିବାକୁ ପଡ଼େ ନାହିଁ ।

ସାଧାରଣତଃ ଗୁହାଳର ଉପରେ ଛାତ ଥାଏ ଏବଂ ଗୁହାଳକୁ ୪ ଭାଗରେ ବିଭକ୍ତ କରାଯାଇଥାଏ । ଗୁହାଳ ଚାରିପଟେ ସାଢ଼େ ଚାରିଫୁଟ ଉଚ୍ଚର କାନ୍ଥ ଥାଏ ଓ ମଝିରେ ମଧ୍ୟ କାନ୍ଥ ଦେଇ ତାକୁ ଭାଗ ଭାଗ କରାଯାଇଥାଏ । ଗାଈମାନେ ତା ଭିତରେ ବୁଲାଚଲା କରନ୍ତି । ଗୋଟିଏ ଅଞ୍ଚଳରେ ଗୋଟିଏ ଭାଗରେ ଖାଦ୍ୟ ଦିଆଯିବାର ବ୍ୟବସ୍ଥା କରାଯାଇ ଥାଏ । ତା ଭିତରେ ଗୋଟିଏ ଲମ୍ବା ସିମେଣ୍ଟ କୁଣ୍ଡ କରାଯାଇ ତହିଁରେ ଗୋରୁମାନଙ୍କୁ ଦାନା ଦିଆଯାଏ । ସେହିପରି ଆଉ ଗୋଟିଏ ସିମେଣ୍ଟ କୁଣ୍ଡରେ



ମଧ୍ୟ ପାଣି ଦିଆଯାଇଥାଏ । ଆଉ ଗୋଟିଏ ଭାଗରେ ଦୁହିଁବା ପାଇଁ ବ୍ୟବସ୍ଥା କରାଯାଇଥାଏ ଓ ଦୁହିଁବା ସମୟରେ ଗାଈମାନଙ୍କୁ ତା ଭିତରକୁ ନିଆଯାଏ । ଏ ପ୍ରକାର ଗୁହାଳ ଅଳ୍ପ ଖର୍ଚ୍ଚରେ ହୁଏ ଏବଂ ଆବଶ୍ୟକ ପଡ଼ିଲେ ମଧ୍ୟ ଏହାକୁ ବଢ଼ାଇ ଦିଆଯାଇପାରେ । ଗାଈମାନେ ଖୋଲାରେ ବୁଲାବୁଲି କରୁଥିବାରୁ ସେମାନଙ୍କର ବ୍ୟାୟାମ ମଧ୍ୟ ହୋଇଥାଏ ।

### ୨. ମୁକ୍ତାକାଶ ଗୁହାଳ ବ୍ୟବସ୍ଥା / ପଦ୍ଧତି

ଏ ପ୍ରକାର ଗୁହାଳ ଅଳ୍ପ ଖର୍ଚ୍ଚରେ ହୋଇଥାଏ । ସାଧାରଣତଃ ଉଚ୍ଚା ଜାଗାରେ ଏପରି ଗୁହାଳ କରାଯାଏ । ଗୋଟିଏ ଖୋଲା ଜାଗାରେ ଚାରିପଟେ ବାଡ଼ ଦ୍ୱାରା ବୁଜାଯାଇ ତା ଭିତରେ ଗୋରୁଗାଈମାନଙ୍କୁ ଖୋଲାରେ ବୁଲିବାକୁ ଛାଡ଼ିଦିଆଯାଏ । ବାଡ଼ ଭିତରେ ଗୋଟିଏ ଅଂଶରେ ତଳ ପକ୍କା ଓ ଉପରେ ଆଜ୍‌ବେଷ୍ଟସ୍ ପକାଇ ଏକ ଘର କରାଯାଇଥାଏ । ଏଥିରେ ଦାନା ଦେବା ପାଇଁ ଓ ପାଣି ଦେବା ପାଇଁ ସିମେଣ୍ଟ କୁଣ୍ଡ ମଧ୍ୟ କରାଯାଇଥାଏ । କେବଳ ଦୁହିଁବା ଓ ଖାଇବା ସମୟରେ ଗାଈମାନଙ୍କୁ ସେହି ଜାଗାକୁ ଅଣାଯାଏ । ପରେ ସେମାନଙ୍କୁ ପଡ଼ିଆ ଭିତରେ ବୁଲିବାକୁ ଛାଡ଼ି ଦିଆଯାଏ । ପଡ଼ିଆର ମଝିରେ ସିମେଣ୍ଟ କୁଣ୍ଡ ତିଆରି କରି ଗାଈମାନଙ୍କୁ ପାଣି ପିଇବାକୁ ଦିଆଯାଏ । ପଡ଼ିଆ ଉପରେ ଇଟା ବା ପଥର ବିଛାଇ ଦେଲେ ତାହା ବର୍ଷାରେ କାଦୁଅ ହୁଏ ନାହିଁ । ତେବେ ଏ ପ୍ରକାର ଗୁହାଳ କେବଳ ଅଳ୍ପ ବର୍ଷା ହେଉଥିବା ଅଞ୍ଚଳରେ କରିବା ଉଚିତ୍ । ଏଭଳି ଗୁହାଳରେ ପ୍ରତ୍ୟେକ ଗାଈ ପାଇଁ ୬୦ ବର୍ଗ ଫୁଟ ସ୍ଥାନ ଯୋଗାଇ ଦିଆଯାଇଥାଏ ।

### ୩. ବନ୍ଧା ଗୋରୁ ଗୁହାଳ ବ୍ୟବସ୍ଥା/ପଦ୍ଧତି

ଆମ ରାଜ୍ୟପାଇଁ ବନ୍ଧା ଗୁହାଳ ଖୁବ୍ ଉପଯୁକ୍ତ । ଏହି ପ୍ରକାର ଗୁହାଳର ଚାରିପଟେ କାନ୍ଥ ଓ ଉପରେ ଛାତ ଥାଏ । ମେଜିଆ ମଧ୍ୟ ପକ୍କା ହୋଇଥାଏ । ଗୁହାଳରେ ଗାଈମାନଙ୍କୁ ଗୋଟିଏ ଧାଡ଼ି ବା ଦୁଇଧାଡ଼ିରେ ବନ୍ଧା ଯାଇପାରେ । ଗୋଟିଏ ଧାଡ଼ି ଗୁହାଳର ଚଉଡ଼ା ସାଢ଼େ ବାର ଫୁଟ, ଦୁଇ ଧାଡ଼ି ଗୁହାଳର ଚଉଡ଼ା ୨୮ ଫୁଟ ଓ ଲମ୍ବ ଗାଈମାନଙ୍କ ସଂଖ୍ୟା ଅନୁସାରେ କରାଯିବା ଉଚିତ୍ । ଗାଈମାନଙ୍କର ଠିଆହେବା

ସ୍ଥାନ, ଖାଦ୍ୟ କୁଣ୍ଡ, ଯାତାୟତ/ଦୁହିଁବା ପଥ, ଖାଦ୍ୟ ପଥ ଓ ଗୋବର-ମୂତ୍ର ନଳାର ଓସାରକୁ ଭିତ୍ତି କରି ଗୋଟିଏ ବୟସ୍କ ଗାଇ ପିଛା ଏହି ପଦ୍ଧତିରେ ହାରାହାରି ୫୦ ବର୍ଗ ଫୁଟ ଏବଂ ପ୍ରତି ବାଛୁରୀ ପିଛା ୨୦ ରୁ ୨୫ ବର୍ଗଫୁଟ ସ୍ଥାନ ଯୋଗାଇ ଦିଆଯାଇଥାଏ । ଗୁହାଳର କାନ୍ଥରେ କଣ୍ଟା ବା ଖୁଣ୍ଟା ରହିବା ଉଚିତ୍ ନୁହେଁ । ଗାଇ ସଂଖ୍ୟା ଯଦି ଅଧିକ ହୋଇଥାଏ ତେବେ ଗୁହାଳରେ ଦୁଇ ଧାଡ଼ି ଗାଇ ବାନ୍ଧିବାର ବ୍ୟବସ୍ଥା କରିବା ଉଚିତ୍ । ଗୁହାଳର ମେଜିଆକୁ ଏପରି କରିବା ଦରକାର ଯାହା ଉପରେ ଗୋରୁ ଚାଲିଲା ବେଳେ ଗୋଡ଼ ଖସିବ ନାହିଁ ।

ଗାଇ ଗୁହାଳକୁ ଲାଗି ବାଛୁରୀ ଗୁହାଳ ରହିବା ଉଚିତ୍ । ଏହା ଦ୍ୱାରା ଦୁହିଁବା ସମୟରେ ସହଜରେ ବାଛୁରୀକୁ ଅଣାଯାଇ ପାରିବ । ଗାଇ ବନ୍ଧା ହେବା ଜାଗାରେ ମୁହଁ ପଟକୁ ସିମେଣ୍ଟ କୁଣ୍ଡ ତିଆରି କରିବା ଉଚିତ୍ । କୁଣ୍ଡର ଚଉଡ଼ା ଦୁଇରୁ ଅଢ଼େଇ ଫୁଟ ଓ ଗଭୀର ପ୍ରାୟ ଦେଢ଼ ଫୁଟ ହେବା ଦରକାର । ଗାଇକୁ ବାନ୍ଧିବା ପାଇଁ ଚଟାଣରେ ଲୁହାର ହୁକ୍ ଲଗାଇବା ଦରକାର ।

ଆଜିକାଲି କିଛି ଚାଷୀ ଆଧୁନିକ ଧରଣର ଉନ୍ନତ ଗୁହାଳ ନିର୍ମାଣ କରୁଅଛନ୍ତି । ଏଥିରେ ପାଣି ଓ ଦାନା ଦେବା ପାଇଁ ସ୍ୱୟଂଚାଳିତ ବ୍ୟବସ୍ଥା କରାଯାଇଅଛି । ମେସିନ୍ ସାହାଯ୍ୟରେ ମଧ୍ୟ ଅନେକ ଜାଗାରେ ଗାଇ ଦୁହିଁବାର ବ୍ୟବସ୍ଥା ରହିଅଛି ।



**କେତେକ ଜାଣିବା କଥା**

* ଘର ପାଖରେ ଗୁହାଳ କରନ୍ତୁ ବା ଗୁହାଳ ପାଖରେ ସବୁବେଳେ ରହିବାର ବ୍ୟବସ୍ଥା କରନ୍ତୁ ।
* ଗୁହାଳ ନିକଟରେ ପରିଷ୍କାର ପାଣି ପାଇବା ପାଇଁ କୂଅ ବା ନଳକୂଅ ଖୋଳନ୍ତୁ । କାରଣ ଗାଇମାନଙ୍କ ପାଇଁ ସବୁବେଳେ ପ୍ରଚୁର ପରିମାଣର ପରିଷ୍କାର ପାଣି ଆବଶ୍ୟକ ହୋଇଥାଏ । ପୋଖରୀ ବା ନାଳ ଇତ୍ୟାଦିର ପାଣି ଦେଲେ ନାନା ପ୍ରକାରର ରୋଗ ହେବାର ସମ୍ଭାବନା ଥାଏ ।
* ଗୁହାଳଟି ଶସ୍ତା ଓ ଗୋରୁଗାଇମାନଙ୍କ ପାଇଁ ସୁବିଧା ଜନକ ହେବା ଉଚିତ୍ । ଇଟା କାନ୍ଥ, ସିମେଣ୍ଟ ମେଜିଆ ଓ ଛାତ ଟାଳ ବା ଆଜ୍‌ବେଷ୍ଟସ୍ ହେଲେ ଚଳିବ । ଗୁହାଳ ଭିତରକୁ ପବନ ଓ ଆଲୁଅ ଯିବା ପାଇଁ ଯଥେଷ୍ଟ ଝରକା ରହିବା ଉଚିତ୍ । ଅବଶ୍ୟ ଅନେକ ଜାଗାରେ କାନ୍ଥକୁ ୪ ଫୁଟ ପର୍ଯ୍ୟନ୍ତ ଉଚ୍ଚ କରାଯାଇଥାଏ ଓ ତା ଉପରକୁ ଖୋଲା ରଖାଯାଏ । ଏହା ଦ୍ୱାରା ଆଲୁଅ ଓ ପବନ ଚଳାଚଳ କରିପାରେ, ମାତ୍ର ଗାଇ ଶୋଇଲାବେଳେ ବାହାରର ପବନ ତା ଦେହରେ ବାଜେ ନାହିଁ ।
* ଗୁହାଳ ଭିତରେ ଗୋବର ମୂତ ଇତ୍ୟାଦି ବୋହିଯିବା ପାଇଁ ସିମେଣ୍ଟ ନାଳ ରଖିବା ଦରକାର । ସେହି ନାଳକୁ ବାହାରକୁ ବିସ୍ତାରିତ କରି ଖତଗଦା ସହିତ ମିଶାଇ ଦେଲେ ମୂତ ଇତ୍ୟାଦି ଖତରେ ମିଶିଥାଏ ।
* ପ୍ରତି ଗାଇପାଇଁ ୬ ଫୁଟ ଲମ୍ବ ଓ ୪ ଫୁଟ ଚଉଡ଼ାର ଜାଗା ଆବଶ୍ୟକ । ଏହା ସହିତ ଦାନା ଓ ପାଣି ଦେବାପାଇଁ ପ୍ରାୟ ଦୁଇରୁ ଅଢ଼େଇ ଫୁଟ ଚଉଡ଼ାର କୁଣ୍ଡ ମଧ୍ୟ କରିବା ଆବଶ୍ୟକ । କୁଣ୍ଡଟି ଗାଇର ସାମନା ପଟକୁ ରହିବା ଉଚିତ ।
* ଗୁହାଳ ନିକଟରେ ଦାନା, ନଡ଼ା ଓ ଔଷଧ ରଖିବା ପାଇଁ ଗୋଟିଏ ଗୋଦାମ ଘର କରିବା ଦରକାର ।
* ଆଜିକାଲି ଗାଇମାନଙ୍କୁ ଘାସ, ନଡ଼ା ଇତ୍ୟାଦି କାଟିକରି ଖାଇବାକୁ ଦେବାପାଇଁ ପରାମର୍ଶ ଦିଆଯାଉଛି । ସେଥିପାଇଁ ଗୁହାଳ ନିକଟରେ ହସ୍ତଚାଳିତ କିମ୍ବା ବିଦ୍ୟୁତଚାଳିତ ନଡ଼ା କଟା ଯନ୍ତ୍ର ମଧ୍ୟ ରଖିବା ଦରକାର ।

* ପ୍ରାୟ ୧୦ଟି ଗାଈ ରଖୁଥିବା ଚାଷୀଭାଇମାନେ ୪୦ ଫୁଟ ଲମ୍ବା ଓ ସାଢ଼େ ୧୨ ଫୁଟ ଚଉଡ଼ାର ଗୁହାଳ, ୧୨ ଫୁଟ ଲମ୍ବ ଓ ୧୦ ଫୁଟ ଚଉଡ଼ାର ଏକ ଗୋଦାମ ଓ ବାଛୁରୀମାନଙ୍କ ପାଇଁ ମଧ୍ୟ ଏକ ଛୋଟ ଘର କରିବା ଆବଶ୍ୟକ । ଯେଉଁମାନେ ଅଧିକ ସଂଖ୍ୟକ ଗାଈ ରଖିବାକୁ ଚାହାନ୍ତି ସେମାନେ ଗୁହାଳରେ ଦୁଇଧାଡ଼ି ଗାଈ ମୁହାଁ ମୁହିଁ କରି ବା ପଛକୁ ପଛ କରି ବାନ୍ଧିବା ପାଇଁ ବ୍ୟବସ୍ଥା କରିବା ଉଚିତ୍ ।
* ଗୁହାଳ ସାମନାରେ ଖୋଲା ଜାଗା ଥିଲେ ଗୋରୁମାନଙ୍କର ବୁଲାବୁଲି ପାଇଁ ସୁବିଧା ହୋଇଥାଏ । ପୁନଶ୍ଚ ଗୁହାଳ ପାଖରେ ନିମ୍ବ, ଆମ୍ବ ପ୍ରଭୃତି ବଡ଼ ବଡ଼ ଗଛ ଥିଲେ ଗୋରୁଗାଈମାନଙ୍କୁ ଛାଇ ମିଳିଥାଏ ।
* ତେବେ ଗୋପାଳକ ବନ୍ଧୁମାନେ ବ୍ୟବସାୟିକ ଭିତ୍ତିରେ ଗୋପାଳନ କରିବାକୁ ଚାହୁଁଥିଲେ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରି ଗୁହାଳ କରିବା ଉଚିତ୍ । ଏ ଦିଗରେ ଆପଣ ନିକଟସ୍ଥ ପ୍ରାଣୀ ଚିକିତ୍ସକ ଓ ଦୁଗ୍ଧ ସମବାୟ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ଉଚିତ୍ ।

*****


*ମୂଳ ବିଷୟବସ୍ତୁ*
**ଡଃ ଅନ୍ତର୍ଯ୍ୟାମୀ ମହାନ୍ତି**

*ସଂଶୋଧିତ ବିଷୟବସ୍ତୁ*
**ଡଃ ସୁରେନ୍ଦ୍ର ନାୟକ**
ଆସୋସିଏଟ୍ ପ୍ରଫେସର
ପ୍ରାଣୀ ଉତ୍ପାଦନ ଓ ପରିଚାଳନା ବିଭାଗ
ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ
ଭୁବନେଶ୍ୱର – ୭୫୧୦୦୩


ଓ.ୟୁ.ଏ.ଟି. ପ୍ରେସ୍, ୫୦୦ – ୨୦୧୪



ଏଠାରୁ କାଟନ୍ତୁ

## ଗୋପାଳନ (ତୃତୀୟ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର–୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ଗୋଟିଏ ବୟସ୍କ ଗାଈ ରହିବା ପାଇଁ ବନ୍ଧା ଗୁହାଳ ପଦ୍ଧତିରେ ହାରାହାରି କେତେ ବର୍ଗଫୁଟ ସ୍ଥାନ ଯୋଗାଇ ଦିଆଯାଇଥାଏ ?
ଉ–

ପ୍ର. ୨ – ଗୋରୁଗାଈମାନଙ୍କୁ କି କି ପ୍ରକାର ପଦ୍ଧତି ଗୁହାଳରେ ରଖାଯାଇ ପାରିବ ?
ଉ.–

ପ୍ର. ୩– ଗୋଟିଏ ଏକ ଧାଡ଼ି ବନ୍ଧା ଗୁହାଳର ଚଉଡ଼ା କେତେ ଫୁଟ ହେବା ଉଚିତ ?
ଉ.–

ପ୍ର. ୪ – ଗାଈଗୁହାଳରେ କେତେ ଫୁଟ ଚଉଡ଼ା ଓ କେତେ ଫୁଟ ଗଭୀରର କୁଣ୍ଡ ହେବା ଉଚିତ୍ ?
ଉ.–

ପ୍ର. ୫ – ଦଶଟି ଗାଈ ରଖୁଥିବା ଚାଷୀମାନେ କେତେ ଫୁଟ ଲମ୍ବା ଓ କେତେ ଫୁଟ ଚଉଡ଼ାର ଗୁହାଳ କରିବା ଆବଶ୍ୟକ ?
ଉ.–

ଚାଷୀଙ୍କ ସ୍ୱାକ୍ଷର –
ଡାକ ଠିକଣା
କ୍ରମିକ ନଂ –
ତାରିଖ –

ଚତୁର୍ଥ ପାଠ

# ଗୋପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ .......................

## ଚୁତର୍ଥ ପାଠ

## ଗୋରୁମାନଙ୍କ ପାଇଁ ସୁଷମ ଖାଦ୍ୟ

ଗୋପାଳନକୁ ଲାଭଜନକ କରିବାକୁ ହେଲେ ଗାଈମାନଙ୍କୁ ଅଳ୍ପ ଖର୍ଚ୍ଚରେ ସୁଷମ ଖାଦ୍ୟ ଦେବା ଦରକାର । ହିସାବ କରି ଦେଖାଯାଇଅଛି ଯେ ଗାଈମାନଙ୍କୁ ରଖିଲେ ଯାହା ସବୁ ଖର୍ଚ୍ଚ ହୁଏ କେବଳ ଦାନା ଦେବାରେ ଖର୍ଚ୍ଚର ଶତକଡ଼ା ୬୦ ରୁ ୭୫ ଭାଗ ବ୍ୟବହୃତ ହୋଇଥାଏ । ସାଧାରଣତଃ ଗାଈମାନଙ୍କୁ ଦୁଇଟି କାରଣ ପାଇଁ ଦାନା ଦିଆଯାଏ, ଯଥାः- ନିଜର ଜୀବନଧାରଣ ଓ ଦୁଗ୍ଧ ଉତ୍ପାଦନ ପାଇଁ । ସାଧାରଣତଃ ଗୋରୁଗାଈମାନେ ସେମାନଙ୍କର ଖାଦ୍ୟପାଇଁ ଗଛ ଓ ବୁଦା ଉପରେ ନିର୍ଭର କରିଥାନ୍ତି । ଆଗେ କେତେକ ସ୍ଥାନରେ ସେମାନେ କେବଳ ଘାସ ଚରି ଜୀବନଧାରଣ କରୁଥିଲେ । କିନ୍ତୁ ଗାଈଗୋରୁମାନଙ୍କୁ ସୁସ୍ଥ ସବଳ ରଖିବାକୁ ହେଲେ ସେମାନଙ୍କ ଖାଦ୍ୟରେ ପାଣି, ଶ୍ୱେତସାର, ପ୍ରୋଟିନ ବା ପୁଷ୍ଟିସାର, ସ୍ନେହସାର (ଚର୍ବି ବା ତୈଳାଂଶ), ନାନା ପ୍ରକାରର ଧାତବଲବଣ ଓ ଭିଟାମିନ୍ ଆବଶ୍ୟକ ହୋଇଥାଏ । ଗାଈଗୋରୁମାନଙ୍କୁ ଏହି ସବୁ ଖାଦ୍ୟସାର ଥିବା ଦାନା ଦିଆଯିବା ଉଚିତ୍ ।

### ପାଣି

ବଞ୍ଚିବା ପାଇଁ ପାଣି ଏକାନ୍ତ ଆବଶ୍ୟକ । ଦାନା ଅଭାବରେ ହୁଏତ ଗୋଟିଏ ଗାଈ କିଛି ଦିନ ବଞ୍ଚିପାରେ, କିନ୍ତୁ ପାଣି ଅଭାବରେ ଖୁବ୍ ଶୀଘ୍ର ମରିଯିବ । ପଶୁର ଶରୀରରେ ପ୍ରାୟ ୭୦ ଭାଗ ପାଣି ଥାଏ । ଏହି ପାଣି ସବୁବେଳେ ଚମଡ଼ା ମାଧ୍ୟମରେ, ଝାଡ଼ା ଓ ପରିସ୍ରା ଏବଂ ଦୁଧ ଦେଉଥିବା ଗାଈଙ୍କ ଦୁଧ ମାଧ୍ୟମରେ ଚାଲିଯାଇ ଥାଏ । ତେଣୁ ଦେହରୁ ଯେତିକି ପାଣି ଚାଲିଯାଏ ତାହା ଶୀଘ୍ର ପୂରଣ ହେବା ଉଚିତ୍ ।

ସାଧାରଣତଃ ଗୋରୁଗାଈମାନେ ସିଧାସଳଖ ପାଣି ପିଇ ପାଣିର ଅଭାବ ଦୂର କରିଥାନ୍ତି । ଅବଶ୍ୟ ସବୁଜ ଘାସ ଇତ୍ୟାଦି ଖାଇବା ଦ୍ୱାରା ମଧ୍ୟ କେତେକ ପରିମାଣରେ ପାଣିର ଆବଶ୍ୟକତା ପୂରଣ ହୋଇଥାଏ । ଶୁଖିଲା ଦାନା ଯଦିଓ ଆଖିକୁ ଶୁଖିଲା ଦିଶେ ତହିଁରେ ମଧ୍ୟ ଶତକଡ଼ା ୮ ରୁ ୧୦ ଭାଗ ପାଣି ଥାଏ ।

ପାଣି ସାହାଯ୍ୟରେ, ଗୋରୁ ପେଟ ଭିତରେ ଦାନା ସବୁ ନରମ ହୋଇ ଜୀର୍ଣ୍ଣ ହୋଇଥାଏ ଏବଂ ଗାଈର ପାକୁଳି କରି ଜୀର୍ଣ୍ଣ ହେବାରେ ସାହାଯ୍ୟ କରେ । ପୁନଶ୍ଚ ପାଣି ସାହାଯ୍ୟରେ ଗାଈର ପେଟ ଭିତରୁ ଅନାବଶ୍ୟକ ପଦାର୍ଥ ମଳ ମୂତ୍ର ଭାବେ ବାହାରି ଆସେ । ସାଧାରଣତଃ ପ୍ରତି ୧୦୦ କି.ଗ୍ରା. ଓଜନର ଗୋରୁ ପାଇଁ ଦୈନିକ ୨୦ ରୁ ୨୫ ଲିଟର ପାଣି ଆବଶ୍ୟକ ହୋଇଥାଏ । ତେଣୁ ସେହି ହିସାବରେ ଯଦି ଗୋଟିଏ ଗାଈର ଓଜନ ୪୦୦ କି.ଗ୍ରା. ହୁଏ ତେବେ ତାହା ପାଇଁ ଦିନକୁ ୮୦ ରୁ ୧୦୦ ଲିଟର ପାଣି ଆବଶ୍ୟକ ହେବ । ଖରାଦିନେ ଗୋରୁଗାଈମାନେ ଅଧିକ ପାଣି ଆବଶ୍ୟକ କରିଥାନ୍ତି । ସେହିପରି ଦାନାରେ ଯଦି ଅଧିକ ପୁଷ୍ଟିସାର, ଶ୍ୱେତସାର ବା ଲବଣ ଇତ୍ୟାଦି ଥାଏ ତେବେ ପାଣିର ଆବଶ୍ୟକତା ଅଧିକ ହୋଇଥାଏ । ଦୁଧିଆଳୀ ଗାଈମାନେ ପ୍ରତି ୧ ଲିଟର ଦୁଧ ଦେବା ପାଇଁ ୨ ଲିଟର ପାଣି ଦରକାର କରିଥାନ୍ତି । ତେଣୁ ଗୋରୁଗାଈଙ୍କୁ ସୁସ୍ଥ ରଖିବାକୁ ହେଲେ ସବୁବେଳେ ଯଥେଷ୍ଟ ପରିମାଣରେ ପରିଷ୍କାର ପାଣି ଯୋଗାଇ ଦେବା ଆବଶ୍ୟକ ।

**ଶ୍ୱେତସାର**

ଏହି ଉପାଦାନ ପ୍ରାଣୀର ଅଙ୍ଗାର ଉତ୍ପାଦକ ବୋଲି କୁହାଯାଏ । ଏହା ଗୋରୁର ଶରୀର ବୃଦ୍ଧି, ଉତ୍ପାଦନ କ୍ଷମତା ଓ ଶରୀର ନିର୍ବାହ ଲାଗି ଶକ୍ତି ଯୋଗାଇଥାଏ । ଶ୍ୱେତସାର ଖାଦ୍ୟ ସାଧାରଣତଃ ଚୋକଡ଼, କୁଣ୍ଡା, ଗହମ, ମକା, ବାଜରା, ଯଅ ଇତ୍ୟାଦିରୁ ମିଳିଥାଏ । ଗାଈ ଶରୀରରେ ଏହି ଜାତୀୟ ଖାଦ୍ୟ ପରିପାକ ହୋଇ ତାହା ଗାଈକୁ ଶକ୍ତି ଯୋଗାଇଥାଏ । ଅନ୍ୟ ଖାଦ୍ୟସାର ଅପେକ୍ଷା ଏହା ଗୋରୁଗାଈଙ୍କ ପାଇଁ ଅଧିକ ଦରକାର ହୋଇଥାଏ ।



**ପୁଷ୍ଟିସାର**

ପ୍ରୋଟିନ୍ ବା ପୁଷ୍ଟିସାର ଜାତୀୟ ଖାଦ୍ୟ ଶରୀରର ମାଂସପେଶୀ ଗଠନ ଏବଂ କ୍ଷୟକ୍ଷତି ପୂରଣ ପାଇଁ ଆବଶ୍ୟକ ହୋଇଥାଏ । ପୁନଶ୍ଚ, ପୁଷ୍ଟିସାର ମଧ୍ୟ ପଶୁ ଶରୀରର ବିକାଶ, ବୃଦ୍ଧି ଏବଂ ବିଶେଷ କରି ଗର୍ଭଧାରଣ ବେଳେ ଓ ଦୁଗ୍ଧ ଉତ୍ପାଦନ ପାଇଁ ଆବଶ୍ୟକ ହୋଇଥାଏ । ବିରି, କୋଳଥ, ବରଗୁଡ଼ିରେ ଉଦ୍ଭିଦ ପୁଷ୍ଟିସାର ଅଧିକ ପରିମାଣରେ ଥାଏ । ଏହା ବାଦ୍ ଚିନାବାଦାମ, ରାଶି, ଅଳସୀ, କପାମଞ୍ଜି, ସୋୟାବିନ୍, ସୋରିଷ ପିଡ଼ିଆରେ ଛୁଇଁ ଜାତୀୟ ଶସ୍ୟ ଅପେକ୍ଷା ଅଧିକ ପରିମାଣରେ ଉଦ୍ଭିଦ ପୁଷ୍ଟିସାର ଥାଏ ।

**ଧାତବଲବଣ**

ଗୋଖାଦ୍ୟରେ ଧାତବଲବଣର ମହତ୍ତ୍ୱ ବହୁତ ଅଛି । ସାଧାରଣତଃ କ୍ୟାଲସିୟମ, ଫସ୍‌ଫରସ, ସୋଡ଼ିଅମ୍, ପୋଟାସିଅମ୍, ମାଗ୍ନେସିୟମ୍, ଗନ୍ଧକ, କ୍ଲୋରାଇଡ୍, ଲୌହ, ଆୟୋଡ଼ିନ୍, ମାଙ୍ଗାନିଜ୍, ତମ୍ବା, କୋବାଲ୍ଟ ଓ ଦସ୍ତା ପ୍ରଭୃତି ଦରକାର ହୋଇଥାଏ । ଅବଶ୍ୟ ଏମାନଙ୍କ ମଧ୍ୟରୁ ଅନେକ ଧାତବଲବଣର ଆବଶ୍ୟକତା କମ୍ ହେଲେ ମଧ୍ୟ ତାହା ପଶୁର ସ୍ୱାସ୍ଥ୍ୟ ଉପରେ ବହୁତ ପ୍ରଭାବ ପକାଇଥାଏ ।

**ଗୋଖାଦ୍ୟରେ ଖଣିଜ ମିଶ୍ରଣର ମହତ୍ତ୍ୱ**

* ବାଛୁରୀର ଶାରୀରିକ ବିକାଶରେ ଏହା ସାହାଯ୍ୟ କରିଥାଏ ।
* ବର୍ଦ୍ଧିଷ୍ଣୁ ଗାଈଗୋରୁଙ୍କ ଦାନ୍ତ, ଅସ୍ଥି ଓ ମାଂସପେଶୀ ଗଠନରେ ଉପଯୋଗୀ ହୁଏ ।
* ଗାଈ ଖାଉଥିବା ଖାଦ୍ୟକୁ ସହଜରେ ହଜମ କରାଇଥାଏ ।
* ଗାଈ ଠିକ୍ ସମୟରେ ଋତୁମତୀ ହୋଇଥାଏ ।
* ଦୁଧିଆଳୀ ଗାଈର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଏ ।
* ଗାଈର ଗର୍ଭଧାରଣ କ୍ଷମତା ଠିକ୍ ରଖେ ।
* ଦୁଇଟି ଛୁଆ ଜନ୍ମର ବ୍ୟବଧାନ କମାଇଥାଏ ।

* ଗାଈ ବହୁଦିନ ପର୍ଯ୍ୟନ୍ତ ଉପଯୋଗୀ ରହିଥାଏ ।
* ଗାଈର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।
* ଗାଈ ଜନ୍ମ କରିବାର ପାଖାପାଖି ହେଉଥିବା ରୋଗ ଯଥା ଦୁଗ୍ଧ ଜ୍ୱର, କୀଟୋସିସ୍ ଇତ୍ୟାଦି ରୋଗକୁ ପ୍ରତିରୋଧ କରିଥାଏ ।
* କ୍ୟାଲସିୟମ ଅଭାବ ଜନିତ ରୋଗ ଯଥା ବାଛୁରୀଙ୍କ କ୍ଷେତ୍ରରେ ରିକେଟ୍ସ୍ ଓ ବୟସ୍କ ଗୋରୁଙ୍କ ଠାରେ ଅଷ୍ଟିଓପୋରୋସିସ୍ ରୋଗକୁ ପ୍ରତିହତ କରିଥାଏ ।

**ଭିଟାମିନ୍**

ମଣିଷ ଶରୀର ପରି ପଶୁମାନଙ୍କ ଶରୀର ପାଇଁ ନାନା ପ୍ରକାର ଭିଟାମିନର ଆବଶ୍ୟକତା ରହିଅଛି । ଶରୀରର ସ୍ୱାଭାବିକ ବୃଦ୍ଧି ଓ ଦୁଗ୍ଧ ଉତ୍ପାଦନ ପାଇଁ ଭିଟାମିନ ଏକ ଅତ୍ୟାବଶ୍ୟକ ଖାଦ୍ୟସାର । ଏହାର ଅଭାବରେ ଅନେକ ସମୟରେ ପଶୁମାନଙ୍କର ଭୋକ କମିଯାଏ, ଖାଦ୍ୟ ଜୀର୍ଣ୍ଣ ହୁଏ ନାହିଁ ଏବଂ ସେମାନେ ନାନାପ୍ରକାର ରୋଗ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଥାଏ । ସାଧାରଣତଃ ଭିଟାମିନ୍ ଏ, ବି, ସି, ଡି, ଇ ପ୍ରଭୃତି ଗାଈ ଦାନାରେ ରହିବା ଆବଶ୍ୟକ । ପାକୁଳି କରୁଥିବା ଗାଈର ପେଟରେ ଏକ ସ୍ୱତନ୍ତ୍ର ଥଳୀ ରହିଥାଏ । ଯେଉଁଠାରେ କି କୋଟି କୋଟି ସଂଖ୍ୟାରେ ଉପକାରୀ ଜୀବାଣୁ ରହିଥାନ୍ତି ଓ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାନ୍ତି ।

ସାଧାରଣତଃ ଗାଈ ଯାହା ଖାଏ ତାହା ପାଟି, ପେଟ ଓ ଅନ୍ତଃନଳୀରେ ଜୀର୍ଣ୍ଣ ହୁଏ । ଅବଶ୍ୟ ଏହି ଜୀର୍ଣ୍ଣ କାର୍ଯ୍ୟକୁ ନାନା ପ୍ରକାରର ରସ ଓ ଏନ୍‌ଜାଇମ୍ ସାହାଯ୍ୟ କରିଥାନ୍ତି । ଜୀର୍ଣ୍ଣ କ୍ରିୟା ଦ୍ୱାରା ଦାନାସବୁ ତରଳ ଦ୍ରବଣରେ ପରିଣତ ହୋଇ ରକ୍ତରେ ମିଶିଥାଏ । ଯାହା ଜୀର୍ଣ୍ଣ ହୁଏ ନାହିଁ ତାହା ଗୋବର ଓ ମୂତ ରୂପରେ ବାହାରି ଆସେ ।

ସାଧାରଣତଃ ଗାଈମାନଙ୍କ ପାଇଁ ଦାନା ପ୍ରସ୍ତୁତ କଲାବେଳେ ସେଥିରେ ଗହମ, ମକା, ବାର୍ଲି, ଓଟ୍ ପ୍ରଭୃତି ଶସ୍ୟ ଗୁଆଁର, ମଟର, ବୁଟ, ବିରି, ମୁଗ ଓ କୋଳଥ ପ୍ରଭୃତି ଡାଲିଜାତୀୟ ପଦାର୍ଥ ରହିବା ଦରକାର । ଗହମ ଚୋକଡ଼ ଗୋରୁଗାଈଙ୍କର



ଉତ୍କୃଷ୍ଟ ଖାଦ୍ୟ । ଏହାଦ୍ୱାରା ଗୋରୁର ଝାଡ଼ା ପରିଷ୍କାର ହୁଏ ଓ ଏଥିରେ ଅଧିକ ପରିମାଣରେ ଫସଫରସ ଥାଏ । ଧାନରୁ ବାହାରୁଥିବା କୁଣ୍ଡା ମଧ୍ୟ ଦାନା ରୂପେ ବ୍ୟବହୃତ ହୁଏ । କିନ୍ତୁ ଏଥିରେ ଗହମ ଚୋକଡ଼ ଅପେକ୍ଷା କମ୍ ଖାଦ୍ୟସାର ଥାଏ । ଅନେକ ପ୍ରକାରର ତୈଳବୀଜ ଓ ତହିଁରୁ ବାହାରୁଥିବା ପିଡ଼ିଆରେ ଅଧିକ ପରିମାଣରେ ପ୍ରୋଟିନ୍ ବା ପୁଷ୍ଟିସାର ଥାଏ । ଏହା ସହଜରେ ଜୀର୍ଣ୍ଣ ହୁଏ ଓ ଦାନାକୁ ସ୍ୱାଦଯୁକ୍ତ କରିଥାଏ । ପିଡ଼ିଆ ଓଦା ହୋଇ ବେଶୀ ଜଳ ରହିଲେ ତହିଁରେ ଫିମ୍ପି ମରିଯାଏ ଓ ତାହାର ଖାଦ୍ୟ ଗୁଣ ମଧ୍ୟ ନଷ୍ଟ ହୋଇଯାଏ । ସାଧାରଣତଃ ଚିନାବାଦାମ, ସୋୟାବିନ୍, ରାଶି ପିଡ଼ିଆ ଗୋରୁମାନଙ୍କ ଖାଦ୍ୟପାଇଁ ବେଶ ଉପଯୁକ୍ତ ।

**ମିଶ୍ରିତ ଦାନା**

ପରୀକ୍ଷା କରି ଦେଖାଯାଇଛି ଯେ ଯଦି ଗୋଟିଏ ଗାଈ ୫ ଲିଟର କ୍ଷୀର ଦେଉଥାଏ ତେବେ ତାହାପାଇଁ ଦାନା ଦେବାର ଆବଶ୍ୟକତା ନଥାଏ । ଜୁଆର, ବାଜରା, ମକା ବା ଶଙ୍କର ନେପିଅର ଘାସ ସହିତ ବରଗୁଡ଼ି ବ ଯେ କୌଣସି ଛୁଇଁ ଜାତୀୟ ଗଛ ଯଥେଷ୍ଟ ଖାଇବାକୁ ଦେଲେ ତାହାର ଖାଦ୍ୟ ଆବଶ୍ୟକତା ମେଣ୍ଟିଯାଏ । କିନ୍ତୁ ତାହାଠାରୁ ଅଧିକ କ୍ଷୀର ଦେଉଥିବା ଗାଈକୁ ଦାନା ଦେବା ଆବଶ୍ୟକ । ସାଧାରଣତଃ ଗାଈମାନେ ଦୁଇ ପ୍ରକାର କାର୍ଯ୍ୟ ପାଇଁ ଦାନା ଆବଶ୍ୟକ କରିଥାନ୍ତି । ପ୍ରଥମଟି ହେଲା ନିଜେ ବଞ୍ଚିବା ପାଇଁ ଏବଂ ଅନ୍ୟଟି କ୍ଷୀର ଦେବାପାଇଁ । ତେଣୁ ଗାଈ କ୍ଷୀର ଦେଉ ବା ନ ଦେଉ ତାକୁ ପ୍ରତିଦିନ ପ୍ରାୟ ୨ କିଲୋ ପର୍ଯ୍ୟନ୍ତ ଦାନା ଦେବାକୁ ହେବ । ଏହା ସହିତ କ୍ଷୀର ପରିମାଣ ଅନୁସାରେ ଅଧିକ ଦାନା ଦେବା ଆବଶ୍ୟକ । ସାଧାରଣତଃ ପ୍ରତି ଅଢ଼େଇ ଲିଟର ଗାଈ କ୍ଷୀର ପାଇଁ ଏକ କି.ଗ୍ରା. ଦାନା ଦରକାର ହୋଇଥାଏ । ଅର୍ଥାତ୍ ଯଦି ଗାଈଟି ୧୦ ଲିଟର କ୍ଷୀର ଦେଉଥାଏ । ତେବେ ତାକୁ ଦୁଗ୍ଧ ଉତ୍ପାଦନ ପାଇଁ ୪ କି.ଗ୍ରା. ଦାନା ଦିନକୁ ଦେବା ଉଚିତ୍ । ତେଣୁ ସମୁଦାୟ ୬ କି.ଗ୍ରା. ଦାନା ଦରକାର ହୁଏ । ଦାନା ବ୍ୟତୀତ ସେହି ଗାଈକୁ ପ୍ରତି ୧୦୦ କି.ଗ୍ରା. ଶରୀରର ଓଜନ ପାଇଁ ୬ ରୁ ୮ କି.ଗ୍ରା. ଚାରା କିମ୍ବା ୨ ରୁ ୨.୫ କି.ଗ୍ରା. ନଡ଼ା ଦେବା ଉଚିତ୍ ।

ଅଧିକ ପରିମାଣରେ କଞ୍ଚା ଘାସ ଖାଇବାକୁ ଦେଲେ ଦାନାର ପରିମାଣ କମେଇ ଦିଆଯାଇପାରେ । ଫଳରେ ଗୋପାଳନରୁ ଅଧିକ ଲାଭ ମିଳିଥାଏ ।

ଗାଈମାନଙ୍କୁ ଦୁହିଁବା ସମୟରେ ଦାନା ଦେବା ଉଚିତ୍ । ପ୍ରତିଦିନ ଯେତିକି ଦାନା ଦରକାର ହୋଇଥାଏ, ତାହାକୁ ଦୁଇଥର ଭାଗକରି ଗାଈକୁ ଦେବା ଉଚିତ୍ । ଘାସ ବା ନଡ଼ା ଇତ୍ୟାଦିକୁ ଚାଫ୍‌କଟର ବା ନଡ଼ାକଟା ପନିକି ସାହାଯ୍ୟରେ କାଟି ଖାଇବାକୁ ଦେଲେ ଗାଈମାନେ ସହଜରେ ଖାଇଥାନ୍ତି । ଏହାଛଡ଼ା ସେମାନଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ପାଣି ଦେବା ମଧ୍ୟ ଉଚିତ୍ । ଏତଦ୍‌ବ୍ୟତୀତ ୬ ମାସର ଗର୍ଭିଣୀ ଗାଈକୁ ପ୍ରତିଦିନ ୧ କି.ଗ୍ରା. ଅଧିକ ଦାନା ଦେବା ଉଚିତ୍ ।

**ସୁଷମ ଦାନାରେ ରହୁଥିବା ଉପାଦାନ *(ପ୍ରତି ୧୦୦ କି.ଗ୍ରା. ଦାନା ପାଇଁ)***

| | | |
|---|---|---|
| ୧. | ଶସ୍ୟ ଜାତୀୟ ଯଥା :<br>ମକା, ଗହମ, ବାଜରା, ଜୁଆର, ବାର୍ଲି | ୨୫-୩୫ କି.ଗ୍ରା. |
| ୨. | ପିଡ଼ିଆ ଜାତୀୟ ଯଥା : ଚିନାବାଦାମ, ପେଶି, ସୋରିଷ, ନଡ଼ିଆ, ରାଶି ଓ ସୋୟାବିନ୍ | ୨୫-୩୫ କି.ଗ୍ରା. |
| ୩. | ଗହମ ଚୋକଡ଼, କୁଣ୍ଡା ଇତ୍ୟାଦି | ୨୦-୩୦ କି.ଗ୍ରା. |
| ୪. | ଚଣା ଜାତୀୟ ଯଥା :<br>ବୁଟଗୁଣ୍ଡ, ବିରି, କୋଳଥ, ବୁଟ ଚୁନି ଇତ୍ୟାଦି | ୫-୨୦ କି.ଗ୍ରା. |
| ୫. | ଧାତବ ଲବଣ | ୨ କି.ଗ୍ରା. |
| ୬. | ଖାଇବା ଲୁଣ | ୧ କି.ଗ୍ରା. |

ତେବେ ଦାନା ପ୍ରସ୍ତୁତ କଲାବେଳେ ନିଜ ଅଞ୍ଚଳରେ ମିଳୁଥିବା ପଦାର୍ଥକୁ ବ୍ୟବହାର କରିବା ଉଚିତ୍ ।

## ନଡ଼ା

ସବୁ ଖାଦ୍ୟ ଭିତରେ ନଡ଼ା ସବୁଠାରୁ ନିମ୍ନମାନର । ଏଥିରେ ଖୁବ୍ କମ୍ ପରିମାଣର ପୁଷ୍ଟିସାର ଥାଏ । କିନ୍ତୁ ଅଧିକ ପରିମାଣରେ ସିଲିକା ରହିଥାଏ । ନଡ଼ା ସହଜରେ ଜୀର୍ଣ୍ଣ ହୁଏ ନାହିଁ ଏବଂ ଏଥିରେ ଖାଦ୍ୟସାର କମ୍ ଥିବାରୁ ଦୁଧିଆଳୀ ଗାଈମାନଙ୍କୁ ବେଶୀ ନଡ଼ା ଦେବା ଉଚିତ୍ ନୁହେଁ ।



ନଡ଼ା କହିଲେ ଆମେ କେବଳ ଧାନ ନଡ଼ାକୁ ବୁଝିଥାଉ । ଧାନ ବ୍ୟତୀତ ଗହମ, ଜୁଆର, ଓଟ୍, ଜୁଆରରୁ ମଧ୍ୟ ନଡ଼ା ମିଳିଥାଏ । ଏଥିରେ କାଲ୍‌ସିୟମ୍ ଓ ଫସ୍‌ଫରସ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କମ୍ ମାତ୍ରାରେ ଥାଏ । ଦୁଗ୍ଧ ଉତ୍ପାଦନ ପାଇଁ ଗୋ-ଖାଦ୍ୟରେ କାଲ୍‌ସିୟମ୍, ଫସ୍‌ଫରସ୍ ରହିବା ଅତ୍ୟନ୍ତ ଆବଶ୍ୟକ । କାରଣ ପ୍ରତି ଏକ କିଲୋଗ୍ରାମ୍ କ୍ଷୀରରେ ୧.୧୮ ଗ୍ରାମ୍ କ୍ୟାଲସିୟମ୍ ଏବଂ ୦.୯୩ ଗ୍ରାମ୍ ଫସ୍‌ଫରସ୍ ଥାଏ । ଏଥିମଧ୍ୟରୁ ଯେ କୌଣସି ଗୋଟିକର ପରିମାଣ କମିଗଲେ ଦୁଗ୍ଧ ଉତ୍ପାଦନ କମିଯାଏ । ନଡ଼ାରେ ଅଧିକ ପରିମାଣରେ ଅଗ୍‌ଜାଲିକ୍ ନାମକ ଅମ୍ଳ ଥାଏ । ଯାହାକି ଖାଦ୍ୟରେ ଥିବା କାଲ୍‌ସିୟମ୍‌କୁ ଅକାମୀ କରିଦିଏ । ଏହିସବୁ କାରଣରୁ ଯେଉଁ ଗାଈ, ବଳଦମାନେ କେବଳ ନଡ଼ା ଉପରେ ନିର୍ଭର କରି ବଞ୍ଚନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ ନାହିଁ ଓ ଦୁଧ ଦେବା ଶକ୍ତି କମିଯାଏ ।

## ଗୋରୁଗାଈଙ୍କ ପାଇଁ ଘାସ

ଘାସ ସାଧାରଣତଃ ଗୋରୁମାନଙ୍କର ପ୍ରାକୃତିକ ଖାଦ୍ୟ । ଏହାର ନରମ ହୋଇଥିବାରୁ ପଶୁମାନେ ସହଜରେ ଖାଇଥାନ୍ତି ଓ ଏହା ମଧ୍ୟ ଶୀଘ୍ର ଜୀର୍ଣ୍ଣ ହୋଇଥାଏ । କଞ୍ଚା ଘାସରେ ଅଧିକ ପରିମାଣରେ କ୍ୟାଲ୍‌ସିୟମ୍, ଫସ୍‌ଫରସ୍ ଓ ନାନା ପ୍ରକାର ଭିଟାମିନ୍ ଥାଏ । ବିଭିନ୍ନ ମିଶ୍ରିତ ଘାସ ଖାଇଲେ ଗାଈର ଦୁଗ୍ଧ ଉତ୍ପାଦନ ବଢ଼ିବା ସହିତ ପ୍ରଜନନ କ୍ଷମତା ନିୟନ୍ତ୍ରିତ ହୁଏ, ଫଳରେ ଗାଈ ଠିକ୍ ସମୟରେ ପ୍ରସବ କଲାପରେ ପୁନର୍ବାର ଗରମକୁ ଆସିଥାଏ ଓ ଫଳ ଯାଇ ଗର୍ଭବତୀ ହୋଇଥାଏ । ଏହା ବ୍ୟତୀତ ଗାଈଟିର ସ୍ୱାସ୍ଥ୍ୟରେ ଉନ୍ନତି ଘଟିଥାଏ ଓ ଚେହେରାର ପରିବର୍ତ୍ତନ ଦେଖାଯାଏ । ଘାସଗୁଡ଼ିକ ବୁଢ଼ା ହୋଇଗଲେ ତାହାର ଖାଦ୍ୟଗୁଣ କମିଯାଏ । ସାଧାରଣତଃ ଦୁବ, ଅଞ୍ଜନ, ପାରା, ଗିନି, ସୁଦାନ, ନେପିଅର, ଶଙ୍କର ନେପିଅର ପ୍ରଭୃତି ଘାସ ଗୋରୁମାନଙ୍କ ପାଇଁ ଚାଷ କରାଯାଇଥାଏ । ଏହା ବ୍ୟତୀତ ଗୁଆଁର, ବାଜରା, ମକା, ଓଟ୍, ଫସଲକୁ ମଧ୍ୟ ଗୋ-ଖାଦ୍ୟ ପାଇଁ ଚାଷ କରି ପଶୁମାନଙ୍କୁ ଖାଇବାକୁ ଦିଆଯାଏ । ଆଜିକାଲି ଅନେକ ଚାଷୀ ସେଞ୍ଜି, ବରସିମ୍, ବରଗୁଡ଼ି, ଲୁସର୍ଣ୍ଣ, ସୋୟାବିନ ପ୍ରଭୃତି ଚାଷ କରି ଗାଈମାନଙ୍କୁ ମଧ୍ୟ ଖାଇବାକୁ ଦେଉଛନ୍ତି ।

ପଞ୍ଜାବ, ହରିଆନା, ଉତ୍ତରପ୍ରଦେଶ ପ୍ରଭୃତି ଅଞ୍ଚଳରେ ଚାଷୀମାନେ ଗୋରୁ-ଗାଈମାନଙ୍କ ପାଇଁ ରୀତିମତ ଗୋ-ଖାଦ୍ୟ ଚାଷ କରିଥାନ୍ତି । ନିଜର ଶକ୍ତି ଅନୁସାରେ ପ୍ରତ୍ୟେକ ଚାଷୀ କିଛି ନା କିଛି ଜମିରେ ମକା, ଜୁଆର, ବାଜରା, ବରଗୁଡ଼ି, ନେପିଅର, ଗିନି, ବ୍ଲୁପାନିକ ପ୍ରଭୃତି ଚାଷ କରି ଗୋରୁଗାଈମାନଙ୍କୁ ଖାଇବାକୁ ଦେଇଥାନ୍ତି । ଘାସ ଖାଇବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ ଓ ସେମାନେ ଅଧିକ ଦୁଧ ଦେଇଥାନ୍ତି । ଆମେରିକା, ଇଂଲଣ୍ଡ, କାନାଡ଼ା ପ୍ରଭୃତି ଦେଶରେ ଚାଷୀମାନେ ପ୍ରଚୁର ପରିମାଣରେ ଗୋ-ଖାଦ୍ୟ ପାଇଁ ସ୍ୱତନ୍ତ୍ର ରୂପେ ଫସଲ ଚାଷ କରିଥାନ୍ତି ବା ବଡ଼ ବଡ଼ ଜମିରେ କେବଳ ଘାସ ଚାଷ କରି ଗୋରୁଗାଈମାନଙ୍କୁ ଚରିବାକୁ ଛାଡ଼ି ଦେଇଥାନ୍ତି । କିନ୍ତୁ ଆମ ରାଜ୍ୟରେ ଗୋ-ଖାଦ୍ୟ ଚାଷ କରିବା ପାଇଁ ଆମ ଚାଷୀଭାଇମାନେ ଏ ପର୍ଯ୍ୟନ୍ତ ଆଗ୍ରହ ପ୍ରକାଶ ନ କରିବା ବଡ଼ ଦୁଃଖର କଥା । ତେବେ ସେ ଯାହା ହେଉନା କାହିଁକି, ଏବେ ଯେଉଁ ଚାଷୀଭାଇମାନେ ଗାଈ ରଖିଛନ୍ତି ବା ରଖିବାକୁ ଚାହୁଁଛନ୍ତି, ସେମାନେ କିଛି ପରିମାଣରେ ଘାସ ଚାଷ କରିବା ଉଚିତ୍ ।

ଆମ ରାଜ୍ୟରେ ହୁଏତ ଅନେକ ଛୋଟ ଚାଷୀ ଅଛନ୍ତି, ଯେଉଁ ମାନଙ୍କର ଗୋ-ଖାଦ୍ୟ ଚାଷ କରିବା ପାଇଁ ଅଧିକ ଜମି ନଥାଏ । ସେମାନଙ୍କର ଯଦି ଢ଼ିପ ଜମି ଥାଏ, ତେବେ ତାହାର ହିଡ଼ ଚାରିକଡ଼େ ସେମାନେ ନେପିଅର, ବ୍ଲୁପାନିକ, ଗିନି ପ୍ରଭୃତି ଘାସ ଲଗାଇ ପାରିବେ । ପ୍ରତ୍ୟେକ ଦିନ କିଛି କିଛି କାଟି ସେମାନଙ୍କ ଗୋରୁଗାଈଙ୍କୁ ଦେଇ ପାରିବେ । ତେଣୁ ଗୋ-ଖାଦ୍ୟ ଚାଷ କରିବା ପାଇଁ ଆମ ଚାଷୀଭାଇମାନଙ୍କର ଆଗ୍ରହ ସୃଷ୍ଟି ହେବା ଉଚିତ୍ । ସେମାନଙ୍କର ଜାଣିବା ଉଚିତ୍ ଯେ, ଘାସ ଅଧିକ ପରିମାଣରେ ଖାଇବାକୁ ଦେଲେ ଦାନା ଖର୍ଚ୍ଚ କମ୍ ହୋଇଥାଏ ଓ ଦାନା ଖର୍ଚ୍ଚ କମ୍ ହେଲେ ଦୁଗ୍ଧ ବିକ୍ରିରୁ ଅଧିକ ଲାଭ ମିଳିଥାଏ । ଗୋଟିଏ ଗାଈର ସମୁଦାୟ ଖର୍ଚ୍ଚର ଶତକଡ଼ା ୭୫ ଭାଗ ଗୋଖାଦ୍ୟରେ ଖର୍ଚ୍ଚ ହୋଇଥାଏ । ତେଣୁ ଏହାର ପରିମାଣ କମାଇବାକୁ ହେଲେ ଘାସଚାଷ କରିବା ନିତାନ୍ତ ଆବଶ୍ୟକ ।



**ବିଭିନ୍ନ ପ୍ରକାର ଘାସ**

ଆମ ରାଜ୍ୟରେ ଗୋରୁଗାଈମାନଙ୍କ ପାଇଁ ନେପିଅର, ହାତିଆ ଘାସ, ଗିନି, ବ୍ଲୁପାନିକ, ପାରା ପ୍ରଭୃତି ଘାସ ଚାଷ କରାଯାଇ ପାରିବ । ଏହିସବୁ ଘାସ ଥରେ ଲଗାଇଲେ ୩ ରୁ ୪ ବର୍ଷ ପର୍ଯ୍ୟନ୍ତ ଗୋଟିଏ ବିଲରେ ରହିପାରିବ । ପାରା ଘାସକୁ ଛାଡ଼ିଦେଲେ ଅନ୍ୟସବୁ ଘାସ ଢ଼ିପ ବା ମଟାଳିଆ ଜମିରେ ଚାଷ ହୋଇ ପାରିବ । ପାରାଘାସ ଖାଲୁଆ ବା ସନ୍ତସନ୍ତିଆ ଜାଗାରେ ଭଲ ବଢ଼ିପାରେ ।

**ବର୍ଷ ବ୍ୟାପି ଓ ସବୁଦିନିଆ ଘାସ**

ଏହିସବୁ ଘାସ ଲଗାଇବା ପାଇଁ ପଶୁପାଳନ ବିଭାଗ ତରଫରୁ ସାହାଯ୍ୟ ଦିଆଯାଉଅଛି ।

**୧) ଶଙ୍କର ନେପିଅର ବା ହାତିଆ ଘାସ**

ଏହି ଘାସ ଶୀଘ୍ର ଶୀଘ୍ର ବଢୁଥିବାରୁ ଏହାକୁ ହାତିଆ ଘାସ କୁହାଯାଏ । ଶଙ୍କର ନେପିଅର ସହିତ ବରଗୁଡ଼ି, ଗୁଆଁର, ବରସିମ୍, ମିଶାଇ ଖାଇବାକୁ ଦେଲେ ପଶୁମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ । ଜମିକୁ ଭଲ ଭାବରେ ଚାଷ କରି ଏକର ପିଛା ୮ ରୁ ୧୦ ଗାଡ଼ି ଖତ ଦିଅନ୍ତୁ । ପରେ ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୬ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ ସାର ସିଆରରେ ଦେଇ ନେପିଅର ଘାସର ମୂଳ ଲଗାନ୍ତୁ । ଦୁଇ ସିଆର ଭିତରେ ବ୍ୟବଧାନ ୩ ଫୁଟ ରଖନ୍ତୁ । ଚେର ବ୍ୟତୀତ କାଣ୍ଡରୁ ମଧ୍ୟ ଗଛ କରାଯାଇ ପାରେ । ଶଙ୍କର ନେପିଅର ଘାସ ମଞ୍ଜିରେ ଗଛ ହୁଏ ନାହିଁ । ପ୍ରତି ଏକର, ଜମିରେ ହାରାହାରି ୫୦୦୦ ମନ୍ଦା ହୁଏ । ପ୍ରତି ମନ୍ଦାରେ ଦୁଇଟି ଖଣ୍ଡ ଲଗାଯାଏ । ଏଣୁ ଏକର ପ୍ରତି ହାରାହାରି ୧୦,୦୦୦ ଖଣ୍ଡ ଦରକାର ହୋଇଥାଏ । ଚେର ବା କାଣ୍ଡ ଲଗାଇ ସାରିଲା ପରେ ସିଆରରେ ପାଣି ମଡ଼ାନ୍ତୁ । ଗଛ ଉଠିଲା ପରେ ବିଲରୁ ଘାସ ଇତ୍ୟାଦି ବାଛି ଦିଅନ୍ତୁ । ସାଧାରଣତଃ ଜୁଲାଇ ମାସରେ ଘାସ ଲଗାଇବା ଭଲ । ତିନିମାସ ପରେ ପ୍ରଥମେ ଘାସ କାଟି ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ତାପରେ ପ୍ରତି ଦେଢ଼ମାସରୁ ଦୁଇମାସ ଭିତରେ ଘାସ କାଟନ୍ତୁ ।

ପ୍ରତିଥର ଘାସ କାଟି ସାରିବା ପରେ ଏକର ପିଛା ୪୦ କି.ଗ୍ରା. ୟୁରିଆ ଦିଅନ୍ତୁ । ଏହିପରି ଭାବରେ କାଟିଲେ ଏକ ଏକର ବିଲରୁ ବର୍ଷକୁ ପ୍ରାୟ ୫୦୦ ରୁ ୬୦୦ କ୍ୱିଣ୍ଟାଲ ଘାସ ମିଳିପାରିବ । ଦିନକୁ ଯଦି ଗୋଟିଏ ଗାଈକୁ ୪୦ କି.ଗ୍ରା. ଲେଖାଏଁ ମିଶ୍ରିତ ଘାସ ଦେବା, ତେବେ ଦୈନିକ ପାଞ୍ଚ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଉଥିବା ଗୋଟିଏ ଗାଈ ମିଶ୍ରିତ ଘାସ ଖାଇ ବିନା ଦାନାରେ ଦୁଗ୍ଧ ଦେଇଥାଏ । ତେବେ ଏକ ଏକର ବିଲରୁ ହେଉଥିବା ଘାସରେ ଆମେ ଚାରୋଟିରୁ ଅଧିକ ଗାଈଙ୍କୁ ଘାସ ଖାଇବାକୁ ଦେଇପାରିବା ।

### ୨) ଗିନି ଓ ବ୍ଲୁପାନିକ

ଏହିସବୁ ଘାସ ବୁଦା ବୁଦା ହୋଇ ବଢ଼ିଥାଏ ଏବଂ ଥରେ ଲଗାଇଲେ ୩ ରୁ ୪ ବର୍ଷ ପର୍ଯ୍ୟନ୍ତ ସହଜରେ ଘାସ କଟାଯାଇ ପାରେ । ଉଚ୍ଚ ବା ମଟାଳିଆ ଜମିରେ ଏହି ଘାସ ଲଗାଇବା ଉଚିତ୍ । ଜମିକୁ ଭଲ ଭାବରେ ଚାଷ କରି, ତହିଁରେ ଖତ, ସୁପର ଫସ୍‌ଫେଟ୍ ଓ ପଟାସ ସାର ଦେଇ ସିଆର କରନ୍ତୁ । ଅସରାଏ ବର୍ଷା ହୋଇଗଲା ପରେ ସିଆରରେ ଏହିସବୁ ଘାସର ଚେର ଲଗାନ୍ତୁ । ଯଦି ବିଲ ଶୁଖିଲା ଥାଏ, ତେବେ ସଙ୍ଗେ ସଙ୍ଗେ ପାଣି ଦିଅନ୍ତୁ । ସାଧାରଣତଃ ୩ ରୁ ୪ ମାସ ପରେ ଏହିସବୁ ଘାସ କାଟିବା ପାଇଁ ଉପଯୁକ୍ତ ହୋଇଥାଏ । ପ୍ରତିଥର ଘାସ କାଟି ସାରିଲା ପରେ ଏକର ପିଛା ୨୦ କି.ଗ୍ରା. ହିସାବରେ ୟୁରିଆ ସାର ବିଲରେ ଦେଇ ପାଣି ଦିଅନ୍ତୁ । ସାଧାରଣତଃ ଏହିସବୁ ଘାସରୁ ବର୍ଷକୁ ପ୍ରାୟ ୪୦୦ କ୍ୱିଣ୍ଟାଲ ଘାସ ମିଳିପାରିବ ।

### ୩) ପାରା ଘାସ

ପାରା ଘାସ ସାଧାରଣତଃ ସନ୍ତସନ୍ତିଆ ଜମିରେ ଭଲ ହୋଇଥାଏ । ବିଲରେ ଏକର ପିଛା ୭ ରୁ ୮ ଗାଡ଼ି ଖତ, ୮୦ କି.ଗ୍ରା. ସୁପର ଫସ୍‌ଫେଟ୍ ଓ ୩୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ଦିଅନ୍ତୁ । ସାର ସବୁ ସିଆରରେ ଦେବା ଉଚିତ୍ । ବର୍ଷା ଆସିଗଲେ ୩ ରୁ ୪ ଗଣ୍ଠିଥିବା ପାରା ଘାସର କାଣ୍ଡକୁ ସିଆରରେ ପୋତି ଦିଅନ୍ତୁ ।



ଅଳ୍ପ ଦିନ ଭିତରେ ଗଣ୍ଠିରୁ ପତ୍ର ବାହାରି ଗଛ ବଢ଼େ ଏବଂ ପ୍ରାୟ ୨ ମାସ ପରେ କାଟିବା ପାଇଁ ଉପଯୁକ୍ତ ହୋଇଥାଏ । ପ୍ରଥମ ଥର କଟାଯିବା ପରେ ପ୍ରତି ୨ ମାସରେ ଏହା କଟାଯାଇ ପାରିବ ଓ ଏକରକୁ ପ୍ରାୟ ୪୦୦ କ୍ୱିଣ୍ଟାଲ ଘାସ ମିଳିପାରିବ ।

## ଋତୁକାଳୀନ ଘାସ ଚାଷ

### ୧) ଗୋ-ଖାଦ୍ୟ ପାଇଁ ମକା

ଆଗରୁ କୁହାଯାଇଅଛି ଯେ, କେବଳ ଗୋ-ଖାଦ୍ୟ ପାଇଁ ମକା, ଜୁଆର, ବାଜରା ଆଦି ଚାଷ କରାଯାଇ ପାରିବ । ଏହି ଫସଲ ଗୁଡ଼ିକ ଗୋ-ଖାଦ୍ୟ ହିସାବରେ ବେଶ୍ ପୁଷ୍ଟିକର ଓ ରୁଚିକର । ଯଦିଓ ମକା ଗଛକୁ ସବୁ ସମୟରେ ଗାଈମାନଙ୍କୁ ଦିଆଯାଇପାରେ, ତଥାପି ମକା ଗଛରେ ଫୁଲ ଧରିବା ସମୟରେ ଏହା ସବୁଠାରୁ ପୁଷ୍ଟିକର ଗୋ-ଖାଦ୍ୟ ରୂପେ ବ୍ୟବହୃତ ହୋଇଥାଏ । ଗୋ-ଖାଦ୍ୟ ପାଇଁ ମକା ଚାଷ କରିବାକୁ ହେଲେ ଢିପଜମିକୁ ଭଲ ଭାବରେ ଚାଷ କରି ତହିଁରେ ଏକର ପିଛା ୧୦ ଗାଡ଼ି ଖତ, ୨୦ କିଲୋ ୟୁରିଆ, ୭୦ କିଲୋ ସୁପର ଫସ୍‌ଫେଟ୍ ଏବଂ ୨୦ କିଲୋ ମ୍ୟୁରେଟ୍ ଅଫ୍ ପଟାସ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତାପରେ ଏକ ଫୁଟ ବ୍ୟବଧାନରେ ସିଆର କରି ତହିଁରେ ମକା ମଞ୍ଜି ଲଗାଯାଏ । ଏକର ପିଛା ପ୍ରାୟ ୧୦ କିଲୋ ମଞ୍ଜି ଲଗାଯାଏ । ଗଛ ଏକ ଫୁଟ ଉଚ୍ଚ ହୋଇଗଲେ ଏକର ପିଛା ଆହୁରି ୨୦ କିଲୋ ୟୁରିଆ ଦିଅନ୍ତୁ । ବିଲରୁ ଘାସ ଇତ୍ୟାଦି ବାଛି ଦେବା ଉଚିତ୍ । ସାଧାରଣତଃ ଗଛ ହେବାର ୭୦ ରୁ ୭୫ ଦିନ ଭିତରେ ଗୋ-ଖାଦ୍ୟ ପାଇଁ ମକା କଟାଯାଏ । ଗଛକୁ ମୂଳରୁ ହାଣି ଚାଫକଟର (ନଡ଼ାକଟା ଯନ୍ତ୍ର) ବା ନଡ଼ାକଟା ପନିକି ସାହାଯ୍ୟରେ ଛୋଟ ଛୋଟ ଖଣ୍ଡରେ କାଟି ଗୋରୁଗାଈଙ୍କୁ ଖାଇବାକୁ ଦିଅନ୍ତୁ । ମକା ସହିତ ବରଗୁଡ଼ି ଗଛ ମଧ୍ୟ ଗୋରୁଙ୍କୁ ଖାଇବାକୁ ଦେବା ଭଲ । ଏକ ଏକର ମକା କିଆରୀରୁ ସବୁଜ ଗୋଖାଦ୍ୟ ଅନ୍ୟୁନ ୧୦୦ କ୍ୱିଣ୍ଟାଲରୁ ୧୨୦ କ୍ୱିଣ୍ଟାଲ ଅମଳ ମିଳିଥାଏ ।

## ୨) ଜୋଆର

ଏହା ଏକ ବର୍ଷାକାଳୀନ ଫସଲ । ଜୁନ୍ ଓ ଜୁଲାଇ ମାସରେ ଏହା ବୁଣାଯାଏ । ୪୦-୪୫ କିଲୋଗ୍ରାମ୍ ମଞ୍ଜି ହେକ୍ଟର ପିଛା ଦରକାର ହୁଏ । ମଞ୍ଜି ବୁଣିବା ପୂର୍ବରୁ ଜମିକୁ ଦୁଇ ବା ତିନି ଥର ଭଲ ଭାବରେ ଚାଷ କରି ଏକର ପ୍ରତି ୧୦-୧୫ ଶଗଡ଼ ଗୋବର ଖତ, ୫୦ କିଲୋଗ୍ରାମ୍ ସୁପର ଫସ୍‌ଫେଟ୍ ଓ ୧୫ କିଲୋଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଜମିରେ ଦିଆଯାଇ ଚାଷ କରାଯାଇଥାଏ । ମଞ୍ଜି ବୁଣିବାର ୮୦-୯୦ ଦିନ ମଧ୍ୟରେ ଏହା କଟାଯାଏ, ଫୁଲ ଧରିବା ପୂର୍ବରୁ ଏଥିରେ ଏକ ବିଷାକ୍ତ ଅମ୍ଳ ସଞ୍ଚିତ ହୋଇଥାଏ । ତାହାର ନାମ ହାଇଡ୍ରୋସାୟାନିକ୍ ଏସିଡ୍ । ଏହା ଖାଇଲେ, ଖାଦ୍ୟ ବିଷାକ୍ତ ଜନିତ ମୃତ୍ୟୁ ହୋଇଥାଏ । ତେଣୁ ଏହାକୁ ଫୁଲ ଧରିବା ପରେ କାଟି ଖାଇବାକୁ ଦେବା ଉଚିତ୍ । ୧୦୦-୧୪୦ କ୍ୱିଣ୍ଟାଲ ଘାସ ଏକର ପିଛା ଅମଳ ହୋଇଥାଏ ।

## ୩) ଓଟ୍‌ସ

ଏହା ଏକ ଶୀତଦିନିଆ ଘାସ । ଏହାକୁ ଶୁଷ୍କ ଘାସ କରି ସାଇତି ରଖାଯାଏ । ଏହା ଏକ ସୁସ୍ୱାଦୁ ଗୋଖାଦ୍ୟ । ଏହା ସେପ୍ଟେମ୍ବର ମାସର ଶେଷ ବେଳକୁ ବୁଣାଯାଏ । ବର୍ଷାଦିନିଆ ଫସଲ ଅମଳ ପରେ ଜମିକୁ ୩/୪ ଥର ଚାଷ କରି ଏକର ପିଛା ୧୦ ଶଗଡ଼ ଗୋବର ଖତ ଓ ୩୦ କିଲୋଗ୍ରାମ୍ ଆମୋନିୟମ୍ ସଲ୍‌ଫେଟ୍ ପକାଇ ଚାଷ କରାଯାଏ । ଏକର ପିଛା ୩୦ କିଲୋଗ୍ରାମ୍ ମଞ୍ଜି ବୁଣିବା ଉଚିତ୍ । ମଞ୍ଜି ବୁଣିବାର ଦୁଇମାସ ପରେ ଏହାର ଅମଳ ହୋଇଥାଏ । ଏହା ସାଧାରଣତଃ ଫୁଲ ହେବା ପୂର୍ବରୁ କଟାଯାଏ । ଏହି ଘାସ ଏକର ପିଛା ୧୨୫ ରୁ ୧୪୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

## ୪) ବରଗୁଡ଼ି

ବରଗୁଡ଼ି ଫସଲରେ ବହୁତ ପୁଷ୍ଟିସାର ଥାଏ । ତେଣୁ ଏହା ଗୋ-ଖାଦ୍ୟ ପାଇଁ ଉପଯୁକ୍ତ । ଗୋ-ଖାଦ୍ୟ ପାଇଁ ଏକ ସ୍ୱତନ୍ତ୍ର ପ୍ରକାରର ବରଗୁଡ଼ି କିସମ ଚାଷ



କରାଯାଇଥାଏ, ଯାହାକି ୩ ଥର କଟାଯାଇ ପାରେ । ଢିପ ଜମିରେ ବରଗୁଡ଼ି ଭଲ ହୁଏ । ବର୍ଷାଦିନ ପୂର୍ବରୁ ବିଲକୁ ଭଲ ରୂପେ ଚାଷ କରି ତହିଁରେ ଖତ ଦିଅନ୍ତୁ । ବରଗୁଡ଼ି ଫସଲ ପାଇଁ ଏକର ପିଛା ୧୦ କିଲୋ ୟୁରିଆ, ୮୦ କିଲୋ ସୁପର ଫସ୍‌ଫେଟ୍ ଓ ୧୫ କିଲୋ ମ୍ୟୁରେଟ୍ ଅଫ୍ ପଟାସ୍ ଆବଶ୍ୟକ ହୋଇଥାଏ । ଏହାକୁ ଉପରେ ଧାଡ଼ି କରି କିମ୍ବା ଛାଟି କରି ବୁଣାଯାଇପାରେ । ଅନେକ ଚାଷୀ ମକା, ବାଜରା, ଜୁଆର ସହିତ ବରଗୁଡ଼ି ମଧ୍ୟ ଚାଷ କରିଥାନ୍ତି । ଛୁଇଁ ଧରିବାକୁ ଆରମ୍ଭ କଲେ ଏହାକୁ କାଟି ଗୋରୁମାନଙ୍କୁ ଖାଇବାକୁ ଦିଆଯାଏ । ଏକ ଏକରରୁ ପ୍ରାୟ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

## ୫) ବରସିମ୍

ଆଜିକାଲି ଗୋ-ଖାଦ୍ୟ ପାଇଁ ଆମ ରାଜ୍ୟରେ ବରସିମ୍ ଫସଲ ଚାଷ କରାଯାଉଛି । ଏହି ଫସଲରେ ଅଧିକ ପରିମାଣରେ ପୁଷ୍ଟିସାର ଥିବାରୁ ଏହା ଗୋରୁଗାଇମାନଙ୍କ ପାଇଁ ବେଶ୍ ପୁଷ୍ଟିକାରକ । ତେଣୁ ଗୋ-ଖାଦ୍ୟ ମଧ୍ୟରେ ଏହାକୁ ରାଜା ବୋଲି କୁହାଯାଇଥାଏ । ସାଧାରଣତଃ ଦୁଇ ପ୍ରକାର ବରସିମ୍ ବିହନ ମିଳିଥାଏ । ଟେଟ୍ରାପ୍ଲଏଡ୍ କିସମର ବିହନ ଶୀତ ଋତୁରେ ଶୀଘ୍ର ବଢ଼େ ଓ ଡ଼ିପ୍ଲଏଡ୍ ବିହନ ବସନ୍ତ ଋତୁରେ ବଢ଼େ । ତେଣୁ ଏହି ଦୁଇ କିସମର ବିହନରୁ ଅଧା ଅଧା ମିଶାଇ ବୁଣିଲେ ଅଧିକ ଦିନ ପର୍ଯ୍ୟନ୍ତ ବରସିମ୍ ମିଳିଥାଏ । ଆଜିକାଲି ଟ୍ରାଇ ପୋଲିଅମ୍ ରିପେସ୍ ନାମକ ଏକ କିସମ ମିଳୁଅଛି, ଯାହାକି ଖରାଦିନ ଆରମ୍ଭରେ ବଢ଼ିପାରେ ।

ଜଳସେଚନ ସୁବିଧା ଥିବା ଜମିରେ ବରସିମ୍ ଚାଷ କରିବା ଉଚିତ୍ । ମାଟିକୁ ଭଲ ରୂପେ ଚାଷ କରି ଗୁଣ୍ଡ କରିଦିଅନ୍ତୁ । ଚାଷ କରିବା ସମୟରେ ଏକର ପିଛା ୧୦ ଗାଡ଼ି ଖତ, ୨୦ କିଲୋ ୟୁରିଆ, ୧୬୦ କିଲୋ ସୁପର ଫସ୍‌ଫେଟ୍ ଓ ୨୦ କିଲୋ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲରୂପେ ମାଟିରେ ମିଶାଇ ଦିଅନ୍ତୁ । ବିଲକୁ ଛୋଟ ଛୋଟ ପଟିରେ ବିଭକ୍ତ କରି ତହିଁରେ ମଞ୍ଜି ବୁଣନ୍ତୁ । କାରଣ ପଟି କରିବା ଦ୍ୱାରା ପାଣି ଦେବାକୁ ସୁବିଧା ହୋଇଥାଏ । ବରସିମ୍ ବିହନ ବୁଣିବା ପୂର୍ବରୁ

ତାହାକୁ ଗୋଟିଏ ରାତି ପାଣିରେ ବତୁରେଇ ଦିଆଯାଏ । ବିହନ ସହିତ ଏକ ପ୍ରକାର ଜୀବାଣୁ ଗୋଳାଇ ବୁଣିଲେ ଗଛ ଭଲ ବଢ଼ିଥାଏ । ଏକ ଏକର ପାଇଁ ସାଧାରଣତଃ ୧୦ କିଲୋ ଟେଟ୍ରାପ୍ଲଏଡ୍ ବିହନ ଓ ୬ କିଲୋ ଡିପ୍ଲଏଡ୍ ବିହନ ଆବଶ୍ୟକ ହୋଇଥାଏ । ବିହନକୁ ବିଲରେ ପ୍ରତ୍ୟେକ ପଟିରେ ସମାନ ଭାବରେ ବୁଣି ମାଟିରେ ମିଶାଇ ଦିଅନ୍ତୁ । ଗଛ ଉଠିଗଲା ପରେ ବିଲର ପାଗ ଦେଖି ପ୍ରତି ୧୦-୧୨ ଦିନ ଛଡ଼ାରେ ଥରେ ଲେଖାଏଁ ପାଣି ଦେବା ଦରକାର । ଗଛ ୨ ମାସର ହେଲା ପରେ ପ୍ରଥମେ କଟାଯାଏ ଓ ତାପରେ ପ୍ରାୟ ପ୍ରତି ଦେଢ଼ ମାସରେ ଥରେ ଲେଖାଏଁ କଟାଯାଇ ପାରିବ । ଆମ ଓଡ଼ିଶାରେ ଏକ ଏକରରୁ ପ୍ରାୟ ୨୦୦ ରୁ ୨୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ବରସିମ୍ ଅମଳ କରାଯାଇପାରିବ ।

### ୬) ଷ୍ଟାଇଲୋ

ଏହା ଏକ ଛୁଇଁ ଜାତୀୟ ଘାସ । ଅଳ୍ପ ବୃଷ୍ଟି ଅଞ୍ଚଳରେ ଏହାର ଚାଷ କରାଯାଏ । ଜମିକୁ ୩ ରୁ ୪ ଥର ଚାଷ କରି ଏକର ପିଛା ୧୦ ଶଗଡ଼ ଗୋବର ଖତ ଓ ୧୦୦ କିଲୋଗ୍ରାମ୍ ସୁପର ଫସ୍‌ଫେଟ୍ ପକାଇ ଚାଷ କରାଯାଇ ଏକର ପିଛା ୪ ରୁ ୫ କିଲୋଗ୍ରାମ୍ ମଞ୍ଜି ବୁଣାଯାଏ, ବୁଣିବାର ୪ ମାସ ପରେ ପ୍ରଥମ କଟା ହୋଇ ଘାସ ଅମଳ ହୁଏ । ୮୦ ରୁ ୧୦୦ କ୍ୱିଣ୍ଟାଲ ଘାସ ଏକର ପିଛା ଅମଳ ହୁଏ ।

## ଚାରାକୁ ସାଇତି ରଖିବା କିପରି ?

### ୧. ସାଇଲେଜ୍ (ଘାସ ଆଚାର)

ଆମେରିକା, ଇଂଲଣ୍ଡ ପ୍ରଭୃତି ଦେଶରେ ଗାଈମାନଙ୍କୁ ଖାଇବାକୁ ଦେବା ପାଇଁ ସାଇଲେଜ୍ ପ୍ରସ୍ତୁତ କରାଯାଇଥାଏ । ଆମ ଦେଶରେ ମଧ୍ୟ ଅନେକ ବଡ଼ ବଡ଼ ସରକାରୀ ଗୋ-ପାଳନ କେନ୍ଦ୍ରରେ ମକା, ଜୁଆର, ଶଙ୍କର ନେପିଅର ଘାସ ପ୍ରଭୃତିରୁ ସାଇଲେଜ୍ ପ୍ରସ୍ତୁତ କରାଯାଇ ଗାଈମାନଙ୍କୁ ଖାଇବାକୁ ଦିଆଯାଉଅଛି । ସାଇଲେଜ୍ କରିବା ଦ୍ୱାରା ସବୁଜ ଖାଦ୍ୟକୁ ବହୁଦିନ ପର୍ଯ୍ୟନ୍ତ ସାଇତି ରଖାଯାଇ ଗୋରୁମାନଙ୍କୁ ଖାଇବାକୁ ଦିଆଯାଇଥାଏ ।



ସାଧାରଣତଃ ଯେତେବେଳେ ଗଛର ଡାଳପତ୍ର ଇତ୍ୟାଦି ପବନ ନଥିବା ଅବସ୍ଥାରେ ସଢ଼ିବାକୁ ଆରମ୍ଭ କରେ, ସେତେବେଳେ ସେଥିରୁ ଲାକ୍‌ଟିକ୍ ଏସିଡ୍ ନାମକ ଅମ୍ଳ ବାହାରିଥାଏ । ଲାକ୍‌ଟିକ୍ ଏସିଡ୍ ଦହିରେ ମଧ୍ୟ ଦେଖାଯାଏ । ଏହି ଏସିଡ୍ ସବୁଜ ଘାସ ବା ଗୋ-ଖାଦ୍ୟକୁ ସାଇତି ରଖିବାରେ ସାହାଯ୍ୟ କରିଥାଏ । ଏହି କାରଣରୁ ବାୟୁରୁଦ୍ଧ ଅବସ୍ଥାରେ ଗୋ-ଖାଦ୍ୟକୁ ସାଇତି ରଖିବା ପ୍ରଣାଳୀକୁ ସାଇଲେଜ୍ ତିଆର କୁହାଯାଏ । ଗାତ ବା ଇଟାରେ ତିଆରି ସାଇଲୋ (ବାଙ୍ଗି ପରି) ମାନଙ୍କରେ ସାଇଲେଜ୍ ସାଇତି ରଖାଯାଏ ।

ବର୍ଷର ସବୁଦିନେ ଯଥେଷ୍ଟ ପରିମାଣରେ ସବୁଜ ଗୋ-ଖାଦ୍ୟ ମିଳେ ନାହିଁ । ଏଣୁ ଯେଉଁ ଋତୁରେ ଏହା ମିଳିଥାଏ, ତାହାକୁ ସାଇଲେଜ୍‌ରେ ପରିଣତ କରି ରଖି ପାରିଲେ ଗୋରୁମାନଙ୍କୁ ସବୁବେଳେ ଖାଇବାକୁ ଦିଆଯାଇ ପାରିବ । ସବୁଜ ଗୋ-ଖାଦ୍ୟରେ ଯାହାସବୁ ଖାଦ୍ୟସାର ଥାଏ, ସାଇଲେଜ୍‌ରେ ତାହା ସବୁ ଅତୁଟ ଅବସ୍ଥାରେ ରହିଥାଏ ।

ମକା, ଜୁଆର, ନେପିଅର, ବାଜରା ପ୍ରଭୃତି ଫସଲରୁ ସାଇଲେଜ୍ ପ୍ରସ୍ତୁତ କରାଯାଏ । ଏପରିକି ଧାନ ନଡ଼ା ସହିତ ବରସିମ୍‌କୁ ମିଶାଇ ମଧ୍ୟ ସାଇଲେଜ୍ ପ୍ରସ୍ତୁତ କରାଯାଇପାରେ ।

ମକା ଗଛରୁ ଉତ୍କୃଷ୍ଟ ସାଇଲେଜ୍ ହୁଏ । ଏଥିରେ ଯଥେଷ୍ଟ ପରିମାଣରେ ଶର୍କରା ଜାତୀୟ ପଦାର୍ଥ ରହିଥିବାରୁ ଏହା ଶୀଘ୍ର ସାଇଲେଜ୍‌ରେ ପରିଣତ ହୁଏ ।

ମକା, ଜୁଆର, ଶଙ୍କର ନେପିଅର, ବାଜରା ପ୍ରଭୃତି ଗୋ-ଖାଦ୍ୟକୁ ଫସଲରେ ଅଧାଅଧି ଫୁଲ ଆସିବା ପରେ ତାକୁ ଅମଳ କରି ଚାଫ୍‌କଟର ବା ଘାସକଟା ଯନ୍ତ୍ର ସାହାଯ୍ୟରେ ଛୋଟ ଛୋଟ ଖଣ୍ଡ କରି ପ୍ରଥମେ କଟାଯାଏ । ତା ପରେ ଏଗୁଡ଼ିକୁ ଗାତ ବା ସାଇଲୋ ଭିତରେ ଭର୍ତ୍ତି କରି ଭଲ ଭାବରେ ଦାବି ଦିଆଯାଏ, ଯାହା ଫଳରେ ଗାତ ଭିତରେ ପବନ ରହିପାରେ ନାହିଁ । ଜମିର ଉପର ପତନ ଠାରୁ ଏକ ଫୁଟ ଉପର ପର୍ଯ୍ୟନ୍ତ କଟା ଘାସକୁ ରଖି ପ୍ରଥମେ ଖଣ୍ଡିଏ ପଲିଥିନ୍ ଦ୍ୱାରା ଢାଙ୍କି

ଦିଆଯାଏ ଓ ତା ଉପରେ ଭଲ କରି ମାଟି ପକାଇ ଗୋବରରେ ଲିପି ଦିଆଯାଏ । ଯଦି କିଛି ଦିନ ପରେ ମାଟି ପ୍ରଲେପଟି ତଳକୁ ଦବି ଯାଏ କିମ୍ବା ଫାଟ ହୋଇଯାଏ ତା ଉପରେ ଆଉ କିଛି ମାଟି ପକେଇ ଫାଟ ସବୁକୁ ବନ୍ଦ କରି ଦିଆଯାଏ, ଯେମିତି ଗାତ ଭିତରକୁ ପବନ ପଶିବ ପାରିବ ନାହିଁ । ଏହାପରେ ୪୨ ଦିନପରେ ଘାସ ଆଚାର ତିଆରି ହୋଇଯାଇଥାଏ । ଖାଇବାକୁ ଦେବା ପାଇଁ ଦରକାର ମୁତାବକ ଘାସ ଆଚାର ବାହାର କରନ୍ତୁ ।

ଆମ ଗାଁ ଗହଳି ପାଇଁ ଗାତ ଖୋଳି ସାଇଲେଜ୍ କରିବା ସୁବିଧାଜନକ । ସାଧାରଣତଃ ଫୁଟେ ଲମ୍ବ, ଫୁଟେ ଚଉଡ଼ା ଓ ଫୁଟେ ଗଭୀର (ଏକ ଘନଫୁଟ) ଗାତରେ ପ୍ରାୟ ୧୫ କି.ଗ୍ରା. ଖଣ୍ଡ ଖଣ୍ଡ କଟା ହୋଇଥିବା ସବୁଜ ଗୋ–ଖାଦ୍ୟ ରହିପାରେ । ଆଠଫୁଟ ଚଉଡ଼ାର ଗୋଲେଇ ଓ ୧୨ ଫୁଟ ଗଭୀର ଗାତରେ ସାଇଲେଜ୍ ରଖିଲେ ତହା ୪ ଗୋଟି ଦୁଧିଆଳୀ ଗାଈଙ୍କ ପାଇଁ ପ୍ରାୟ ୩ ମାସ ପର୍ଯ୍ୟନ୍ତ ସାଇଲେଜ୍ ଯୋଗାଇ ପାରିବ ।

### ୨) ହେ (Hey)

କଞ୍ଚା ଘାସକୁ ଶୁଖାଇ ସାଇତି ରଖିବାର ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅଛି । କଅଁଳିଆ ମକା, ଜୁଆର, ବାଜରା, ଏମ୍ପି. ଚେରୀ ଇତ୍ୟାଦି ଫସଲକୁ ଫୁଲ ଧରିଥିବା ଅବସ୍ଥାରେ କାଟି ଶୁଖାଇ ରଖାଯାଇପାରେ । ଏହି ଶୁଖାଇବା ପ୍ରଣାଳୀ ୨/୩ ଦିନ ମଧ୍ୟରେ ସରିବା ଆବଶ୍ୟକ । ଗଛ ଶୁଖିଲାପରେ ତହିଁରେ ଶତକଡ଼ା ୨୦ ଅଂଶ ଜଳଭାଗ ଥିଲେ ତାହା ଭଲ ହେ ହୁଏ । ତହିଁରୁ ଅଧିକ ଜଳୀୟ ଅଂଶ ରହିଲେ ତାହା ଫିମ୍ପି ମାରି ନଷ୍ଟ ହୋଇଯାଏ । ଶୀତ ଦିନେ ଚାଷ ହେଉଥିବା ବରସିମ୍, ଯବଧାନ ଓ ଲୁସର୍ଣ୍ଣ ଇତ୍ୟାଦିକୁ ସଠିକ୍ ରୂପେ ଶୁଖାଇ ଦୀର୍ଘଦିନ ଧରି ସାଇତି ରଖାହୁଏ । ସବୁଦିନିଆ ଘାସ ଗିନି, ପାରା ଓ ନେପିଅର ପ୍ରଭୃତି ଘାସକୁ ମଧ୍ୟ ଶୁଖାଇ ସାଇତା ଯାଇପାରେ । ହେ ଘାସକୁ ଗଣ୍ଠି ଆକାରରେ ବିଡ଼ା ବାନ୍ଧି ଛାଇ ଜାଗାରେ ଓ ବର୍ଷା ପାଣି ପଡୁ ନଥିବା ଛପର ତଳେ ରଖିବା ଉଚିତ୍ । ବର୍ଷା ପାଣି ପଡ଼ିଲେ ତାହା ନଷ୍ଟ ହୋଇଯାଏ ।



ସାଧାରଣତଃ ଯେତେବେଳେ ସବୁଜ ଘାସ ମିଳେ ନାହିଁ, ସେତେବେଳେ ସାଇଲୋରୁ ସାଇଲେଜ୍ ନେଇ ଗାଈମାନଙ୍କୁ ଖାଇବାକୁ ଦେବା ଉଚିତ୍ । ପ୍ରତ୍ୟେକ ଦିନ ଅଳ୍ପ ଅଳ୍ପ କରି ସାଇଲେଜ୍ କାଢ଼ି ଗୋରୁଙ୍କୁ ଦିଆଯାଏ । ଗୋଟିଏ ଗାଈକୁ ସାଧାରଣତଃ ଦୈନିକ ୨୫ କି.ଗ୍ରା. ପର୍ଯ୍ୟନ୍ତ ସାଇଲେଜ୍ ଖାଇବାକୁ ଦିଆଯାଇପାରେ । ତେବେ ୨ ଭାଗ ସାଇଲେଜ୍ ସହିତ ୧ ଭାଗ ସବୁଜ ଘାସ ମିଶାଇ ଖାଇବାକୁ ଦେବା ସବୁଠାରୁ ଭଲ ।

## ମନେରଖନ୍ତୁ

* ଗୋରୁଗାଈମାନଙ୍କୁ ସବୁବେଳେ ସୁଷମ ଖାଦ୍ୟ ଦିଅନ୍ତୁ ।
* ଅଧିକ କ୍ଷୀର ପାଇବା ପାଇଁ ଗାଈମାନଙ୍କୁ ମିଶ୍ରିତ ଦାନା ଦିଅନ୍ତୁ ।
* ଗାଈ ରଖିଲା ବେଳେ ଘାସଚାଷ କରିବା ପାଇଁ ଭୁଲନ୍ତୁ ନାହିଁ ।
* ଦୈନିକ ଆପଣଙ୍କ ଗାଈକୁ ଅନ୍ତତଃ ୨୦–୨୫ କି.ଗ୍ରା. କଞ୍ଚା ଘାସ ଖାଇବାକୁ ଦିଅନ୍ତୁ ।
* ଅଧିକ ଅମଳ ପାଇବା ପାଇଁ ହାଇବ୍ରିଡ୍ ନେପିଅର, ଗିନି ବା ପାରା ଘାସ ଚାଷ କରନ୍ତୁ ।
* ଘାସ ଚାଷ ପାଇଁ ବିହନ ପାଇବାକୁ ହେଲେ ନିକଟସ୍ଥ ପଶୁଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।

*****

*ମୂଳ ବିଷୟବସ୍ତୁ*
**ଡଃ ମହେଶ୍ୱର ମିଶ୍ର**
**ଡଃ ବିଜୟ କୁମାର ସାହୁ**
**ଡଃ ଅନ୍ତର୍ଯ୍ୟାମୀ ମହାନ୍ତି**

*ସଂଶୋଧିତ ବିଷୟବସ୍ତୁ*
**ଡଃ ଲକ୍ଷ୍ମଣ କୁମାର ବାବୁ, ପ୍ରଫେସର**
ପ୍ରାଣୀଧନ ଉତ୍ପାଦନ ଓ ପରିଚାଳନା ବିଭାଗ
ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ
ଭୁବନେଶ୍ୱର – ୭୫୧୦୦୩

ଓ.ୟୁ.ଏ.ଟି. ପ୍ରେସ୍, ୫୦୦ – ୨୦୧୪

ଏଠାରୁ କାଟନ୍ତୁ

# ଗୋପାଳନ (ଚତୁର୍ଥ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

## ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧– ଗୋଟିଏ ହେକ୍ଟର ଜମିରେ ମକା ଚାଷ କଲେ ବର୍ଷକୁ କେତେ ଘାସ ମିଳିପାରିବ ?

ଉ–

ପ୍ର. ୨– ଏକ ଏକର ଜମିରେ ବରଗୁଡ଼ି ଚାଷ କଲେ କେତେ ଅମଳ ମିଳିପାରିବ ?

ଉ.–

ପ୍ର. ୩– ଗାଇ ପାଇଁ ସୁଷମ ଦାନା ପ୍ରସ୍ତୁତ କରିବାକୁ ହେଲେ କେଉଁ କେଉଁ ପଦାର୍ଥ ଆବଶ୍ୟକ ହେବ ?

ଉ.–

ପ୍ର. ୪– ସଙ୍କର ହାତିଆ ଘାସ ଚାଷ କଲେ ବର୍ଷକୁ କେତେ ଅମଳ ମିଳିବ ?

ଉ.–

ପ୍ର. ୫– ସାଧାରଣତଃ କେତେ ଗାଇ କ୍ଷୀର ପାଇଁ ଏକ କିଲୋଗ୍ରାମ୍ ଦାନ ଦରକାର ହୋଇଥାଏ ?

ଉ.–

ଚାଷୀଙ୍କ ସ୍ୱାକ୍ଷର –

ଡାକ ଠିକଣା

କ୍ରମିକ ନଂ –

ତାରିଖ –

ପଞ୍ଚମ ପାଠ

# ଗୋପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ................................
କ୍ରମିକ ନଂ ........................

**ପଞ୍ଚମ ପାଠ**

## ଗାଈ ଓ ବାଛୁରୀଙ୍କ ଯତ୍ନ

ଗୋପାଳନକୁ ଲାଭଜନକ କରିବାକୁ ହେଲେ ଗାଈ ଓ ବାଛୁରୀ ମାନଙ୍କର ଯତ୍ନ ନେବା ଏକାନ୍ତ ଆବଶ୍ୟକ । ମନେ ରଖିବା ଉଚିତ୍ ଯେ, ଗାଈମାନେ ପ୍ରାଣୀ । ତେଣୁ ସେମାନଙ୍କ ପ୍ରତି ସ୍ନେହ ଓ ମମତା ରହିବା ଦରକାର । ଜଣେ ସଫଳ ଗୋପାଳକ ଏହି କାରଣରୁ ଏପରି ଏକ ଯୋଜନା କରିବା ଉଚିତ୍ ଯାହା ଦ୍ୱାରା ସେ ସୁବିଧାରେ ଗାଈ ବାଛୁରୀମାନଙ୍କର ଯତ୍ନ ନେଇ ପାରିବ ।

**ଗାଈମାନଙ୍କର ଯତ୍ନ**

୧) ସାଧାରଣତଃ ଗୋଟିଏ ଗାଈ ଗର୍ଭଧାରଣ କରିବା ଦିନଠାରୁ ହାରାହାରି ୨୮୦ ଦିନ ପରେ ଜନ୍ମ କରିଥାଏ । ତେବେ କେତେକ ଗାଈ ମଧ୍ୟ ୨୭୦ ଦିନଠାରୁ ୨୯୦ ଦିନ ଭିତରେ ଜନ୍ମ କରିଥାନ୍ତି । ତେଣୁ ପ୍ରତ୍ୟେକ ଗୋପାଳକ ପ୍ରତି ଗର୍ଭବତୀ ଗାଈର ବାଛୁରୀ ଜନ୍ମ ହେବାର ଦିନ ହିସାବ କରି ମନେ ରଖିବା ଉଚିତ୍ । ମଇଁଷି ମାନଙ୍କର ଏହା ୩୧୦ ଦିନ ଅଟେ ।

୨) ଗର୍ଭବତୀ ଗାଈମାନଙ୍କୁ ହୁରୁଡ଼ାଇବା ଉଚିତ୍ ନୁହେଁ । ସୁବିଧା ଥିଲେ ଗର୍ଭବତୀ ଗାଈମାନଙ୍କୁ ଅନ୍ୟ ଗାଈମାନଙ୍କ ଠାରୁ ଅଲଗା ରଖିବା ସବୁଠାରୁ ଭଲ ।

୩) ସାଧାରଣତଃ ଗାଈ ଜନ୍ମ କରିବାର ସମୟ ହେଲେ ପହ୍ନା ବଡ଼ ହୁଏ ଓ ଜନନେନ୍ଦ୍ରିୟ ଫୁଲିଯାଏ । ଏହି ସମୟରେ ଗାଈକୁ ପୁରାପୁରି ଅଲଗା ରଖିବା ଉଚିତ୍ । ଗାଈ ଜନ୍ମ କରୁଥିବା ଘର ପରିଷ୍କାର ରଖିବା ଦରକାର ଏବଂ ସେଥିରେ ଭଲଭାବେ ପବନ ଚଳାଚଳ ହେବା ଉଚିତ୍ । ଜନ୍ମ କରିବା ସମୟରେ ସେହି ଜାଗାରେ ବହଳିଆ କରି ପାଳ ବା ଶୁଖିଲା ଘାସ ପକାଇ ଦେବା ଆବଶ୍ୟକ ।

ସାଧାରଣତଃ ଅଧିକାଂଶ ଗୃହପାଳିତ ପଶୁ ଜନ୍ମ ସମୟରେ ପ୍ରାୟ କୌଣସି ସାହାଯ୍ୟ ଦରକାର କରନ୍ତି ନାହିଁ । କିନ୍ତୁ ବେଳେ ବେଳେ କୌଣସି ଅସ୍ୱାଭାବିକ ଅବସ୍ଥା ହେତୁ ପଶୁ ଡାକ୍ତରଙ୍କର ସାହାଯ୍ୟ ଦରକାର ହୋଇଥାଏ । ଜନ୍ମ କରିବା ସମୟରେ ପ୍ରଥମେ ବାଛୁରୀର ଆଗ ଦୁଇଟି ଗୋଡ଼ ଓ ତା ପରେ ନାକ ବାହାରି ଆସେ । ଯଦି ବାଛୁରୀଟି ଗାଈର ପେଟ ଭିତରେ ଅସ୍ୱଭାବିକ ଅବସ୍ଥାରେ ଥାଏ, ତେବେ ସଙ୍ଗେ ସଙ୍ଗେ ପଶୁ ଡାକ୍ତରଙ୍କୁ ଡାକିବା ଉଚିତ୍ । ସାଧାରଣତଃ ଗାଈର ଗର୍ଭବେଦନା ଯଦି ୪ ଘଣ୍ଟାରୁ ଅଧିକ ହୁଏ, ତେବେ ସଙ୍ଗେ ସଙ୍ଗେ ପଶୁ ଡାକ୍ତରଙ୍କୁ ଡାକିବା ଉଚିତ୍ । ଜନ୍ମ କରିବା ପରେ ପରେ ଗାଈର ଲାଙ୍ଗୁଡ଼ ଓ ଜନନେନ୍ଦ୍ରିୟକୁ ଗରମ ପାଣିରେ ଭଲ ଭାବରେ ଧୋଇ ଦେବା ଦରକାର । ପାଣିରେ ସାମାନ୍ୟ ପୋଟାସିୟମ୍ ପରମାଙ୍ଗାନେଟ୍ ମିଶାଇ ଦେଲେ ତାହା ଜୀବାଣୁ ମୁକ୍ତ କରିବାରେ ସାହାଯ୍ୟ କରେ । ଏହି ସମୟରେ ଗାଈକୁ ଥଣ୍ଡା ହେବାକୁ ଦେବା ଉଚିତ୍ ନୁହେଁ । ଗରମ ପାଣି ପିଇବାକୁ ଦେବା ସବୁଠାରୁ ଭଲ । ବାଛୁରୀ ଜନ୍ମ ପରେ ପରେ ପହ୍ନାକୁ ଦୁଧ ଦୁହିଁଦେବା ଉଚିତ୍ । ପହ୍ନାରେ କ୍ଷୀର ରହିଗଲେ ଗାଈକୁ ଦୁଗ୍ଧ ଜ୍ୱର ହେବାର ସମ୍ଭାବନା ରହିଥାଏ ।

ସାଧାରଣତଃ ବାଛୁରୀ ଜନ୍ମର ୨ ରୁ ୪ ଘଣ୍ଟା ମଧ୍ୟରେ ଫୁଲ ପଡ଼ିଯାଏ । ଯଦି ୧୨ ଘଣ୍ଟା ଭିତରେ ଫୁଲ ନ ପଡ଼େ, ତେବେ ନିକଟସ୍ଥ ଡାକ୍ତରଙ୍କ ସହାୟତାରେ ଫୁଲ ପକାଇବାର ବ୍ୟବସ୍ଥା କରିବା ସହ ଆବଶ୍ୟକୀୟ ଆଣ୍ଟିବାୟୋଟିକ୍ ବୋଲସ୍ ଜରାୟୁରେ ସ୍ଥାପନ କରନ୍ତୁ । ଫୁଲ ପଡ଼ିଯିବା ପରେ ତାହାକୁ ଗାତ ଖୋଳି ପୋତିଦେବା ଦରକାର । ଗାଈ ଯଦି ଫୁଲକୁ ଖାଇଦିଏ, ତେବେ ତାହାର ଦୁଗ୍ଧ ପରିମାଣ କମିଯାଏ ।

ଅଧିକ କ୍ଷୀର ଦେଉଥିବା ଗାଈମାନଙ୍କର ଦୁଗ୍ଧ ଜ୍ୱର ଓ ସ୍ତନହରା ହେବାର ସମ୍ଭାବନା ଥାଏ । ଦୁଗ୍ଧ ଜ୍ୱର ନ ହେବା ପାଇଁ ଗାଈ ଜନ୍ମ କରିବାର ଦିନେ ଦୁଇଦିନ ପର୍ଯ୍ୟନ୍ତ ପହ୍ନାରୁ ସବୁତକ କ୍ଷୀର ଦୁହିଁ ଦେବା ଉଚିତ୍ ନୁହେଁ । ଗାଈ ଦୁହିଁବା ପୂର୍ବରୁ ପହ୍ନାକୁ ଭଲ ଭାବରେ ପାଣିରେ ଧୋଇ ଦେଇ ଓ ଗାଈ ଦୁହାଁଳୀର ହାତ ଧୋଇ ଗାଈ ଦୁହିଁଲେ ସ୍ତନହରା ରୋଗ ହୁଏ ନାହିଁ ।



ଜନ୍ମ କରିବା ପରେ ଗାଈକୁ ଗରମ ପାଣିରେ ଚୋକଡ଼ ଗୋଳାଇ ଖାଇବାକୁ ଦେବା ଉଚିତ୍ । କଞ୍ଚା ଘାସ ମଧ୍ୟ ଦିଆଯାଇପାରେ । ଦୁଇ ତିନି ଦିନ ପରେ ସୁଷମ ଦାନା ଦିଆଯାଇପାରେ । ପରେ ଗାଈର ଆବଶ୍ୟକତା ଅନୁସାରେ ତାହାକୁ ନିୟମିତ ଦାନ ଦେବା ଉଚିତ୍ ।

**ବାଛୁରୀର ଯତ୍ନ**

୧) ବାଛୁରୀ ଜନ୍ମ ହେବା ପରେ ପରେ ତାହାର ପାଟି ଓ ନାକରେ ଲାଗିଥିବା ନାଳ ଭଲ ରୂପେ ସଫା କରି ଦିଅନ୍ତୁ । ଯଦି ବାଛୁରୀ ନିଶ୍ୱାସ ନେଉ ନଥାଏ, ତେବେ କୃତ୍ରିମ ଉପାୟରେ ଶ୍ୱାସକ୍ରିୟା କରାଇବା ଦରକାର । ବାଛୁରୀର ପଛ ଗୋଡ଼କୁ ଉପରକୁ ଟେକି ମୁଣ୍ଡକୁ ତଳକୁ କରିଦେଲେ ନିଶ୍ୱାସ ନେବା ଆରମ୍ଭ ହୋଇଥାଏ । ତେବେ ୩-୪ ଥର ଏହିପରି କରିବାକୁ ହୋଇଥାଏ । ନିଶ୍ୱାସ ନେବାକୁ ଆରମ୍ଭ କରିବା ମାତ୍ରେ ଏହି ପ୍ରକିୟା ବନ୍ଦ କରିଦେବା ଉଚିତ୍ ।

୨) ନାଭିକୁ ଦୁଇ ଇଞ୍ଚ ଦୂରତ୍ୱରେ ସୂତା ଦ୍ୱାରା ବାନ୍ଧି ରଖନ୍ତୁ ଏବଂ ବାକିଥିବା ନାଭିକୁ ସଫା କଇଁଚିରେ କାଟି ତହିଁରେ ଟିଂଚର ଆୟୋଡିନ୍ ଲଗାନ୍ତୁ । ଯଦ୍ୱାରା କି ନାଭିର କୌଣସି ପ୍ରକାର ସଂକ୍ରାମକ ରୋଗକୁ ରୋକାଯାଇପାରିବ ।

୩) ସାଧାରଣତଃ ଜନ୍ମ ହେବାର ଘଣ୍ଟାକୁ ଭିତରେ ବାଛୁରୀ ନିଜ ଗୋଡ଼ରେ ଠିଆ ହୋଇ ମାଆଠାରୁ କ୍ଷୀର ପିଇବାକୁ ଆରମ୍ଭ କରିଥାଏ । ଅବଶ୍ୟ କେତେକ ବାଛୁରୀଙ୍କୁ ଠିଆ କରାଇ ପହ୍ନାରେ ମୁହଁ ଲଗାଇବା ପାଇଁ ସାହାଯ୍ୟ ଆବଶ୍ୟକ ହୋଇଥାଏ । ତେବେ ବାଛୁରୀ ଚିରରେ ମୁହଁ ଲଗାଇବା ପୂର୍ବରୁ ପହ୍ନା ଓ ଚିରକୁ ଭଲ ଭାବରେ ସଫା କରିଦେବା ଦରକାର ।

୪) ଜନ୍ମ ହେବା ଅଧଘଣ୍ଟା ପରଠାରୁ ପ୍ରାୟ ୩ ଦିନ ପର୍ଯ୍ୟନ୍ତ ଗାଈ ଚିରରୁ ବାହାରୁଥିବା ଦୁଧକୁ ପିଇବାକୁ ଦେବା ଉଚିତ୍ । ଏହି ଦୁଧକୁ କଷ କ୍ଷୀର ବା କୋଲଷ୍ଟ୍ରମ୍ କୁହାଯାଏ । ଏହାକୁ ପିଇବା ଦ୍ୱାରା ବାଛୁରୀର ଝାଡ଼ା ସଫା ହୁଏ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏଥିରେ ବେଶି ପରିମାଣରେ ଭିଟାମିନ୍ ଥାଏ ଯାହାକି କ୍ଷୀରଠାରୁ ୪-୫ ଗୁଣ ପୁଷ୍ଟିସାର, ୧୦ ଗୁଣ ଭିଟାମିନ୍ ଓ ପ୍ରଚୁର

ପରିମାଣର ଖଣିଜ ତତ୍ତ୍ୱ ଭରି ରଖିଥାଏ । ସାଧାରଣତଃ ବାଛୁରୀ ତାହା ଶରୀର ଓଜନର ୧୦ ଭାଗରୁ ଏକ ଭାଗ ପରିମାଣରେ କଷ କ୍ଷୀର ଆବଶ୍ୟକ କରିଥାଏ । ଯଦି ଅଧିକ ଦୁଧ ପିଇବା ଫଳରେ ଅଜୀର୍ଣ୍ଣ ହୁଏ, ତେବେ ଦୁଧର ପରିମାଣ କମାଇ ଦେବା ଦରକାର ।

୫) ଆଜିକାଲି ବଡ଼ ବଡ଼ ଡାଇରୀ ଫାର୍ମ ମାନଙ୍କରେ ଗାଇ ଜନ୍ମ କରିବା ପରେ ପରେ କିମ୍ବା ଜନ୍ମ କରିବାର ୩ ଦିନ ପରେ ବାଛୁରୀକୁ ମାଆଠାରୁ ଅଲଗା କରି ଦିଆଯାଏ । ଗାଇଠାରୁ ଦୁଧ ଦୁହିଁ ସେ କ୍ଷୀରକୁ ବାଛୁରୀକୁ ପିଆଯାଏ କିନ୍ତୁ ବାଛୁରୀକୁ ଗାଇଠାରୁ ପିଇବାକୁ ଦିଆଯାଏ ନାହିଁ । ଏହା ଫଳରେ ଡାଏରୀ ପରିଚାଳନା କରିବା ସୁବିଧା ଜନକ ହୋଇଥାଏ । ବାଛୁରୀ ମରିଗଲେ ମଧ୍ୟ ଗାଇ କ୍ଷୀର ଦେବାରେ ହଇରାଣ କରେ ନାହିଁ ଏବଂ ଗାଇଠାରୁ କେତେ ପରିମାଣରେ କ୍ଷୀର ମିଳୁଅଛି ତାହା ସଠିକ୍ ଜଣାପଡ଼େ ।

୬) ବାଛୁରୀର ଉପଯୁକ୍ତ ଶାରୀରିକ ବୃଦ୍ଧିପାଇଁ ୪ ଦିନ ବୟସରୁ ୪ ସପ୍ତାହ ପର୍ଯ୍ୟନ୍ତ ଶରୀରର ଓଜନ ୧୦ ଭାଗରୁ ୧ ଭାଗ, ୫ ଓ ୬ ସପ୍ତାହ ବୟସରେ ୧୫ ଭାଗରୁ ୧ ଭାଗ ଏବଂ ୭ ଓ ୮ ସପ୍ତାହ ବୟସରେ ଶରୀର ଓଜନର ୨୦ ଭାଗରୁ ୧ ଭାଗ କ୍ଷୀର ପିଇବାକୁ ଦିଅନ୍ତୁ । ୮ ସପ୍ତାହ ପରେ କ୍ଷୀରର ଆବଶ୍ୟକତା ନ ଥାଏ । ବାଛୁରୀକୁ ୧୫ ଦିନ ହେଲେ ତାକୁ କଞ୍ଚାଳିଆ ଘାସ, ପାଳ, ନଡ଼ା ଓ ବାଛୁରୀ ଦାନା ଚାଟିବାକୁ ଦିଅନ୍ତୁ । ୧୫-୨୦ ଦିନ ପରେ ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ ।

୭) ବାଛୁରୀମାନଙ୍କୁ ସାଧାରଣତଃ ଅଲଗା ସ୍ଥାନରେ ରଖିବା ଉଚିତ୍ । ୭-୮ ସପ୍ତାହ ପରେ ବାଛୁରୀମାନଙ୍କୁ ଏକାଠି ମଧ୍ୟ ରଖାଯାଇପାରେ ।

୮) ମାଈ ବାଛୁରୀମାନଙ୍କୁ ଜନ୍ମର ୧୦ ଦିନ ଭିତରେ ଡିହର୍ଣ୍ଣିଂ ବା ଶିଙ୍ଗ ନ ଉଠିବା ପାଇଁ ବ୍ୟବସ୍ଥା କରିବା ଉଚିତ୍ । ଏହାଦ୍ୱାରା ଗାଈମାନଙ୍କୁ ଦେଖାରଖା କରିବାରେ ସୁବିଧା ହୋଇଥାଏ ।



୯) ୨୧ ଦିନ ହୋଇଗଲାପରେ କୃମି ନାଶକ ଔଷଧ ଦିଅନ୍ତୁ ଓ ତା ପରେ ୬ ରୁ ୮ ମାସ ପର୍ଯ୍ୟନ୍ତ ପ୍ରତିମାସରେ ଥରେ ଲେଖାଏଁ ଦିଅନ୍ତୁ ।

୧୦) ବାଛୁରୀକୁ ୩ ମାସ ହେବା ପରେ ଅନ୍ୟାନ୍ୟ ସଂକ୍ରାମକ ରୋଗ ଯଥା – ସଂକ୍ରାମକ ଗର୍ଭପାତ, ଆନ୍ଥ୍ରାକ୍ସ, ଫାଟୁଆ ଏବଂ ବଜବଜିଆ, ସାହାଣ ପାଇଁ ପ୍ରତିଷେଧକ ଇଞ୍ଜେକ୍ସନ୍ ଦେବା ଉଚିତ୍ । ଦୁଇଟି ଟୀକା ମଧ୍ୟରେ ବ୍ୟବଧାନ ୧୫ ଦିନ ହେବା ଉଚିତ୍ ।

**ବାଛୁରୀଙ୍କ ପାଇଁ ଗୁହାଳ**

ମୁଖ୍ୟ ଗୁହାଳର ଗୋଟିଏ କଣକୁ ୧୫ ଫୁଟ ଲମ୍ବା ଓ ୧୦ ଫୁଟ ଚଉଡ଼ା ସ୍ଥାନରେ ବାଛୁରୀମାନଙ୍କୁ ରଖିବା ପାଇଁ ବନ୍ଦୋବସ୍ତ କରିବା ଦରକାର । ସାଢ଼େ ତିନି ଫୁଟ ଠାରୁ ୪ ଫୁଟ ଉଚ୍ଚର କାନ୍ଥ ଦ୍ୱାରା ଏହାକୁ ମୁଖ୍ୟ ଗୁହାଳ ଠାରୁ ଅଲଗା କରାଯାଇପାରିବ । ଏହି ସ୍ଥାନ ସାମନାରେ ୨୦ ଫୁଟ ଲମ୍ବା ଓ ୧୦ ଫୁଟ ଚଉଡ଼ାର ଜାଗା ରଖି ପାରିଲେ ବାଛୁରୀମାନେ କିମ୍ବା ଜନ୍ମ କରିବାର ୩ ଦିନ ପରେ ତହିଁରେ ଡିଆଁ ଡେଇଁ କରି ପାରିବେ । ବାଛୁରୀ ଗୁହାଳର ଦାନା ଓ ପାଣି ଦେବା ପାଇଁ ସିମେଣ୍ଟ କୁଣ୍ଡ କରିବା ଉଚିତ୍ ।

**ବାଛୁରୀକୁ ଖୁଆଇବା ପାଇଁ ଅଭ୍ୟାସ କରାଇବା**

ଯେଉଁ ବାଛୁରୀମାନଙ୍କୁ ମାଆଠାରୁ ଅଲଗା କରି ଦିଆଯାଏ ସେମାନଙ୍କୁ ଖୁଆଇବା ପାଇଁ ତାଲିମ୍ ଦେବା ଦରକାର । ଏଥିପାଇଁ ଧୈର୍ଯ୍ୟ ଆବଶ୍ୟକ । କାରଣ କଅଁଳା ବାଛୁରୀ ଗୋଟିଏ ପାତ୍ରରୁ ସହଜରେ କ୍ଷୀର ପିଏ ନାହିଁ । ଗୋଟିଏ ପରିଷ୍କାର ଚଟକା ମୁହାଁ ପାତ୍ରରେ କ୍ଷୀର ନେଇ ତାହାକୁ ବାଛୁରୀ ମୁହଁ ପାଖରେ ରଖନ୍ତୁ । ବାଛୁରୀ ପାଟିରେ ଆଙ୍ଗୁଠି ପୁରାଇଲେ ସେ ତାହାକୁ ଚୁଚୁମିବାରେ ଆରମ୍ଭ କରେ । ସେହି ଅବସ୍ଥାରେ ବାଛୁରୀ ମୁହଁକୁ ପାତ୍ର ଭିତରେ ଲଗାଇ ଦେଲେ ବାଛରୀ ଆସ୍ତେ ଆସ୍ତେ ପାତ୍ରରୁ କ୍ଷୀର ପିଇବାକୁ ଆରମ୍ଭ କରେ । ଏହା କରିବା ପାଇଁ ୪-୫ ଥର ଅଭ୍ୟାସ କରାଇବା ଉଚିତ୍ ।

ବାଛୁରୀ ପ୍ରାୟ ୨ ସପ୍ତାହର ହୋଇଗଲା ପରେ ତାହାକୁ ଆସ୍ତେ ଆସ୍ତେ ଅଳ୍ପ ଅଳ୍ପ ଦାନା ଦେବା ଉଚିତ୍ । ପ୍ରଥମେ ତା ମୁହଁରେ ଦାନାରୁ କିଛି ଘସି ଦେଲେ ସେ ତାହାକୁ ଚାଟିବାକୁ ଆରମ୍ଭ କରେ । ଏହିପରି ଭାବରେ ୨-୪ ଥର କରିବା ପରେ ସେ ଦାନା ଖାଇବାକୁ ଆରମ୍ଭ କରେ । ବାଛୁରୀଟି ୪ ମାସରେ ହୋଇଗଲା ପରେ ତାହାକୁ ପୁରା ଦାନା ଦିଆଯାଇପାରେ ।

### ଋତୁମତୀ ଗାଈର ଲକ୍ଷଣ

ଛଡ଼ାଟିଏ ଜନ୍ମ କରିବାକୁ ଉପଯୁକ୍ତ ହେଲେ ତାହାର ଋତୁ ଲକ୍ଷଣ ଦେଖାଯାଏ । ଗାଈମାନଙ୍କର ପ୍ରାୟ ୧୮ ରୁ ୨୩ ଦିନରେ ଋତୁ ହୋଇଥାଏ । ଏହି ସମୟରେ ନିମ୍ନଲିଖିତ ଲକ୍ଷଣ ଦେଖାଯାଏ ।

୧) ଗାଈର ଜନ୍ମ ଦ୍ୱାର ଫୁଲିଯାଏ ଏବଂ ସେଥିରୁ ସ୍ୱଚ୍ଛ ଓ ସାମାନ୍ୟ ବହଳିଆ ଲାଳ ନିର୍ଗତ ହୁଏ ।

୨) ଗାଈ ବାରମ୍ବାର ହମ୍ବାରଡ଼ି ପକାଇ ଥାଏ ।

୩) ଋତୁମତୀ ଗାଈ ଅନ୍ୟ ଗାଈମାନଙ୍କ ଉପରେ ଚଢ଼ିଯାଏ ବା ବୃଷଭ, ବଳଦ ଓ ଅନ୍ୟ ଗାଈମାନେ ମଧ୍ୟ ତା ଉପରେ ଚଢ଼ିଥାନ୍ତି ।

୪) ଗାଈ ଥରକୁ ଥର ଅଳ୍ପ ପରିମାଣରେ ପରିସ୍ରା କରେ ଓ ଲାଙ୍ଗୁଡ଼କୁ ଟେକି ରଖିଥାଏ ।

୫) ଏହି ସମୟରେ କେତେକ ଗାଈ ଭଲ ଭାବରେ ଖାଆନ୍ତି ନାହିଁ ଓ କ୍ଷୀର କମାଇ ଦେଇଥାନ୍ତି । ଏହି ଲକ୍ଷଣ ସାଧାରଣତଃ ୨୦ ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ରହେ । କିନ୍ତୁ କେତେକ ଗାଈ ବା ଛଡ଼ାଙ୍କ ପକ୍ଷେ ଏହା ୩୬ ଘଣ୍ଟା ପର୍ଯ୍ୟନ୍ତ ରହିବାର ଦେଖାଯାଇଥାଏ ।

ଋତୁର ଲକ୍ଷଣ ଦେଖାଦେବାର ୧୨ ଘଣ୍ଟା ଠାରୁ ୧୮ ଘଣ୍ଟା ମଧ୍ୟରେ ଗାଈକୁ ପ୍ରାକୃତିକ ଉପାୟରେ ଷଣ୍ଢ ଦ୍ୱାରା ସଙ୍ଗମ କରାଇବା ଉଚିତ୍ କିମ୍ବା କୃତ୍ରିମ ପ୍ରଜନନ ପ୍ରଣାଳୀ ସାହାଯ୍ୟରେ ଇଞ୍ଜେକ୍ସନ୍ ଦେବା ଦରକାର । ସାଧାରଣତଃ ସକାଳ ବେଳା ଋତୁ ହେଲେ ଉପରବେଳା ଓ ଉପରବେଳା ଋତୁ ହେଲେ ତାର ପରଦିନ ସଙ୍ଗମ କରାଇଲେ ଗାଈ ଗର୍ଭବତୀ ହେବାର ସମ୍ଭାବନା ବହୁତ ଥାଏ ।



ଆଜିକାଲି କୃତ୍ରିମ ପ୍ରଜନନ ପ୍ରଣାଳୀ ସାହାଯ୍ୟରେ ଉନ୍ନତ ଜାତିଆ ବୃଷଭ ଠାରୁ ଶୁକ୍ର ସଂଗ୍ରହ କରାଯାଇ ଗାଈମାନଙ୍କୁ ଇଞ୍ଜେକ୍ସନ୍ ଦିଆଯାଉଛି । ଏବେ ହୀମିକୃତ ଶୁକ୍ରକୁ ତରଳ ଯବକ୍ଷାରଜାନରେ ଅନେକ ବର୍ଷ ପର୍ଯ୍ୟନ୍ତ ମଧ୍ୟ ରଖାଯାଇ ପାରୁଅଛି । ତେଣୁ ସବୁବେଳେ ନିକଟ ପଶୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ କୃତ୍ରିମ ଉପାୟରେ ଇଞ୍ଜେକ୍ସନ୍ ଦେଇ ଗାଈକୁ ଗର୍ଭବତୀ କରାଇବା ଏକ ସଫଳ ବ୍ୟବସ୍ଥା ।

### ଗାଈର ବନ୍ଧ୍ୟାରୋଗ ଓ ତାହାର ପ୍ରତିକାର

ଅନେକ ସମୟରେ ଛଡ଼ା ୪ ରୁ ୫ ବର୍ଷ ହେବା ପର୍ଯ୍ୟନ୍ତ ଗର୍ଭଧାରଣ ପାଇଁ ଉପଯୁକ୍ତ ହୁଅନ୍ତି ନାହିଁ । ସାଧାରଣତଃ ଉନ୍ନତ ଶଙ୍କର କିସମ ଜାତୀୟ ଛଡ଼ା ଦେଢ଼ ବର୍ଷରୁ ୨ ବର୍ଷ ଭିତରେ ଋତୁମତୀ ହେବା ଉଚିତ୍ । ତେବେ ମାଈ ବାଛୁରୀକୁ ଯଦି ଜନ୍ମ ଦିନଠାରୁ ସୁଷମ ଖାଦ୍ୟ ମିଳେ ନାହିଁ, ତେବେ ସେହି ଛଡ଼ା ଖୁବ୍ ବିଳମ୍ବରେ ଋତୁମତୀ ହୁଏ କିମ୍ବା ବାଛୁରୀର ଜନନେନ୍ଦ୍ରୀୟ ଗଠନରେ ଯଦି କୌଣସି ଅସ୍ୱାଭାବିକତା ଥାଏ, ତେବେ ମଧ୍ୟ ସେ ଗର୍ଭଧାରଣ କରିବାକୁ ସକ୍ଷମ ହୁଏନାହିଁ । ଅନେକ ସମୟରେ ଯକ୍ଷ୍ମା, ଫାଟୁଆ, ଗୋବସନ୍ତ ପ୍ରଭୃତି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ବା ଏକ ପ୍ରକାର ହର୍ମୋନର ଅଭାବ ହେଲେ ଗାଈମାନେ ସ୍ୱାଭାବିକ ଢଙ୍ଗରେ ଋତୁମତୀ ହୋଇ ନଥାନ୍ତି ।

ପୁନଶ୍ଚ ଗାଈଟିଏ ଜନ୍ମ କରି ସାରିବାର ୨ ରୁ ୩ ମାସ ଭିତରେ ପୁଣି ଥରେ ଋତୁମତୀ ହେବା ଉଚିତ୍ । କିନ୍ତୁ ଅନେକ ସମୟରେ ଜନ୍ମ କରିବାର ବହୁଦିନ ଧରି ସେମାନେ ଗରମ ହୁଅନ୍ତି ନାହିଁ । ସୁଷମ ଖାଦ୍ୟର ଅଭାବ ହେଲେ ପ୍ରାୟ ଏହି ଅସୁବିଧା ଦେଖାଯାଇଥାଏ ।

ଏହିସବୁ ଅସୁବିଧା ହେଲେ ଆପଣ ପଶୁ ଚିକିତ୍ସକଙ୍କ ସହିତ ଶୀଘ୍ର ପରାମର୍ଶ କରିବା ଉଚିତ୍ । ଅଧିକ ଦୁଧ ଦେଉଥିବା ଗାଈମାନଙ୍କୁ ସବୁବେଳେ ସୁଷମ ଖାଦ୍ୟ, ଧାତବ ଲବଣ ଓ ପ୍ରଚୁର ପରିମାଣରେ କଞ୍ଚା ଘାସ ଦେବା ଦରକାର । କଞ୍ଚା ଘାସ ଭିଟାମିନ୍ ଏ ଯୋଗାଇଥାଏ, ଯାହାକି ଗର୍ଭାଶୟର ବିକାଶ ଦିଗରେ ସାହାଯ୍ୟ କରେ । କଞ୍ଚା ଘାସ ମିଳୁ ନଥିଲେ ଭିଟାମିନ୍ ଏ ନିୟମିତ ଦାନାରେ ମିଶାଇ ଦେବା ଉଚିତ୍ ।

## ଗାଈ ଗର୍ଭବତୀ ନ ହେବା ବା ଥରକୁ ଥର ଲେଉଟାଇବା

ଗାଈ ଋତୁ ନହେଲେ ବା ଋତୁ ହୋଇ ଗର୍ଭବତୀ ନ ହେଲେ ମାଲିକର ବହୁତ କ୍ଷତି ହୋଇଥାଏ । ଏକ ହିସାବରୁ ଜଣାଯାଇଛି ଯେ, ଶତକଡ଼ା ୪୦ ରୁ ୫୦ ଭାଗ ଗାଈ ପ୍ରଥମ ଥର ସଙ୍ଗମ ବା କୃତ୍ରିମ ପ୍ରଜନନ ଦ୍ୱାରା ଗର୍ଭବତୀ ହୋଇଥାନ୍ତି ଓ ୨୦ ରୁ ୨୫ ଭାଗ ଗାଈ ଦୁଇ ତିନି ଥର ସଙ୍ଗମ ବା ଇଞ୍ଜେକ୍ସନ୍ ଦେବା ଦ୍ୱାରା ଗର୍ଭବତୀ ହୁଅନ୍ତି । ଅବଶିଷ୍ଟ ୨୫ ଭାଗ ଗାଈ ୫/୬ ଥର ବା ତାଠାରୁ ଅଧିକ ଥର ଲେଉଟାଇ ଥାଆନ୍ତି ।

## ଗାଈ ଲେଉଟାଏ କାହିଁକି ?

ଠିକ୍ ସମୟରେ ସଙ୍ଗମ ନ କରାଇଲେ, ଗାଈର ଜନନେନ୍ଦ୍ରିୟରେ ଜୀବାଣୁ ବା ଅନ୍ୟାନ୍ୟ କ୍ଷତିକାରକ ଭୂତାଣୁ ଇତ୍ୟାଦି ରହିଥିଲେ, ଗାଈର ଗର୍ଭକୋଷରେ କୌଣସି ଅସ୍ୱାଭାବିକ ଅବସ୍ଥା ଦେଖାଦେଲେ ବା ଜନନେନ୍ଦ୍ରିୟରେ କୌଣସି ରୋଗ ଥିଲେ ସେମାନେ ବାରମ୍ବାର ଲେଉଟାଇଥାନ୍ତି । ସୁଷମ ଗୋଖାଦ୍ୟର ଅଭାବ ହେଲେ କିମ୍ବା ଦାନାରେ ଧାତବ ଲବଣ ଓ ଖାଦ୍ୟପ୍ରାଣ କ ଓ ଘ ର ଅଭାବ ହେଲେ ଗାଈ ଗରମକୁ ଆସେ ନାହିଁ । ତେଣୁ ଏହିପରି ଅବସ୍ଥା ଦେଖାଦେଲେ ଅଭିଜ୍ଞ ପଶୁ ଚିକିତ୍ସକମାନଙ୍କ ସହିତ ପରାମର୍ଶ କରି ଚିକିତ୍ସା କରାଇବା ଉଚିତ୍ । ସାଧାରଣତଃ ପଶୁ ଚିକିତ୍ସକମାନେ ଗାଈର ଗର୍ଭାଶୟକୁ ପରୀକ୍ଷା କରି ପ୍ରଥମେ ଆଣ୍ଟିବାୟୋଟିକ୍ସ୍ ଇଞ୍ଜେକ୍ସନ୍ ଦେଇ ପରେ କୃତ୍ରିମ ପ୍ରଜନନ କରାଇଥାନ୍ତି ।

## ପ୍ରତିକାର

୧) ଶୈଶବ ଅବସ୍ଥାରୁ ବାଛୁରୀ ବା ଛଡ଼ାର ଯତ୍ନ ନିଅନ୍ତୁ । ତାକୁ ସୁଷମ ଦାନା ଠିକ୍ ପରିମାଣରେ ଯୋଗାଇ ଦିଅନ୍ତୁ ଓ ପ୍ରତି ୪ ମାସରେ ଥରେ ଗୋବର ପରୀକ୍ଷା କରି କୃମିନାଶକ ଔଷଧ ଖୁଆନ୍ତୁ ।

୨) ନିୟମିତ ଭାବରେ ଧାତବ ଲବଣ ମିଶ୍ରିତ ଭିଟାମିନ୍ କ ଓ ଘ ର ବ୍ୟବହାର କରନ୍ତୁ ।

୩) ଦିନକୁ ଅତ୍ୟନ୍ତ ୨ ଥର ଗାଈ ଗୁହାଳ ପର୍ଯ୍ୟବେକ୍ଷଣ କରିବା ଦରକାର ।

୪) ଅଧିକ ସମୟ ଧରି ଗରମରେ ରହୁଥିବା ଗାଈକୁ ବିଳମ୍ବରେ ପ୍ରଜନନ ବା ହର୍‌ମୋନ୍‌ର ଚିକିତ୍ସା କରି ପ୍ରଜନନ କରାଇବା ଆବଶ୍ୟକ ।

୫) ସ୍ୱଚ୍ଛ, ଅଠାଳିଆ ଲମ୍ବା ଲାଳ ନିର୍ଗତ ସମୟରେ କୃତ୍ରିମ ପ୍ରଜନନ କରାନ୍ତୁ ।



୬) ଠିକ୍ ସମୟରେ କୃତ୍ରିମ ପ୍ରଜନନ – ଗାଈ ଗରମ ହେବାର ୧୨–୧୮ ଘଣ୍ଟା ମଧ୍ୟରେ ବା ସକାଳେ ଗରମ ଆସିଲେ ଉପରଓଳି କିମ୍ବା ଉପରଓଳି ଗରମ ଆସିଲେ ତହିଁ ଆରଦିନ ପ୍ରଜନନ କରାଇବା ଉଚିତ୍ ।

## ଶଙ୍କର ଜାତୀୟ ଗାଈମାନଙ୍କର ଯତ୍ନ

ଆଜିକାଲି ବିଦେଶରୁ ହୋଲଷ୍ଟିନ୍, ବ୍ରାଉନ୍‌ସ୍ୱିସ୍, ଜର୍ସି ଓ ରେଡ୍ ଡେନ୍ ଜାତୀୟ ଗାଈ ଅଣାଯାଇ ଆମ ଦେଶରେ ସେମାନଙ୍କ ଠାରୁ ଶଙ୍କର ଜାତୀୟ ଗାଈ ଉଦ୍ଭବ କରାଯାଉଅଛି । ଏମାନଙ୍କ ମଧ୍ୟରେ ହୋଲଷ୍ଟିନ୍ ଜାତୀୟ ଗାଈ ସବୁଠାରୁ ଅଧିକ କ୍ଷୀର ଦେଇଥାଏ । ଥରେ ଜନ୍ମ କଲେ ଏହି ଜାତୀୟ ଗାଈ ପ୍ରାୟ ୬୦୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାଏ । କିନ୍ତୁ ଜର୍ସି ଜାତୀୟ ଶଙ୍କର ଗାଈ ଆକାରରେ ଛୋଟ ହୋଇଥିବାରୁ ଗାଁ–ଗଣ୍ଡାରେ ସେମାନଙ୍କୁ ରକ୍ଷଣାବେକ୍ଷଣ କରିବା ସହଜ ହୋଇଥାଏ ।

ବୈଜ୍ଞାନିକମାନଙ୍କ ମତରେ ଶଙ୍କର ଜାତୀୟ ଗାଈ ଉଦ୍ଭବ କରିବା ସମୟରେ ସେମାନଙ୍କ ଠାରେ ଶତକଡ଼ା ୫୦ ଭାଗ ବିଦେଶୀ ରକ୍ତ ରହିବା ଉଚିତ୍ । ଆଜିକାଲି ପ୍ରାୟ ସବୁଆଡ଼େ ଏହି ଗାଈମାନଙ୍କର ଚାହିଦା ବଢୁଥିବାରୁ ସେମାନଙ୍କ ତତ୍ତ୍ୱ ନେବା ଏକାନ୍ତ ଆବଶ୍ୟକ । ଏମାନଙ୍କ ଶରୀର ଉତ୍ତାପ ସବୁବେଳେ ସମାନ ରହୁଥିବାରୁ ଯଦି ସେମାନେ ରହୁଥିବା ସ୍ଥାନରେ ଉତ୍ତାପ ବଢ଼େ ବା କମେ ତେବେ ସେଠାରେ ଗାଈମାନେ ଆସ୍ୱସ୍ତି ଅନୁଭବ କରନ୍ତି । ତେଣୁ ଖରାଦିନେ ବା ଖରା ସମୟରେ ଗଛ ଛାଇରେ ଗାଈମାନଙ୍କୁ ରଖିଲେ ସେମାନେ ଅସୁବିଧା ଭୋଗ କରନ୍ତି ନାହିଁ । ଖରାଦିନେ ଏହିସବୁ ଗାଈମାନଙ୍କୁ ଦିନକୁ ୨–୩ ଥର ଗାଧୋଇ ଦେବା ଆବଶ୍ୟକ ।

ଶଙ୍କର ଜାତୀୟ ଗାଈମାନେ ଦେଶୀ ଗାଈମାନଙ୍କ ଅପେକ୍ଷା ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ । ବିଶେଷ କରି ଏମାନଙ୍କୁ ଅଧିକ ପରିମାଣରେ ଫାଟୁଆ ଧରିଥାଏ । ସେହିପରି ମାଷ୍ଟାଇଟିସ୍ ବା ସ୍ତନହରା ରୋଗ ମଧ୍ୟ ଏମାନଙ୍କ ଠାରେ ଦେଖାଯାଏ । ତେଣୁ ଏଥିପାଇଁ ସବୁବେଳେ ସତର୍କତା ଅବଲମ୍ବନ କରିବା ଉଚିତ୍ ।

ଶଙ୍କର ଜାତୀୟ ଗାଈମାନଙ୍କ ଠାରୁ ପ୍ରତି ୨–୩ ମାସରେ କୃମି ଇତ୍ୟାଦି ମାରିବା ପାଇଁ ଔଷଧ ଦେବା ଦରକାର । ଶଙ୍କର ଜାତୀୟ ଗାଈମାନେ ଯେହେତୁ ଅଧିକ ଦୁଧ ଦେଇଥାନ୍ତି, ସେଥିପାଇଁ ସେମାନଙ୍କୁ ସବୁବେଳେ ସୁଷମ ଖାଦ୍ୟ ଦେବା ଉଚିତ୍ । ସୁଷମ ଖାଦ୍ୟ ସହିତ ଯଥେଷ୍ଟ ପରିମାଣରେ କଞ୍ଚା ଘାସ ଓ ଧାତବ ଲବଣ ମଧ ଦେବା ଉଚିତ୍ ।

## ଦୁଗ୍ଧ ଉତ୍ପାଦନ

ଆମେ ଦୁଧ ପାଇବା ପାଇଁ ହିଁ ଗାଈ ରଖିଥାଉ । ତେଣୁ ଗାଈଠାରୁ ଯେପରି ସହଜରେ ଓ ସୁବିଧାରେ ଦୁଧ ଦୁହାଁଯାଇ ପାରିବ ସେଥିପାଇଁ ଗୋପାଳକ ଦୃଷ୍ଟି ଦେବା ଉଚିତ୍ । ଆଉ ଗୋଟିଏ କଥା ମନେ ରଖିବା ଉଚିତ୍ ଯେ, ଦୁଧ ଭିତରେ ସହଜରେ ଓ ଶୀଘ୍ର ଜୀବାଣୁ ସଂକ୍ରମିତ ହୋଇଥାଏ । ଗୁହାଳ ଅପରିଷ୍କାର ରହିଲେ ବା ଗାଈର ଶରୀର ଅପରିଷ୍କାର ହେଲେ କିମ୍ବା ଦୁହିଁବା ଲୋକ ବା ଦୁହାଁ ଯାଉଥିବା ପାତ୍ର ଅପରିଷ୍କାର ହେଲେ ଦୁଧରେ ଜୀବାଣୁ ସଂଖ୍ୟା ବଢ଼ି ଯାଇଥାନ୍ତି । ତେଣୁ ପ୍ରତ୍ୟେକ ଗୋପାଳକ ଏ ଦିଗରେ ଦୃଷ୍ଟି ଦେଇ ଯେତେ ଦୂର ସମ୍ଭବ ପରିଷ୍କାର ଦୁଗ୍ଧ ଉତ୍ପାଦନ କରିବା ଉଚିତ୍ । ସେଥିପାଇଁ ନିମ୍ନଲିଖିତ କେତେଗୁଡ଼ିଏ କଥା ମନେ ରଖିବା ଉଚିତ୍ ।

୧) ଗାଈମାନଙ୍କୁ ସୁସ୍ଥ ରଖନ୍ତୁ । ରୋଗିଣା ଗାଈର କ୍ଷୀର ସଂକ୍ରମିତ ହେବାର ସମ୍ଭାବନା ଥାଏ । ଏଣୁ ସବୁବେଳେ ଗାଈମାନଙ୍କୁ ସୁସ୍ଥ ରଖିବା ଉଚିତ୍ ।

୨) ଗୁହାଳ ପରିଷ୍କାର ରଖନ୍ତୁ । ଗୁହାଳର ଚଟାଣ ସିମେଣ୍ଟ କରିବା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ଗୁହାଳକୁ ଭଲଭାବେ ଧୋଇ ପରିଷ୍କାର କରାଯାଇପାରିବ । ଗୁହାଳ ଭିତରେ ଆଲୁଅ ଓ ପବନ ଯାତାୟତ ପାଇଁ ବ୍ୟବସ୍ଥା ରଖିବା ଦରକାର । ଗୁହାଳ ଭିତରେ ବାସି ଗୋବର ବା ମୂତ ଜମାଇ ରଖନ୍ତୁ ନାହିଁ । ଏହାଦ୍ୱାରା ଗୋରୁମାନଙ୍କର ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ରହିଥାଏ ।

୩) ଗାଈ ଦୁହିଁବା ସ୍ଥାନ – ଏକ ପରିଷ୍କାର ସ୍ଥାନରେ ଗାଈ ଦୁହିଁବା ଉଚିତ୍ । ସେହି ଜାଗାରେ ଦାନା ଦେବା ପାଇଁ ମଧ୍ୟ ସିମେଣ୍ଟ କୁଣ୍ଡ ରଖିବା ଦରକାର । ଗାଈ ଦୁହିଁବା ପୂର୍ବରୁ ପରିଷ୍କାର ପାଣିରେ ପହ୍ନା ଓ ଚିରକୁ ଧୋଇ ମୋଟା କନାରେ ପୋଛିଦେବା ଉଚିତ୍ । ଅବଶ୍ୟ ପାଣିରେ ପଟାସ୍ ପକାଇ କିମ୍ବା କ୍ଲୋରିନ୍ ପାଣିରେ ଧୋଇଲେ ପହ୍ନାରେ ଲାଗିଥିବା ଜୀବାଣୁ ମରିଯାଆନ୍ତି । ଦୁହିଁବା ପୂର୍ବରୁ ଗାଈକୁ ଧୋଇ ତା ଦେହ ବ୍ରସ୍‌ରେ କୁଣ୍ଡାଇ ଦେବା ଦରକାର । ଦୁହିଁବା ଲୋକ ମଧ ହାତକୁ ସାବୁନ୍‌ରେ ଧୋଇ ଦୁଧ ଦୁହିଁବା ଉଚିତ୍ ।

୪) ଗାଈ ପହ୍ନାଇଲା ପରେ ଖୁବ୍ ଶୀଘ୍ର ଶୀଘ୍ର ଦୁହିଁଦେବା ଉଚିତ୍ । ୪–୫ ମିନିଟ୍ ଭିତରେ ଦୁଧ ନ ଦୁହିଁଲେ ଗାଈ କ୍ଷୀର ମାରି ଦେଇପାରେ । ଦୁଧକୁ ପରିଷ୍କାର ବାସନରେ ରଖିବା ଏକାନ୍ତ ଆବଶ୍ୟକ ।

୫) ଆଜିକାଲି ମେସିନ୍ ସାହାଯ୍ୟରେ ଗାଈ ଦୁହାଁ ଯାଉଅଛି । କିନ୍ତୁ ଆମ ଦେଶରେ ପ୍ରାୟ ଚାଷୀମାନେ ହାତରେ ଦୁହିଁଥାନ୍ତି । ଦୁଧ ଦୁହାଁ ଏକ କଳା ଓ ଏହା ଅଭ୍ୟାସ ଉପରେ ନିର୍ଭର କରିଥାଏ । ଶୁଖିଲା ହାତରେ ଦୁଧ ଦୁହିଁବା ସବୁଠାରୁ ଭଲ । ଅନେକ ଓଦା ହାତରେ ଗାଈ ଦୁହିଁଥାନ୍ତି । ଏହାଦ୍ୱାରା ଚିର ପାଟି ଖଣ୍ଡିଆ ହେବାର ସମ୍ଭାବନା ଥାଏ ।

୬) ଗାଈମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦୁହିଁବା ଉଚିତ୍ । ସାଧାରଣତଃ ସକାଳେ ଓ ସଞ୍ଜବେଳେ ଗାଈ ଦୁହାଁଯାଏ, କିନ୍ତୁ ଅଧିକ କ୍ଷୀର ଦେଉଥିବା ଗାଈମାନଙ୍କୁ ୩ ଥର ଦୁହିଁବା ଦରକାର । ଏହାଦ୍ୱାରା ଗାଈଠାରୁ ଅଧିକ କ୍ଷୀର ମିଳିଥାଏ ।

## ଗୋପାଳନରେ ସଫଳତା ପାଇଁ କେତେକ ଜାଣିବା କଥା

୧) ମନେ ରଖିବା ଉଚିତ୍ ଯେ ଗାଈର ପ୍ରତ୍ୟେକ କାମ ନିୟମିତ କରିବା ଦରକାର । ତାର ଖାଇବା, ଦୁହିଁବା, ବାହାରକୁ ଯିବା ଇତ୍ୟାଦି କାମ ଗୋଟିଏ ସମୟରେ ହେବା ଦରକାର ।

୨) ଗୋପାଳନ କରିବାକୁ ହେଲେ ଗୋପାଳକ ଧୈର୍ଯ୍ୟ ରକ୍ଷା କରିବା ଦରକାର । ଗାଈମାନଙ୍କୁ ବାଡ଼େଇବା ଭଲ ଗୋପାଳକର କାମ ନୁହେଁ । ତେଣୁ ଗାଈମାନଙ୍କୁ ଆଦରର ସହିତ ରଖିବା ଉଚିତ୍ । କୌଣସି କାରଣରୁ ଯଦି ଗାଈ ହୁରୁଡ଼ି ଥାଏ ତେବେ ତାକୁ ସେହି ସମୟରେ ବ୍ୟସ୍ତ କରିବା ଉଚିତ୍ ନୁହେଁ ।

୩) ଗାଈମାନଙ୍କୁ ପ୍ରତିଦିନ କିଛି ସମୟ ବାହାରେ ବୁଲିବାକୁ ଦେବା ଦରକାର । ପରୀକ୍ଷା ଦ୍ୱାରା ଜଣାଯାଇଅଛି ଯେ ଗାଈମାନେ ପ୍ରତିଦିନ ପ୍ରାୟ ୯ ରୁ ୧୫

ଘଣ୍ଟା ପର୍ଯ୍ୟନ୍ତ ଶୋଇ ରହିଥାନ୍ତି । ଏହି ସମୟରେ ସେମାନେ ପାକୁଳେଇଥାନ୍ତି । ଗାଇ ମାନଙ୍କର ବୁଲିବା ପାଇଁ ଗୁହାଳ ଆଗରେ ଖୋଲା ଜାଗା ରଖିବା ଦରକାର । ପ୍ରତ୍ୟେକ ଦିନ ୨-୩ ଘଣ୍ଟା ବାହାରେ ବୁଲିଲେ ସେମାନଙ୍କ ପାଇଁ ଯଥେଷ୍ଟ ବ୍ୟାୟାମ ହୋଇଥାଏ ।

୪) ଦୁଧିଆଳୀ ଗାଇମାନଙ୍କୁ ପରିଷ୍କାର ରଖିବା ଦରକାର । ପ୍ରତିଦିନ ଗୋଟିଏ ବ୍ରସ୍‌ରେ ସେମାନଙ୍କ ଦେହକୁ କୁଣ୍ଡାଇଦେଲେ ଚର୍ମ ପରିଷ୍କାର ରହେ ଏବଂ ଚିକ୍‌କଣ ହୁଏ ।

୫) ଦୁଧିଆଳୀ ଗାଇମାନଙ୍କର ଶିଙ୍ଘ ରଖିବା ଉଚିତ୍ ନୁହେଁ । କାରଣ ଶିଙ୍ଘ ଥିଲେ ସେମାନଙ୍କୁ ଚଳାଇବା କଷ୍ଟକର ହୋଇଥାଏ । ବାଛୁରୀ ଜନ୍ମ ହେବାର ୭ ଦିନ ଠାରୁ ୧୦ ଦିନ ଭିତରେ ରାସାୟନିକ ପ୍ରକ୍ରିୟା ଦ୍ୱାରା ଶିଙ୍ଘ ଉଠିବା ବନ୍ଦ କରି ଦିଆଯାଇ ପାରେ । ବାଛୁରୀ ଶିଙ୍ଘ ଉଠୁଥିବା ଜାଗାର ଚାରିପଟୁ ରୁମଗୁଡ଼ିକ କାଟି ଶିଙ୍ଘ ମୂଳର ଚାରିପଟେ ଗ୍ରିଜ୍ ବା ଭେସିଲିନ୍ ଲଗେଇ ଦିଆଯାଏ । ଏକ କଷ୍ଟିକ୍ ପଟାସ୍ ଖଣ୍ଡକୁ କାଗଜରେ ଧରି ଶିଙ୍ଘ ଉଠୁଥିବା ଜାଗାରେ ରକ୍ତ ବାହାରିବା ପର୍ଯ୍ୟନ୍ତ ଆସ୍ତେ ଆସ୍ତେ ଘଷାଯାଏ । ଏହାଦ୍ୱାରା ଭବିଷ୍ୟତରେ ଆଉ ଶିଙ୍ଘ ଉଠେନାହିଁ । ବିଦ୍ୟୁତ ଚାଳିତ ଶିଙ୍ଘକଟା ଯନ୍ତ୍ର ମଧ୍ୟ ବାହାରେ ମିଳୁଛି ।

୬) ଖୁରା କାଟିବା - ଗାଇମାନଙ୍କୁ ସବୁବେଳେ ଗୁହାଳେ ବାନ୍ଧି ରଖିଲେ ସେମାନଙ୍କର ଖୁରା ବଢ଼ିଯାଏ । ଏହା ଫଳରେ ସେମାନେ ଭଲ ଭାବରେ ଚାଲି ପାରନ୍ତି ନାହିଁ । ତେଣୁ ଖୁରା ବଢ଼ିଥିଲେ ସେଗୁଡ଼ିକୁ କାଟିଦେବା ଉଚିତ୍ । ପଶୁଡାକ୍ତରଙ୍କ ଦ୍ୱାରା ଏହି କାମ କରାଇବା ଦରକାର ।

୭) ପିଇବା ପାଣି - ଦୁଧିଆଳୀ ଗାଇମାନଙ୍କୁ ଯଥେଷ୍ଟ ପିଇବା ପାଇଁ ଦେବା ଉଚିତ୍ । ସାଧାରଣତଃ ଦିନକୁ ୧୦ ଲିଟର କ୍ଷୀର ଦେଉଥିବା ଗାଇମାନଙ୍କ ପାଇଁ ପ୍ରାୟ ୮୦ ରୁ ୧୦୦ ଲିଟର ପାଣି ଦରକାର ହୋଇଥାଏ । ତେଣୁ ତାହା ନିକଟରେ ସବୁବେଳେ ଯଥେଷ୍ଟ ପରିଷ୍କାର ପାଣି ରଖିବା ଦରକାର । ଏହି କାରଣରୁ ବିଦେଶରେ ଗାଇ ବନ୍ଧା ହେବା ସ୍ଥାନରେ ସ୍ୱୟଂଚାଳିତ ପାଣିକୁଣ୍ଡ ସବୁ ରହିଥାଏ ।



## ଗାଇମାନଙ୍କର କେତେକ ବଦଭ୍ୟାସ

୧) ନିଜର କ୍ଷୀର ନିଜେ ପିଇବା - କେତେକ ଗାଇ ଆପଣା ଚିରରୁ ଦୁଧ ପିଇଯାଆନ୍ତି । ଏପରିକି ଅନ୍ୟ ଗାଇର ଚିରରୁ ମଧ୍ୟ ଦୁଧ ପିଇଥାନ୍ତି । ଏପରି ହେଲେ ଗାଇଠାରୁ ସବୁ ଦୁଧ ପାଇବା କଷ୍ଟକର ହୋଇଥାଏ । ଏହି ପ୍ରକାର ଗାଇର ଥୋମଣିରେ ଏକ ପ୍ରକାରର ତୁଣ୍ଡି ବାନ୍ଧିଦେଲେ ସେ ଅନ୍ୟ ଗାଇଠାରୁ ପିଇପାରେ ନାହିଁ । ତେବେ ଗାଇକୁ ଛୋଟ କରି ବାନ୍ଧିଲେ ମଧ୍ୟ ସେ ନିଜ ପହ୍ନାକୁ ପିଇପାରେ ନାହିଁ ।

୨) କେତେକ ଗାଇ ଦୁହିଁଲା ବେଳେ ନାତ ମାରିଥାନ୍ତି । ଏ ପ୍ରକାର ଗାଇକୁ ଆଶ୍ୱସନା କଲେ ସେମାନେ ସୁଧାର ହୋଇଥାନ୍ତି । ଯଦି ସବୁ ପ୍ରକାର ବ୍ୟବସ୍ଥା ପରେ ଗାଇ ନାତ ମାରେ ତେବେ ତାହାର ବେକକୁ ଉଚ୍ଚ ଜାଗାରେ ବାନ୍ଧିବା ଦରକାର କିମ୍ବା ଦୁହିଁବା ସମୟରେ ପେଟତଳୁ ପହ୍ନା ପାଖରୁ ଗୋଟିଏ ଦଉଡ଼ି ଆଣି ପିଠି ଉପରେ ତାହାକୁ ଗଣ୍ଠି ପକାଇ ବାନ୍ଧିଦେଲେ ନାତ ମାରିବା ବନ୍ଦ ହୋଇଯାଏ ।

## ଗୋପାଳନ ପାଇଁ ବିଭିନ୍ନ ଖାତା

ଜଣେ ଭଲ ଗୋପାଳକ ନିଜ ଫାର୍ମର ସୁପରିଚାଳନା ପାଇଁ ହିସାବ କିତାବ ରଖିବା ଉଚିତ୍ । ସରକାରୀ ଫାର୍ମମାନଙ୍କରେ ଅନେକ ପ୍ରକାରର ଖାତା ପତ୍ର ରଖାଯାଇଥାଏ । ତେବେ ଘରୋଇ ଗୋପାଳକ ମାନେ ନିମ୍ନଲିଖିତ କେତୋଟି ଖାତା ରଖିବା ଏକାନ୍ତ ଆବଶ୍ୟକ ।

୧) ଦୁଗ୍ଧ ଉତ୍ପାଦନ ଖାତା - ଏହି ଖାତାର ପ୍ରତ୍ୟେକ ଗାଇ ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ଦେଉଥିବା ଦୁଗ୍ଧର ପରିମାଣ ଲେଖାଯାଏ । ଫଳରେ ଗୋଟିଏ ଗାଇଠାରୁ ସମୁଦାୟ କେତେ କ୍ଷୀର ମିଳିଥାଏ ସହଜରେ ଜଣାପଡ଼େ ।

୨) ଦାନା ଦେବା ଖାତା - ପ୍ରତି ଗାଇକୁ କେତେ ଦାନା ଦିଆ ଯାଉଅଛି ତାହାର ହିସାବ ଏହି ଖାତାରେ ଲେଖାଯାଏ ।

୩) ଗାଈ ଜନ୍ମ କରିବା ହିସାବ ଖାତା – ଏଥିରେ ପ୍ରତ୍ୟେକ ଗାଈର ଋତୁ ହେବା ଦିନ, ଗର୍ଭଧାରଣ ଦିନ ଓ ଜନ୍ମ କରିବା ଦିନ ସମ୍ବନ୍ଧୀୟ ବିବରଣୀ ଲେଖା ଯାଇଥାଏ ।

୪) ହିସାବ ଖାତା – ଏଥିରେ ଫାର୍ମରେ ଦୈନିକ, ମାସିକ ଓ ବାର୍ଷିକ ଆୟ ବ୍ୟୟ ଇତ୍ୟାଦି ସବୁ ଲେଖାଯାଏ । ଏହାଛଡ଼ା ଅନେକ ଗୋପାଳକ ଗାଈମାନଙ୍କର ବଂଶବଳୀ ରୋଗ ଓ ଚିକିତ୍ସା ସହିତ ପ୍ରତ୍ୟେକ ବାଛୁରୀ ବିଷୟରେ ମଧ୍ୟ ଟିକିନିଖି ବିବରଣୀ ରଖିଥାନ୍ତି । ତେବେ ଏ ବିଷୟରେ ଅଭିଜ୍ଞ ଚାଷୀ ବା ପଶୁପାଳକ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରି ଖାତା ରଖିବା ଉଚିତ୍ ।

*****


*ମୂଳ ବିଷୟବସ୍ତୁ*

**ଡଃ ବିବେକାନନ୍ଦ ମହାନ୍ତି**

**ଡଃ ରମାରଞ୍ଜନ ରାଉତ**

**ଡଃ ସୁଧୀର ଚନ୍ଦ୍ର ମହାନ୍ତି**

*ସଂଶୋଧିତ ବିଷୟବସ୍ତୁ*

**ଡଃ ଲକ୍ଷ୍ମଣ କୁମାର ବାବୁ, ପ୍ରଫେସର**

*ପ୍ରାଣୀଧନ ଉତ୍ପାଦନ ଓ ପରିଚାଳନା ବିଭାଗ*

*ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ*

*ଭୁବନେଶ୍ୱର*



ଓୟୁଏଟି ପ୍ରେସ୍, ୫୦୦–୨୦୧୪




ଏଠାରୁ ଚିରନ୍ତୁ

## ଗୋପାଳନ (ପଞ୍ଚମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ


**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର–୩


ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ଗୋଟିଏ ଗାଈ ଗର୍ଭଧାରଣ କରିବାର କେତେ ଦିନ ପରେ ବାଛୁରୀ ଜନ୍ମ କରିଥାଏ ?

ଉ–

ପ୍ର. ୨ – ବାଛୁରୀ ଜନ୍ମ ହେବାର ୭୨ ଘଣ୍ଟା ପର୍ଯ୍ୟନ୍ତ ଗାଈ ଚିରରୁ ଯେଉଁ କ୍ଷୀର ବାହାରେ ତାକୁ କ'ଣ କହନ୍ତି ?

ଉ.–

ପ୍ର. ୩– ବାଛୁରୀ ଜନ୍ମ ହେବା ପରେ ତାର ଶିଙ୍ଘ ନ ଉଠିବା ପାଇଁ କ'ଣ କରିବେ ?

ଉ.–

ପ୍ର. ୪ – ଗୋପାଳନ କରିବାକୁ ହେଲେ ଆପଣଙ୍କୁ କି କି ଖାତା ରଖିବାକୁ ହେବ ?

ଉ.–

ପ୍ର. ୫ – ବାଛୁରୀମାନଙ୍କୁ ଜନ୍ମର କେତେଦିନ ପରେ ଦାନା ଦେବା ଆରମ୍ଭ କରାଯାଏ ?

ଉ.–

ଚାଷୀଙ୍କ ସ୍ୱାକ୍ଷର –

ଡାକ ଠିକଣା

କ୍ରମିକ ନଂ –

ତାରିଖ –

ସପ୍ତମ ପାଠ

# ଗୋପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ .......................

## ସପ୍ତମ ପାଠ

# ଦୁଗ୍ଧଜାତ ଦ୍ରବ୍ୟ ଓ ପ୍ରସ୍ତୁତି କରଣ

ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଭାରତ ପୃଥିବୀରେ ପ୍ରଥମ । ବର୍ତ୍ତମାନ ଭାରତ ସରକାର ଦ୍ୱିତୀୟ ଶ୍ୱେତ ବିପ୍ଳବ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ସେଥିପାଇଁ ସରକାର ଜାତୀୟ ଦୁଗ୍ଧ ମିଶନ ଓ ରାଷ୍ଟ୍ରୀୟ ଦୁଗ୍ଧ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି । ଆମ ଦେଶରେ ଉତ୍ପାଦିତ ଦୁଗ୍ଧର ପରିମାଣ ୧୨୧ ମିଲିୟନ୍ ଟନ୍ । ଏହାର ଶତକଡ଼ା ୬୦ ଭାଗ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର ହୁଏ ଓ ଅବଶିଷ୍ଟ ୪୦ ଭାଗ କ୍ଷୀର ହିସାବରେ ପ୍ରକ୍ରିୟାକରଣ ହୋଇ ବିକ୍ରୟ ହୋଇଥାଏ । ବର୍ତ୍ତମାନ ବଜାରରେ ବିଭିନ୍ନ ପ୍ରକାରର ଦୁଗ୍ଧଜାତ ଦ୍ରବ୍ୟ ଉପଲବ୍ଧ ହେଲାଣି ଏବଂ ଏଥିପ୍ରତି ଲୋକମାନଙ୍କର ଆଦର ବଢ଼ିଲାଣି । ଏହାର ପ୍ରସ୍ତୁତ କରିବା ଦ୍ୱାରା ଆମ ଦୁଗ୍ଧ ଚାଷୀ ଓ ପ୍ରସ୍ତୁତକାରୀ ବେଶ୍ ଲାଭବାନ୍ ହୋଇପାରୁଛନ୍ତି । ସେଗୁଡ଼ିକ ମଧ୍ୟରୁ କେତୋଟିର ବର୍ଣ୍ଣନା ନିମ୍ନରେ କରାଯାଇଅଛି, ଯଥା : ଖୁଆ, ଛେନା, ସୁବାସିତ ଦୁଗ୍ଧ, ଦହି, ପନିର, ଘୋଳଦହି, ଲସି ଓ ଘିଅ ଇତ୍ୟାଦି ।

**ଖୁଆ**

ଏହା ଏକ ଦେଶୀୟ ଦୁଗ୍ଧଜାତ ଦ୍ରବ୍ୟ । ଏହାର ପ୍ରସ୍ତୁତି ଆମ ଦେଶରେ ବହୁ ପୁରାତନ ସମୟରୁ ଆଦୃତ ହୋଇଅଛି । ଏହାର ପ୍ରସ୍ତୁତି ପାଇଁ ଆମକୁ ଅଧିକ ପରିମାଣର ମଇଁଷି ଦୁଗ୍ଧ ଦରକାର ବା ବରଡ଼ିଆ ଗାଈ କ୍ଷୀର ମଧ୍ୟ ବ୍ୟବହାର କରାଯାଇପାରେ ।

*ପ୍ରସ୍ତୁତି ପ୍ରଣାଳୀ :* କ୍ଷୀର ଦୁହିଁ ସାରିବାର ୧ ଘଣ୍ଟା ମଧ୍ୟରେ କଞ୍ଚା କ୍ଷୀରକୁ ଏଥିପାଇଁ ବ୍ୟବହାର କରିବା ଉଚିତ୍ । କ୍ଷୀରକୁ ଏକ କରେଇରେ ଗରମ କର ଏବଂ ଗରମ କରିବା ସମୟରେ ଏହାକୁ ସବୁବେଳେ ଗୋଟିଏ ଖଡ଼ିକା ଦ୍ୱାରା ଗୋଳାଅ । ଯେପରି

କରେଇ ତଳଭାଗରେ କୌଣସି ଦୁଗ୍ଧର ଉପାଦାନ ପୋଡ଼ି ନଯାଏ । କିଛି ସମୟ ପରେ ଦୁଗ୍ଧ ଫୁଟିବାକୁ ଆରମ୍ଭ କରି ଆସ୍ତେ ଆସ୍ତେ ଏହାର ଜଳୀୟ ଅଂଶ ବାଷ୍ପୀଭୂତ ହୋଇ ଆସ୍ତେ ଆସ୍ତେ ଏହାର ରଙ୍ଗ ବାଦାମୀ ହୋଇଥାଏ । ଏହାର ଅର୍ଦ୍ଧ ତରଳ ଓ ଘନୀଭୂତ ଅବସ୍ଥାକୁ ରାବିଡ଼ି କୁହନ୍ତି । ଏହାର ଏଇ ଅବସ୍ଥା ଆସିଗଲେ ଉତ୍ତାପ କମାଇ ଦିଅ ଏବଂ ଲିଭିଲା ନିଆଁରେ ବସାଇ ଗୋଳାଅ ଯେତେବେଳେ ଆଉ ଖଡ଼ିକାରେ ଗୋଳାଇ ହେବ ନାହିଁ । ସେଇ ସମୟରେ ଏହାକୁ ଚୁଲିରୁ ତଳକୁ ଆଣି ଖେଳାଇ କରେଇରେ ରଖ । କିଛି ସମୟ ପରେ ଏହାର ଜଳୀୟ ଅଂଶ ଶୁଖିଯିବ ଏବଂ ଏହା ଧିରେ ଧିରେ କରେଇରେ ଲାଗିବା ଆରମ୍ଭ କରିବ । କିଛି ସମୟ ଖୋଲା ପବନରେ ରଖି ଶୁଖିଲା କରିଦିଅ । ଯେତେବେଳେ ଏହା ଥଣ୍ଡା ହୋଇ ଆସେ ଏହାକୁ ଗୋଳାଇ ଗୋଲକରି ଏକ ପେଣ୍ଡୁ ଆକାର ଭଳି ଗଢ଼ । ତାପରେ ଏହାକୁ ଏକ ଜରିରେ ପୁରାଇ ମହମବତୀ ଓ ଦିଆସିଲିରେ ସିଲ୍‌କରି ରଖିଦେଲେ ଏହା ବହୁତ ଦିନ (୩ ମାସ) ପର୍ଯ୍ୟନ୍ତ ରହିପାରିବ । ପରେ ଏହାକୁ ବିଭିନ୍ନ ଦୁଗ୍ଧଜାତ ପଦାର୍ଥ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ଖୁଆରୁ ବିଭିନ୍ନ ପ୍ରକାର ମିଠା ପ୍ରସ୍ତୁତ କରାଯାଇ ପାରିବ । ସେଥିପାଇଁ ବିଶେଷତଃ ପର୍ବପର୍ବାଣୀ ମାନଙ୍କରେ ଏହାର ଚାହିଦା ବଜାରରେ ଅଧିକ ।

ଗାଇ କ୍ଷୀରରୁ ପ୍ରସ୍ତୁତ ଖୁଆ ପ୍ରତି ଲିଟରରେ ୧୫୦ ରୁ ୧୯୦ ଗ୍ରାମ୍ ପ୍ରସ୍ତୁତ ହୋଇଥାଏ । ମାତ୍ର ମଇଁଷି କ୍ଷୀରରେ ଏହା ୨୧୦ ରୁ ୨୫୦ ଗ୍ରାମ୍ ମିଳିଥାଏ । ଖୁଆକୁ ବ୍ୟବହାର କରି ପେଡ଼ା, ବରଫି ଓ ଗୋଲାପଜାମୁଁ ଭଳି ମିଠା ପ୍ରସ୍ତୁତ କରାଯାଇଥାଏ ଯାହାର ଚାହିଦା ବଜାରରେ ବହୁତ ଅଧିକ । ଏହା ପ୍ରସ୍ତୁତ କରିବା ଦ୍ୱାରା ଜଣେ ଦୁଗ୍ଧ ଚାଷୀ ଅଧିକ ଲାଭବାନ ହୋଇଥାଏ ।

**ଖୁଆର ଗୁଣାତ୍ମକମାନ (ଶତକଡ଼ାରେ)**

| ବିଭିନ୍ନ ପ୍ରକାର କ୍ଷୀର | ଜଳୀୟ ଅଂଶ | ସ୍ନେହସାର | ପୁଷ୍ଟିସାର | ଶ୍ୱେତସାର | ଧାତବ ଲବଣ ଇତ୍ୟାଦି |
|---|---|---|---|---|---|
| ମଇଁଷି | ୧୯.୨ | ୩୭.୧ | ୧୭.୮ | ୨୨.୧ | ୩.୮ |
| ଗାଇ | ୨୫.୨ | ୨୬.୭ | ୧୯.୨ | ୨୫.୫ | ୩.୪ |



## ଛେନା

ଆଜିକାଲି ଆମ ସହରମାନଙ୍କରେ ଏହାର ଚାହିଦା ବହୁତ ଅଧିକ । ଏହାର ପ୍ରସ୍ତୁତ ପାଇଁ ଆମେ ସାଧାରଣତଃ ମଇଁଷି ବା ବରଡ଼ିଆ ଗାଇ କ୍ଷୀର ବ୍ୟବହାର କରିଥାଉ । ଏହାର ବ୍ୟବହାର ପୂର୍ବ ଭାରତରେ ଅଧିକ ।

*ପ୍ରସ୍ତୁତି ପ୍ରଣାଳୀ :* କ୍ଷୀରକୁ ଗୋଟିଏ ପରିଷ୍କାର କରେଇରେ ଦୁହିଁବାର ୧ ଘଣ୍ଟା ମଧ୍ୟରେ ଗରମ କର । ଗରମ କରିବା ସମୟରେ ଖଡ଼ିକାରେ ଭଲ ଭାବରେ ଗୋଳାଇ ମିଶାଅ ଯେପରିକି ତଳେ କୌଣସି ଉପାଦାନ ନ ପୋଡ଼ିଯାଏ । କ୍ଷୀର ଫୁଟିବା ପରେ ଏହାକୁ ତଳକୁ ନେଇ ଆସ ଏବଂ ଗ୍ୟାସ୍ ଚୁଲିକୁ ବନ୍ଦକର । ଏହାକୁ ଭଲଭାବରେ ଗୋଳାଇ ମିଶାଅ । କିଛି ସମୟ ପରେ ଏହାର ଉତ୍ତାପ କମି ଆସିଥାଏ । ଯେତେବେଳେ ଏହାର ଉତ୍ତାପ ୭୦° ସେଲ୍‌ସିୟସ୍ ଆସିବ ସେଇ ସମୟରେ ଏଥିରେ ଛେନାପାଣି ବା ଭିନେଗାର ମିଶ୍ରଣ ମିଶାଅ ଓ ଗୋଳାଅ । କିଛି ସମୟ ମଧ୍ୟରେ ଛେନା ଛିଣ୍ଡିବା ଆରମ୍ଭ ହୋଇଯିବ । ସେଇ ସମୟରେ ଆଉ ଭିନେଗାର ବା ଛେନାପାଣି ଏଥିରେ ମିଶାଅ ନାହିଁ । ଗୋଳାଇବା ସମୟରେ ଛେନା ଓ ଛେନାପାଣି ଅଲଗା ହୋଇ ଭାସିବାର ଦେଖାଯିବ ।

ତା ପରେ ତାକୁ ଗୋଟିଏ ସଫା ଧଳା କନାରେ ଛାଣି ଛେନାକୁ ଅଲଗା କର । ଏହି ଛେନା ବଜାରରେ ବିକ୍ରି ପାଇଁ ଆସିଥାଏ । ଯଦି ଛେନା ଗାଇ କ୍ଷୀରରୁ ପ୍ରସ୍ତୁତ ହୋଇଥାଏ ତେବେ ତାହା ରସଗୋଲା ପ୍ରସ୍ତୁତରେ ବ୍ୟବହାର ହୋଇଥାଏ । କାରଣ ମଇଁଷି କ୍ଷୀର ଛେନାରେ ଭଲ ରସଗୋଲା ହୁଏ ନାହିଁ । ଅନ୍ୟାନ୍ୟ ଛେନା ମିଠା ଯଥା– ଛେନାପୋଡ଼, କ୍ଷୀରଗଜା ଇତ୍ୟାଦି ପ୍ରସ୍ତୁତ ହୋଇଥାଏ ।

ଗାଇ କ୍ଷୀର ବରଡ଼ିଆ ହୋଇଥିଲେ ଏଥିରୁ ଅଧିକ ଛେନା ମିଳିଥାଏ । ଏହା ସାଧାରଣତଃ ଗୋଟିଏ ଲିଟର ଗାଇ କ୍ଷୀରରୁ ଶତକଡ଼ା ୨୦ ହାରରେ ଏବଂ ମଇଁଷି କ୍ଷୀରରୁ ଶତକଡ଼ା ୨୫ ହାରରେ ଛେନା ମିଳିଥାଏ ।

## ବିଭିନ୍ନ ଦୁଗ୍ଧରୁ ପ୍ରସ୍ତୁତ ଛେନାର ଗୁଣାତ୍ମକମାନ (ଶତକଡ଼ାରେ)

| ପ୍ରାଣୀ | ଜଳ | ସ୍ନେହସାର | ପୁଷ୍ଟିସାର | ଶ୍ୱେତସାର | ଧାତୁସାର |
|---|---|---|---|---|---|
| ମଇଁଷି | ୫୧.୬ | ୨୯.୬ | ୧୪.୪ | ୨.୩ | ୨.୧ |
| ଗାଇ | ୫୩.୪ | ୨୪.୮ | ୧୭.୪ | ୨.୧ | ୨.୩ |

### ସୁବାସିତ ଦୁଗ୍ଧ

ଏହି ଦୁଗ୍ଧରେ କିଛି ପରିମାଣରେ ଏସେନ୍‌ସ୍ ମିଶାଯାଇ ପ୍ରସ୍ତୁତ ହୋଇଥାଏ । ଏଥିରେ ସାଧାରଣତଃ ଦୁଇ ଶତାଂଶ ସ୍ନେହସାର ଥାଏ ଓ ୮.୫ ଶତାଂଶ ସ୍ନେହସାର ବିହୀନ ଖାଦ୍ୟସାର ଥାଏ । ଏହାକୁ ବିକଳ୍ପ ମୃଦୁ ପାନୀୟ ରୂପ ବ୍ୟବହାର କରାଯାଇପାରେ ।

*ପ୍ରସ୍ତୁତି ପ୍ରଣାଳୀ :* ୧ ଲିଟର ଗାଈ କ୍ଷୀରରେ (୪ ଶତାଂଶ ସ୍ନେହସାର ଓ ୮.୫ ଶତାଂଶ ସ୍ନେହସାର ବିହୀନ ଖାଦ୍ୟସାର) ୧ ଲିଟର ପାଣି ମିଶାଇ ପ୍ରାୟ ୧୦ ମିନିଟ୍ ଫୁଟାଅ । ଫୁଟାଇବା ସମୟରେ ଲିଟର ପ୍ରତି ୮୦ ଗ୍ରାମ୍ ଚିନି ପକାଇ ଚଟୁ ସାହାଯ୍ୟରେ ଘାଣ୍ଟ ଯେପରି କ୍ଷୀରର କୌଣସି ଉପାଦାନ ପୋଡ଼ି ନ ଯାଏ । କ୍ଷୀର ଫୁଟିଲା ପରେ ତଳକୁ ଓହ୍ଲାଇ ଦିଅ ଓ ଥଣ୍ଡା କର । ଦୁଗ୍ଧ ସମ୍ପୂର୍ଣ୍ଣ ଥଣ୍ଡା ହେଲା ପରେ ଏଥିରେ ଏସେନ୍‌ସ୍ ଲିଟର ପ୍ରତି ୫ ମି.ଲି. ହିସାବରେ ପକାଇ ଗୋଳାଇ ଦିଅ । ଏହାପରେ ଏହି ସୁବାସିତ ଦୁଗ୍ଧକୁ ୨୦୦ ମିଲିଲିଟର ଚଉଡ଼ା ମୁହଁ ବୋତଲରେ ଭର୍ତ୍ତି କରି ଏକ ଟିଣ କ୍ୟାପ୍ ଦ୍ୱାରା ସିଲିଂ ମେସିନ୍‌ରେ ସିଲ୍ କର । ଏହି ମୁହଁ ବନ୍ଦ କ୍ଷୀର ବୋତଲକୁ ଏକ ଅଟୋକ୍ଲେଭ୍ ମଧ୍ୟରେ ରଖି ବିଦ୍ୟୁତ୍ ସାହାଯ୍ୟରେ ୧୨୦° ସେଲ୍‌ସିୟସ୍ ଉତ୍ତାପରେ ୧୫ ମିନିଟ୍ ପର୍ଯ୍ୟନ୍ତ ଗରମ କର । ଫଳରେ ଏହା ମଧ୍ୟରେ ଥିବା ସମସ୍ତ ଜୀବାଣୁ ମରିଯାଇଥାନ୍ତି । ଏହି ସୁବାସିତ ଦୁଗ୍ଧ ବୋତଲକୁ ଅଟୋକ୍ଲେଭ୍ ମଧ୍ୟରୁ ବାହାର କରି ସାଧାରଣ ଉତ୍ତାପ ମଧ୍ୟରେ ଗୋଟିଏ କୋଠରୀରେ ରଖି ଥଣ୍ଡା କର । ଥଣ୍ଡା ହେବା ପରେ ଏହା ବଜାରକୁ ବିକ୍ରୀ ପାଇଁ ପଠାଯାଇଥାଏ । ଏହି ପ୍ରସ୍ତୁତ ସୁବାସିତ କ୍ଷୀର ସାଧାରଣ ତାପମାତ୍ରାରେ ୩ ମାସ ପର୍ଯ୍ୟନ୍ତ ରଖାଯାଇପାରେ । ଏହାର ବିକ୍ରୟ ସ୍ଥଳରେ ରେଫ୍ରିଜେରେଟର ରଖି ଥଣ୍ଡା କରି ବିକ୍ରି କଲେ ଏହାର ସ୍ୱାଦ ବଢ଼ିଥାଏ ଏବଂ ବଜାରରେ ଏହାର ବିକ୍ରି ବଢ଼ିଥାଏ । କାରଣ ଏହା ଏକ ଜୀବାଣୁ ବିହୀନ କ୍ଷୀର



ହୋଇଥିବାରୁ ଏହା ରୋଗୀଙ୍କ ପାଇଁ ଏବଂ ପିଲାମାନଙ୍କ ପାଇଁ ଏକ ସୁଷମ ଆହାର ଅଟେ ଏବଂ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେଣୁ ଆଜିକାଲି ବଜାରରେ ବିଭିନ୍ନ ପ୍ରକାର ସୁବାସିତ କ୍ଷୀର ତଥା ଚକୋଲେଟ୍ ଦୁଗ୍ଧ, ବାଦାମୀ ଦୁଗ୍ଧ, ବିଭିନ୍ନ ପାଚିଲା ଫଳ ଯଥା ଆମ୍ବ, ଷ୍ଟ୍ରବେରୀ ଦୁଗ୍ଧ ହିସାବରେ ବିକ୍ରୟ ହୋଇ ବଜାରରେ ଏହାର ଚାହିଦା ବଢ଼ିବାରେ ଲାଗିଛି । ତେଣୁ ଚାଷୀ ଏଥିରୁ ବିଶେଷ ଲାଭବାନ ହୋଇ ପାରୁଛି ।

### ଦହି

ପୁରାତନ ଯୁଗରୁ ଆମେ ଦହି ସହିତ ପରିଚିତ । ପୂର୍ବ ଭାରତରେ ମିଠାଦହିର ବହୁଳ ବ୍ୟବହାର କରାଯାଇଥାଏ । ସେପରି ପଶ୍ଚିମ ଭାରତରେ ଦହିରୁ ପ୍ରସ୍ତୁତ ଶ୍ରୀଖଣ୍ଡର ବ୍ୟବହାର ଅଧିକ । ଏହା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର । ବଜାରରେ ଏହା ଖଟା ଦହି ଓ ମିଠା ଦହି ରୂପେ ବିକ୍ରି ହୋଇଥାଏ ।

*ପ୍ରସ୍ତୁତି ପ୍ରଣାଳୀ :* ଦହିର ପ୍ରସ୍ତୁତି ପାଇଁ ମଇଁଷି କ୍ଷୀର ବା ବରଡ଼ିଆ ଗାଈର କ୍ଷୀର ବ୍ୟବହାର କରାଗଲେ ଭଲ ଦହି ପ୍ରସ୍ତୁତ ହୋଇଥାଏ । ଦହି ପାଇଁ ୧ ଲିଟର ୪୦୦ ମିଲିଲିଟର (୧୪୦୦ ମି.ଲି.) କଞ୍ଚାକ୍ଷୀର ନେଇ ଷ୍ଟିଲ୍ ଡେକ୍‌ଚିରେ ୧ ଲିଟର ହେବା ପର୍ଯ୍ୟନ୍ତ ଫୁଟାଅ । ଫୁଟିଲା ପରେ ଏହାକୁ ସାଧାରଣ ଉତ୍ତାପ ବା ପରିବେଶରେ ଥଣ୍ଡା କର । ଥଣ୍ଡା ହେବା ପରେ ବଜାରକୁ ୧୦୦ ଗ୍ରାମ୍ ଭଲ ବସା ଦହି କିଣି ୧ ଲିଟର ସିଝା ଥଣ୍ଡା କ୍ଷୀରରେ ଭଲ ଭାବରେ ଘାଣ୍ଟି ମିଶାଅ । ଏହା ଭଲ ଭାବରେ ମିଶିବା ପରେ ଏହାକୁ ୧୦୦ ଗ୍ରାମ୍ କାଗଜ କପ୍ ବା ମାଟି ସରାରେ ଢାଳ । ଏହି କପ୍ ଗୁଡ଼ିକୁ ଏକ ପରିଷ୍କାର ପରିଛନ୍ନ ପରିବେଶ ଘରେ କବାଟ ଝରକା ବନ୍ଦ କରି ଆଲୁଅ ଜାଳି ରଖିଦିଅ । ଏହା ରାତି ଭିତରେ ଦହିରେ ପରିଣତ ହୋଇଯିବ । ଯଦି ଜାଗା ଥଣ୍ଡା ଥାଏ ତେବେ ୨୦୦ ୱାଟ୍‌ର ବଲ୍‌ବ ଜାଳି ୫ ବା ୬ ଘଣ୍ଟା ରଖି ଘରକୁ ଉଷୁମ କରି ରଖ । ଫଳରେ ଦହିରେ ଥିବା ବିଭିନ୍ନ ବାଞ୍ଛନୀୟ ଜୀବାଣୁ ଯଥା – ଷ୍ଟ୍ରେପ୍‌ଟୋକୋକସ୍ ଲାକ୍ଟିସ୍, ଷ୍ଟ୍ରେପ୍‌ଟୋକୋକସ୍ ଡାଇଆସିଟିଲାକ୍ଟିସ୍, ଷ୍ଟ୍ରେପ୍‌ଟୋକୋକସ୍ କ୍ରିମୋରିସ୍ ଦୁଗ୍ଧକୁ ଦହିରେ ପରିଣତ କରିଥାନ୍ତି ।

ମିଠା ଦହି ପ୍ରସ୍ତୁତ ପାଇଁ କ୍ଷୀର ସିଝା ହେବା ସମୟରେ ଲିଟର ପ୍ରତି ୭୦ ରୁ ୮୦ ଗ୍ରାମ୍ ଚିନି ମିଶାଇ ଦୁଗ୍ଧକୁ ଗରମ କରାଯାଇଥାଏ । ଅନ୍ୟାନ୍ୟ ପ୍ରସ୍ତୁତି ଖଟା ଦହିର ପ୍ରସ୍ତୁତି ସହିତ ସମାନ । ଉପରୋକ୍ତ ତିନୋଟି ଜୀବାଣୁ ମିଠା ଦହିର ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ ମାତ୍ର ଖଟା ଦହିରେ ଉକ୍ତ ୩ଟି ଜୀବାଣୁ ସହିତ ଲାକ୍ଟୋବେସିଲସ୍ ବଲଗାରିକସ୍ ବା ଷ୍ଟେପ୍ଟୋକୋକସ୍ ଥର୍ମୋଫିଲସ୍ ବା ଉଭୟ ଦୁଇଟି ଜୀବାଣୁ ବ୍ୟବହାର କରାଯାଇ ପ୍ରସ୍ତୁତ ହୋଇଥାଏ, ଏହି ଜୀବାଣୁ ଗୁଡ଼ିକ ଆଜିକାଲି ବିଜ୍ଞାନାଗାରରେ ପ୍ରସ୍ତୁତ ହୋଇ ଜାତୀୟ ଦୁଗ୍ଧ ଗବେଷଣା ପ୍ରତିଷ୍ଠାନ, କର୍ଣ୍ଣାଲ୍, ହରିୟାନାରେ ବିକ୍ରି ପାଇଁ ଉପଲବ୍ଧ ହେଉଅଛି । ଦହି ପାଇଁ ବ୍ୟବହୃତ କ୍ଷୀରର ମାନ ଅନୁସାରେ ଦହିର ଗୁଣାତ୍ମକ ମାନ ହୋଇଥାଏ ।

ଦହି ପ୍ରସ୍ତୁତି ହେବାପରେ ଏହି ଦହି କପ୍ ବା ସରାକୁ ନେଇ ରେଫ୍ରିଜରେଟର ମଧ୍ୟରେ ୫° ରୁ ୧୦° ସେଲ୍ସିୟସ୍ ଉତ୍ତାପରେ ରଖି ଥଣ୍ଡା କଲେ ଏହାର ସ୍ୱାଦ ବଢ଼ିଥାଏ ଓ ଏହା ବହଳିଆ ହୋଇଯାଇଥାଏ । ଉକ୍ତ ଉତ୍ତାପରେ ଏକ ସପ୍ତାହ ପର୍ଯ୍ୟନ୍ତ ଦହି ଭଲ ହୋଇ ରହିଥାଏ ।

**ଦହିର ଗୁଣାତ୍ମକ ମାନ ଶତକଡ଼ାରେ**

| ଜଳ | ସ୍ନେହସାର | ପୁଷ୍ଟିସାର | ଶ୍ୱେତସାର | ଧାତୁସାର |
|---|---|---|---|---|
| ୮୫ ରୁ ୮୮ | ୪ ରୁ ୬ | ୩.୧ ରୁ ୩.୨ | ୪.୨ ରୁ ୫.୨ | ୦.୭ |

## ପନିର

ଆଜିକାଲି ପନିରର ଲୋକପ୍ରିୟତା ଓ ଚାହିଦା ବହୁଳ ଭାବେ ବୃଦ୍ଧି ପାଉଛି । କାରଣ ପନିରରୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ ।

*ପ୍ରସ୍ତୁତି ପ୍ରଣାଳୀ :* ଏହାର ପ୍ରସ୍ତୁତ ପାଇଁ ଆମେ ସାଧାରଣତଃ ମଇଁଷି କ୍ଷୀର ବା ବରଡ଼ିଆ ଗାଈ କ୍ଷୀର ବ୍ୟବହାର କରୁ । ଏହାର ପ୍ରସ୍ତୁତ ପାଇଁ ବ୍ୟବହୃତ କ୍ଷୀରର ସ୍ନେହସାର ପରିମାଣ ୫ ଶତାଂଶ ବା ଅଧିକ, ଏହା ସହିତ ସ୍ନେହସାର ବିହୀନ ଖାଦ୍ୟସାର ୯.୫ ଶତାଂଶରୁ ଅଧିକ ହେବା ଦରକାର । ଫଳରେ ଉନ୍ନତ ମାନର



ପନିର ପ୍ରସ୍ତୁତ ହୋଇଥାଏ । କ୍ଷୀରକୁ ଗୋଟିଏ ପରିଷ୍କାର କରେଇରେ ଦୁହିଁବାର ୧ ଘଣ୍ଟା ମଧ୍ୟରେ ଗରମ କର । ଗରମ କରିବା ସମୟରେ ଷ୍ଟିଲ୍ ଚାମୁଚ୍ ବା ଖଡ଼ିକା ସାହାଯ୍ୟରେ ଘାଣ୍ଟ ଯେପରିକି ଦୁଗ୍ଧର କୌଣସି ଉପାଦାନ ଗରମ କରିବା ସମୟରେ ପୋଡ଼ି ନଯାଏ । କିଛି ସମୟ କ୍ଷୀର ଭଲଭାବରେ ଘାଣ୍ଟ । କିଛି ସମୟ ଘାଣ୍ଟିବା ପରେ ଏହାର ଉତ୍ତାପ କମି ଆସିଥାଏ । ଯେତେବେଳେ କ୍ଷୀରର ଉତ୍ତାପ ୭୦° ସେଲ୍ସିୟସ୍ ହେବ ସେହି ସମୟରେ ଭିନେଗାର ବା ପୂର୍ବରୁ ଥିବା ଛେନା ପାଣି ବା ୧.୨ ଶତାଂଶ ସାଇଟ୍ରିକ୍ ଏସିଡ୍ ଦ୍ରବଣ ମିଶାଇ ଘାଣ୍ଟ । ଏକ ମିନିଟ୍ ଘାଣ୍ଟିବା ପରେ ଛେନା ଛିଣ୍ଡିବା ଆରମ୍ଭ ହୋଇଥାଏ ଏବଂ ଏହାକୁ ଘାଣ୍ଟିବା ଦ୍ୱାରା ସମସ୍ତ କ୍ଷୀର ଛେନାରେ ପରିଣତ ହୋଇଯିବ । ଛେନା ଛିଣ୍ଡିବା ଆରମ୍ଭ ହେବାମାତ୍ରେ ଦ୍ରବଣ, ଭିନେଗାର ଓ ଛେନା ପାଣି ମିଶାଇବା ବନ୍ଦ କରିଦିଅ । ଏହାପରେ ଏହା ମଧ୍ୟରୁ ଛେନାକୁ ଛେନା ପାଣିରୁ ଅଲଗା କରିବା ପାଇଁ ସଫା ଧଳା କନାକୁ ଏକ କାଠ ବା ଲୁହା ଫ୍ରେମ୍‌ରେ (୬ x ୬ x ୪ଇଞ୍ଚ ଲମ୍ବ, ପ୍ରସ୍ଥ ଓ ଗଭୀରତାରେ) ବିଛାଅ । ଏହି ଫ୍ରେମ୍‌କୁ ଏକ ମାର୍ବଲ ପ୍ଲେଟ୍ ଲାଗିଥିବା କାଠ ଟେବୁଲ୍‌ରେ ରଖି ଏହି ଗରମ ଛେନାକୁ ତା ମଧ୍ୟରେ ଢାଳି ମାଡ଼ିକରି ପୁରାଅ । ଏହା ସମ୍ପୂର୍ଣ୍ଣ ପୁରିବା ପରେ ଏହା ଉପରେ ସମାନ ମାପର ଅନ୍ୟ ଏକ ମାର୍ବଲ ଦ୍ୱାରା ଘୋଡ଼ାଇ ଦିଅ । ଏହା ଉପରେ ଚାପ ଦିଅ (୨.୩ କି.ଗ୍ରା./ବର୍ଗ ସେଣ୍ଟିମିଟର) ଏବଂ ୧୫ ମିନିଟ୍ ଚାପରେ ରହିବା ପରେ ଏହାର ଫ୍ରେମ୍ ବାହାର କରିଦିଅ ଏବଂ ଏହି ଆୟତକାର ବିଶିଷ୍ଟ ପନିରକୁ ନେଇ ଥଣ୍ଡା ପାଣି (୪° ସେଲ୍ସିୟସ୍)ରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ରଖ, ଫଳରେ ପନିର ଆସ୍ତେ ଆସ୍ତେ କଠିନ ହୋଇ ଯାଇଥାଏ । ଏହାପରେ ଏହାକୁ ଦୁଇ ଘଣ୍ଟା ରେଫ୍ରିଜରେଟର୍‌ର ଉପର କକ୍ଷରେ ରଖ । ଏହାପରେ ଏହାକୁ ବାହାର କରି ୨୦୦ ଗ୍ରାମ୍ ଏବଂ ୫୦୦ ଗ୍ରାମ୍ ହିସାବରେ କାଟି ବିକ୍ରୟ ପାଇଁ ପଠାଅ ।

ପନିର ପରିମାଣ କ୍ଷୀରର ସ୍ନେହସାର ଏବଂ ଲହୁଣୀବିହୀନ ଖାଦ୍ୟସାର ଉପରେ ନିର୍ଭର କରେ । ଗାଈ କ୍ଷୀରରୁ ପ୍ରସ୍ତୁତ ପନିର ଲିଟର ପିଛା ୨୦୦ ଗ୍ରାମ୍ ଏବଂ ମଇଁଷି କ୍ଷୀରରୁ ପନିର ଲିଟର ପିଛା ୨୫୦ ଗ୍ରାମ୍ ମିଳିଥାଏ, ଏହା ୫° ସେଲ୍ସିୟସ୍‌ରୁ କମ୍ ଉତ୍ତାପରେ ରେଫ୍ରିଜରେଟରରେ ୫ ଦିନ ରହିଥାଏ ।

### ପନିର୍‌ର ଗୁଣାତ୍ମକ ମାନ ଶତାଂଶରେ

| ଜଳ | ଜଳବିହୀନ ଖାଦ୍ୟସାର | ସ୍ନେହସାର |
|---|---|---|
| ୫୪.୭ | ୪୫.୩ | ୨୬.୦ |

### ଘୋଳ ଦହି

ଏହା ଏକ ମୃଦୁ ପାନୀୟ । ଦହିରୁ ଲହୁଣୀ ବାହାର କରିବା ପରେ ଘୋଳ ଦହି ମିଳେ । ଏହି ଘୋଳ ଦହିର ଅମ୍ଳତ୍ୱ ଅନୁପାତରେ ପାଣି ମିଶାଯାଇ ଏହା ପ୍ରସ୍ତୁତ ହୁଏ । ସାଧାରଣତଃ ଏଥିରେ ଅମ୍ଳତ୍ୱର ପରିମାଣ ୫ ରୁ ୬ ଶତାଂଶ ହେବା ଉଚିତ୍ । ଯଦି ଏଥିରେ ଅମ୍ଳତ୍ୱ କମ୍ ହୋଇଥିବ ସେଥିରେ ଲାକ୍ଟିକ୍ ଏସିଡ୍ / ସାଇଟ୍ରିକ୍ ଏସିଡ୍/ ଏସିଟିକ୍ ଏସିଡ୍ ଦ୍ରବଣ ବା ଗୁଣ୍ଡ ମିଶାଯାଇ ଅମ୍ଳତ୍ୱର ପରିମାଣ ୫ ରୁ ୬ ଶତାଂଶକୁ ଅଣାଯାଇଥାଏ ।

*ପ୍ରସ୍ତୁତି ପ୍ରଣାଳୀ :* ଏହାର ଅମ୍ଳତ୍ୱ ନିରୂପଣ କରି ତଦ୍‌ନୁଯାୟୀ ଦ୍ରବଣ ମିଶାଯାଇ ୫ ରୁ ୬ ଶତାଂଶ ଆଣିବା ପରେ ଏଥିରେ ଲୁଣ ୦.୧ ମିଶାଯାଏ । ଘୋଳ ଦହିକୁ ୬୫° ସେଲ୍‌ସିୟସ୍ ଉତ୍ତାପରେ ପାଶ୍ଚୁରାଇଜେସନ୍ କରାଯାଇଥାଏ । ପାଶ୍ଚୁରାଇଜର ମେସିନ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଉକ୍ତ ଉତ୍ତାପ (୬୫° ସେଲ୍‌ସିୟସ୍)ରେ ରଖାଯାଇଥାଏ, ତା ପରେ ଏହାକୁ ୩୫° ସେଲ୍‌ସିୟସ୍ ଉତ୍ତାପ ପର୍ଯ୍ୟନ୍ତ ଥଣ୍ଡା କରାଯାଇଥାଏ । ଏହାପରେ ୨୦୦ ରୁ ୨୫୦ ମିଲିଲିଟର ହିସାବରେ ପ୍ୟାକେଟ୍‌ରେ ପୁରାଇ ସିଲ୍ କରାଯାଇଥାଏ । ଉକ୍ତ ପ୍ୟାକେଟ୍‌କୁ ୫° ସେଲ୍‌ସିୟସ୍‌ରୁ କମ୍ ଉତ୍ତାପରେ ରଖିଲେ ୫ ଦିନ ରହିପାରିବ ।

ଏହା ଏକ ଲାଭପ୍ରଦ ଦୁଗ୍ଧଜାତ ପଦାର୍ଥ ହୋଇଥିବାରୁ ଆଜିକାଲି ବଜାରରେ ବିଭିନ୍ନ ସଂସ୍ଥାମାନେ ଏହାକୁ ବର୍ଷସାରା ପ୍ରସ୍ତୁତ କରି ବିକ୍ରି ପାଇଁ ଉପଲବ୍ଧ ହେଉଅଛି । ଏହି ମୃଦୁ ପାନୀୟର ଚାହିଦା ଅଧିକ ।

### ଘୋଳ ଦହିର ଗୁଣାତ୍ମକ ମାନ ଶତକଡ଼ାରେ

| ଜଳ | ସ୍ନେହସାର | ପୁଷ୍ଟିସାର | ଶ୍ୱେତସାର | ଧାତବଲବଣ |
|---|---|---|---|---|
| ୯୧.୦ | ୦.୪ | ୩.୪ | ୪.୫ | ୦.୭ |



### ଲସି

ଏହା ଏକ ମୃଦୁ ପାନୀୟ । ଖରାଦିନରେ ଏହାର ଚାହିଦା ଅଧିକ । ଦହିରୁ ଲହୁଣୀ ବାହାର କରିବା ପରେ ମିଳୁଥିବା ଘୋଳଦହିରେ ଚିନି ଲିଟର ପ୍ରତି ୧୦୦ ରୁ ୧୫୦ ଗ୍ରାମ୍ ମିଶାଯାଇ ଲସି କରାଯାଇଥାଏ । ଏହାର ଗୁଣାତ୍ମକ ମାନ ଦହିର ଗୁଣାତ୍ମକ ମାନ ଅନୁଯାୟୀ ହୋଇଥାଏ ।

ଏହା ଏକ ଲାଭପ୍ରଦ ଦୁଗ୍ଧଜାତ ଦ୍ରବ୍ୟ ହୋଇଥିବାରୁ ବର୍ଷସାରା ଏହା ବିକ୍ରିପାଇଁ ଉପଲବ୍ଧ ହୁଏ । ଏହି ଲସିକୁ ଜରି ପ୍ୟାକେଟ୍‌ରେ ପୁରାଇ ସିଲ୍ କରି ୫° ସେଲ୍‌ସିୟସ୍‌ରୁ କମ୍ ଉତ୍ତାପରେ ରେଫ୍ରିଜେରେଟର୍‌ରେ ୫ ଦିନ ପର୍ଯ୍ୟନ୍ତ ରଖାଯାଇପାରେ ।

### ଲସିର ଗୁଣାତ୍ମକ ମାନ ଶତକଡ଼ାରେ

| ଜଳ | ଜଳବିହୀନ ଖାଦ୍ୟସାର | ସ୍ନେହସାର | ଲହୁଣୀ ବିହୀନ ଖାଦ୍ୟସାର |
|---|---|---|---|
| ୯୬.୨ | ୩.୮ | ୦.୮ | ୩.୦ |
| ପୁଷ୍ଟିସାର | ସ୍ନେହସାର | ଧାତବ ଲବଣ ଇତ୍ୟାଦି | |
| ୧.୦୪ | ୧.୨ | ୦.୪ | |

### ଘିଅ

ଘିଅର ଚାହିଦା ଆମ ସମାଜରେ ପୁରାତନ କାଳରୁ ରହିଆସିଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ କଥାରେ ଅଛି, ଘୃତ ହୀନଙ୍କୁ ଭୋଜନମ୍ । ହିନ୍ଦୁ ପରିବାରରେ ବର୍ଷର ବହୁ ସମୟରେ ବିଭିନ୍ନ ପର୍ବପର୍ବାଣୀରେ ଘିଅର ଆଦୃତ ଅଧିକ । ଭୋଜନ ବ୍ୟତୀତ ଘରେ ସଞ୍ଜ ଦେବା, ହୋମ କାର୍ଯ୍ୟରେ ବ୍ୟବହାର କରିବା, ପିଠାପଣାରେ ବ୍ୟବହାର ଏବଂ କେତେକ ଆୟୁର୍ବେଦିକ ଔଷଧ ପ୍ରସ୍ତୁତରେ ଘିଅର ବ୍ୟବହାର ଅଧିକ । ସେଥିପାଇଁ ଘିଅର ଦର ସବୁ ଦୁଗ୍ଧଜାତ ଦ୍ରବ୍ୟ ତୁଳନାରେ ଅଧିକ ।

*ପ୍ରସ୍ତୁତି ପ୍ରଣାଳୀ :* ଉତ୍ତର ଭାରତ, ପଶ୍ଚିମ ଭାରତରେ ଘରେ ଘରେ ଗୃହିଣୀମାନେ ଗୋଟିଏ ଗୋଟିଏ କ୍ରିମ୍ ସେପାରେଟର ବା ଲହୁଣୀ ପୃଥକୀକରଣ ହସ୍ତଚାଳିତ ଯନ୍ତ୍ର

ବ୍ୟବହାର କରି ଅଳ୍ପ ସମୟ ମଧ୍ୟରେ ଦୁଗ୍ଧରୁ ଲହୁଣୀ ପୃଥକ କରି ଘିଅ ପ୍ରସ୍ତୁତ କରି ପାରୁଛନ୍ତି । କଞ୍ଚାକ୍ଷୀରକୁ କ୍ରିମ୍‌ସେପାରେଟର ଯନ୍ତ୍ରରେ ପକାଇଲା ସମୟରେ କ୍ଷୀରର ଉତ୍ତାପ ୩୫° ରୁ ୪୦° ସେଲ୍‌ସିୟସ୍ ମଧ୍ୟରେ ରହିବା ଉଚିତ୍ । ଏହାଠାରୁ କମ୍ ହେଲେ ଏବଂ ଅଧିକ ହେଲେ କ୍ଷୀରରୁ ଲହୁଣୀ ବାହାରେ ନାହିଁ । କ୍ଷୀରରୁ ଏହି ଯନ୍ତ୍ର ବ୍ୟବହାର କରି ଲହୁଣୀ ବାହାର କରିବା ପରେ ଗୋଟିଏ ପରିଷ୍କାର ପାତ୍ରରେ ଏହାକୁ ସଂରକ୍ଷଣ କରି ପରିଷ୍କାର ଓ ପରିଚ୍ଛନ୍ନ ପରିବେଶରେ ୭ ଦିନ ପର୍ଯ୍ୟନ୍ତ ଘର ଭିତରେ ସାଧାରଣ ଉତ୍ତାପରେ ରଖିଦିଅ । ୮ ଦିନ ପରେ ଏହାକୁ ନେଇ ନିଆଁରେ ଗରମ କରି ଫୁଟାଇ ୧୨୦° ସେଲ୍‌ସିୟସ୍‌ରେ କିଛି ସମୟ ଉକ୍ତ ଉତ୍ତାପରେ ୨ ରୁ ୩ ଘଣ୍ଟା ରହିଲେ ଏଥିରୁ ଆସ୍ତେ ଆସ୍ତେ ଘିଅ ଓ କୋରୁଅ ମିଳିଥାଏ । ପରେ ଘିଅ ଓ କୋରୁଅକୁ ଗୋଟିଏ ସଫା ପତଳା କନାରେ ଛାଣି ଦେଲେ ଘିଅ ମିଳିଥାଏ । ଏହି ଘିଅକୁ ଗୋଟିଏ ପରିଷ୍କାର ଓ ଶୁଖିଲା ବୋତଲରେ ରଖି ବ୍ୟବହାର କରାଯାଏ । ଯଦି ଲହୁଣୀ ଗାଇ କ୍ଷୀରରୁ ମିଳିଥାଏ ତେବେ ସେଥିରେ ପ୍ରସ୍ତୁତ ଘିଅର ବର୍ଣ୍ଣ ହଳଦିଆ ହୋଇଥାଏ । ଏହା ମଇଁଷି କ୍ଷୀରରୁ ହୋଇଥିଲେ ଧଳାରଙ୍ଗ ହୋଇଥାଏ । କ୍ଷୀରର ସ୍ନେହସାର ଅନୁସାରେ ଘିଅର ପରିମାଣ ମିଳିଥାଏ ।

### ଘିଅର ବିଭିନ୍ନ ଗୁଣାତ୍ମକ ମାନ

| ପ୍ରକାର | ସ୍ନେହସାର | ଜଳ |
|---|---|---|
| ଗାଇ ବା ମଇଁଷି | ୯୯ ରୁ ୯୯.୫ ୦.୫ | |


*ମୂଳ ବିଷୟବସ୍ତୁ*
**ଡଃ ସୁଶାନ୍ତ କୁମାର ଦାସ**
**ଡଃ ରାଜକିଶୋର ସ୍ୱାଇଁ**

*ସଂଶୋଧିତ ବିଷୟବସ୍ତୁ*
**ଡଃ ଅନ୍ତର୍ଯ୍ୟାମୀ ମହାନ୍ତି**
*ଅବସରପ୍ରାପ୍ତ ପ୍ରଫେସର*
*ପ୍ରାଣୀଧନ ଉତ୍ପାଦନ ଓ ପରିଚାଳନା ବିଭାଗ*
*ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ*
*ଭୁବନେଶ୍ୱର*



ଓୟୁଏଟି ପ୍ରେସ୍, ୫୦୦-୨୦୧୪




ସପ୍ତମ ପାଠ

# ଗୋପାଳନ (ସପ୍ତମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ


**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩


ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ଏକ ଲିଟର ମଇଁଷି କ୍ଷୀରରୁ କେତେ ପରିମାଣର ଖୁଆ ପ୍ରସ୍ତୁତ ହୋଇଥାଏ ?
ଉ–

ପ୍ର. ୨ – ଏକ ଲିଟର ଗାଇକ୍ଷୀରରୁ କେତେ ପରିମାଣର ଛେନା ପ୍ରସ୍ତୁତ ହୋଇଥାଏ ?
ଉ.–

ପ୍ର. ୩– ମିଠା ଦହି ପ୍ରସ୍ତୁତି ପାଇଁ ଏକ ଲିଟର କ୍ଷୀରରେ କେତେ ଚିନି ମିଶା ଯାଇଥାଏ ?
ଉ.–

ପ୍ର. ୪ – କ୍ଷୀରରୁ ଛେନା ଛିଣ୍ଡାଇବା ପାଇଁ କେଉଁ ପଦାର୍ଥ ମିଶାଯାଇଥାଏ ?
ଉ.–

ପ୍ର. ୫– ଗାଇ କ୍ଷୀରରୁ ପ୍ରସ୍ତୁତ ଘିଅର ରଙ୍ଗ କ'ଣ ହୋଇଥାଏ ?
ଉ.–

ଚାଷୀଙ୍କ ସ୍ୱାକ୍ଷର –
ଡାକ ଠିକଣା
କ୍ରମିକ ନଂ –
ତାରିଖ –

ଅଷ୍ଟମ ପାଠ

# ମଇଁଷି ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ................................

କ୍ରମିକ ନଂ ........................

ଅଷ୍ଟମ ପାଠ

ମଇଁଷି ପାଳନ

### ମଇଁଷି ପାଳନ କରିବା କାହିଁକି ?

ମଇଁଷି ପାଳନ ଏକ ଲାଭଜନକ ବ୍ୟବସାୟ । ଏହା ଆମ୍ଭ ମାନଙ୍କର ଚାଷ କାର୍ଯ୍ୟରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଆମ୍ଭଙ୍କୁ ଦୁଗ୍ଧ ଓ ମାଂସ ଯୋଗାଇଥାଏ । ମଇଁଷିର ଚମଡ଼ା, ଗୋବର, ହାଡ଼, ରକ୍ତ ଓ ସିଙ୍ଗ ଇତ୍ୟାଦି ଆମର ବିଭିନ୍ନ କାମରେ ଲାଗିଥାଏ । ଭାରତ ବର୍ଷରେ ପାଳନ କରାଯାଉଥିବା ଦୁଗ୍ଧ ଜାତୀୟ ପ୍ରାଣୀ ଯଥା – ମଇଁଷି, ଗାଈ ଓ ଛେଳି ଇତ୍ୟାଦି ମଧ୍ୟରୁ ମଇଁଷିକୁ ମୁଖ୍ୟ ଦୁଗ୍ଧ ଜାତୀୟ ପ୍ରାଣୀ ରୂପେ ଗଣ୍ୟ କରାଯାଉଅଛି । ୨୦୦୭ ମସିହା ଗଣନା ଅନୁସାରେ ଆମ ଦେଶର ସମୁଦାୟ ଗୋମହିଷାଦି (୩୦୪ ନିୟୁତ) ସଂଖ୍ୟାର ଏକ ତୃତୀୟାଂଶ ମଇଁଷି (୧୦୫ ନିୟୁତ) ଅଟନ୍ତି । ସମୁଦାୟ ଦୁଗ୍ଧ ଉତ୍ପାଦନ (୧୦୮ ନିୟୁତ ଟନ୍) ମଧ୍ୟରୁ ଶତକଡ଼ା ୫୩ ଭାଗ ଦୁଗ୍ଧ କେବଳ ମଇଁଷିମାନଙ୍କ ଠାରୁ ମିଳୁଥିବା ବେଳେ ଅବଶିଷ୍ଟ ୪୭ ଭାଗ ଦୁଗ୍ଧ ଗାଈ ଓ ଛେଳିଠାରୁ ମିଳିଥାଏ ।

ମଇଁଷିର ଦୁଗ୍ଧ ଗାଈ ଓ ଛେଳି ଦୁଗ୍ଧ ଅପେକ୍ଷା ଅଧିକ ପୁଷ୍ଟିକର ଓ ସୁସ୍ୱାଦୁ । କାରଣ ମଇଁଷି ଦୁଗ୍ଧରେ ସ୍ନେହସାର (ଘିଅ) ଓ ପୁଷ୍ଟିସାରର ପରିମାଣ ଗାଈ ଓ ଛେଳି ଦୁଗ୍ଧ ଅପେକ୍ଷା ଅଧିକ ଥାଏ । ମଇଁଷି ଦୁଗ୍ଧରେ ହାରାହାରି ଶତକଡ଼ା ୭ ଭାଗ ସ୍ନେହସାର (ଘିଅ) ଓ ୪ ଭାଗ ପୁଷ୍ଟିସାର ଥାଏ । ଏଣୁ ଭାରତର ହରିଆନା, ପଞ୍ଜାବ, ଗୁଜୁରାଟ, ଉତ୍ତର ପ୍ରଦେଶ ଓ ବିହାର ଇତ୍ୟାଦି ରାଜ୍ୟରେ ମଇଁଷି ଦୁଗ୍ଧର ଚାହିଦା ଗାଈ ଠାରୁ ଅଧିକ । ତେଣୁ ଏହି ରାଜ୍ୟ ଗୁଡ଼ିକର ଚାଷୀମାନେ ଗୋପାଳନ ଅପେକ୍ଷା ମଇଁଷି ପାଳନ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି । ଦୁଗ୍ଧ ଉତ୍ପାଦକ ସମବାୟ ସଂଘ

ମାନଙ୍କରେ ଦୁଗ୍ଧର ଘିଅ ଓ ପୁଷ୍ଟିସାରର ପରିମାଣକୁ ନେଇ ଚାଷୀଙ୍କୁ ଦୁଗ୍ଧର ମୂଲ୍ୟ ଦିଆଯାଇଥିବାରୁ ଚାଷୀ ଗାଇ ଦୁଗ୍ଧ ଅପେକ୍ଷା ମଇଁଷି ଦୁଗ୍ଧରୁ ଅଧିକ ଲାଭ ପାଇଥାଏ ।

**ବିଭିନ୍ନ ପ୍ରାଣୀଙ୍କ ଦୁଗ୍ଧରେ ଥିବା ଉପାଦାନ (ଶତକଡ଼ା ପ୍ରତି)**

| ପ୍ରାଣୀ | ଜଳ | ସ୍ନେହସାର | ପୁଷ୍ଟିସାର | ଶ୍ୱେତସାର | ଧାତବ ଲବଣ |
|---|---|---|---|---|---|
| ମଇଁଷି | ୮୨.୨ | ୭.୬ | ୪.୩ | ୪.୮ | ୦.୯ |
| ଗାଇ | ୮୬.୨ | ୪.୪ | ୩.୮ | ୪.୯ | ୦.୭ |
| ଛେଳି | ୮୭.୧ | ୪.୧ | ୩.୭ | ୪.୨ | ୦.୮ |
| ମେଣ୍ଢା | ୮୨.୦ | ୬.୪ | ୫.୬ | ୬.୪ | ୦.୯ |

ମଇଁଷିର ମାଂସ ଏକ ସୁସ୍ୱାଦୁ ପୁଷ୍ଟିକର ଖାଦ୍ୟ । ଏଥିରେ ଶତକଡ଼ା ୭୮.୭ ଭାଗ ଜଳ, ୧୯.୪ ଭାଗ ପୁଷ୍ଟିସାର, ୦.୯ ଭାଗ ଚର୍ବି ଓ ୧୦ ଭାଗ ଲବଣ ଥାଏ । ଏଥିରେ ଚର୍ବି ଭାଗ କମ୍ ଓ ପୁଷ୍ଟିସାର ଅଂଶ ବେଶି ଥିବାରୁ ଦେଶ ତଥା ବିଦେଶରେ ମଇଁଷି ମାଂସର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆମ ଭାରତ ବର୍ଷରେ ଉତ୍ପାଦିତ ହେଉଥିବା ସମସ୍ତ ପ୍ରକାର ମାଂସ (ଛେଳି ମାଂସ, କୁକୁଡ଼ା ମାଂସ, ମଇଁଷି ମାଂସ)ର ପରିମାଣ ମଧ୍ୟରୁ ମଇଁଷି ମାଂସର ପରିମାଣ ଶତକଡ଼ା ୧୪ ଭାଗ ଏବଂ ମାଂସ ଉତ୍ପାଦନ କ୍ଷେତ୍ରରେ ଏହାର ସ୍ଥାନ ତୃତୀୟ (ପ୍ରଥମ– ଛେଳି ମାଂସ ଓ ଦ୍ୱିତୀୟ– କୁକୁଡ଼ା ମାଂସ)। ଅଣ୍ଡିରା ମଇଁଷି ବାଛୁରୀଙ୍କୁ ଅଧିକ ଯତ୍ନରେ ଲାଳନ ପାଳନ କରି ଅଧିକ ମାଂସ ଉତ୍ପାଦନ କରାଯାଇ ପାରିବ । କାର୍ଯ୍ୟଦକ୍ଷତା ହରାଇବା ପରେ ଅଣ୍ଡିରା ମଇଁଷିର ମାଂସ ଖାଦ୍ୟ ପାଇଁ ବ୍ୟବହୃତ ହୋଇଥାଏ ।

ଭାରତ ବର୍ଷରେ ଚାଷ ପାଇଁ ମଇଁଷିକୁ ବହୁଳ ଭାବେ ବ୍ୟବହାର କରାଯାଇଥାଏ । କାଦୁଅ ଜମିରେ ଚାଷ କରିବା ପାଇଁ ବଳଦ ଅପେକ୍ଷା ଅଣ୍ଡିରା ମଇଁଷି (ପଣ୍ଡା)ର ଚାହିଦା ବେଶି । ଗୋଟିଏ ପଣ୍ଡା ଅନ୍ତତଃ ପକ୍ଷେ୧୫–୧୬ ବର୍ଷ କାର୍ଯ୍ୟ ଦକ୍ଷ ରହି ଚାଷୀଙ୍କୁ ଶଗଡ଼ ଟାଣିବା, ହଳ କରିବା ଓ ଧାନ ଅମଳ ଇତ୍ୟାଦି କାମରେ ସାହାଯ୍ୟ କରିଥାଏ ।



ମଇଁଷି ଗାଇ ପରି ଏକ ରୋମାନ୍ଥକ ପ୍ରାଣୀ । ମଇଁଷିର ହଜମ ପ୍ରକ୍ରିୟା ଓ ହଜମ ଶକ୍ତି ଗାଇଠାରୁ ଯଥେଷ୍ଟ ଉନ୍ନତତର ହୋଇଥିବାରୁ ଏହାର ଓଜନ ତୁଳନାରେ ମଇଁଷି ଅଳ୍ପ ଖାଇ ଅଧିକ ଦୁଗ୍ଧ ଦେଇଥାଏ । ଏପରିକି ଯେଉଁ ଖାଦ୍ୟ ଗାଇ ଖାଇବାକୁ ପସନ୍ଦ କରେ ନାହିଁ, ମଇଁଷି ତାକୁ ଆନନ୍ଦରେ ଖାଇଥାଏ । ଗୋଟିଏ ମଇଁଷି ଗୋଟିଏ ଗାଇ ଅପେକ୍ଷା ଶତକଡ଼ା ୧୪ ଭାଗ ଶୁଷ୍କ ଖାଦ୍ୟ ଖାଇବା ସଙ୍ଗେ ସଙ୍ଗେ ଖାଦ୍ୟସାର ଗୁଡ଼ିକୁ ୨ ରୁ ୫ ଭାଗ ପର୍ଯ୍ୟନ୍ତ ଅଧିକ ହଜମ କରିପାରେ । ବିଶେଷ କରି ତନ୍ତୁ ଜାତୀୟ ଖାଦ୍ୟକୁ ଗାଇ ଅପେକ୍ଷା ଅଧିକ ହଜମ କରିଥାଏ ।

ମଇଁଷି ଗାଇ ଅପେକ୍ଷା କମ୍ ଯତ୍ନରେ ଓ ଅଳ୍ପ ଖର୍ଚ୍ଚରେ ଅଧିକ ଦୁଗ୍ଧ ଦେଇ ଚାଷୀଙ୍କୁ ଅଧିକ ଲାଭ ଦେଇଥାଏ ।

ପୃଥିବୀରେ କେବଳ ଏସିଆ ମହାଦେଶରେ ମଇଁଷି ଦେଖିବାକୁ ମିଳିଥାଏ । ଅନେକ ବୈଜ୍ଞାନିକ ମଇଁଷିର ଜନ୍ମସ୍ଥାନ ଭାରତବର୍ଷ ବୋଲି ମତ ପୋଷଣ କରିଥାନ୍ତି । ମୁରା ମଇଁଷି ଭାରତର ତଥା ପୃଥିବୀର ଅନ୍ୟ ସମସ୍ତ ମଇଁଷି ମାନଙ୍କ ଅପେକ୍ଷା ଉତ୍କୃଷ୍ଟ ଦୁଗ୍ଧଜାତୀୟ ମଇଁଷି ରୂପେ ସୁପରିଚିତ । ଏହି ମୁରା ମଇଁଷିର ଜନ୍ମସ୍ଥାନ ଭାରତ ବର୍ଷର ହରିଆନା ରାଜ୍ୟର ହିସାର, ରୋହତକ, ଜିନ୍ଦ୍ ଆଦି ଜିଲ୍ଲା ସମୂହ ତଥା– ଦିଲ୍ଲୀ ଓ ପଞ୍ଜାବ ଇତ୍ୟାଦି ହୋଇଥିବାରୁ ଭାରତର ଜଳବାୟୁ ମଇଁଷି ପାଳନ ପାଇଁ ବିଶେଷ ଉପଯୋଗୀ ବୋଲି ବିବେଚନା କରାଯାଇଥାଏ । ଏଣୁ ଓଡ଼ିଶା ତଥା ଭାରତର ଚାଷୀମାନେ ମଇଁଷି ପାଳନ କରିବାକୁ ଆଗ୍ରହ ପ୍ରକାଶ କରିବା ଉଚିତ୍ ।

## ମଇଁଷି ପାଳନରେ ଅସୁବିଧା

ମଇଁଷି ପାଳନରେ କେତେ ଗୁଡ଼ିଏ ଅସୁବିଧା ଦେଖାଯାଏ । ଏହି ଅସୁବିଧା ଗୁଡ଼ିକ ହେଲା –

୧) ବିଳମ୍ବରେ ଋତୁବତୀ ହେବା ।

୨) ବିଳମ୍ବରେ ଛୁଆ ଦେବା ।

୩) ଅଧିକ ଦିନ ଗର୍ଭବତୀ ରହିବା ।

୪) ଅଧିକ ଦିନ ପଡ଼ିଆ ରହିବା ।

୫) ଅଧିକ ବ୍ୟବଧାନରେ ଛୁଆ ପ୍ରସବ କରିବା ।

୬) ଏକ ନିର୍ଦ୍ଦିଷ୍ଟ ଋତୁରେ ଗରମକୁ ଆସିବା ।

୭) ମଇଁଷିର ଗରମ ହେବା ସହଜରେ ନିର୍ଣ୍ଣୟ କରି ନ ପାରିବା ।

ଏହିସବୁ କାରଣ ଲାଗି ମଇଁଷି ଠାରୁ ଠିକ୍ ପରିମାଣର ଦୁଗ୍ଧ ଉତ୍ପାଦିତ ହୋଇ ନପାରି ଚାଷୀଙ୍କୁ ଅଳ୍ପ ଲାଭ ଏପରିକି ସମୟ ସମୟରେ କ୍ଷତି ସହିବାକୁ ପଡ଼େ । ମାତ୍ର ଏବେ ବିଜ୍ଞାନ ପଦ୍ଧତିରେ ମଇଁଷି ପାଳନ କରିବା ଯୋଗୁଁ ଉପରୋକ୍ତ ଅସୁବିଧା ଗୁଡ଼ିକୁ ସହଜରେ ଦୂର କରାଯାଇ ପାରୁଅଛି । ଦିନକୁ ଦିନ ଅଧିକ ସଂଖ୍ୟାକ ଚାଷୀ ମଇଁଷି ପାଳନ କରିବାକୁ ଆଗ୍ରହ ପ୍ରକାଶ କରୁଅଛନ୍ତି ।

## ମଇଁଷି ପ୍ରଜାତି

ମଇଁଷି ସାଧାରଣତଃ ଦୁଇ ପ୍ରକାରର ଯଥା – ନଦୀ ଜାତିର ମଇଁଷି ଓ କାଦୁଅ ଜାତିର ମଇଁଷି । ନଦୀ ଜାତିର ମଇଁଷି ନଦୀ ତଥା ଝରଣାର ପରିଷ୍କାର ସ୍ରୋତ ଜଳରେ ଗାଧୋଇବାକୁ ଭଲ ପାଉଥିବା ବେଳେ କାଦୁଅ ଜାତିର ମଇଁଷି ଅପରିଷ୍କାର ପାଣି ତଥା କାଦୁଅରେ ଗାଧୋଇବାକୁ ଭଲ ପାଇଥାଆନ୍ତି । ନଦୀ ଜାତିର ମଇଁଷି ଅଧିକ ପରିମାଣର ଦୁଗ୍ଧ ଦେଇଥାଏ ଓ ଏହାର ଦୁଗ୍ଧରେ ଚର୍ବି ଅଂଶ ମଧ୍ୟ ଅଧିକା ଥାଏ । ଉତ୍ତର ଭାରତ ଓ ପଶ୍ଚିମ ଭାରତରେ ଏହି ଜାତିର ମଇଁଷି ଦେଖାଯାଉଥିବା ବେଳେ ପୂର୍ବ ଭାରତ ଓ ଦକ୍ଷିଣ ଭାରତରେ କାଦୁଅ ଜାତିର ମଇଁଷି ଦେଖାଯାଇଥାନ୍ତି । କାଦୁଅ ଜାତିର ମଇଁଷି ଅଧିକ କାର୍ଯ୍ୟ ଦକ୍ଷ ହୋଇଥିବାରୁ ଏହି ଜାତିର ମଇଁଷି ଚାଷ କାର୍ଯ୍ୟରେ ଅଧିକ ବ୍ୟବହୃତ ହୋଇଥାଏ । ଗୋଟିଏ ନଦୀ ଜାତୀୟ ମଇଁଷି ଦୈନିକ ହାରାହାରି ଦୁଇରୁ ପାଞ୍ଚ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଉଥିବା ବେଳେ ଗୋଟିଏ କାଦୁଅ ଜାତୀୟ ମଇଁଷି ଦୈନିକ ଏକ ଲିଟର ଦୁଗ୍ଧ ଦେଇଥାଏ । ନଦୀ ଜାତୀୟ ମଇଁଷି କାଦୁଅ ଜାତୀୟ ମଇଁଷି ଅପେକ୍ଷା ଶୀଘ୍ର ଋତୁବତୀ ହୋଇଥାଏ ଏବଂ ଏମାନେ ଅପେକ୍ଷାକୃତ ଧୀର ବା ଶାନ୍ତ ସ୍ୱଭାବର । ଏମାନଙ୍କର ଦୈନିକ ଶରୀର ବୃଦ୍ଧି ହାର



କାଦୁଅ ଜାତିର ମଇଁଷି ଅପେକ୍ଷା ଅଧିକ ମାତ୍ର ନଦୀ ଜାତୀୟ ମଇଁଷିର ବାଛୁରୀଙ୍କ ମୃତ୍ୟୁହାର କାଦୁଅ ଜାତୀୟ ମଇଁଷିର ବାଛୁରୀଙ୍କ ମୃତ୍ୟୁହାର ଠାରୁ ସର୍ବଦା ଅଧିକ ହୋଇଥାଏ ।

ନଦୀଜାତିର ମଇଁଷି ମାନଙ୍କୁ ଦୁଧିଆଳି ଜାତୀୟ ମଇଁଷି ମଧ୍ୟ କୁହାଯାଏ । ପୃଥିବୀରେ ମିଳୁଥିବା ମଇଁଷିମାନଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ଦୁଧିଆଳୀ ଜାତୀୟ ମଇଁଷି ଯଥା ମୁରା (ହରିୟାନା), ସୁର୍ତ୍ତି (ଗୁଜୁରାଟ), ଜାଫରାବାଦି (ଗୁଜୁରାଟ), ନିଲିରଭି (ପଞ୍ଜାବ), ଉଦଓ୍ୱାରୀ (ଉତ୍ତର ପ୍ରଦେଶ), ମେହଶାନା (ଗୁଜୁରାଟ), ନାଗପୁରୀ (ମହାରାଷ୍ଟ୍ର) ଭାରତ ବର୍ଷରେ ଦେଖାଯାଆନ୍ତି । ଏମାନେ ବର୍ଷକୁ ହାରାହାରି ୨୦୦୦-୨୫୦୦ ଲିଟର ଦୁଗ୍ଧ ଦେଇଥାନ୍ତି । ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ପାରଳାଖେମୁଣ୍ଡି, ସମ୍ବଲପୁର ଜିଲ୍ଲାରେ ସମ୍ବଲପୁରୀ, କଳାହାଣ୍ଡି ଜିଲ୍ଲାରେ କଳହାଣ୍ଡି ତଥା ନୟାଗଡ଼ ଜିଲ୍ଲାରେ ଚିଲିକା ଜାତିର ମଇଁଷି ଦେଖାଯାନ୍ତି । ମାତ୍ର ଓଡ଼ିଶାର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଇବା ପାଇଁ ମୁରା ଜାତୀୟ ମଇଁଷିର ଷଣ୍ଢମାନଙ୍କୁ ବ୍ୟବହାର କରାଯାଇ ଶଙ୍କରୀକରଣ ମାଧ୍ୟମରେ ଉନ୍ନତଜାତିର ମଇଁଷି ଉତ୍ପାଦନ କରାଯାଉଛି ।

## ମଇଁଷି ଗୁହାଳ

ମଇଁଷି ମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ହେଲେ ଭଲ ଗୁହାଳଟିଏ ନିହାତି ଆବଶ୍ୟକ । ଏହା ସେମାନଙ୍କୁ ବନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରୁ, ଚୋର ଭୟରୁ, ଖରାପ ପାଗରୁ ଓ ବିଭିନ୍ନ ରୋଗ କବଳରୁ ରକ୍ଷା କରିଥାଏ । ଶୁଖିଲା, ପବନ ଯାତାୟତ କରୁଥିବା, ସଫାସୁତୁରା ଓ ଶୋଇବାକୁ ଏବଂ ଛିଡ଼ା ହେବାକୁ ଅଧିକ ଜାଗା ଥିବା ଗୁହାଳରେ ମଇଁଷି ରହିଲେ ସେମାନେ ଆନନ୍ଦରେ ଓ ସ୍ୱାସ୍ଥ୍ୟକର ଭାବରେ ରହିପାରନ୍ତି ।

### ଗୁହାଳ

(କ) ପ୍ରତ୍ୟେକ ମଇଁଷି ଶୋଇବା ଓ ଛିଡ଼ାହେବା ପାଇଁ ଯଥେଷ୍ଟ ସ୍ଥାନ ଥିବା ଦରକାର ।

ଗୋଟିଏ ବଡ଼ ମଇଁଷି ପାଇଁ ୪୦ ବର୍ଗଫୁଟ (୩.୫ ବର୍ଗମିଟର), ବାଛୁରୀ

ପାଇଁ ୧୨ ବର୍ଗଫୁଟ (୧ ବର୍ଗମିଟର) ଏବଂ ଗୋଟିଏ ଛଡ଼ା ପାଇଁ ୨୪ ବର୍ଗଫୁଟ (୨ ବର୍ଗମିଟର) ସ୍ଥାନ ଦରକାର ।

(ଖ) ଘରର କାନ୍ଥର ଉଚ୍ଚତା ୩.୨୫ ମିଟର ହେବା ଦରକାର ମାତ୍ର ଅଧିକ ବର୍ଷା ହେଉଥିବା ଅଞ୍ଚଳ ମାନଙ୍କରେ ଘରର କାନ୍ଥର ଉଚ୍ଚତା ୨.୭୫ ମିଟର ଓ କାନ୍ଥଠାରୁ ବାରଣ୍ଡାର ଦୈର୍ଘ୍ୟ ୦.୭୫ ମିଟର ହେବା ଦରକାର । ଘରର ଛାତ ଆଜବେଷ୍ଟସ୍ କିମ୍ବା ନଡ଼ାରେ କରାଯାଇପାରେ ।

(ଗ) ଘରର ଚଟାଣ ଆବଡ଼ାଖାବଡ଼ା ହେବା ଅନୁଚିତ୍ । ତଳ ପକ୍କା ହେଲେ ଭଲ । ଖାଇବା କୁଣ୍ଡ ଠାରୁ ମୂତ୍ର ନଳା ଆଡ଼କୁ ମଇଁଷିର ଛିଡ଼ାହେବା ସ୍ଥାନଟି ୧ ଇଞ୍ଚ ଗଡ଼ାଣିଆ ହେବା ଦରକାର । ଏହା କରିବା ଦ୍ୱାରା ଘରର ଚଟାଣକୁ ସବୁବେଳେ ସଫାସୁତୁରା ରଖିବାକୁ ସୁବିଧା ହୁଏ ।

(ଘ) ଘରର କାନ୍ଥ ଚାଳ ପର୍ଯ୍ୟନ୍ତ ହେବା ଅନୁଚିତ୍ । ଫାଙ୍କା ରହିଲେ ବାୟୁ ଓ ଆଲୋକ ଭଲ ଭାବରେ ଗୁହାଳରେ ପ୍ରବେଶ କରିଥାଏ ।

(ଙ) ମଇଁଷିର ମୁଣ୍ଡ ଆଡ଼କୁ ଗୋଟିଏ ଖାଇବା କୁଣ୍ଡ ରହିବା ଦରକାର । ଏହି କୁଣ୍ଡର ଓସାର ୬୫ ସେ.ମି. ଓ ଗଭୀରତା ୨୦ ସେ.ମି. ହେବା ଉଚିତ୍ ନୁହେଁ । ଏପରି କୁଣ୍ଡ ହେଲେ ମଇଁଷିମାନଙ୍କୁ ଖାଇବାକୁ ସୁବିଧା ହୁଏ ଓ ଅଳ୍ପ ନଷ୍ଟ ହୁଏ ।

(ଚ) ଅନ୍ତତଃ ଚାରି ବାଲତି ପାଣି ଧରିବା ଭଳି ଏକ ପାଣିକୁଣ୍ଡ ମଧ୍ୟ ରହିବା ଦରକାର । ଯଦି ଏପରି କୁଣ୍ଡ କରିବା ସମ୍ଭବ ନୁହେଁ, ତେବେ ଖରାଦିନେ ୪ ଥର ଓ ଶୀତଦିନେ ଦୁଇଥର ମଇଁଷିମାନଙ୍କୁ ପାଣି ପିଇବାକୁ ଦେବା ଦରକାର ।

(ଛ) ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଉପକରଣରେ ଗୁହାଳ କଲେ ଅଳ୍ପ ଖର୍ଚ୍ଚରେ ହୋଇପାରିବ ।

**ନୂଆ ଗୁହାଳ ଘର ତିଆରି**

୧. ଯଦି ଚାଷୀ ଗୋଟିଏ ନୂଆ ଗୁହାଳ ଘର ତିଆରି କରୁଥାଏ, ତେବେ ମଇଁଷିଙ୍କ ସଂଖ୍ୟା ଅନୁପାତରେ ତିଆରି କରିବା ଦରକାର ।



୨. ଗୁହାଳଟି ଉଚ୍ଚ, ନିଗିଡ଼ା ଓ ଶୁଷ୍କ ସ୍ଥାନରେ କରାଯିବା ଉଚିତ୍ ।

୩. ଗୁହାଳ ଚାରିପାଖରେ ଗଛ ଥିବା ଦରକାର । ଗଛ ନ ଥିଲେ ଗଛ ଲଗାଇବା ଉଚିତ୍, ଯେପରି ଗୁହାଳ ତିଆରି ସରିବା ବେଳକୁ ଗଛଗୁଡ଼ିକ ବଢ଼ିଯାଇଥିବ । ଏହାଦ୍ୱାରା ଗୁହାଳଟିରେ ଛାଇ ହୁଏ ଓ ମଇଁଷିମାନେ ସୁବିଧାରେ ରହିପାରନ୍ତି ଓ ଖରାଦିନେ ଥଣ୍ଡା ରହେ ।

୪. ଚାଷୀ, ଘରର ଗୋଟିଏ କଡ଼ରେ ଚାଳ ବାହାର କରି ଗୁହାଳ କରିପାରିବେ ।

୫. ପାଖ କାନ୍ଥ ୧.୫ ମିଟର ଓ ବଡ଼ କାନ୍ଥଟି ୨.୫ ମିଟର ଉଚ୍ଚ ହେବା ଉଚିତ୍ । ଗୁହାଳର ଓସାର ୩ ମିଟରରୁ କମ୍ ହେବା ଉଚିତ୍ ନୁହେଁ । ଏଥିରୁ ୦.୭୫ ମିଟରରେ ଖାଦ୍ୟକୁଣ୍ଡ କରାଯିବା ଦରକାର । ଗୋଟିଏ ମଇଁଷି ପାଇଁ ଗୁହାଳର ଲମ୍ବ ୨.୫ ମିଟର ଓ ପ୍ରତି ଅଧିକ ଗୋଟିଏ ମଇଁଷି ପାଇଁ ଏହାର ଲମ୍ବ ଆହୁରି ଅଧିକ ୧.୫ ମିଟର ହେବା ଉଚିତ୍ (ଉଦାହରଣ ସ୍ୱରୂପ ୩ ଗୋଟି ମଇଁଷି ପାଇଁ ଗୁହାଳର ଲମ୍ବ ୫.୫ ମିଟର ହେବା ଉଚିତ୍) ।

**ଗୁହାଳକୁ ସ୍ୱାସ୍ଥ୍ୟକର ରଖିବା ପ୍ରଣାଳୀ**

୧. ମୂତ୍ର ଓ ଗୁହାଳ ଧୂଆ ପାଣି, ଗୁହାଳ ବାହାରେ ଥିବା ଖାଲରେ ସଂଗୃହୀତ ହେବା ଉଚିତ୍ ।

୨. ଗୋବର ଓ ଅନ୍ୟାନ୍ୟ ଅଳିଆ, ଦିନରେ ଅନ୍ତତଃ ଦୁଇଥର ପୋଛି ପରିଷ୍କାର କରିଦେବା ଦରକାର ।

୩. ସପ୍ତାହରେ ଅନ୍ତତଃ ଥରେ ଫିନାଇଲ୍ ପାଣିରେ (୨ କପ୍ ଫିନାଇଲ୍‌କୁ ୧ ଲିଟର ପାଣିରେ ମିଶାଇ) ଗୁହାଳକୁ ଧୋଇଦେବା ଦରକାର ।

୪. ମାସରେ ଅନ୍ତତଃ ଥରେ କୀଟନାଶକ ଔଷଧ (ଯଦି ମଇଁଷିଙ୍କ ଦେହରେ ଟିଙ୍କ ବା ଉକୁଣୀ ଥାଆନ୍ତି, ତେବେ ୧ ଭାଗରେ ୫୦୦ ଭାଗ ପାଣି ମିଶାଇ) ଲଗାଇବାର ୧ ଘଣ୍ଟା ପରେ ମଇଁଷିକୁ ଭଲ ଭାବରେ ଗାଧୋଇଦେବା ଦରକାର ।

୫. ଯଦି ମଇଁଷିମାନେ ବାହାରକୁ ଛଡ଼ା ନ ଯାଇ ଗୁହାଳରେ ସବୁବେଳେ ବନ୍ଧା ହେଉଥିବେ, ତେବେ ସେମାନଙ୍କୁ ଦିନରେ ଅନ୍ତତଃ ୨/୩ ଘଣ୍ଟା ପାଇଁ ବହାରକୁ ଛାଡ଼ିବା ଦରକାର । ତାହେଲେ ଗୁହାଳକୁ ଭଲଭାବରେ ପରିଷ୍କାର କରାଯାଇପାରିବ ।

ମଇଁଷିମାନେ ଅଧିକାଂଶ ସମୟ ଗୁହାଳରେ କଟାଇଥାନ୍ତି ଏବଂ ସେହି ଗୁହାଳରେ ହିଁ ଖାଇବାକୁ, ପାଣି ପିଇବାକୁ ଦିଆଯିବା ସଙ୍ଗେ ସଙ୍ଗେ ଦୁଗ୍ଧ ଦୁହାଁ ଯାଇଥାଏ । ତେଣୁ ଗୁହାଳଟି ଯେତେ ପରିଷ୍କାର ପରିଚ୍ଛନ୍ନ ରହିବ, ଏମାନଙ୍କଠାରୁ ସେତିକି ଅଧିକ ଉତ୍ପାଦନ ମିଳିବ ଓ ପରିଷ୍କାର ଦୁଗ୍ଧ ଉତ୍ପାଦିତ ହୋଇପାରିବ । ତେଣୁ ଗୁହାଳକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ବିଧେୟ ।

## ମଇଁଷି ମାନଙ୍କ ପାଇଁ ଖାଦ୍ୟ ଓ ଖୁଆଇବା ପ୍ରଣାଳୀ

### ବାଛୁରୀ ମାନଙ୍କୁ ଖୁଆଇବା ପ୍ରଣାଳୀ

ଜନ୍ମ ହେବା ପରେ ପରେ ବାଛୁରୀର ନାକ, ପାଟି ଓ ଦେହରେ ଲାଗିଥିବା ଲାଳ ଓ ରକ୍ତ ଇତ୍ୟାଦି ସଙ୍ଗେ ସଙ୍ଗେ ଏକ ସଫା କନାରେ ପୋଛିଦେବା ଉଚିତ୍ । ଯଦି ତାର ମା ଚାଟି ସଫାକରେ ତେବେ ପୋଛିବା ଦରକାର ପଡ଼ି ନଥାଏ । କେତେକ ଚାଷୀ ପୋଛିବା ପରିବର୍ତ୍ତେ ବାଛୁରୀର ଦେହ ଉପରେ ଟିକେ ଲୁଣ ବିଞ୍ଚି ଦେଇଥାନ୍ତି । ଏହାଦ୍ୱାରା ମାଆ ମଇଁଷି ଦେହରେ ଲାଗିଥିବା ଲାଳକୁ ଆଗ୍ରହ ସହକାରେ ଚାଟି ସଫା କରିଥାଏ । ଜନ୍ମ ହେବା କ୍ଷଣି ବାଛୁରୀର ନିଶ୍ୱାସ ପ୍ରଶ୍ୱାସ ହେଉଛି କି ନା ଦେଖିବା ଉଚିତ୍ । ଯଦି ଦରକାର ପଡ଼େ, ତେବେ କୃତ୍ରିମ ଉପାୟରେ ନିଶ୍ୱାସ ପ୍ରଶ୍ୱାସ କରାଇବା ଉଚିତ୍ । ଜନ୍ମ ହେବାର ଅଧ ଘଣ୍ଟା ଭିତରେ ବାଛୁରୀ ଠିଆ ହୋଇ ନ ପାରିଲେ ତାକୁ ଉଠିବା ପାଇଁ ସାହାଯ୍ୟ କରିବା ଉଚିତ୍ । ଜନ୍ମର ଏକ ଘଣ୍ଟାରୁ ଦୁଇ ଘଣ୍ଟା ମଧ୍ୟରେ ମଇଁଷିର କଷକ୍ଷୀର ଖାଇବା ଦ୍ୱାରା ବାଛୁରୀର ରୋଗ ନିରୋଧକ ଶକ୍ତି ବଢ଼ିଥାଏ ଏବଂ ତାର ପ୍ରଥମ କଳାରଙ୍ଗର ଝାଡ଼ା ସହଜରେ ନିର୍ଗତ ହୋଇଥାଏ ।



ଏହି ଝାଡ଼ା ନିର୍ଗତ ହୋଇ ନ ପାରିଲେ ବାଛୁରୀର ଦେହକୁ ଝାଡ଼ାରେ ଥିବା ବିଷ ଚାଲିଯାଏ । ଫଳରେ ବାଛୁରୀଟି ମରିଯାଏ । ଏହା ବ୍ୟତୀତ କଷକ୍ଷୀରରେ ଥିବା ଅଧିକ ପରିମାଣର ପୁଷ୍ଟିସାର, ଭିଟାମିନ୍ ଓ ଧାତବଲବଣ ବାଛୁରୀର ଶରୀର ବୃଦ୍ଧିରେ ସାହାଯ୍ୟ କରିଥାଏ । ସାଧାରଣ ଦୁଗ୍ଧରେ ୪ ଭାଗ ପୁଷ୍ଟିସାର ଥିବାବେଳେ କଷକ୍ଷୀରରେ ୧୭ ଭାଗ ପର୍ଯ୍ୟନ୍ତ ପୁଷ୍ଟିସାର ରହିଥାଏ । ଜନ୍ମର ଦୁଇଘଣ୍ଟା ମଧ୍ୟରେ ବାଛୁରୀର ନାଭି ପଡ଼େ । ଏକ ବିଶୋଧିତ କ୍ଷୁର ବା କଇଁଚି ଦ୍ୱାରା କାଟି ପକାଇବା ଉଚିତ୍ । ନାଭିର ଦେଢ଼ଇଞ୍ଚ ତଳକୁ ନାଲି ଫିତାରେ ଏକ ଗଣ୍ଠି ପକାଇ, ଗଣ୍ଠିର ତଳେ ନାଭିକୁ କଟାଯାଇ କଟା ଯାଗାରେ ଟିଂଚର ଆୟୋଡ଼ିନ୍ ବୋଳିଦେବା ଉଚିତ୍ ।

ସାଧାରଣତଃ କଷକ୍ଷୀର ୪-୫ ଦିନ ପର୍ଯ୍ୟନ୍ତ ବାଛୁରୀକୁ ଖାଇବାକୁ ଦିଆଯାଇଥାଏ । ଏହି କଷକ୍ଷୀରକୁ ବାଛୁରୀକୁ ଥରକେ ପେଟପୁରା ନ ଖୁଆଇ ଦିନକୁ ୪ ରୁ ୫ ଥର ଅଧାପେଟ କରି ଖୁଆଇବା ଉଚିତ୍ । ଏହାଦ୍ୱାରା ବାଛୁରୀକୁ ଝାଡ଼ା ହେବନାହିଁ । ପାଞ୍ଚଦିନ ପରେ ବାଛୁରୀକୁ ତାର ଶରୀର ଓଜନର ଏକ ଦଶମାଂସ କ୍ଷୀର ୧୦୦ ଫାରେନ୍‌ହାଇଟ୍ ଉତ୍ତାପରେ ଦିନକୁ ୩ ରୁ ୪ ଥର କରି ଖୁଆଇବା ଉଚିତ୍ । ଯଦି ବାଛୁରୀ ନିଜେ ମା ଠାରୁ କ୍ଷୀର ଖାଉଥାଏ, ତେବେ କ୍ଷୀର ଦୁହିଁଲା ବେଳେ କିଛି ପରିମାଣର କ୍ଷୀର ପହ୍ନାରେ ଛାଡ଼ିଦେଲେ ତାହା ବାଛୁରୀ ପାଇଁ ଯଥେଷ୍ଟ ହୋଇଥାଏ । ବାଛୁରୀ ୨୧ ଦିନର ହୋଇଗଲେ ତାକୁ କଅଁଳ ଘାସ ଓ ଦାନା ଖାଇବା ପାଇଁ ଉତ୍ସାହିତ କରିବା ଉଚିତ୍ । ବାଛୁରୀ ଶୀଘ୍ର ଘାସ ଓ ଦାନା ଖାଇବା ଆରମ୍ଭ କଲେ ବାଛୁରୀର ପାକସ୍ଥଳୀର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ତାର ହଜମ ପ୍ରକ୍ରିୟାରେ ଉନ୍ନତି ଘଟିଥାଏ । ଏହାଦ୍ୱାରା ପାକସ୍ଥଳୀ ଭିତରେ ଉତ୍ପନ୍ନ ହେଉଥିବା ବ୍ୟାକ୍ଟେରିଆ ଓ ପ୍ରୋଟୋଜୋଆ ଜୀବାଣୁ ଶୀଘ୍ର ସୃଷ୍ଟି ହୋଇ ବାଛୁରୀକୁ ସବୁ ପ୍ରକାର ଖାଦ୍ୟରୁ ଅଧିକ ପରିମାଣର ପୁଷ୍ଟିସାର ଓ ଶକ୍ତି (ଉର୍ଜା) ଯୋଗାଇଥାନ୍ତି । ଏହି ଜୀବାଣୁଗୁଡ଼ିକ ସୃଷ୍ଟି ହେବାପାଇଁ ଅନ୍ତତଃ ପକ୍ଷେ ୩-୪ ମାସ ସମୟ ଲାଗିଥାଏ ।

ବାଛୁରୀ ଦାନାରେ ଶତକଡ଼ା ୨୦ ଭାଗ ପୁଷ୍ଟିସାର ଓ ୭୦-୭୫ ଭାଗ ଶ୍ୱେତସାର ରହିବା ଉଚିତ୍ । ଏହି ଦାନାକୁ ତାର ଶରୀର ଓଜନର ଶତକଡ଼ା ୧ ଭାଗ ହାରରେ ଦିଆଯାଇଥାଏ । ଏହି ଓଜନ ହୋଇଥିବା ଦାନାକୁ ଭାଗ କରି ଦିନକୁ ୨-୩ ଥର କରି ଖୁଆଇଲେ ଅଧିକ ଫଳପ୍ରଦ ହୋଇଥାଏ । ନିମ୍ନଲିଖିତ ପରିମାଣର ଉପାଦାନମାନ ନେଇ ବାଛୁରୀ ପାଇଁ ଦାନା ତିଆରି କରାଯାଇପାରେ ।

**ବାଛୁରୀ ପାଇଁ ଉପଯୁକ୍ତ ଦାନା (୧୦୦ ଦାନା ପାଇଁ)**

| **ବିଭିନ୍ନ ଉପାଦାନ** | **ପରିମାଣ** |
|---|---|
| ମକା କିମ୍ବା ବାର୍ଲି | ୪୭ ଭାଗ |
| ଚିନାବାଦାମ ପିଡ଼ିଆ | ୪୦ ଭାଗ |
| ଗୁଡ଼ | ୧୦ ଭାଗ |
| ଧାତବ ଲବଣ | ୨ ଭାଗ |
| ଲୁଣ | ୧ ଭାଗ |

ବାଛୁରୀ କ୍ଷୀର ପିଉଅଛି ଭାବି ଅନେକ ଚାଷୀ ବାଛୁରୀକୁ ପାଣି ପିଇବାକୁ ଦେଇ ନଥାନ୍ତି । ମାତ୍ର ବାଛୁରୀ କ୍ଷୀର ପିଉଥିଲେ ମଧ୍ୟ ତାକୁ ଯଥେଷ୍ଟ ପରିମାଣର ଜଳ ପିଇବାକୁ ଦେବା ଉଚିତ୍ । ଯଥେଷ୍ଟ ଜଳ ଅଭାବରୁ ବାଛୁରୀର ଖାଦ୍ୟ ଠିକ୍ ଭାବରେ ହଜମ ହୋଇପାରେ ନାହିଁ । ପରିଶେଷରେ ବାଛୁରୀ ଭଲ ଭାବରେ ବଢ଼ିପାରେ ନାହିଁ । ବାଛୁରୀର ଖାଦ୍ୟରେ ଯବନିକା କ ଓ ଘ, ଧାତବଲବଣ ତଥା ଖାଇବା ଲୁଣ ରହିବା ଉଚିତ୍ । ପ୍ରତି ବାଛୁରୀକୁ ୩୦ ଗ୍ରାମ୍ ହିସାବରେ ଲୁଣ ଖାଇବାକୁ ଦିଆଯାଇଥାଏ । ବାଛୁରୀକୁ ଯଥେଷ୍ଟ ପରିମାଣର କଅଁଳ ଘାସ, ନଡ଼ା ଏବଂ ଖଣିପକା ଘାସ ଇତ୍ୟାଦି ଖାଇବାକୁ ଦେବା ଉଚିତ୍ । ଏହା ବ୍ୟତୀତ ବାଛୁରୀକୁ ନଡ଼ା ମଧ୍ୟ ଖାଇବାକୁ ଦିଆଯାଇପାରେ ।

ବାଛୁରୀ ୩ ଦିନର ହୋଇଥିବା ବେଳେ ତାକୁ କୃମିନାଶକ ଔଷଧ ଯଥା ପାଇପରାଜିନ୍ ଏଡ଼ିପେଟ୍ ବା ପାଇପରାଜିନ୍ ସାଇଟ୍ରେଟ୍ ଖୁଆଇବା ଉଚିତ୍ । ବାଛୁରୀ



୮ ଦିନର ହୋଇଗଲେ ତାକୁ ୪ ଦିନ ପର୍ଯ୍ୟନ୍ତ ସଲ୍ଫା ବୋଲସ୍ ଔଷଧ ଖୁଆଇ କକ୍‌ସିଡ଼ିଓସିସ୍ ରୋଗରୁ ମୁକ୍ତ ରଖିବା ଉଚିତ୍ । ତିନି ମାସ ବୟସରେ ବାଛୁରୀକୁ ଭିମେରାଲ୍ ସିରପ୍ ଔଷଧ ଖୁଆଯାଇଥାଏ । ଏହି ଔଷଧକୁ କ୍ଷୀରରେ ମିଶାଇ ଖାଇବାକୁ ଦିଆଯାଇଥାଏ । ଏହା ବାଛୁରୀର ଅଧିକ ଶରୀର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବାଛୁରୀକୁ ଝାଡ଼ା ରୋଗ ତଥା ଅନ୍ୟାନ୍ୟ ସଂକ୍ରାମକ ରୋଗରୁ ରକ୍ଷା କରିଥାଏ । ଉପଯୁକ୍ତ ଯତ୍ନ କରି ପାରିଲେ ଗୋଟିଏ ମାସିକିଆ ମଈଁଷି ବାଛୁରୀର ଦୈନିକ ହାରାହାରି ୪୦୦ ଗ୍ରାମ୍ ପର୍ଯ୍ୟନ୍ତ ଶରୀରରେ ବୃଦ୍ଧି ଘଟିଥାଏ । ଏହି ଶରୀର ବୃଦ୍ଧି ହାର ଗ୍ରୀଷ୍ମଋତୁରେ ଅନ୍ୟ ଋତୁ ଅପେକ୍ଷା ବିଶେଷ ଭାବେ ବାଧାପ୍ରାପ୍ତ ହୋଇଥାଏ । ଏଣୁ ଗ୍ରୀଷ୍ମ ଋତୁରେ ବାଛୁରୀର ଅଧିକ ଯତ୍ନ ନେବା ଉଚିତ୍ ।

**ବର୍ଦ୍ଧିଷ୍ଣୁ ବାଛୁରୀମାନଙ୍କୁ ଖୁଆଇବା ପ୍ରଣାଳୀ ଓ ଖାଦ୍ୟ ନିର୍ଘଣ୍ଟ**

୬ ମାସ ବୟସ ବେଳକୁ ରୋମନ୍ଥିକା କାର୍ଯ୍ୟକ୍ଷମ ହୋଇଥାଏ ଓ ସେତେବେଳେ ବାଛୁରୀମାନେ ବଡ଼ ଗୋରୁଗାଈଙ୍କ ପରି ସବୁ ଖାଦ୍ୟ ଖାଇପାରିବେ । ଭଲ ଭାବରେ ବଢ଼ିବା ପାଇଁ ବର୍ଦ୍ଧିଷ୍ଣୁ ବାଛୁରୀମାନଙ୍କୁ ଯଥେଷ୍ଟ ପରିମାଣ ଉନ୍ନତ ଧରଣର ମୋଟାରୋଟା ଖାଦ୍ୟ ଦେବା ଦରକାର । ଭଲ ଖାଇବାକୁ ନ ଦେଲେ ବାଛୁରୀମାନେ ଡେରିରେ ପ୍ରଜନନକ୍ଷମ ହୋଇଥାନ୍ତି । ବର୍ଷକରୁ ଅଧିକ ବୟସର ବାଛୁରୀମାନଙ୍କୁ ଯଥେଷ୍ଟ ପରିମାଣ ଉନ୍ନତ ଧରଣର ମୋଟାରୋଟା ଖାଦ୍ୟ ଦେଲେ, ସୁଷମ ଦାନା କମ୍ ଦେବାକୁ ପଡ଼େ ଓ ଏ ବାବଦ ଖର୍ଚ୍ଚ କମିଯାଏ ।

| ବୟସ (ମାସରେ) | ହାରାହାରି ଶାରୀରିକ ଓଜନ (କିଲୋରେ) | ସୁଷମ ଦାନା (କିଲୋରେ) | ଘାସ (କିଲୋରେ) |
|---|---|---|---|
| ୬-୯ | ୭୦-୧୦୦ | ୧.୨୫-୨.୫ | ୫-୮ |
| ୯-୧୫ | ୧୦୦-୧୫୦ | ୧.୫-୨.୦ | ୮-୧୫ |
| ୧୫-୨୦ | ୧୫୦-୨୦୦ | ୨.୦-୨.୨୫ | ୧୫-୨୦ |
| ୨୦ ରୁ ଉର୍ଦ୍ଧ୍ୱ | ୨୦୦-୩୦୦ | ୨.୨୫-୨.୫ | ୨୦-୨୫ |

ଦାନାଗୁଡ଼ିକ ନାମଜାଦା କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ସୁଷମ ଦାନା ଭାବରେ ବଜାରରେ ବିକ୍ରୀ କରାଯାଉଛି । ମାତ୍ର ଏଥିରେ ଅଧିକ ଖାଦ୍ୟପ୍ରାଣ ଓ ଧାତବ ମିଶ୍ରଣ ମିଶାଇବାକୁ ପଡ଼ିବ ।

### ଦୁଧିଆଳୀ ମଇଁଷିର ଖାଦ୍ୟ

ଅଧିକ ଦୁଗ୍ଧ ପାଇବା ସକାଶେ ଗର୍ଭଧାରଣ ପରଠାରୁ ମଇଁଷିମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ଗର୍ଭଧାରଣ ଛଅ ମାସ ପରେ ମଇଁଷିଙ୍କୁ ତାର ଜୀବନ ଧାରଣ ଓ କ୍ଷୀର ପାଇଁ ଦିଆଯାଉଥିବା ଦାନା ସହିତ ଗର୍ଭପାଇଁ ଦାନା ନିମ୍ନଲିଖିତ ହାରରେ ଖାଇବାକୁ ଦେବା ଆବଶ୍ୟକ ।

ଜୀବନ ଧାରଣ ପାଇଁ ଦାନା ପ୍ରତି ୧୦୦ କିଲୋ ଶରୀର ଓଜନ ପାଇଁ ଅଧା କିଲୋ ହିସାବରେ । ଦୁଗ୍ଧ ପାଇଁ ଦାନା – ପ୍ରତି ୨ କିଲୋ କ୍ଷୀର ପାଇଁ ୧ କିଲୋ । ଗର୍ଭପାଇଁ ଦାନା – ଜୀବନ ଧାରଣ ଓ କ୍ଷୀର ପାଇଁ ଦିଆଯାଉଥିବା ଦାନା ସହିତ ଗର୍ଭ ପାଇଁ ୧ କିଲୋ ଅଧିକ ।

ଏହି ହାରରେ ଦାନା ଦେବା ସହିତ ଦୈନିକ ୭–୮ କିଲୋ ନଡ଼ା କିମ୍ବା ୩୦–୩୨ କିଲୋ ଘାସ ଖାଇବାକୁ ଦେବା ଉଚିତ୍ । ଦାନାରେ ଜୀବନିକା କ ଓ ଘ, ଧାତବ ଲବଣ ଓ ଲୁଣ ରହିବା ଆବଶ୍ୟକ । ଏହି ଦାନାରେ ଶତକଡ଼ା ୧୨ ରୁ ୧୫ ଭାଗ ପୁଷ୍ଟିସାର ଓ ୬୫ ରୁ ୭୦ ଭାଗ ଶ୍ୱେତସାର ରହିବା ଆବଶ୍ୟକ । ଜନ୍ମ କରିବାର ୧୫ ଦିନ ପୂର୍ବରୁ ମଇଁଷିକୁ ଏକ ସ୍ୱତନ୍ତ୍ର କୋଠରୀକୁ ସ୍ଥାନାନ୍ତରିତ କରିବା ଉଚିତ୍ । ସ୍ଥାନାନ୍ତରିତ କରିବା ପୂର୍ବରୁ ଘରଟିକୁ ଫିନାଇଲ୍ ପାଣିରେ ଧୋଇବା ଦରକାର । ମଇଁଷି ଶୋଇବା ପାଇଁ ଦୈନିକ ସଫା ନଡ଼ା କୋଠରୀରେ ବିଛାଇବା ଦରକାର । ଏହି ସମୟରେ ମଇଁଷିକୁ ଦୈନିକ ହାରାହାରି ୪ କିଲୋ ପର୍ଯ୍ୟନ୍ତ ଅଧିକ ଶର୍କରାଯୁକ୍ତ ଦାନା ଖାଇବାକୁ ଦେବା ଉଚିତ୍ । ଏହି ଦାନା ମଇଁଷିର ଗର୍ଭାଶୟରେ ଥିବା ବାଛୁରୀର ଶରୀର ବୃଦ୍ଧି ଘଟାଇବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଏକ ସୁସ୍ଥ, ସବଳ ଓ ନିରୋଗ ବାଛୁରୀ ଜନ୍ମ ହୋଇଥାଏ ଏବଂ ମଇଁଷିଟି ଅଧିକ ଦୁଗ୍ଧ ଦେବା ପାଇଁ ସକ୍ଷମ



ହୋଇଥାଏ । ପ୍ରସବ କରିବାର ଅନ୍ତତଃ ୬୦ ଦିନ ଆଗରୁ ମଇଁଷିକୁ ଦୁଧ ଛଡ଼ାଇ ଦେବା ଉଚିତ୍ । ଗର୍ଭଧାରଣ ସମୟରେ ମଇଁଷିର ଦୁର୍ଘଟଣା ଜନିତ ଗର୍ଭପାତ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ । ଜନ୍ମ କରିବା ସମୟରେ ପାଖରେ ରହି ମଇଁଷି ଏବଂ ତାର ଛୁଆର ବିଶେଷ ଯତ୍ନ ନେବା ଆବଶ୍ୟକ ।

### ଅଣ୍ଡିରା ମଇଁଷି ବା ବିଜାରର ଖାଦ୍ୟ

ଉନ୍ନତମାନର ଶୁକ୍ର ପାଇବା ନିମିତ୍ତ ବିଜାରକୁ ଅଧିକ ପୁଷ୍ଟିସାରଯୁକ୍ତ ଦାନା ଖୁଆଇବା ଉଚିତ୍ । ପ୍ରଜନନ ସମୟରେ ବିଜାରକୁ ତାର ଜୀବନଧାରଣ ପାଇଁ ଦିଆଯାଉଥିବା ଦାନା (ତାର ଶରୀର ଓଜନର ଶତକଡ଼ା ୨.୫ ରୁ ୩ କିଲୋ ହାରରେ ଶୁଷ୍କ ଖାଦ୍ୟ) ବ୍ୟତୀତ ଭଲ ପ୍ରଜନନକ୍ଷମ କରିବା ସକାଶେ ବିଜାର ପ୍ରତି ଦୈନିକ ୨ କିଲୋ ଅଧିକ ଦାନା ଖୁଆଇବା ଉଚିତ୍ । ଦାନା ସହିତ ଘାସ, ନଡ଼ା ଓ ଖଣିପକା ଘାସ ଇତ୍ୟାଦି ଖୁଆଇବା ଉଚିତ୍ ।

### ମଇଁଷିମାନଙ୍କର ପ୍ରଜନନ ପ୍ରକ୍ରିୟା

ମଇଁଷିମାନେ ସେମାନଙ୍କର ଉଷ୍ଣ ଜଳବାୟୁ ସହ୍ୟ କରିବାର କ୍ଷମତା ସହିତ ତନ୍ତୁଜ ବହୁଳ ଉଦ୍ଭିଦ ଜାତୀୟ ଖାଦ୍ୟକୁ ଦୁଗ୍ଧରେ ରୂପାନ୍ତରିତ କରିବାର ଦକ୍ଷତା ପାଇଁ ଭଲ ଭାବରେ ଜଣାଶୁଣା । କିନ୍ତୁ ଏହି ଉତ୍ପାଦନ ଦକ୍ଷତା ସେମାନଙ୍କର ନିମ୍ନମାନର ପ୍ରଜନନ କ୍ଷମତା ଦ୍ୱାରା ପ୍ରତିକୂଳ ଭାବେ ପ୍ରଭାବିତ ହୋଇଥାଏ । ସେମାନଙ୍କର ନିମ୍ନମାନର ପ୍ରଜନନ କ୍ଷମତା ନିମ୍ନ ଲିଖିତ ତଥ୍ୟାବଳୀରୁ ଜଣାପଡ଼େ । ସେଗୁଡ଼ିକ ହେଲା – (୧) ସ୍ୱଳ୍ପ ଶାରୀରିକ ଅଭିବୃଦ୍ଧି ହାର, (୨) ବିଳମ୍ବିତ ଯୌନ ପରିପକ୍ୱତା, (୩) ଅଧିକ ବୟସରେ ପ୍ରଥମ ବାଛୁରୀ ଜନ୍ମ ଦେବା, (୪) ଗରମକୁ ଆସିବାର କ୍ଷୀଣ ଲକ୍ଷଣ, (୫) ସ୍ୱଳ୍ପ ଗର୍ଭଧାରଣ ହାର, (୬) ପ୍ରସବ ପରେ ପୁନଶ୍ଚ ଗରମକୁ ଆସିବାରେ ବିଳମ୍ବ ଓ (୭) ବାଛୁରୀ ଜନ୍ମ ଦେବାରେ ଅଧିକ ସମୟ ବ୍ୟବଧାନ । ଗୃହପାଳିତ ମଇଁଷିମାନଙ୍କର ଏହି ପ୍ରକାର ଗୁଣାବଳୀ ବିଶେଷତଃ ଏସୀୟ ଦେଶମାନଙ୍କରେ ପ୍ରଭୁତଃ ଅର୍ଥନୈତିକ କ୍ଷତି ଘଟାଇଥାଏ । କାରଣ ପୃଥିବୀର ସମସ୍ତ

ମଇଁଷି ସଂଖ୍ୟାର ହାରାହାରି ୯୫ ପ୍ରତିଶତ ଏହି ଦେଶମାନଙ୍କରେ ଥାଆନ୍ତି । ପୁନଶ୍ଚ, ଯେହେତୁ ପୃଥିବୀର ଏକ ଷଷ୍ଠାଂଶ ମଇଁଷି ଭାରତରେ ଥାଆନ୍ତି ଏବଂ ଏହି ଦେଶରେ ଅଧାରୁ ଅଧିକ ଉତ୍ପାଦିତ ଦୁଗ୍ଧ ମଇଁଷିମାନଙ୍କ ଠାରୁ ହିଁ ମିଳିଥାଏ । ଭାରତରେ ଏହି କ୍ଷତିର ପରିମାଣ ସହଜରେ ଅନୁମେୟ ।

ଋତୁ ଭିତ୍ତିକ ପ୍ରଜନନ ଚକ୍ର ଏବଂ ବାଛୁରୀ ଜନ୍ମ ଦେବାର ଅଧିକ ବ୍ୟବଧାନ ଭଳି କାରଣମାନ ଅନୁକୂଳ ଋତୁରେ (ଯେଉଁ ସମୟରେ ତୃଣାଦି ପଶୁଖାଦ୍ୟ ପ୍ରଚୁର ଭାବରେ ମିଳେ) ବାଛୁରୀ ଜନ୍ମ କରିବାରେ ବିଶେଷ ଅସୁବିଧା ଘଟାଇଥାଏ । ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଯତ୍ନ ଦ୍ୱାରା ଏଭଳି ପରିସ୍ଥିତିକୁ ସୁଧୁରା ଯାଇପାରେ । କିନ୍ତୁ ଦୁଃଖର ବିଷୟ ଯେ ମଇଁଷିମାନଙ୍କର ପ୍ରଜନନ ସମ୍ବନ୍ଧୀୟ ଆଚରଣ ସମ୍ପୂର୍ଣ୍ଣ ରୂପେ ଅନୁଧ୍ୟାନ କରାଯାଇ ନାହିଁ । ଏକ ଅନୁଧ୍ୟାନରୁ ମୋଟାମୋଟି ଭାବରେ ଜଣାଯାଇଛି ଯେ ପାରମ୍ପରିକ ଭିତ୍ତିରେ ପାଳିତ ହେଉଥିବା ମଇଁଷିମାନେ ୩-୪ ବର୍ଷ ବ୍ୟବଧାନରେ ବାଛୁରୀ ଜନ୍ମ କରୁଥିବା ବେଳେ କେତେକ ଉନ୍ନତମାନର ମଇଁଷି ପାଳନ କେନ୍ଦ୍ରମାନଙ୍କରେ ଏହି ବ୍ୟବଧାନ ୧୪ ରୁ ୧୬ ମାସ ମଧ୍ୟରେ ସିମୀତ ହୋଇଥାଏ । ଆହୁରି ମଧ୍ୟ ଜଣାଯାଇଛି ଯେ ମଇଁଷିମାନେ ପ୍ରଥମ ବାଛୁରୀ ୩ ବର୍ଷ ଭଳି କମ୍ ବୟସରେ ଦେଇ ପାରୁଥିଲେ ହେଁ ଅଧିକାଂଶ କ୍ଷେତ୍ରରେ ଏହି ବୟସ ୫ ବର୍ଷ ପର୍ଯ୍ୟନ୍ତ ବିଳମ୍ବିତ ହୋଇଥାଏ । ଅଣ୍ଡିରା ମଇଁଷିମାନେ ୩-୪ ବର୍ଷ ବୟସରେ ପ୍ରଜନନକ୍ଷମ ହୋଇଥାନ୍ତି ।

ମଇଁଷିମାନଙ୍କର ପ୍ରଜନନ ସମ୍ବନ୍ଧୀୟ କେତେକ ବିଶେଷ ତଥ୍ୟ ନିମ୍ନରେ ପ୍ରଦତ୍ତ କରାଗଲା ।

## ୧. ଯୌନ ପରିପକ୍ୱତା

ଏହି ଅବସ୍ଥାରେ ପ୍ରଜନନ ଇନ୍ଦ୍ରୀୟ ଗୁଡ଼ିକର ବୃଦ୍ଧି ଓ ବିକାଶ ଘଟିବା ଫଳରେ ମଇଁଷି ପ୍ରଜନନ ଓ ଗର୍ଭଧାରଣକ୍ଷମ ହୋଇଥାଏ । ଯେଉଁ ବୟସରେ ଯୌନ ପରିପକ୍ୱତା ଘଟିଥାଏ ସେଥିରେ ବହୁତ ତାରତମ୍ୟ ଦେଖାଯାଇଥାଏ । ପୁଷ୍ଟିକର ଖାଦ୍ୟ ଓ ଉନ୍ନତମାନର ରକ୍ଷଣାବେକ୍ଷଣ ଏହି ବୟସକୁ କମାଇବାରେ ସାହାଯ୍ୟ କରିଥାଏ । ମଇଁଷିମାନେ ୨ ରୁ ୪ ବର୍ଷ ବୟସରେ ଯୌନ ପରିପକ୍ୱତା ପ୍ରାପ୍ତି କରିଥାନ୍ତି । ସେହିପରି



ପ୍ରଥମ ବାଛୁରୀ ଜନ୍ମ କରିବାର ବୟସରେ ମଧ୍ୟ ବହୁତ ତାରତମ୍ୟ ପରିଲକ୍ଷିତ ହୋଇଥାଏ । ଏହି ବୟସ ୩୫ ରୁ ୬୦ ମାସ ଏବଂ ହାରାହାରି ଭାବେ ୪୦ ମାସ ହୋଇଥାଏ । ଅଣ୍ଡିରା ମଇଁଷିମାନଙ୍କର ଯୌନ ପରିପକ୍ୱତା ୨୬/୨୭ ମାସ ବୟସର ପ୍ରାପ୍ତି ହୋଇଥାଏ । ଯଦିବା ଏହା ଠାରୁ କମ୍ ବୟସରେ ସେମାନଙ୍କର ପରିପକ୍ୱତା ଆସିଥାଏ ତଥାପି ସେମାନଙ୍କୁ ସଙ୍ଗମ ପାଇଁ ବ୍ୟବହାର କରାଯାଇ ନପାରେ । କାରଣ ଏହାଦ୍ୱାରା ଗର୍ଭଧାରଣ ହାର ହ୍ରାସ ପାଇଥାଏ । ଉନ୍ନତମାନର ପୁଷ୍ଟିସାଧନ ଓ ରକ୍ଷଣାବେକ୍ଷଣ ଦ୍ୱାରା ସେମାନଙ୍କର ଶାରିରୀକ ଅଭିବୃଦ୍ଧି ଘଟିଥାଏ । ଏପରି କ୍ଷେତ୍ରରେ ୨ ବର୍ଷ ବା ତାହାଠାରୁ କମ୍ ବୟସରେ ସେମାନଙ୍କୁ ପ୍ରଜନନରେ ବ୍ୟବହାର କରାଯାଇପାରେ । ମଇଁଷି ଷଣ୍ଢମାନେ ୧୦ ରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରଜନନକ୍ଷମ ରହିପାରନ୍ତି ।

## ୨. ଋତୁଚକ୍ର

ଗୋଟିଏ ଗରମ ଠାରୁ ପରବର୍ତ୍ତୀ ଗରମ ପର୍ଯ୍ୟନ୍ତ ସମୟ ବ୍ୟବଧାନକୁ ଋତୁଚକ୍ର କୁହାଯାଏ । ମଇଁଷିମାନଙ୍କର ଋତୁଚକ୍ର ୨୦ ରୁ ୩୦ ଦିନ ଏବଂ ହାରାହାରି ଭାବେ ୨୧ ଦିନ । ଋତୁଚକ୍ର ଉପରେ ଖାଦ୍ୟପୁଷ୍ଟିର ବିଶେଷ ପ୍ରଭାବ ନଥିଲେ ମଧ୍ୟ ଉନ୍ନତମାନର ଖାଦ୍ୟ ଗର୍ଭଧାରଣ ହାର ବଢ଼ାଇଥାଏ । ମଇଁଷିମାନଙ୍କର ଗରମ ସମୟ ୧୨ ଘଣ୍ଟାରୁ ୩୦ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ । ଦେଖାଯାଇଛି ଯେ ଏହି ଗରମ ଶୀତ ଦିନରେ ସବୁଠାରୁ ବେଶୀ ସମୟ, ବର୍ଷା ଦିନରେ ତା ଠାରୁ କମ୍ ସମୟ ଓ ଖରାଦିନରେ ସବୁଠାରୁ କମ୍ ସମୟ ରୁହେ । ପ୍ରଜନନ ଠିକ୍ ସମୟରେ କରାଗଲେ ଗର୍ଭ ରଖିବାର ସମ୍ଭାବନା ବେଶୀ ଥାଏ । ମଇଁଷିର ଗରମ ରହିବାର ମଧ୍ୟ ବା ଶେଷ ଭାଗରେ ପ୍ରଜନନ କରାଯିବା ଉଚିତ୍ ।

## ୩. ମଇଁଷିର ଗରମ ହେବା ଲକ୍ଷଣ

ଗାଈ ଭଳି ମଇଁଷିମାନେ ମଧ୍ୟ ଗରମକୁ ଆସିଲେ କେତେକ ଲକ୍ଷଣ ପ୍ରକାଶ କରିଥାନ୍ତି । କିନ୍ତୁ ମଇଁଷିମାନଙ୍କ କ୍ଷେତ୍ରରେ ଏହି ଲକ୍ଷଣ ଗୁଡ଼ିକ ଏତେ ସ୍ପଷ୍ଟ ହୋଇ ନଥାଏ । ଏହାକୁ ଚୋରା ଗରମ କୁହାଯାଏ । ଗ୍ରୀଷ୍ମ ଋତୁରେ ଏହି ଲକ୍ଷଣଗୁଡ଼ିକ ଆହୁରି ଅଧିକ ଅସ୍ପଷ୍ଟ ହୋଇଥାଏ ।

ମଇଁଷିର ଗରମକୁ ଆସିବାର ଲକ୍ଷଣଗୁଡ଼ିକ ହେଲା - (୧) ଅସ୍ଥିରତା, ୨) ହମ୍ବାଳି ଛାଡ଼ିବା, ୩) କ୍ଷୀର କମାଇଦେବା, ୪) କ୍ଷୁଧା ହ୍ରାସ ପାଇବା, ୫) ଅଣ୍ଡିରା ମଇଁଷିର ଡାକକୁ ଉତ୍ତର ଦେବା, ୬) ଅନ୍ୟ ମଇଁଷିଙ୍କ ଉପରେ ଚଢ଼ିବା ଓ ନିଜ ଉପରକୁ ଚଢ଼ିବାକୁ ଦେବା, ୭) ବାରମ୍ବାର ପରିସ୍ରା କରିବା, ୮) ଯୋନି ଦ୍ୱାର ଫୁଲିଯିବା ଓ ଯୋନି ଦ୍ୱାର ଭିତର ଲାଲ ଦେଖାଯିବା, ୯) ଜରାୟୁ ଦ୍ୱାର ମେଲା ରହିବା, ୧୦) ଯୋନି ଭିତରୁ ଝିଲ୍ଲୀ ନିସୃତ ହେବା ଏବଂ ୧୧) ଦୁହିଁ ସାରିବା ପରେ ମଧ୍ୟ ଚିରଗୁଡ଼ିକ ଫୁଲି ରହିବା ଇତ୍ୟାଦି । ଦର୍ଶାଯାଇଛି ଯେ ଏହିସବୁ ଲକ୍ଷଣଗୁଡ଼ିକ ମଧ୍ୟରୁ ବାରମ୍ବାର ପରିସ୍ରା କରିବା ହେଉଛି ମଇଁଷି ଗରମକୁ ଆସିବାର ଜାଣିବା ପାଇଁ ସବୁଠାରୁ ସୁବିଧାଜନକ ଓ ବିଶ୍ୱସନୀୟ ଲକ୍ଷଣ । ଏହାର କାରଣ ଗୁଡ଼ିକ ହେଲା - ୧) ଏହା ବର୍ଷର ସବୁ ଋତୁରେ ଦେଖାଯାଏ ୨) ଏହି ଲକ୍ଷଣ ଜାଣିବା ଚାଷୀ ପାଖରେ ଅତି ସହଜ, ୩) ଅନ୍ୟ କେତେକ ଲକ୍ଷଣ ଭଳି ଏହା ପ୍ରକୃତ ଗରମର ପୂର୍ବାବସ୍ଥାରେ ଦେଖାଯାଏ ନାହିଁ, ୪) ଗ୍ରୀଷ୍ମଋତୁରେ ଯେତେବେଳେ କି ଅନ୍ୟସବୁ ଲକ୍ଷଣ ସାଧାରଣତଃ ଦେଖାଯାଏ ନାହିଁ ବା ଅତି କ୍ଷୀଣ ଭାବରେ ଦେଖାଯାଏ, ସେତେବେଳେ ମଧ୍ୟ ଏହା ଦେଖାଯାଏ, ୫) ଅତି ଦୁର୍ବଳ ଗରମରେ ମଧ୍ୟ ଏହା ଦେଖାଯାଏ ଏବଂ ୬) ପ୍ରସବ ପରେ ପୁଣି ଗରମକୁ ଆସିଲେ ଜାଣିବାରେ ସହାୟକ ହୋଇଥାଏ ।

ଜରାୟୁ ଦ୍ୱାରରୁ ଯୋନି ମଧ୍ୟ ଦେଇ ନିସୃତ ଝିଲ୍ଲୀର ପ୍ରକାର ଭେଦ ମଇଁଷିକୁ ଠିକଣା ସମୟରେ ପ୍ରଜନନ କରିବାରେ ସାହାଯ୍ୟ କରିଥାଏ । ମଇଁଷି ଗରମକୁ ଆସିବାର ପ୍ରଥମାବସ୍ଥାରେ ଏହି ଝିଲ୍ଲୀ ନିର୍ମଳ, ମଧ୍ୟମାବସ୍ଥାରେ ଗୋଳିଆ ଓ ବହଳିଆ ଏବଂ ଶେଷାବସ୍ଥାରେ ଅଧିକ ବହଳିଆ ଓ ଅସ୍ୱଚ୍ଛ ଦେଖାଯାଏ । ଝିଲ୍ଲୀର ଏହି ପ୍ରଥମ ଓ ମଧ୍ୟମାବସ୍ଥା ସମୟ ମଧ୍ୟରେ କୃତ୍ରିମ ପ୍ରଜନନ କରାଗଲେ ଗର୍ଭ ରଖିବାର ହାର ବୃଦ୍ଧି ପାଇଥାଏ । ଅନ୍ୟ ଏକ ଲକ୍ଷଣ ହେଉଛି ଯେ, ମଇଁଷିର ପ୍ରକୃତ ଗର୍ଭାବସ୍ଥାରେ ଏହି ଝିଲ୍ଲୀ ସବୁଠାରୁ ଅଧିକ ଇଲାଷ୍ଟିକ୍ ପରି ଟାଣି ହୋଇପାରେ । ତେବେ ମନେ ରଖିବା ଉଚିତ୍ ଯେ ଝିଲ୍ଲୀର ଏହି ପ୍ରକାର ଭେଦ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର ନ କରି ମଇଁଷିର ଠିକ୍ ଗରମ ସମୟ ଜାଣିବା ପାଇଁ ଉପରୋକ୍ତ ଅନ୍ୟାନ୍ୟ ଲକ୍ଷଣ



ସହିତ ଏହାକୁ ବିଚାରକୁ ନିଆଯିବା ଉଚିତ୍ । ଯାହାଦ୍ୱାରାକି କୃତ୍ରିମ ପ୍ରଜନନ ଠିକ୍ ସମୟରେ କରାଯାଇପାରିବ ।

ଦେଖାଯାଇଛି ଯେ ଅଧିକାଂଶ ମଇଁଷ ରାତି ଅଧରୁ ପାହାନ୍ତା ମଧ୍ୟରେ ଗରମକୁ ଆସିବାର ଲକ୍ଷଣ ପ୍ରକାଶ କରିଥାନ୍ତି ।

## ୪. ପ୍ରସବ ପରବର୍ତ୍ତୀକାଳୀନ ଋତୁଚକ୍ର

ଥରେ ପ୍ରସବ କଲାପରେ ପୁଣି ଥରେ ଗରମକୁ ଆସିବା ପାଇଁ ଯେଉଁ ସମୟ ଲାଗେ ସେଥିରେ ବହୁତ ତାରତମ୍ୟ ଦେଖାଯାଇଥାଏ । ଏହି ସମୟ ସାଧାରଣତଃ ୨ ରୁ ୩ ମାସ ଏବଂ ଅନେକ କ୍ଷେତ୍ରରେ ୪ ମାସ ବା ତଦୁର୍ଦ୍ଧ୍ୱ ହୋଇଥାଏ । ପୁଣି ଗରମକୁ ଆସିବା ପାଇଁ ଅଧିକ ସମୟ ନେବା ହେଉଛି ମଇଁଷିମାନଙ୍କର ଉତ୍ପାଦନ କ୍ଷମତା ହ୍ରାସର ଅନ୍ୟ ଏକ ବଡ଼ କାରଣ । ଗର୍ଭାବସ୍ଥାରେ ଉନ୍ନତ ମାନର ପୁଷ୍ଟିକର ଖାଦ୍ୟ ଏବଂ ଜନ୍ମ କଲାପରେ ଅଳ୍ପ ଦିନ ଭିତରେ ବାଛୁରୀକୁ ପହ୍ନା ଛଡ଼ା କରାଇବା ଭଳି ପଦକ୍ଷେପ ମାନ ଏହି ସମସ୍ୟାର ସମାଧାନ କ୍ଷେତ୍ରରେ ସହାୟକ ହୋଇଥାଏ ।

ବାଛୁରୀ ଜନ୍ମ କରିବା ଠାରୁ ପୁଣି ଥରେ ଗର୍ଭ ଧାରଣ କରିବାର ମଧ୍ୟବର୍ତ୍ତୀ ସମୟ ମଇଁଷି ମାନଙ୍କ କ୍ଷେତ୍ରରେ ଅଧିକ ଯାହାକି ୩ ରୁ ୭ ମାସ ପର୍ଯ୍ୟନ୍ତ ହୋଇଥାଏ । ଏହି କାରଣରୁ ମଇଁଷିମାନଙ୍କର ଉତ୍ପାଦନ କ୍ଷମତା ବିଶେଷ ଭାବରେ ହ୍ରାସ ପାଇଥାଏ । ସାଧାରଣତଃ ଶୀତ ଦିନରେ ଗର୍ଭଧାରଣ ହାର ବେଶୀ ଥାଏ । ଗର୍ଭ ଧାରଣ ପାଇଁ ୨ ରୁ ୩ ଥର ସଙ୍ଗମ କରାଇବା ଦରକାର ହୋଇଥାଏ ।

ମଇଁଷିର ଗର୍ଭଧାରଣ କାଳ ୩୧୦ ରୁ ୩୨୦ ଦିନ ଯାହାକି ଗାଈମାନଙ୍କ ଠାରୁ ଅଧିକ । ପ୍ରସବ କରିବା ପରେ ପୁଣି ଗରମକୁ ଆସିବାରେ ବିଳମ୍ବ ହେତୁ ମଇଁଷି ମାନଙ୍କ କ୍ଷେତ୍ରରେ ଦୁଇଟି ବାଛୁରୀ ଜନ୍ମ କରିବାର ସମୟ ବ୍ୟବଧାନ ମଧ୍ୟ ଅଧିକ, ଯାହାକି ୧୫ ରୁ ୨୦ ମାସ ମଧ୍ୟରେ ହୋଇଥାଏ । ତେବେ ଦେଖାଯାଇଛି ଯେ, ଗୋଟିଏ ମଇଁଷିର ପରବର୍ତ୍ତୀ କାଳୀନ ବାଛୁରୀ ଜନ୍ମ ବେଳେ ଏହି ସମୟ ବ୍ୟବଧାନ କ୍ରମଶଃ ହ୍ରାସ ପାଇଥାଏ ।

କ୍ଷୀର ଦେବା ବନ୍ଦ ହୋଇଯିବା ଓ ପରବର୍ତ୍ତୀ ବାଛୁରୀ ଜନ୍ମ ହେବାର ବ୍ୟବଧାନକୁ ପଡ଼ିଆ ସମୟ କୁହାଯାଏ, ଯାହାକି ୩ ମାସରୁ ୭ ମାସ ପର୍ଯ୍ୟନ୍ତ ହୋଇଥାଏ । ଏହା ମଇଁଷିର ରକ୍ଷଣାବେକ୍ଷଣ ଓ ପରିବେଶ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥାଏ ।

## ୫. ଜନ୍ମ କରିବା ପ୍ରକ୍ରିୟା

ଜନ୍ମ କରିବାର ଲକ୍ଷଣ ଗୁଡ଼ିକ ହେଲା – ୧) ଜନ୍ମ କରିବାର ଏକ ସପ୍ତାହ ପୂର୍ବରୁ ଲାଞ୍ଜମୂଳ ଓ କଣ୍ଟାହାଡ଼ ପାଖର ମାଂସପେଶୀ ତଳକୁ ଖସିଆସେ, ୨) ଜନ୍ମ କରିବାର ୨୪ ରୁ ୩୫ ଘଣ୍ଟା ପୂର୍ବରୁ ଯୋନି ଫୁଲିଯାଏ ଓ କୋମଳ ହୋଇଥାଏ ଏବଂ ସେଥିରେ ଥିବା କୁଞ୍ଚଗୁଡ଼ିକ ଉଭେଇଯାଏ । ୩) ଗର୍ଭଧାରଣର ଶେଷ ୨ ମାସରେ ପହ୍ନାର ଆକାରରେ ଦୃତ ବୃଦ୍ଧି ଘଟିଥାଏ ଏବଂ ଶେଷ ୨–୩ ଦିନ ପୂର୍ବରୁ ଏହା ଯଥେଷ୍ଟ ବଡ଼ ହୋଇଥାଏ । ୪) ଜନ୍ମ କରିବାର ୧–୩ ଦିନ ପୂର୍ବରୁ ଏକ ପ୍ରକାର ବହଳିଆ ଧଳା ଝିଲ୍ଲୀ ଯୋନିରୁ ନିସୃତ ହୋଇ ଲାଞ୍ଜ ଓ ପଛ ଗୋଡ଼କୁ ଅପରିଷ୍କୃତ କରାଏ । ଏହାଛଡ଼ା ଅସ୍ଥିରତା, ଲାଞ୍ଜକୁ ଉପରକୁ ଟେକିବା, ଭୂମିକୁ ଖୁରାରେ ବାଡ଼େଇବା ଓ ଖାଦ୍ୟପେୟ ଛାଡ଼ିଦେବା ଭଳି ଲକ୍ଷଣମାନ ମଧ୍ୟ ପରିଲକ୍ଷିତ ହୁଏ ।

ଜନ୍ମ କରିବା ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ ସମ୍ପାଦିତ ହୋଇଥାଏ । ପ୍ରଥମ ପର୍ଯ୍ୟାୟରେ ପ୍ରସୂତି ବେଦନାର ତିବ୍ରତା ଅନୁସାରେ, ଜରାୟୁ ଦ୍ୱାରା ମେଲା ହୋଇଯାଏ । ଏହି ଅବସ୍ଥାର ସମୟକାଳ ଅଧଘଣ୍ଟାରୁ ଦୁଇଘଣ୍ଟା । ଏହି ସମୟ କାଳରେ ଯୋନି ଫୁଲି ବଡ଼ ଦେଖାଯାଏ ଓ ଜରାୟୁର ମାଂସପେଶୀ ଗୁଡ଼ିକରେ ତୀବ୍ର ସଂକୋଚନ ପରିଲକ୍ଷିତ ହୁଏ । ଏହି ସମୟରେ ପାଣିଥଳୀଟି ବାହାରି ଆସେ ଓ ଫାଟିଯାଏ । ଅଧିକାଂଶ କ୍ଷେତ୍ରରେ ଏହା ବାହାରି ଆସି ଯୋନି ବାହାରେ ଝୁଲି ରହେ ।

ଦ୍ୱିତୀୟ ପର୍ଯ୍ୟାୟରେ ବାଛୁରୀ ବାହାରକୁ ବାହାରି ଆସେ । ପ୍ରଥମେ ଆଗ ଦୁଇଗୋଡ଼, ମୁଣ୍ଡ ଓ ବେକ ଏକ ସମୟରେ ବାହାରି ଯୋନି ଦ୍ୱାର ପାଖରେ ଦେଖାଯାଏ । ଏହି ସମୟ ଠାରୁ ବାଛୁରୀଟି ସମ୍ପୂର୍ଣ୍ଣ ଭାବେ ବାହାରକୁ ଆସିବାକୁ ୨୦ ରୁ ୩୦ ମିନିଟ୍ ସମୟ ଲାଗେ । ପ୍ରଥମ ଥର ଜନ୍ମ କରୁଥିବା ମଇଁଷି ପାଇଁ ଅଧିକ ସମୟ ଲାଗିଥାଏ ।



ତୃତୀୟ ପର୍ଯ୍ୟାୟରେ ଫୁଲ ବାହାରେ ଏବଂ ଏଥିପାଇଁ ୪ ରୁ ୬ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗିଥାଏ । ପ୍ରଥମ ଥର ଜନ୍ମ କରୁଥିବା ମଇଁଷି ପାଇଁ ସାମାନ୍ୟ ଅଧିକ ସମୟ ଲାଗିଥାଏ । ଏହିପରି ଜନ୍ମ କରିବା ପାଇଁ ତିନୋଟି ପର୍ଯ୍ୟାୟରେ ମୋଟ ଉପରେ ୫ ରୁ ୭ ଘଣ୍ଟା ସମୟ ଲାଗିଥାଏ ।

## ଗ୍ରୀଷ୍ମଋତୁରେ ମଇଁଷିଙ୍କ ଅସୁବିଧା

ମଇଁଷିର ଚମଡ଼ା କଳା ଏବଂ ଚମଡ଼ାରେ ଅଳ୍ପ ସଂଖ୍ୟକ ଲୋମ ଓ ଲୋମଗ୍ରନ୍ଥୀ ଥିବାରୁ ଗ୍ରୀଷ୍ମ କାଳରେ ସୂର୍ଯ୍ୟର ଉତ୍ତାପ ଅଧିକ ଗ୍ରହଣ କରିଥାଏ । ଏହା ବ୍ୟତୀତ ମଇଁଷିର ଝାଳ ନିର୍ଗତ ପ୍ରକ୍ରିୟା ନିମ୍ନମାନର ହେଉଥିବା ଯୋଗୁଁ ଦେହରୁ ଉତ୍ତାପ ବିକିରଣ ଠିକ୍ ଭାବରେ ହୋଇପାରେ ନାହିଁ । ଏଣୁ ମଇଁଷି ସର୍ବଦା ଅସ୍ୱସ୍ଥି ଅନୁଭବ କରେ । ମଇଁଷି ଚମଡ଼ାରେ ପ୍ରତି ବର୍ଗ ସେଣ୍ଟିମିଟରରେ ଏକ ଶହରୁ ଦୁଇଶହ ପର୍ଯ୍ୟନ୍ତ ଲୋମ ଓ ପ୍ରତି ଲୋମମୂଳରେ ଗୋଟିଏ କରି ଝାଳ ଗ୍ରନ୍ଥି ଥାଏ । ଏହା ଗାଈର ଲୋମ ଓ ଝାଳଗ୍ରନ୍ଥି ସଂଖ୍ୟାର ଏକ ଦଶମାଂସ । ମଇଁଷିର ଝାଳଗ୍ରନ୍ଥିର ଆକାର ଗାଈର ଝାଳଗ୍ରନ୍ଥି ଠାରୁ ବଡ଼ କିନ୍ତୁ ଏହାର ଝାଳ ନିର୍ଗତ ପ୍ରଣାଳୀ ଗାଈ ଠାରୁ ଅନୁନ୍ନତ । ତେଣୁ ମଇଁଷି ଠାରେ ବାଷ୍ପିୟ ଶୀତଳୀକରଣ ପ୍ରକ୍ରିୟା ଗାଈ ଅପେକ୍ଷା କମ୍ ହୋଇଥାଏ । ଏହାଦ୍ୱାରା ଦେହର ଉତ୍ତାପ ବୃଦ୍ଧି ଘଟେ ଓ ମଇଁଷି ଅସହ୍ୟ ଯନ୍ତ୍ରଣା ଅନୁଭବ କରେ । ଉତ୍ତାପ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମଇଁଷିର ପାକୁଳି ବନ୍ଦ ହୋଇଯାଏ । ଖାଇବାକୁ ଇଚ୍ଛା ପ୍ରକାଶ କରେ ନାହିଁ । ଜୋରରେ ନିଶ୍ୱାସ ନିଏ । ପାଟିରୁ ଲାଳ, ଆଖି ଓ କାନରୁ ପାଣି ବହେ । ମଇଁଷି ଅଧିକ ପାଣି ପିଏ ମାତ୍ର ଖାଇବା ବନ୍ଦ କରିଦିଏ । ଖାଇବା କମିଯିବା ଦ୍ୱାରା ମଇଁଷିର ଦୁଗ୍ଧ ଉତ୍ପାଦନ କ୍ଷମତା ମଧ୍ୟ କମିଯାଏ । ଗ୍ରୀଷ୍ମର ପ୍ରଭାବ ଯୋଗୁଁ ପୁଷ୍ଟିସାର ଓ ସ୍ନେହସାର ହଜମରେ ଅବନତି ଘଟେ । ଗ୍ରୀଷ୍ମ ଦିନେ ଶୀତ ଦିନ ଅପେକ୍ଷା ତିନିଗୁଣ ପରିମାଣର ଜଳ ଦେହରୁ ନିଶ୍ୱାସ ଓ ଝାଳ ଦ୍ୱାରା ବାହାରିଯିବା ଦ୍ୱାରା ମଇଁଷିର ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ । ଗାଈର ଉତ୍ତାପ ସହିବା ଶକ୍ତି ମଇଁଷି ଅପେକ୍ଷା ଅଧିକ ହୋଇଥିବାରୁ ଗାଈମାନଙ୍କୁ ଗ୍ରୀଷ୍ମଋତୁ ସେତେ କ୍ଷତିକାରକ ହୋଇ ନଥାଏ । ମାତ୍ର ମଇଁଷି ମାନଙ୍କ ପକ୍ଷେ ଗ୍ରୀଷ୍ମଋତୁ ବହୁତ କ୍ଷତିକାରକ ହୋଇଥାଏ ।

ଗ୍ରୀଷ୍ମ ଋତୁରେ ଅଣ୍ଡିରା ମଇଁଷି ମାନଙ୍କର ପ୍ରଜନନ କ୍ଷମତାର ହ୍ରାସ ପାଇଥାଏ । ଫଳରେ ମାଈ ମଇଁଷିଙ୍କର ଗର୍ଭବତୀ ହେବାର ସମ୍ଭାବନା କମ୍ ଥାଏ ବା ଆଦୌ ନଥାଏ । ଅତ୍ୟଧିକ ଉତ୍ତାପ ଯୋଗୁଁ ମାଈ ମଇଁଷି ମାନେ ଗରମକୁ ଆସି ନଥାନ୍ତି । ବାଛୁରୀ ମାନଙ୍କର ଶରୀର ବୃଦ୍ଧି ଠିକ୍ ଭାବରେ ହୋଇପାରେ ନାହିଁ । ମାତ୍ର ଗବେଷଣାରୁ ଜଣାଯାଇଛି ଯେ ବାଛୁରୀ ମାନଙ୍କୁ ଦିନରେ ୨-୩ ଥର ଗାଧୋଇଦେବା ଦ୍ୱାରା ଏମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ ।

**ଖରାଦିନେ ମଇଁଷିଙ୍କୁ ରକ୍ଷା କରିବେ କିପରି ?**

୧) ଦିନର ଅତ୍ୟଧିକ ଉତ୍ତାପ ସମୟରେ ଅର୍ଥାତ୍ ସକାଳ ୧୦/୧୧ଟା ଠାରୁ ୩/୪ଟା ପର୍ଯ୍ୟନ୍ତ ମଇଁଷିଙ୍କୁ ନଦୀ ବା ପୋଖରୀ ପାଣିରେ ରଖିବା ଉଚିତ୍ । ନତୁବା ଏହି ସମୟରେ ଏମାନଙ୍କୁ ଛାଇ ସ୍ଥାନରେ ବା ଗୁହାଳରେ ରଖିବା ଆବଶ୍ୟକ ।

୨) ଗୁହାଳରେ ଥିବାବେଳେ ଦିନକୁ ୨-୩ ଥର ଭଲ ଭାବେ ପାଣି ଢାଳି ଗାଧୋଇ ଦେବା ଉଚିତ୍ ।

୩) ଗୁହାଳ ଝରକାରେ ଓଦା ଅଖା ବାନ୍ଧି ଗୁହାଳକୁ ଥଣ୍ଡା ରଖିବା ଉଚିତ୍ ।

୪) ଗୁହାଳରେ ପଙ୍ଖା ଲଗାଇ ଗୁହାଳର ପରିବେଶ ଥଣ୍ଡା ରଖାଯାଇପାରେ । ଏହାଦ୍ୱାରା ମଇଁଷି ବହୁତ ଆରାମ ପାଇଥାଏ ।

୫) ପରିଷ୍କାର ଥଣ୍ଡା ପାଣି ଦିନକୁ ୩-୪ ଥର ପିଇବା ପାଇଁ ଦେବା ଉଚିତ୍ ।

୬) ଗୁହାଳର ଚତୁଃପାର୍ଶ୍ୱରେ ଇଉକାଲିପଟାସ୍ ପରି ବଡ଼ ବଡ଼ ସବୁଜ ଗଛ ଲଗାଇବା ଉଚିତ୍ । ଏହା ଗରମ ପବନକୁ ପ୍ରତିରୋଧ କରିବାରେ ସାହାଯ୍ୟ କରେ ଓ ଗୁହାଳ ଘରକୁ ଥଣ୍ଡା ରଖେ ।

୭) ଯଥେଷ୍ଟ ପରିମାଣ ସବୁଜ ଘାସ ଖାଇବାକୁ ଦେବା ଉଚିତ୍ ।

୮) ମଇଁଷିଙ୍କୁ ରାତିରେ ବା ସନ୍ଧ୍ୟା ସମୟରେ ଘାସ ବା ନଡ଼ା ଇତ୍ୟାଦି ଖାଇବାକୁ ଦେବା ଦରକାର । ଏହାଦ୍ୱାରା ମଇଁଷି ଅଧିକ ଖାଦ୍ୟ ଖାଇ ଅଧିକ ଦୁଗ୍ଧ ଦେଇଥାଏ ।



୯) ଦିନରେ ଅତ୍ୟଧିକ ଉତ୍ତାପ ଯୋଗୁଁ ମଇଁଷିମାନେ ଭଲଭାବେ ଚରିପାରନ୍ତି ନାହିଁ । ଏଣୁ ସକାଳ ଓ ଉପରବେଳା ଥଣ୍ଡା ସମୟରେ ଚରିବାକୁ ଛାଡ଼ିବା ଉଚିତ୍ ।

୧୦) ରାତିରେ ମଇଁଷିଙ୍କୁ ଗୁହାଳରେ ନ ରଖି ବାହାରେ ରଖିବା ଭଲ ।

୧୧) ମଇଁଷିର ଆବଶ୍ୟକ ହେଉଥିବା ଦାନାକୁ ଏକାଥରକେ ନ ଖୁଆଇ ଭାଗ ଭାଗ କରି ୨ ବା ୩ ଥରରେ ଖୁଆଇବା ଉଚିତ୍ ।

**ମଇଁଷିଙ୍କ ରୋଗ ଓ ତାର ପ୍ରତିକାର**

ମଇଁଷି ମାନଙ୍କର ରୋଗ ହେଲେ ଚାଷୀକୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ । ମଇଁଷି ରୋଗାକ୍ରାନ୍ତ ହେଲେ ତାହାର ଦେହର ଉତ୍ତାପ, ନିଶ୍ୱାସ ପ୍ରଶ୍ୱାସ ହାର ଓ ନାଡ଼ି ଚାଳନା ହାରରେ ପରିବର୍ତ୍ତନ ଘଟିଥାଏ । ଏହି ପରିବର୍ତ୍ତନକୁ ଦେଖି ଆମେ ମଇଁଷି ରୋଗାକ୍ରାନ୍ତ ବୋଲି କହିଥାଉ ଓ ରୋଗର ଅନ୍ୟସବୁ ଲକ୍ଷଣ ଦେଖି ରୋଗ ନିର୍ଣ୍ଣୟ କରିଥାଉ ।

**ସୁସ୍ଥ ମଇଁଷିର ହାରାହାରି ଦେହର ଉତ୍ତାପ, ନିଶ୍ୱାସ ପ୍ରଶ୍ୱାସ ହାର ଓ ନାଡ଼ିଚାଳନା ହାର**

| ଦେହର ଉତ୍ତାପ (ସେଣ୍ଟିଗ୍ରେଡ୍‌ରେ) | ନିଶ୍ୱାସ ପ୍ରଶ୍ୱାସ ହାର (ମିନିଟ୍ ପ୍ରତି) | ନାଡ଼ି ଚାଳନା ହାର (ମିନିଟ୍ ପ୍ରତି) |
|---|---|---|
| ୩୬.୮ (ଶୀତଋତୁରେ)<br>୩୯.୪ (ଗ୍ରୀଷ୍ମଋତୁରେ) | ୧୫-୨୦ | ୪୦-୫୦ |

*ମଇଁଷିମାନଙ୍କ ଠାରେ ପରିଲକ୍ଷିତ ରୋଗଗୁଡ଼ିକ ହେଲା -*

**ଆନ୍ଥ୍ରାକ୍ସ ବା ଝୋଟକ -** ଏହି ରୋଗ ବ୍ୟାସିଲସ୍ ଆନ୍ଥ୍ରାସିସ୍ ନାମକ ଏକ ପ୍ରକାର ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗ ହେଲେ ଯେଉଁ ଲକ୍ଷଣ ଗୁଡ଼ିକ ଦେଖାଯାଏ, ସେଗୁଡ଼ିକ ହେଲା - ପ୍ରବଳ ଜ୍ୱର ହୁଏ,ରକ୍ତ ଦୂଷିତ ହୁଏ ଏବଂ ସଙ୍ଗେ ସଙ୍ଗେ ମୃତ୍ୟୁ ଘଟେ । ଏହି ରୋଗ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ । ଶବର ଅବୟାଦିରେ କାଠିନ୍ୟତା ଆସେନାହିଁ ଓ ଶରୀରର ପ୍ରାକୃତିକ ଗହ୍ୱର ଯଥା - ନାକ, କାନ, ମୁହଁ ଓ ଗୁହ୍ୟ ଦ୍ୱାରରୁ କଳା ରଙ୍ଗର ରକ୍ତ ବାହାରିବାର ଦେଖାଯାଏ ।

ଏହି ରକ୍ତ ଜମାଟ ବାନ୍ଧେ ନାହିଁ । ଏହି ଜୀବାଣୁ ଶରୀର ବାହାରେ ରେଣୁ ସୃଷ୍ଟି କରେ । ତେଣୁ ଆନ୍ଥ୍ରାକ୍ସ ବା ସ୍ଫୋଟକ ବୋଲି ସନ୍ଦେହ କରାଯାଉଥିବା ଶବକୁ ବ୍ୟବଚ୍ଛେଦ କରିବା ଉଚିତ୍ ନୁହେଁ । ଏହାର ରେଣୁ ଗୁଡ଼ିକ ବର୍ଷ ବର୍ଷ ଧରି ମାଟିରେ ରହିଥାନ୍ତି ଓ ସେହି ଅଞ୍ଚଳରେ ସଂକ୍ରାମକ ରୋଗ ସୃଷ୍ଟି କରିଥାନ୍ତି ।

ତେଣୁ ପରିସରକୁ ପୃଥକୀକରଣ ଦ୍ୱାରା ଏବଂ ଶବକୁ ଗଭୀର ଗାତ ଖୋଳି ସେଥିରେ ଚୂନ ଦେଇ ପୋତି ଦେବା ଦ୍ୱାରା ରୋଗ ବ୍ୟାପିବାକୁ ଅନେକାଂଶରେ ନିୟନ୍ତ୍ରିତ କରାଯାଇ ପାରିବ । ବର୍ଷା ଋତୁ ଆରମ୍ଭର ଏକ ମାସ ପୂର୍ବରୁ ପଶୁମାନଙ୍କୁ ପ୍ରତିବର୍ଷ ପ୍ରତିଷେଧକ ଟୀକା ଦେବା ଉଚିତ୍ ।

### ସାହାଣା ବା ଗଳାଫୁଲା

ଏହା ମଇଁଷି ମାନଙ୍କର ଏକ ସଂକ୍ରାମକ ରୋଗ । ବର୍ଷାଋତୁର ପ୍ରଥମ ଅସରା ବର୍ଷା ପରେ ପରେ ଏହି ରୋଗର ପ୍ରାଦୁର୍ଭାବ ସାଧାରଣତଃ ଦେଖାଯାଏ । ଏହି ରୋଗ ପାଶ୍ଚୁରେଲା ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ସାହାଣା ବା ଗଳାଫୁଲାର ଲକ୍ଷଣ ଗୁଡ଼ିକ ହେଲା ଯେ ଦେହରେ ଅତ୍ୟଧିକ ତାତି ରହିବ, ଗଳା, ଛାତି ଓ ଓଳମରେ ଗରମ ଓ କଷ୍ଟଦାୟକ ଫୁଲା ଦେଖାଯିବ, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେବ, ପାଟିରୁ ଲାଳ ବୋହିବ, ଜିଭ ବାହାରକୁ ବାହାରି ଆସିବ ଏବଂ ଝାଡ଼ା ହେବ । ନିଃଶ୍ୱାସ ବନ୍ଦ ହୋଇ ମୃତ୍ୟୁ ଘଟିବ । ପ୍ରତିବର୍ଷ ବର୍ଷାଋତୁ ପୂର୍ବରୁ ପ୍ରତିଷେଧକ ଟୀକା ଦେବା ଦରକାର ।

### ଚଟୁଆ ଫୁଲା ବା ବଜବଜିଆ

ସାଧାରଣତଃ ଦୁଇ ବର୍ଷରୁ କମ୍ ବୟସର ବାଛୁରୀମାନଙ୍କୁ ଏହି ରୋଗ ହୁଏ । ଏହି ରୋଗ ହେଲେ ଦେହରେ ତାତି ରହେ ଓ ଚଟୁଆ ଫୁଲିଯାଏ । ଏହାକୁ ହାତରେ ଚିପିଲେ କଡ଼ମଡ଼ ଶବ୍ଦ ହୋଇଥାଏ । ଚର୍ମର ରଙ୍ଗ ମଳିନ ପଡ଼ିଯାଏ, ଶୁଖିଯାଏ ଓ ଫାଟିଯାଏ । ଏହା ଏକ ପ୍ରକାର ଜୀବାଣୁ (କ୍ଲସ୍‌ଟ୍ରିଡ଼ିୟମ୍ ଚୋଉଭି) ଦ୍ୱାରା ହୋଇଥାଏ । ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ ପ୍ରତିଷେଧକ ଟୀକା ଦେବା ଦରକାର ।

### ବ୍ରୁସେଲୋସିସ୍

ଏହା ଏକ ସଂକ୍ରାମକ ରୋଗ । ଏହି ରୋଗର ଜୀବାଣୁ ଆକ୍ରମଣ କଲେ ମଇଁଷିଙ୍କର ଗର୍ଭପାତ ହୋଇଥାଏ । ନିରୁତା କ୍ଷୀର ପିଇଲେ (ଗରମ ନ କରି) କିମ୍ବା



ରୋଗାକ୍ରାନ୍ତ ପଶୁଙ୍କ ସିଧାସଳଖ ସଂସ୍ପର୍ଶରେ ଆସିଲେ, ମନୁଷ୍ୟଙ୍କୁ ଏହି ରୋଗ ହେବାର ସମ୍ଭାବନା ଥାଏ । ଆକ୍ରାନ୍ତ ପଶୁଟି ଗର୍ଭାବସ୍ଥାର ଶେଷ ଚତୁର୍ଥାଂଶ ବେଳକୁ ଗର୍ଭପାତ କରିଥାଏ । ଗୋଠର ଇତିହାସ ଓ ପ୍ରଜନନ ସମସ୍ୟା ବିଷୟରେ ଅବଗତ ଥିଲେ, ଏହି ରୋଗ ବିଷୟରେ ସଚେତନ ହୋଇପାରିବେ । ସନ୍ଦେହ ହେଉଥିବା ପଶୁଟିର ରକ୍ତ କିମ୍ବା କ୍ଷୀର ପରୀକ୍ଷା କଲେ ଗର୍ଭପାତ ରୋଗର ଜୀବାଣୁ ଚିହ୍ନଟ କରିହେବ । ପ୍ରତିଷେଧକ ବ୍ୟବସ୍ଥା ପାଇଁ ମଇଁଷିମାନଙ୍କୁ ଟୀକା ଦେଇଦେବା ଦରକାର ।

### ଫାଟୁଆ

ଏହି ରୋଗ ଏକ ଅତୀବ ସଂକ୍ରାମକ ଭୂତାଣୁ ଜନିତ ରୋଗ ଓ ଦ୍ୱିଖୁରା ବିଶିଷ୍ଟ ପ୍ରାଣୀ ଯଥା : ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରୀଙ୍କ ଠାରେ ଦେଖାଯାଏ । ସଂକ୍ରମିତ ପଶୁର ପ୍ରଧାନ ଲକ୍ଷଣ ଗୁଡ଼ିକ ହେଲା ଯେ, ଦାନ୍ତ କଡ଼ମଡ଼ କରିବା, ପାଟିରୁ ଫେଣ ବାହାରିବା, ଗୋଡ଼ କଚାଡ଼ିବା, ଗୋଡ଼ର ଖୁରା ସନ୍ଧି ଓ ପାଟି ଭିତରେ ଘାଆ ହେବା ଓ ରୋଗର ଅନ୍ୟାନ୍ୟ ଉପସର୍ଗ ମାନ ମଧ୍ୟ ଦେଖାଯାଏ । ଏହି ରୋଗହେଲେ କ୍ଷୀର ଉତ୍ପାଦନ କମିଯାଏ । ସଙ୍କର ଗାଈ ଓ ସଙ୍କର ବାଛୁରୀ ମାନଙ୍କୁ ଏହି ରୋଗ ଆକ୍ରମଣ କଲେ ସେମାନେ ଅଧିକ ସଂଖ୍ୟାରେ ମୃତ୍ୟୁମୁଖରେ ପଡ଼ନ୍ତି । ରୋଗ ଭଲ ହେବାପରେ ମଧ୍ୟ ଚିରଦିନ ପାଇଁ ଉତ୍ପାଦିକା ଶକ୍ତି ହ୍ରାସ ପାଇଥାଏ । ପଶୁମାନଙ୍କୁ ୫ ରୁ ୬ ମାସ ଅନ୍ତରରେ ଥରେ ଲେଖାଏଁ ପ୍ରତିଷେଧକ ଟୀକା ଦେବା ଦରକାର ।

### ପତ୍ରକୃମି ରୋଗ

ଏହି ରୋଗର କୃମି ସାଧାରଣତଃ ପୋଖରୀ, ଗାଡ଼ିଆ, ନଈନାଳ ଥିବା ଅଞ୍ଚଳମାନଙ୍କରେ ଦେଖାଯାଆନ୍ତି । କାରଣ ଗେଣ୍ଡାମାନଙ୍କ ଦ୍ୱାରା ସାଧାରଣତଃ ଏହି ରୋଗ ଗୋଟିଏ ଆକ୍ରାନ୍ତ ପଶୁଠାରୁ ଗୋଟିଏ ସୁସ୍ଥ ପଶୁକୁ ସଂକ୍ରମିତ ହୋଇଥାଏ । ଏହାର ପ୍ରଧାନ ଲକ୍ଷଣ ହେଲା ଯେ ତରଳ ଝାଡ଼ା ଏବଂ ବେକ ତଳ ଫୁଲିବା । ଝାଡ଼ା ପରୀକ୍ଷା ଦ୍ୱାରା ଏହି ରୋଗକୁ ଚିହ୍ନଟ କରାଯାଇଥାଏ । ଔଷଧ ଦେଲେ ରୋଗ ଭଲ ହୁଏ । ମାତ୍ର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଗେଣ୍ଡା ବଂଶ ନଷ୍ଟ କରିବା ଓ ପଶୁମାନଙ୍କୁ ନଈକୂଳ, ଗାଡ଼ିଆ ବା ପୋଖରୀ କୂଳକୁ ଚରିବାକୁ ନ ଛାଡ଼ିବା ।

**ସଁସରା**

ସାଧାରଣତଃ ଏହାକୁ ସଁସରା ରୋଗ ବୋଲି କୁହାଯାଏ ଏବଂ ଏହା ସିଷ୍ଟୋସୋମା ନାଜେଲ୍ ନାମକ ଏକ ପ୍ରକାର କୃମି ଯୋଗୁଁ ହୁଏ । ଗେଣ୍ଡାମାନେ ମଧ୍ୟ ଏହି ରୋଗର ବାହକ । ଏହି ରୋଗର ଲକ୍ଷଣ ହେଲା ଯେ ନାକପୁଡ଼ାରେ ଫୁଲକୋବି ପରି ଘାଆ ଦେଖାଯାଏ । ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହୁଏ ଏବଂ ସଁ ସଁ ଶବ୍ଦ ହୁଏ । ଶିଂଘାଣି ପରୀକ୍ଷା ଦ୍ୱାରା ଏହି ରୋଗକୁ ଚିହ୍ନଟ କରାଯାଇପାରିବ । ଗେଣ୍ଡାକୁ ନିୟନ୍ତ୍ରଣ କଲେ ଏହି ରୋଗର ନିରାକରଣ ହୋଇପାରିବ ।

**କୃମି**

ବାଛୁରୀମାନଙ୍କର ଗୋଲ କୃମିଗୁଡ଼ିକ ହେଲା ଆସ୍କାରିସ୍ ଏବଂ ହିମୋନ୍‌କସ୍ । ଏହି ରୋଗଦ୍ୱାରା ଆକ୍ରାନ୍ତ ପଶୁର ଲକ୍ଷଣଗୁଡ଼ିକ ହେଲା ଯେ ତରଳ ଝାଡ଼ା ହେବା ଓ ପଶୁଟି ଦୁର୍ବଳ ଦେଖାଯିବା । ମଝିରେ ମଝିରେ ଝାଡ଼ା ପରୀକ୍ଷା କରାଇ କୃମି ଥିଲେ ଔଷଧ ଦେଇ କୃମି ବିନାଶ କରିବା ଉଚିତ୍ । ପ୍ରତି ମାସରେ ଥରେ ଛୋଟ ଛୋଟ ପଶୁମାନଙ୍କୁ ଝାଡ଼ା ପରୀକ୍ଷା କରାଇ ଔଷଧ ଦେଲେ ଭଲ ଭାବରେ ସେମାନଙ୍କ ଶାରୀରିକ ବୃଦ୍ଧି ଘଟିଥାଏ ଓ କୃମିରୋଗ ମଧ୍ୟ ହୁଏ ନାହିଁ । ବାଛୁରୀ ପ୍ରସବ କରିବା ଦିନ ମଇଁଷିକୁ କୃମିନାଶକ ଔଷଧ ଦେଲେ ମଇଁଷି ଅଧିକ ଦୁଗ୍ଧ ଦେଇଥାଏ ।

**ଟିଙ୍କ ଓ ଉକୁଣୀ**

ଶରୀରର ଚର୍ମରେ ଲାଗିଥିବା ପରାଙ୍ଗଜୀବୀଗୁଡ଼ିକ ହେଲେ – ଟିଙ୍କ, ଉକୁଣୀ, ମଶା, ମାଛି, ଡାଆଁସ, କୁକୁର ମାଛି ପ୍ରଭୃତି । ଟିଙ୍କମାନେ ଶରୀରର ରକ୍ତ ଶୋଷି ନିଅନ୍ତି ଏବଂ ରୋଗ ପରିବହନ କରନ୍ତି । କେତେକ ଟିଙ୍କ ପକ୍ଷାଘାତ ରୋଗ ମଧ୍ୟ କରନ୍ତି । ଟିଙ୍କ ଓ ଉକୁଣୀ ପଶୁମାନଙ୍କୁ ବିବ୍ରତ କରନ୍ତି, ଯାହାଫଳରେ ସେମାନେ ଅଶ୍ୱସ୍ତି ବୋଧ କରନ୍ତି ଓ ସେମାନଙ୍କଠାରୁ ଉତ୍ପାଦନ କମିଯାଏ । ଓଜନ ମଧ୍ୟ କମିଯାଏ । ଉକୁଣୀମାନେ ଚର୍ମରୋଗ ଓ କବକ ରୋଗ କରନ୍ତି । ଡାଆଁସ ଓ ମାଛିମାନେ ରକ୍ତ ଶୋଷନ୍ତି ଏବଂ ରୋଗର ବାହାକ ଭାବରେ କାର୍ଯ୍ୟ କରନ୍ତି । ଏହି ପରାଙ୍ଗଜୀବୀମାନଙ୍କୁ



ଗାମାକ୍ସିନ୍, ଡିଡିଟି, ଆସୁନ୍‌ଟଲ, ମାଲାଥିଅନ୍, ବ୍ୟୁଟେକ୍ସ ପ୍ରଭୃତି ପାଉଡର ସିଞ୍ଚି ନିୟନ୍ତ୍ରଣ କରାଯାଇପାରିବ । ଗୁହାଳରେ ମଧ୍ୟ ଏହାକୁ ସ୍ପ୍ରେ କରାଯାଇ ଏମାନଙ୍କୁ ବିଲୋପ କରାଯାଇପାରିବ ।

**ପେଟ ଫମ୍ପା**

ପାକସ୍ଥଳୀରେ ବାୟୁ ବା ଗ୍ୟାସ୍ ଜମି ରହିଲେ, ତାହାକୁ ପେଟ ଫମ୍ପା କୁହାଯାଏ (ବାମ ପାଖ ଉପର ପେଟ) । ଅଧିକ ପରିମାଣରେ ରବି ଜାତୀୟ ଘାସ, ଶସ୍ୟ କିମ୍ବା ନଷ୍ଟ ହୋଇଥିବା ଶସ୍ୟ ଖାଇଲେ ଏହି ରୋଗ ହୋଇଥାଏ । ଭାରତୀୟ ପ୍ରଥା ଅନୁସାରେ ଲୋକେ ଗାଈକୁ ରୁଟି ଓ ଭାତ ଖାଇବାକୁ ଦିଅନ୍ତି । ଏହା ଫଳରେ ମଧ୍ୟ ପେଟ ଫମ୍ପା ରୋଗ ହୁଏ । ଲୋକେ ଗାଈଗୋରୁକୁ ପଦାକୁ ଚରିବାକୁ ଛାଡ଼ିଦିଅନ୍ତି । ସେମାନେ ଅଳିଆ ଆବର୍ଜନା ଖାଆନ୍ତି । ଫଳରେ ମଧ୍ୟ ପେଟ ଫମ୍ପା ରୋଗ ହୋଇଥାଏ ଓ ଖାଦ୍ୟ ବିଷାକ୍ତ ରୋଗ ମଧ୍ୟ ହୋଇଥାଏ । କେତେକ କ୍ଷେତ୍ରରେ ଅତ୍ୟଧିକ ଭାବରେ ପେଟ ଫମ୍ପାଇ ଦେଲେ ପଶୁଟି ଅତିମାତ୍ରାରେ ଅଶ୍ୱସ୍ତି ବୋଧ କରେ ଓ ନିଃଶ୍ୱାସ ପ୍ରଶ୍ୱାସ ନେଇ ନପାରି ତାର ମୃତ୍ୟୁ ଘଟେ । ଏପରିସ୍ଥଳେ ବାମ ପଟ ପେଟକୁ କଣା କରିଦେଲେ ଗ୍ୟାସ୍ ବା ବାୟୁ ନିର୍ଗତ ହୋଇଯାଏ । ତତ୍ପରେ ୧୦ ରୁ ୧୫ ସେ.ମି. ତାରପିନ୍ ତେଲକୁ ସିରିଞ୍ଜରେ ନେଇ ସିଧାସଳଖ ପାକସ୍ଥଳୀରେ ଛାଡ଼ିଦିଅନ୍ତୁ । କାରଣ ପଶୁଟି ଶୋଇ ରହିଥିବାରୁ ଔଷଧ ଖୋଇବା ସମ୍ଭବ ନୁହେଁ । ଯଦି ପଶୁଟିର ଅବସ୍ଥା ଗୁରୁତର ହୋଇ ନଥିବ, ତେବେ ଯେ କୌଣସି ଖାଇବା ତେଲକୁ ବୋତଲରେ ପିଆଇ ଦିଅନ୍ତୁ ।

**ତରଳ ଝାଡ଼ା**

ତରଳ ଝାଡ଼ା ହେବାର ବହୁ କାରଣ ଥିବାରୁ, ସଙ୍ଗେ ସଙ୍ଗେ ପଶୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ଯଦି କୃମି ନାଶକ ଔଷଧ ମଝିରେ ମଝିରେ ଦିଆଯାଏ ତେବେ ପଶୁଟିର ସବୁବେଳେ ତରଳ ଝାଡ଼ା ହେବ ନାହିଁ ।

କୃମିନାଶକ ଔଷଧ ପ୍ରୟୋଗ ନିର୍ଘଣ୍ଟ – ବାଛୁରୀକୁ କୃମିନାଶକ ଔଷଧ ଦେବାର ପ୍ରଥମ ଦଫା ହେଲା ଜନ୍ମର ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ । ଯଦି ଝାଡ଼ରେ କୃମି ପଡ଼ିବାର ଦେଖାଯାଏ, ତେବେ ଗୋଟିଏ ସପ୍ତାହ ପରେ ପୁଣିଥରେ ଔଷଧ ଖୁଆନ୍ତୁ ।

ନଚେତ୍ ଦୁଇମାସରେ ଥରେ ଔଷଧ ଖୁଆନ୍ତୁ । ଗର୍ଭବତୀ ପଶୁକୁ ପ୍ରସବର ସପ୍ତାହେ ପୂର୍ବରୁ କୃମିନାଶକ ଔଷଧ ଦିଆଯାଇପାରିବ । ମାତ୍ର ଏହାକୁ ଦେବା ପୂର୍ବରୁ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରିବା ଦରକାର ।

**ପ୍ରତିଷେଧକ ଟୀକା ନିୟମାବଳୀ**

| ରୋଗର ନାମ | ଟୀକା କେଉଁଠାରୁ ମିଳିବ | ଟୀକାର ମାତ୍ରା ଓ କିପରି ଦିଆଯିବ | ପ୍ରଥମ ଟୀକା ଦେବା ବୟସ | ବର୍ଷର କେଉଁ ସମୟରେ ଦିଆଯିବ | ମନ୍ତବ୍ୟ |
|---|---|---|---|---|---|
| ଆନ୍ଥ୍ରାକ୍ସ | ପଶୁ ଡାକ୍ତରଖାନା | ୧ ମି.ଲି. ଚମଡ଼ା ତଳେ | ୬ ମାସ | ବର୍ଷର ଯେ କୌଣସି ସମୟରେ | ପ୍ରତିବର୍ଷ ଦିଆଯିବ |
| ଚଟୁଆ ଫୁଲା ବା ବଜବଜିଆ | ପଶୁ ଡାକ୍ତରଖାନା | ୫ ମି.ଲି. ଚମଡ଼ା ତଳେ | ୬ ମାସ | ବର୍ଷା ଆରମ୍ଭ ପୂର୍ବରୁ | ପ୍ରତିବର୍ଷ ଦିଆଯିବ |
| ଗଳାଫୁଲା ବା ସାହାଣା | ପଶୁ ଡାକ୍ତରଖାନା | ୫ ମି.ଲି. ଚମଡ଼ା ତଳେ | ୬ ମାସ | ବର୍ଷା ଆରମ୍ଭ ପୂର୍ବରୁ | ପ୍ରତିବର୍ଷ ଦିଆଯିବ |
| ଫାଟୁଆ | ପଶୁ ଡାକ୍ତରଖାନା କିମ୍ବା ଔଷଧ ଦୋକାନ | ୩ ମି.ଲି. ଚମଡ଼ା ତଳେ | ୬ ମାସ | ଫେବୃୟାରୀରୁ ସେପ୍ଟେମ୍ବର ମଧ୍ୟରେ | ଛଅମାସରେ ଥରେ |

ଅନ୍ୟାନ୍ୟ ରୋଗ ଯଥା ବ୍ରୁସେଲୋସିସ୍ (ଗର୍ଭପାତ ରୋଗ) ଓ ଯକ୍ଷ୍ମା ପାଇଁ ପଶୁଡାକ୍ତରଙ୍କ ପରାମର୍ଶ ନେଇ ପ୍ରତିଷେଧକ ବ୍ୟବସ୍ଥା କରାଇନେବା ଦରକାର ।


*ମୂଳ ବିଷୟବସ୍ତୁ*
**ଡା ଅନ୍ତର୍ଯ୍ୟାମୀ ମହାନ୍ତି**

*ସଂଶୋଧିତ ବିଷୟବସ୍ତୁ*
**ଡା ଭାଗିରଥି ପାଣିଗ୍ରାହୀ,** ପ୍ରାଧ୍ୟାପକ
ପ୍ରାଣୀଧନ ଉତ୍ପାଦନ ଓ ପରିଚାଳନା ବିଭାଗ
ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ
ଭୁବନେଶ୍ୱର – ୭୫୧୦୦୩



ଓୟୁଏଟି ପ୍ରେସ୍, ୨୦୧୪




ଏଠାରୁ ଚିରନ୍ତୁ

# ଗୋପାଳନ (ଅଷ୍ଟମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର–୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧– ସୁସ୍ଥ ମଇଁଷିର ହାରାହାରି ଦେହର ଉତ୍ତାପ କେତେ ?
ଉ–

ପ୍ର. ୨– ଗଳାଫୁଲା ରୋଗ କେଉଁ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ ?
ଉ.–

ପ୍ର. ୩– ଗୋଟିଏ ଅଣ୍ଡିରା ମଇଁଷି କେତେ ବର୍ଷର ହେଲେ ପ୍ରଜନନକ୍ଷମ ହୋଇଥାଏ ?
ଉ.–

ପ୍ର. ୪– ୨୦୦୭ ମସିହା ଜନଗଣନା ଅନୁସାରେ ପୃଥିବୀରେ ମଇଁଷିଙ୍କ ସଂଖ୍ୟା କେତେ ?
ଉ.–

ପ୍ର. ୫–ଭାରତରେ ମଇଁଷିମାନଙ୍କ ଠାରୁ ଶତକଡ଼ା କେତେଭାଗ ଦୁଗ୍ଧ ମିଳିଥାଏ ?
ଉ.–

ଚାଷୀଙ୍କ ସ୍ୱାକ୍ଷର –
ଡାକ ଠିକଣା
କ୍ରମିକ ନଂ –
ତାରିଖ –

**ନବମ ପାଠ**

# ଛେଳି ଓ ମେଣ୍ଢା ପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ .......................

## ନବମ ପାଠ

## ଛେଳି ଓ ମେଣ୍ଢା ପାଳନ

ଆମ ରାଜ୍ୟର ଗାଁ-ଗହଳରେ ୮୦ ପ୍ରତିଶତ ଲୋକ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ଲୋକ ଗୃହପାଳିତ ପଶୁପକ୍ଷୀ ରଖିଅଛନ୍ତି । କୃଷିକ୍ଷେତ୍ରରେ ଯେପରି ସବୁଜ ବିପ୍ଳବ ଆମ ଦେଶକୁ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରାଇପାରିଛି, ସେହିପରି ଦୁଗ୍ଧ ଉତ୍ପାଦନ ବା ଶ୍ୱେତବିପ୍ଳବ ସମଗ୍ର ବିଶ୍ୱରେ ଆମ ଦେଶକୁ ପ୍ରଥମ ସ୍ଥାନରେ ପହଞ୍ଚାଇବା ସହିତ ସ୍ୱାବଲମ୍ବନଶୀଳ କରାଇବାରେ ସକ୍ଷମ ହୋଇପାରିଛି । ଏଥିପୂର୍ବରୁ ଆମେରିକା ଦୁଗ୍ଧ ଉତ୍ପାଦନରେ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମ ରାଜ୍ୟ ବା ଦେଶର ମାଂସ ଉତ୍ପାଦନ ବଢ଼ାଇବା ପାଇଁ ପିଙ୍ଗଳ ବିପ୍ଳବର ଆବଶ୍ୟକତା ଅନୁଭବ କରାଯାଉଅଛି । କାରଣ ଆମ ଦେଶରେ ୧୪୦.୫ ନିୟୁତ ଛେଳି, ୭୧.୫ ନିୟୁତ ମେଣ୍ଢା ଅଛନ୍ତି । ସେମାନଙ୍କ ଠାରୁ ବାର୍ଷିକ ହାରାହାରି (୮୪୪+୩୭୦=୧୨୧୪) ହଜାର ମେଟ୍ରିକ୍ ଟନ୍ ମାଂସ ମିଳିଥାଏ । ଏହାଛଡ଼ା ଆମ ଦେଶର କେତେକ ଲୋକ ଘୁଷୁରି, କୁକୁଡ଼ା ପ୍ରଭୃତି ପଶୁପକ୍ଷୀମାନଙ୍କର ମାଂସ ଖାଇଥାଆନ୍ତି । ବିଶେଷଜ୍ଞମାନଙ୍କ ମତରେ ପ୍ରତ୍ୟେକ ଭାରତୀୟ ବର୍ଷକୁ ୩୨ କି.ଗ୍ରା. ମାଂସ ଖାଇବା ଦରକାର । କିନ୍ତୁ ପ୍ରତ୍ୟେକ ଭାରତୀୟ ବର୍ଷକୁ ହାରାହାରି ୫.୨ କି.ଗ୍ରା. ମାଂସ ପାଇଥାନ୍ତି । ସେଥିପାଇଁ ଆମକୁ ଦରକାର ମୁତାବକ ମାଂସ ପାଇବାକୁ ହେଲେ ଆମ ଦେଶର ତଥା ରାଜ୍ୟରେ ଥିବା ଛେଳି ଓ ମେଣ୍ଢମାନଙ୍କର ଗୁଣାତ୍ମକ ଅଭିବୃଦ୍ଧ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଖାଦ୍ୟ ପରିଚାଳନା, ରୋଗ ନିରାକରଣ, ସଂଖ୍ୟା ବୃଦ୍ଧି ଓ ବିକ୍ରି ପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ ।

## ଉନ୍ନତ ଛେଳି ଓ ମେଣ୍ଢା କିସମ

ଭୌଗୋଳିକ ଅବସ୍ଥିତି ଓ ଜଳବାୟୁର ତାରତମ୍ୟକୁ ନେଇ ଆମ ଦେଶରେ ଏକୋଇଶ କିସମର ଛେଳି ଓ ଚାଳିଶ କିସମର ମେଣ୍ଢା ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ କେତେକ ଜାତୀୟ ଛେଳି ଦୁଗ୍ଧ ପାଇଁ, କେତେକ ମାଂସ ପାଇଁ ଓ ଆଉ କେତେକ ଉଭୟ ପାଇଁ ପାଳନ କରାଯାଆନ୍ତି । ସେହିପରି ମେଣ୍ଢାମାନଙ୍କ ମଧ୍ୟରେ କେତେକ ଜାତୀୟ ମେଣ୍ଢା ପଶମ ପାଇଁ, କେତେକ ମାଂସ ପାଇଁ ଓ ଆଉ କେତେକ ଉଭୟ ପାଇଁ ପାଳନ କରାଯାଆନ୍ତି । ଆମ ରାଜ୍ୟ ଓଡ଼ିଶାରେ ମୁଖ୍ୟତଃ ଦୁଇ କିସମର ଛେଳି ଦେଖାଯାନ୍ତି । ଯଥା – ବ୍ଲାକ୍ ବେଙ୍ଗଲ ଓ ଗଞ୍ଜାମ । ସେହିପରି ଓଡ଼ିଶାରେ ମଧ୍ୟ ଦୁଇ କିସମର ମେଣ୍ଢା ଦେଖାଯାନ୍ତି । ଯଥା – ବଲାଙ୍ଗୀର ଓ ଗଞ୍ଜାମ । ଏମାନେ ମୁଖ୍ୟତଃ ମାଂସ ନିମନ୍ତେ ପ୍ରସିଦ୍ଧ । ବ୍ଲାକ୍ ବେଙ୍ଗଲ ଛେଳି : ସାଧାରଣତଃ କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ଦେଖାଯାନ୍ତି । ବ୍ଲାକ୍‌ବେଙ୍ଗଲ ଛେଳି ତାହାର ଛୁଆ ଜନ୍ମ କରିବାର କ୍ଷମତା ଓ ସୁସ୍ୱାଦୁ ମାଂସ ପାଇଁ ବିଶ୍ୱ ପ୍ରସିଦ୍ଧ । ଏମାନେ ଆକାରରେ ଛୋଟ । ରଙ୍ଗ ସାଧାରଣତଃ କଳା । କିନ୍ତୁ ଧଳା ଓ କସରା ରଙ୍ଗର ଛେଳି ମଧ୍ୟ ବହୁଳ ଭାବରେ ଉପଲବ୍ଧ । ବୟସ୍କ ଛେଳିର ଦାଢ଼ିଥାଏ । ଶିଙ୍ଗ ଛୋଟ ଓ ଉପରକୁ ଉଠିଥାଏ । କାନ ଗୁଡ଼ିକ ଛୋଟ । ବୟସ୍କ ଛେଳିର ଓଜନ ହାରାହାରି ୧୫ ରୁ ୧୬ କି.ଗ୍ରା. ହୁଏ ଓ ମାଇ ଛେଳି ଥରକେ ୨ ରୁ ୩ଟି ଛୁଆ ପ୍ରସବ କରିଥାଏ ।

**ଗଞ୍ଜାମ ଛେଳି :** ମୁଖ୍ୟତଃ ଓଡ଼ିଶାର ଦକ୍ଷିଣ ଭାଗରେ ଯଥା : ଗଞ୍ଜାମ, ଗଜପତି, ନୟାଗଡ଼ ଓ ଫୁଲବାଣୀ ଆଦି ଜିଲ୍ଲାରେ ଦେଖାଯାଏ । କୋରାପୁଟରେ କେତେକ ସ୍ଥାନରେ ଏହି ଜାତୀୟ ଛେଳି ମଧ୍ୟ ଦେଖାଯାଏ । ଏହି ଜାତୀୟ ଛେଳିର ଶିଙ୍ଗ ଲମ୍ବା ଓ ଉପରକୁ ଉଠିଥାଏ । ମାଇ ଛେଳି ଥରକେ ଗୋଟିଏ ଛୁଆ ଜନ୍ମ କରେ ଓ ବୟସ୍କ ଛେଳିର ଓଜନ ୧୮ ରୁ ୨୨ କି.ଗ୍ରା. ହୋଇଥାଏ ।

**ବଲାଙ୍ଗୀର ମେଣ୍ଢା :** ମୁଖ୍ୟତଃ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଦେଖାଯାଏ । ଏହି ଜାତୀୟ ମେଣ୍ଢା ଆକାରରେ ମଧ୍ୟମ, ରଙ୍ଗ ସାଧାରଣତଃ ଧଳା । କିନ୍ତୁ କସର ତଥା ମିଶ୍ରିତ ରଙ୍ଗର ମେଣ୍ଢା ମଧ୍ୟ ଉପଲବ୍ଧ । କାନଗୁଡ଼ିକ ଛୋଟ । ଅଣ୍ଡିରା ମେଣ୍ଢାଙ୍କର ଶିଙ୍ଗ ଥାଏ ମାତ୍ର ମାଇ ମେଣ୍ଢାଙ୍କର ଶିଙ୍ଗ ନଥାଏ ।



ଗୋଡ଼ ଓ ପେଟରେ ଲୋମ ନଥାଏ । ବୟସ୍କ ଅଣ୍ଡିରା ମେଣ୍ଢାଙ୍କର ଓଜନ ୨୦ ରୁ ୨୩ କି.ଗ୍ରା. ଓ ମାଇ ମେଣ୍ଢାଙ୍କର ଓଜନ ୧୫ ରୁ ୧୮ କି.ଗ୍ରା. ।

**ଗଞ୍ଜାମ ମେଣ୍ଢା :** ମୁଖ୍ୟତଃ ଓଡ଼ିଶାର କୋରାପୁଟ, ଗଞ୍ଜାମ, ଫୁଲବାଣୀ ତଥା ପୁରୀ ଆଦି ଜିଲ୍ଲାରେ ଦେଖାଯାଏ । ଏହି ଜାତୀୟ ମେଣ୍ଢା ଆକାରରେ ମଧ୍ୟମ । ରଙ୍ଗ ସାଧାରଣତଃ କସର । ଅଣ୍ଡିରା ମେଣ୍ଢାଙ୍କର ଶିଙ୍ଗ ଥାଏ ମାତ୍ର ମାଇ ମେଣ୍ଢାଙ୍କର ଶିଙ୍ଗ ନଥାଏ । ବୟସ୍କ ମେଣ୍ଢାର ଓଜନ ୨୦ ରୁ ୨୪ କି.ଗ୍ରା. ହୋଇଥାଏ ।

## ଛେଳି ଓ ମେଣ୍ଢାମାନଙ୍କର ପ୍ରଜନନ

ପ୍ରତି ୧୦ଟି ମାଇ ଛେଳି ପାଇଁ ଗୋଟିଏ ବୋଦା ଓ ୧୦ ଟି ମେଣ୍ଢା ପାଇଁ ଗୋଟିଏ ଗାରଡ଼ ରଖିବା ଦରକାର । ନଚେତ୍ ଛେଳି ବା ମେଣ୍ଢା ପଲରେ ଗର୍ଭଣି ସଂଖ୍ୟା ନିଶ୍ଚିତ ଭାବେ କମିଯିବ । ସାଧାରଣତଃ ମାଇଛେଳି ବା ମାଇମେଣ୍ଢା ମେ– ଜୁନ୍ ମାସରେ ଗରମ ଆସନ୍ତି । ପୁଣି ନଭେମ୍ବର ଡିସେମ୍ବରରେ ଗରମ ଆସନ୍ତି । ଏଭଳି ୧ ବର୍ଷରେ ଦୁଇଥର ଗରମ ଆସିଥାନ୍ତି । ଗରମ ରହିବା ସମୟ ୨୪ ରୁ ୪୮ ଘଣ୍ଟା । ଯଦି ଗର୍ଭ ନ ରହେ ତା ହେଲେ ମାଇ ଛେଳି ୨୧ ଦିନ ପରେ ପୁଣି ଗରମ ହୁଏ ଓ ମେଣ୍ଢା ୧୮ ଦିନ ପରେ ଗରମ ହୁଏ । ଗର୍ଭାବସ୍ଥା ୧୪୫ ଦିନରୁ ୧୫୩ ଦିନ ଅଟେ । ହାରାହାରି ଗୋଟିଏ ମାଇ ଛେଳି ବା ମେଣ୍ଢା ଯଦି ୧୪ ରୁ ୧୮ କିଲୋ ଓଜନର ହୋଇଯାଏ, ତାର ବୟସ ଯେତେ ହୋଇଥାଉନା କାହିଁକି ସେ ପ୍ରଜନନକ୍ଷମ ହୋଇଥାଏ । ତେଣୁ ମାଇ ଛୁଆକୁ ଠିକ୍ ଭାବେ ଖାଦ୍ୟ ଦେଲେ ତାହା ଜଲ୍‌ଦି ପ୍ରଜନନକ୍ଷମ ହୋଇଯାଏ । ମାଇଛେଳି ବା ମେଣ୍ଢା ହାରାହାରି ୨ ବର୍ଷରେ ୩ ଥର ଛୁଆ ପ୍ରସବ କରେ । ଅନ୍ୟ ଭାଷାରେ କହିବାକୁ ଗଲେ, ମାଇ ଛେଳି ବା ମେଣ୍ଢା ୨ ବର୍ଷ ବୟସର ହୋଇଥିବାବେଳେ, ପ୍ରଥମେ ଛୁଆ ଜନ୍ମ କରେ । ଅଣ୍ଡିରା ଛେଳିକୁ ବା ଗାରଡ଼କୁ ୨ ରୁ ୨ ୧/୨ ବର୍ଷ ବୟସ ପରେ ସଙ୍ଗମ କରିବାକୁ ଛାଡ଼ିବା ଉଚିତ୍ । ଗୋଟିଏ ଛେଳିର ବା ମେଣ୍ଢାର ହାରାହାରି ଜୀବନ ୧୨ ବର୍ଷ । ତେଣୁ ମାଇ ଛେଳିକୁ ବା ମେଣ୍ଢାକୁ ୭ ବର୍ଷ ବୟସ ଓ ଅଣ୍ଡିରାକୁ ୮–୧୦ ବର୍ଷ ବୟସ ପରେ ବିକ୍ରି କରିଦେବା ଉଚିତ୍ ।

**ଗରମ ଆସିବା ଲକ୍ଷଣ :** ଗରମ ହେଲେ ମାଈ ଛେଳି ବା ମେଣ୍ଢା କିଛି ଖାଏ ନାହିଁ । ଲାଞ୍ଜ ବାରମ୍ବାର ହଲାଏ । କ୍ଷୀର ଦେବା ହଠାତ୍ ବନ୍ଦ କରିଦିଏ । ଗର୍ଭଦ୍ୱାର ଲାଲ ହୋଇଯାଏ ଓ ଫୁଲିଯାଏ । ଅନ୍ୟ ଛେଳି ବା ମେଣ୍ଢାମାନଙ୍କ ଉପରେ ଚଢ଼େ । କୃତ୍ରିମ ଉପାୟରେ ଛେଳି ବା ମେଣ୍ଢାକୁ ଗରମ ଆଣିବା ପାଇଁ ଛେଳି ବା ମେଣ୍ଢା ଗୃହରେ ପ୍ରତି ୪ ବର୍ଗମିଟର ତଳପାଇଁ, ୨ ମାସ ପାଇଁ ଦିନରାତି ୨୪ ଘଣ୍ଟା ଗୋଟିଏ ୧୨୦ ସେ.ମି. ବିଶିଷ୍ଟ ୪୦ ୱାଟ୍‌ର ବାର୍‌ଲାଇଟ୍ ଜଳାଇ ରଖନ୍ତୁ । ଏହି ବାର୍‌ଲାଇଟ୍‌ଟି ତଳଠାରୁ ୨୫୦ ସେ.ମି. ଉପରେ ଲାଗିବା ଆବଶ୍ୟକ । ଏହି ୨ ମାସ ପରେ ଦିନସାରା ଛେଳି ବା ମେଣ୍ଢାକୁ ଯଦି ସୂର୍ଯ୍ୟକିରଣ ବାଜେ, ତାହା ହେଲେ ଏଭଳି ୩୫ ଦିନ ପରେ ଛେଳି ବା ମେଣ୍ଢା ଆପେ ଆପେ ଗରମ ଆସିଯାଏ । ଏହି ଗରମ ଅବସ୍ଥା ୮-୧୦ ଘଣ୍ଟା ରହେ ।

**ଖାସୁ ଛେଳି ବା ମେଣ୍ଢା :** ଅଣ୍ଡିରା ଛେଳିଛୁଆକୁ ବା ମେଣ୍ଢା ଛୁଆକୁ ୧ ରୁ ୨ ମାସ ବୟସରେ ଖାସୁ କରିଦେଲେ ଭଲ । ଏଥିପାଇଁ ବୁର୍ଡିଜୋ କାଷ୍ଟ୍ରାଟାର ନାମରେ ଗୋଟିଏ ଯନ୍ତ୍ର ପଶୁ ଡାକ୍ତରଖାନାରେ ରହିଥାଏ । ପଶୁ ଡାକ୍ତର କିମ୍ବା ତାଲିମ୍ ପ୍ରାପ୍ତ ବ୍ୟକ୍ତିଙ୍କ ସହାୟତାରେ ଖାସୁ କରନ୍ତୁ ।

***ଖାସୁ କରିବା ଦ୍ୱାରା*** –

୧. ଛେଳି ବା ମେଣ୍ଢାଟି ଶାନ୍ତ ସ୍ୱଭାବର ହୁଏ ।
୨. ମାଂସ ଅଧିକ ସୁସ୍ୱାଦୁ ହୋଇଥାଏ ।
୩. ଦେହର ଓଜନ ଅତି ଶୀଘ୍ର ବଢ଼ିଥାଏ ।
୪. ମାଂସ ଓ ଚମଡ଼ାର ଗୁଣାତ୍ମକ ଅଭିବୃଦ୍ଧି ଘଟିଥାଏ ।
୫. ଖାସିର ଦାମ୍ ସାଧାରଣ ଛେଳି ବା ମେଣ୍ଢାଠାରୁ ଢେର ଅଧିକ ।
୬. ପ୍ରଜନନ ପରିଚାଳନାରେ ବିଘ୍ନ ହୁଏ ନାହିଁ । ଅର୍ଥାତ୍ କେବଳ ବାଞ୍ଛିତ ବୋଦାର ବ୍ୟବହାର ହୁଏ ।

### ଛେଳି ଓ ମେଣ୍ଢାମାନଙ୍କ ପାଇଁ ବାସଗୃହ

ଛେଳି ଓ ମେଣ୍ଢାମାନେ ସାଧାରଣତଃ ମୁକ୍ତ ବାୟୁରେ ବୁଲିବା ଜନ୍ତୁ । ତା ଛଡ଼ା ସେମାନେ ସାମାନ୍ୟ ଓଦା ହେବାକୁ ଭଲ ପାଆନ୍ତି ନାହିଁ । ସେଥିପାଇଁ ପକ୍କା, ଶୁଖିଲା



ଚଟାଣ ଥିବା ଖୋଲା ଘର ଛେଳି ବା ମେଣ୍ଢାମାନଙ୍କ ପାଇଁ ଭଲ । ବଣ୍ୟଜନ୍ତୁ ଓ ଚୋରମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ଗୁହାଳ ଚାରିପଟେ ଉଚ୍ଚା ଓ ମଜବୁତ୍ ବାଡ଼ ବା ପାଚେରୀ କରିବା ଦରକାର । ଛାତଟି ଚାଳ ହେଲେ ଅଳ୍ପ ଖର୍ଚ୍ଚ ହେବ । ଗୋଟିଏ ଗୁହାଳରେ ସର୍ବାଧିକ ସମବୟସର ୩୦-୩୫ଟି ଛେଳି ବା ମେଣ୍ଢା ରଖାଯାଇପାରେ । ପ୍ରତ୍ୟେକ ଗୁହାଳରେ ଘାସପତ୍ର ଦେବାପାଇଁ ଗୋଟିଏ କାଠକୁଣ୍ଡ ବା ଡାଳପତ୍ରକୁ ଝୁଲାଇ ଖାଇବାକୁ ଦେବାର ବନ୍ଦୋବସ୍ତ କରିବା ଉଚିତ୍ । ଗୁହାଳର ଗୋଟିଏ କୋଣରେ ପିଇବା ପାଣିକୁଣ୍ଡ ଓ ଅନ୍ୟ କୋଣରେ ଖଣିଜ ଲବଣ ଚୂର୍ଣ୍ଣ ପାଇଁ ଆଉ ଗୋଟିଏ କୁଣ୍ଡ ରଖାଯାଏ । ହଳେ ବୟସ୍କ ଛେଳି ବା ମେଣ୍ଢା ପାଇଁ ୫ ଫୁଟ ଲମ୍ବ ଓ ୨ ୧/୨ ଫୁଟ ଓସାର ଜାଗା ଦରକାର । ଘରର ଉଚ୍ଚତା ୬ ଫୁଟ ହେଲେ ଯଥେଷ୍ଟ । ତେବେ ୧୨ ଫୁଟ ଲମ୍ବ ୧୨ ଫୁଟ ଓସାର ଘରଟିଏ ତିଆରି କରିଦେଲେ ଖୁସିରେ ୧୧ଟି ଛେଳି ବା ମେଣ୍ଢା ରଖିପାରିବା । ଘରର ଚଟାଣଟି ପକ୍କା ଓ ଗଡ଼ାଣିଆ ହେଲେ ଘରଟି ଶୁଖିଲା ରହିବ । ତେବେ ଘର ଭିତରକୁ ପ୍ରଚୁର ପବନ ଓ ଖରା ଯାଉଥିବା ଦରକାର । ନ ହେଲେ ଛେଳି ବା ମେଣ୍ଢାଙ୍କୁ ରୋଗ ଧରିବ । ଆଉ ମଧ୍ୟ ଅଣ୍ଡିରା ଛେଳି ବା ଗାରଡ଼କୁ କ୍ଷୀର ଦେଉଥିବା ମାଈ ଛେଳି ବା ମେଣ୍ଢା ଠାରୁ ଅଲଗା ରଖିବା ଦରକାର । ଏକାଧିକ ଅଣ୍ଡିରା ଛେଳି ବା ଗାରଡ଼ ଥିଲେ ସମସ୍ତଙ୍କୁ ଏକାସାଙ୍ଗେ ମିଶାଇ ରଖନ୍ତୁ ନାହିଁ । କାରଣ ରାତିରେ ପରସ୍ପର ମଧ୍ୟରେ ଲଢ଼େଇ କରି ଖଣ୍ଡିଆ ଖାବରା ହେବାର ସମ୍ଭାବନା ଅଧିକ । ତେଣୁ ପ୍ରତ୍ୟେକ ଅଣ୍ଡିରା ଛେଳିକୁ ବା ଗାରଡ଼କୁ ଅଲଗା ଅଲଗା ଛୋଟ ଘର କରି ରଖନ୍ତୁ ।

**ଗୋଟିଏ ଫଳରେ ଏକାଧିକ ଛୁଆ :** ଯଦି ଛେଳି ବା ମେଣ୍ଢାକୁ ପ୍ରଚୁର ପରିମାଣରେ ଭଲ ଗୁଣଥିବା ଘାସ ବା ତନ୍ତୁଜାତୀୟ ଖାଦ୍ୟ ଖାଇବାକୁ ମିଳେ ତାହେଲେ ଗୋଟିଏ ଫଳରେ ଏକାଧିକ ଛୁଆ ପ୍ରସବ କରିବା ସମ୍ଭାବନା ଅଧିକ ଥାଏ । ପୁଣି ସଙ୍ଗମ ସମୟ ପୂର୍ବରୁ ଯଦି ଭଲ ଗୁଣର ଦାନା ଖାଇବାକୁ ମିଳେ, ତେବେ ମଧ୍ୟ ଏକାଧିକ ଛୁଆ ଜନ୍ମ ହୋଇଥାନ୍ତି । ଗୋଟିଏ ମାଈ ଛେଳି ବା ମେଣ୍ଢା ୬ ବର୍ଷ ବୟସ ପର୍ଯ୍ୟନ୍ତ ଏକ ଫଳକେ ଏକାଧିକ ଛୁଆ ଦିଏ । ତା ପରେ କେତେ ଭଲଭାବେ ଲାଳନ ପାଳନ କଲେ ମଧ୍ୟ ଆସ୍ତେ ଆସ୍ତେ ତାର ଛୁଆ ଦେବା କ୍ଷମତା କମିଯାଏ ।

ଯେଉଁ ଛୁଆଗୁଡ଼ିକ ଶରତ ଋତୁରେ ଜନ୍ମ ନିଅନ୍ତି ସେମାନେ ବହୁତ ଓଜନିଆ ହୋଇଥାନ୍ତି ଓ ଜଲଦି ବଢ଼ନ୍ତି । ସେମାନଙ୍କ ମୃତ୍ୟୁହାର କମ୍ ଥାଏ । ତେଣୁ ସମସ୍ତ ଛେଳି ବା ମେଣ୍ଢାକୁ ଆମେ ମେ–ଜୁନ୍ ଭିତରେ ସଙ୍ଗମ କରାଇବାକୁ ଚେଷ୍ଟା କରିବା ଉଚିତ୍ ।

**ଛେଳି ଓ ମେଣ୍ଢାମାନଙ୍କର ଖାଦ୍ୟ –** ଯଦି ଛେଳି ବା ମେଣ୍ଢାକୁ ସବୁଜିମା ପରିପୂର୍ଣ୍ଣ ଖୋଲା ପଡ଼ିଆ କିମ୍ବା ବଣରେ ଦୈନିକ ଚରାଇବାକୁ ନେଉଛନ୍ତି, ତେବେ ତାକୁ ଆଉ ଅଧିକା ଖାଦ୍ୟ ଦେବା ଦରକାର ନାହିଁ । ଯଦି ଛେଳି ବା ମେଣ୍ଢାଟି ଗର୍ଭାବସ୍ଥାରେ ଅଛି କିମ୍ବା କ୍ଷୀର ଦେବା ଅବସ୍ଥାରେ ଅଛି ଦାନାଜାତୀୟ ଖାଦ୍ୟ ଅଧିକା ଦେବା ଆବଶ୍ୟକ । ପୁଣି ଘାସ, ଡାଳପତ୍ର ଅଭାବ ସମୟରେ ମଧ୍ୟ ଦାନା ଦେବା ଆବଶ୍ୟକ ।

ଛେଳି ଛୁଆ ବା ମେଣ୍ଢା ଛୁଆ ତା ପ୍ରଥମ ୩ ମାସ ବୟସରେ ସମୁଦାୟ ପ୍ରାୟ ୮–୧୦ କିଲୋ ଦାନା ଖାଇଥାଏ । ମେ–ଜୁନ୍ ମାସର ଏକ ମାସ ପୂର୍ବରୁ ଅର୍ଥାତ୍ ଏପ୍ରିଲ ମାସରେ ଦୈନିକ ୩୦୦ ରୁ ୫୦୦ ଗ୍ରାମ୍ ଦାନା ପ୍ରତି ବୟସ୍କ ଛେଳି ବା ମେଣ୍ଢାକୁ ଦିଅନ୍ତୁ । ଏହା ଗର୍ଭାବସ୍ଥା ଓ ଛୁଆ ଜନ୍ମ ପର୍ଯ୍ୟନ୍ତ ଜାରି ରଖନ୍ତୁ । ଛୁଆ ଜନ୍ମ ପରେ ପ୍ରତି କିଲୋ କ୍ଷୀର ପାଇଁ ୪୦୦ ଗ୍ରାମ୍ ଦାନା ଦିଅନ୍ତୁ । ଏହି ଦାନା ଜାତୀୟ ଖାଦ୍ୟ ଛଡ଼ା, ତନ୍ତୁ ଜାତୀୟ ଖାଦ୍ୟ ପେଟପୁରା ଖାଇବାକୁ ଦିଅନ୍ତୁ । ମୂଳାପତ୍ର, ଝୁଡ଼ଙ୍ଗପତ୍ର, ଗୁଆଁରପତ୍ର, କୋଳଥ ପତ୍ର, ମକାଗଛ, ଚିନାବାଦାମ ଗଛ, ଘାସ ଓ ଆଖୁ ଗଛର ଉପର ଭାଗ ଇତ୍ୟାଦି ତନ୍ତୁଜାତୀୟ ଖାଦ୍ୟ ରୂପେ ବ୍ୟବହାର କରାଯାଇପାରେ । ବର, ସୁବାବୁଲ ବା କେଳିକଦମ୍ବ, ବାବୁଲ, ଅଁଳା, ଗୋଖର, ସୀମାକୟାଁ ବା ବିଲାତ କୟାଁ, ଲିମ୍ବ, ପିପଳ, ଆମ୍ବ, ପଣସ, କଣ୍ଟେଇକୋଳି, ବରକୋଳି ଇତ୍ୟାଦି ଗଛର ପତ୍ରକୁ ତନ୍ତୁଜାତୀୟ ଖାଦ୍ୟ ରୂପେ ବ୍ୟବହାର କରାଯାଇପାରେ ।

ଏକ ସୁଷମ ଛେଳିଦାନା ବା ମେଣ୍ଢାଦାନା ମିଶ୍ରଣର (୧୦ କିଲୋ) ନମୂନା ତଳେ ଦିଆଗଲା ।

| | | |
|---|---|---|
| ମକା | – | ୫ କିଲୋ |
| ଚିନାବାଦାମ ପିଡ଼ିଆ | – | ୨ କିଲୋ |
| କୁଣ୍ଡା | – | ୨ କିଲୋ |
| ଗୁଡ଼ | – | ୭୦୦ ଗ୍ରାମ୍ |
| ଖଣିଜ ଲବଣ ମିଶ୍ରଣ | – | ୨୦୦ ଗ୍ରାମ୍ |
| ଲୁଣ | – | ୧୦୦ ଗ୍ରାମ୍ |



**ଛେଳିଛୁଆ ବା ମେଣ୍ଢାଛୁଆର ଯତ୍ନ –** ମାଈ ଛେଳି ବା ମେଣ୍ଢା ଗର୍ଭ ହେବାର ୫ ମାସ ପରେ ଛୁଆ ଜନ୍ମ କରିଥାଏ । ଛେଳି ଛୁଆ ବା ମେଣ୍ଢା ଛୁଆଟି ୩ ମାସ ବୟସ ପର୍ଯ୍ୟନ୍ତ ମାଆ ଠାରୁ କ୍ଷୀର ପିଇଥାଏ । ଛୁଆ କ୍ଷୀର ଖାଇବା ବନ୍ଦ କଲେ ମାଆ ପୁଣି ଥରେ ଗରମ ଆସେ । ତେଣୁ ୩ ମାସ ବୟସ ପରେ ଛେଳିଛୁଆ ବା ମେଣ୍ଢାଛୁଆ ଓ ମାଆକୁ ଅଲଗା ରଖିବା ଆବଶ୍ୟକ ।

ଛେଳିଛୁଆ ବା ମେଣ୍ଢାଛୁଆ ଜନ୍ମ ପରେ ପରେ ନିଜେ ଠିଆ ହୋଇ ମାଆ କ୍ଷୀର ଖାଇବାକୁ ପ୍ରୟାସ କରିଥାଏ । ଯଦି ଛେଳିଟି ଥରକରେ ଏକାଧିକ ଛୁଆ ପ୍ରସବ କରିଥାଏ, ତେବେ ଦୁର୍ବଳ ଛୁଆଟିକୁ ହାତରେ ଧରି ଚିର ମୁହଁକୁ ନେଇ କ୍ଷୀର ଖୁଆଇବାକୁ ପଡ଼ିଥାଏ । ଛୁଆ ଜନ୍ମ ପରେ ମା ଛେଳି ବା ମେଣ୍ଢା ଠାରୁ ଯେଉଁ କ୍ଷୀର ବାହାରେ ତାକୁ କଷକ୍ଷୀର ବା ପୋଚିକ୍ଷୀର କହିଥାଉ । ଏହି କ୍ଷୀର ଛୁଆକୁ ପିଇବାକୁ ଦିଅନ୍ତୁ । ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଥାଏ । ଯେଉଁ ଛୁଆର ମାଆ ମରିଯାଇଥାଏ ସେଇ ଛୁଆକୁ ଅନ୍ୟ ଛେଳି ବା ମେଣ୍ଢା ଠାରୁ କ୍ଷୀର ପିଇବାକୁ ଦିଅନ୍ତୁ ।

ସାଧାରଣତଃ ଅଣ୍ଡିରା ଛୁଆ ମାଈ ଛୁଆ ଠାରୁ ଅଧିକ ଓଜନିଆ ହୋଇଥାଏ । ଛୁଆଙ୍କ ପାଇଁ ଖୋଲା ପବନ ଓ ସୂର୍ଯ୍ୟକିରଣ ଅତି ଆବଶ୍ୟକ । ତେଣୁ ଖରାଦିନେ ଗଛଛାଇ ତଳେ ଓ ଶୀତଦିନେ ଯେ କୌଣସି ଖୋଲା ସ୍ଥାନରେ ଛୁଆଙ୍କୁ ରଖିବା ଦରକାର । ଚାରିମାସ ବୟସରେ ପ୍ରତି ଛୁଆକୁ ଦୈନିକ ହାରାହାରି ୬୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ।

**ଛେଳି ଓ ମେଣ୍ଢାଙ୍କ ରୋଗ ଓ ପ୍ରତିକାର**

ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କ ପରି ଛେଳି ବା ମେଣ୍ଢାକୁ ମଧ୍ୟ ବିଭିନ୍ନ ପ୍ରକାର ରୋଗ ଧରିଥାଏ । ଉପଯୁକ୍ତ ଯତ୍ନ ନେଲେ, ଛେଳି ବା ମେଣ୍ଢାକୁ କିଛି ରୋଗ ହୁଏ ନାହିଁ । ତଥାପି ଛେଳି ବା ମେଣ୍ଢାକୁ କି କି ରୋଗ ହୁଏ ଟିକିଏ ଆଲୋଚନା କରିବା ।

**ସାହାଣା –** ଏହି ରୋଗରେ ଛେଳି ବା ମେଣ୍ଢାକୁ କାଶ, ଜ୍ୱର ହୁଏ । ବେକମୂଳ ଫୁଲିଯାଏ । ପାଟିରୁ ଅନବରତ ଲାଳ ବୋହୁଥାଏ । ନାକପୁଡ଼ାରୁ ମୋଟା ସିଙ୍ଘାଣି

ବାହାରେ । ଆକ୍ରାନ୍ତ ଛେଳି ବା ମେଣ୍ଢାଟି ମରିଯାଏ । ଆକ୍ରାନ୍ତ ଛେଳି ବା ମେଣ୍ଢାକୁ ସାଙ୍ଗେ ସାଙ୍ଗେ ପଶୁଡାକ୍ତରଙ୍କୁ ଦେଖାଇ ଔଷଧ ବ୍ୟବସ୍ଥା କଲେ ବି ବଞ୍ଚିବା ସମ୍ଭାବନା କମ୍ ଥାଏ । ଏଥିପାଇଁ ଏହି ରୋଗର ପ୍ରତିଷେଧକ ଟୀକା ପଶୁଡାକ୍ତର ଖାନାରେ ମିଳେ । ସାରଣୀରୁ ଏହାର ଟୀକାଦାନ ସମୟରେ ଟୀକା ଦିଅନ୍ତୁ ।

**ଏଣ୍ଟରୋଟକ୍ସିମିଆ –** ଏହି ରୋଗଟି ଛେଳି ଛୁଆ ବା ମେଣ୍ଢା ଛୁଆଙ୍କ ଅଧିକ ପରିମାଣରେ ଆକ୍ରାନ୍ତ କରିଥାଏ । ଏଥିରେ କଳା ଓ ବାଦାମୀ ରଙ୍ଗର ଝାଡ଼ା ହୁଏ । ପେଟ କାଟିବା ଯୋଗୁଁ ଛେଳି ବା ମେଣ୍ଢାଟି ଛଟପଟ ହୁଏ । ନିସ୍ତେଜ ହୋଇ ପଡ଼ି ମରିଯାଏ । ବଡ଼ ଛେଳି ବା ମେଣ୍ଢାକୁ ରୋଗ ହେଲେ ପେଟ କାଟେ, ଛେଳି ବା ମେଣ୍ଢାଟି ଥରେ ଓ ପାଗଳଙ୍କ ପରି ମୁଣ୍ଡିଆ ମାରେ । ବାଦାମୀ ରଙ୍ଗର ପତଳା ଝାଡ଼ା ହୁଏ ଓ ମରିଯାଏ । ଏହି ରୋଗର ପ୍ରତିଷେଧକ ଟୀକା ପଶୁଡାକ୍ତର ଖାନାରେ ମିଳେ । ଆକ୍ରାନ୍ତ ଛେଳି ବା ମେଣ୍ଢାକୁ ପଶୁଡାକ୍ତରଙ୍କ ସହାୟତା ନେଇ ଚିକିତ୍ସା କରନ୍ତୁ । ସ୍ୱାସ୍ଥ୍ୟବାନ୍ ପଶୁକୁ ଟୀକା ସାରଣୀ ଅନୁସାରେ ଟୀକା ଦିଅନ୍ତୁ ।

**ପି.ପି.ଆର୍ –** ଏହି ରୋଗ ସବୁ ବୟସର ଛେଳି ବା ମେଣ୍ଢାଙ୍କୁ ଆକ୍ରାନ୍ତ କରିଥଏ । ଏହି ରୋଗ ସୃଷ୍ଟିକାରୀ ଭୂତାଣୁ ଛେଳି ବା ମେଣ୍ଢାର ନାକ ଓ ଆଖିରୁ ଝରୁଥିବା ପାଣି, ମଳ ଓ ମୂତ୍ର ଆଦିରେ ପ୍ରଚୁର ମାତ୍ରାରେ ଥାଏ । ନାକ ଓ ଆଖିର ବାହାର ଅଂଶ ଲାଲ ପଡ଼ିଯାଏ । କାଶ ଓ ଜ୍ୱର ହୋଇ ମୁହଁ ଭିତର ଘାଆ ହୁଏ । ପତଳା ଝାଡ଼ା ହୋଇଥାଏ । ରୋଗାକ୍ରାନ୍ତ ହେବାର ଏକ ସପ୍ତାହ ମଧ୍ୟରେ ଛେଳି ବା ମେଣ୍ଢା ମୃତ୍ୟୁବରଣ କରିଥାଏ । ଏହି ରୋଗ ନ ହେବା ପାଇଁ ପିପିଆର୍ ପ୍ରତିଷେଧକ ଟୀକା ଛେଳି ବା ମେଣ୍ଢାମାନଙ୍କୁ ୩ ମାସ ବୟସରେ ଦେବା ଉଚିତ୍ । ଥରେ ଟୀକା ଦେଲେ ଏହା ୩ ବର୍ଷ ପର୍ଯ୍ୟନ୍ତ ରୋଗ ପ୍ରତିରୋଧ କରେ ।

**ଫାଟୁଆ –** ଏହି ରୋଗ ହେଲେ ପ୍ରଥମେ ଅତ୍ୟଧିକ ଜ୍ୱର ହୁଏ ଓ ଶରୀରର ତାପମାତ୍ରା ୧୦୪° ଓ ୧୦୬° ଫାରେନ୍‌ହିଟ୍ ରହେ । ଛେଳି ବା ମେଣ୍ଢା ଖାଏ ନାହିଁ କି ପିଏ ନାହିଁ । ପାଟି ଓ ଖୁରାରେ ଫୋଟକା ହୁଏ । ପାଟିରୁ ସବୁବେଳେ ସୂତାଲାଳ ତଳକୁ ଲାଗି ବୋହୁଥାଏ । ପାଟିରୁ ଚାପୁ ଚାପୁ ଶବ୍ଦ ହୁଏ । ଖୁରା ଫୋଟକା ଫାଟିଲା ପରେ



ସେଥିରେ ମାଛି ବସି ପୋକ ହୋଇଯାଏ । ରୋଗୀଣା ଗାଈଗୋରୁ ମଇଁଷି ଇତ୍ୟାଦିଙ୍କ ଠାରୁ କିମ୍ବା ରୋଗୀଣା ଛେଳି ବା ମେଣ୍ଢାଙ୍କ ଠାରୁ ଏହି ରୋଗ ବ୍ୟାପିଥାଏ । ଘା ସ୍ଥାନକୁ ସୋଡ଼ାଖାର (୨୦ ଗ୍ରାମ୍ ୧ ଲିଟର ପାଣିରେ ମିଶାନ୍ତୁ) ଦ୍ରବଣ ଦ୍ୱାରା ଧୋଇ ଦିଅନ୍ତୁ । ଖୁରା ଘାଆରୁ ପୂଜସବୁ ବାହାର କରିସାରିଲା ପରେ ହିମାକ୍ସ ଅଏଣ୍ଟମେଣ୍ଟ କିମ୍ବା ଗନ୍ଧକର୍ପୁର ନଡ଼ିଆତେଲ ଦେଇ ସଫା କନାରେ ବାନ୍ଧି ଦିଅନ୍ତୁ ।

ଫାଟୁଆର ପ୍ରତିଷେଧକ ହିସାବରେ ୩ ମାସ ବୟସର ଊର୍ଦ୍ଧ୍ୱ ଛେଳି ବା ମେଣ୍ଢାଙ୍କୁ ବର୍ଷରେ ୨ ଥର, ପଶୁଡାକ୍ତରଙ୍କ ସହାୟତାରେ ଫାଟୁଆ ଟୀକା ଦିଅନ୍ତୁ ।

**ପେଟ ଫମ୍ପିବା –** ଅନେକ ସମୟରେ ଆମେ ଦେଖୁଥାଉ ଯେ, ଛେଳି ବା ମେଣ୍ଢା ଚରିବୁଲି ଆସିଲା ପରେ ହଠାତ୍ ପେଟ ଫୁଲାଇ ପଡ଼ିଯାଏ ଓ ମରିଯାଏ । ବେଳେବେଳେ ଏମିତି ବି ହୁଏ, ରାତିରେ ଠିକ୍ ଖିଆ ପିଆ କରିଛି, ଅଥଚ ସକାଳୁ ପେଟ ଫୁଲାଇ ପଶୁଟି ମରି ପଡ଼ିଛି ।

ପାକସ୍ଥଳୀରେ ଖାଦ୍ୟ ଜୀର୍ଣ୍ଣ ହେଲା ପରେ, କେତେଗୁଡିଏ ଗ୍ୟାସ୍ ଉତ୍ପନ୍ନ ହୁଏ, ଏହି ଗ୍ୟାସ୍ ବାହାରକୁ ବାହାରିବା ପାଇଁ ଯଦି ରାସ୍ତା ପାଏ ନାହିଁ, ତା ହେଲେ ପେଟ ଫୁଲିଯାଏ ଓ ଫମ୍ପାଏ । ଅଧିକ ପରିମାଣରେ ଶସ୍ୟଦାନା ଖାଇଲେ ପାକସ୍ଥଳୀରେ ଜୀବାଣୁ ସଂଖ୍ୟା ମଧ୍ୟ ବଢ଼ିଥାଏ ଓ ଏହି ଜୀବାଣୁଙ୍କ ଠାରୁ ଏକ ପ୍ରକାର ଲାଳ ନିର୍ଗତ ହୁଏ, ଯାହା ଉତ୍ପନ୍ନ ହୋଇଥିବା ଗ୍ୟାସ୍ ସହ ମିଶି ଫେଣ ହୋଇଯାଏ । ଫଳରେ ଗ୍ୟାସ୍ ନିର୍ଗମନରେ ବାଧା ଉପୁଜେ । ଏଥିପାଇଁ ଯଦି ଛେଳି ବା ମେଣ୍ଢାଙ୍କୁ ବୁଲିବାକୁ ଛାଡୁ ନାହାଁନ୍ତି ତେବେ ତାକୁ ଦାନା ସହ ତନ୍ତୁ ଓ କୁଟା ଜାତୀୟ ଖାଦ୍ୟ ଯଥେଷ୍ଟ ପରିମାଣରେ ଦେବା ଦରକାର । ଏଗୁଡ଼ିକ ଫେଣ ତିଆରି କରିବାରେ ବାଧା ସୃଷ୍ଟି କରନ୍ତି ।

ଭୋଜିଭାତର ବଳକା ଖାଦ୍ୟ, ମହୁଲ, ଆମ୍ବ, ଚାଉଳ ଇତ୍ୟାଦି ପେଟ ପୁରାଇ ଖାଇଲେ ପେଟ ଫମ୍ପାଏ । ଆଉ ମଧ୍ୟ ଅତି କଅଁଳ, ଛନଛନିଆ ଘାସ (ସାଧାରଣତଃ ଗ୍ରୀଷ୍ମପରେ ପ୍ରଥମ ବର୍ଷା ହେଲା ପରେ ଦେଖାଦିଏ)ମଧ୍ୟ ପେଟ ଫମ୍ପା ସୃଷ୍ଟି କରେ ।

ଏହା ବ୍ୟତୀତ ଜରି, ଅଖା, ପଲିଥିନ୍ ଇତ୍ୟାଦି ଖାଇଦେଲେ ଏ ଗୁଡ଼ିକ ଖାଦ୍ୟନଳୀରୁ ନିବୁଜ କରି ରହିଯିବା ଯୋଗୁଁ ଗ୍ୟାସ୍ ନିର୍ଗମନରେ ଅସୁବିଧା ସୃଷ୍ଟି ହୁଏ ଓ ପେଟ ଫମ୍ପାଏ ।

ଏହି ରୋଗଟି ହଠାତ୍ ଆରମ୍ଭ ହୁଏ । ବାମପଟେ ପେଟଟି ଫୁଲିଯାଏ । ପଶୁ ନାକ ଦେଇ ନିଃଶ୍ୱାସ ନେଇପାରେ ନାହିଁ । ଛେଳି ବାରମ୍ବାର ଶୁଏ ଓ ଉଠେ । ଜିଭ ପାଟି ଭିତରୁ ବାହାର କରି ରଖେ । ପାଟି ଦେଇ ପ୍ରଶ୍ୱାସ ଗ୍ରହଣ କରେ ଓ ଖର ପ୍ରଶ୍ୱାସ ନିଏ । ୩ ରୁ ୪ ଘଣ୍ଟା ମଧ୍ୟରେ ପଶୁ ମରିଯାଏ । ପେଟରୁ ଗ୍ୟାସ୍ ନିର୍ଗମନ ଏ ରୋଗର ପ୍ରଧାନ ଚିକିତ୍ସା । ୧୪ କିମ୍ବା ୧୬ ନମ୍ବର ଇଞ୍ଜେକ୍ସନ୍ ଛୁଞ୍ଚି ଦ୍ୱାରା ବାମ ପେଟ ଫୁଲାଇ ଗ୍ୟାସ୍ ବାହାର କରନ୍ତୁ ଓ ୨୫୦ ଗ୍ରାମ୍ ପାଣିରେ ୫୦ ଗ୍ରାମ୍ ଖାଇବା ସୋଡ଼ା ମିଶାଇ ସିରିଞ୍ଜ ଦ୍ୱାରା ସେହି ଫୁଟା ଛୁଞ୍ଚି ଦେଇ ପେଟକୁ ପ୍ରବେଶ କରାନ୍ତୁ । ତା' ପରେ କିଛି ଖାଇବା ତେଲ (୧୦୦ ଗ୍ରାମ୍) ପିଆଇ ଦିଅନ୍ତୁ ।

**ବଜ୍ରବଜିଆ** – ଏଥିରେ ପଛଗୋଡ଼ ଫଡିଆ ମାଂସ ପେଶୀ ପଚିଯାଏ ଓ ଫୁଲିଯାଏ । ଜ୍ୱର ହୁଏ । ଫୁଲା ସ୍ଥାନକୁ ପରେ ଚିପିଲେ ବଜ୍‌ବଜ୍ ଶବ୍ଦ ହୁଏ । ଲକ୍ଷଣ ଦେଖାଯିବାର ୧୨ ଘଣ୍ଟା ମଧ୍ୟରେ ପଶୁ ମରିଯାଏ । ଏଥିପାଇଁ ପ୍ରତିଷେଧକ ଟୀକା ପଶୁଡାକ୍ତରଙ୍କ ସହାୟତାରେ ଦେଇ ଦିଅନ୍ତୁ ।

**କକ୍ସିଡ଼ିଆ** – ଏହି ରୋଗ ହେଲେ ଛେଳି ବା ମେଣ୍ଢାର ନାଳରକ୍ତ ଝାଡ଼ା ହୁଏ । ଝାଡ଼ା ସହ ଜ୍ୱର ମଧ୍ୟ ହୋଇପାରେ । ଛେଳି ବା ମେଣ୍ଢାର ମଳ ପରୀକ୍ଷା କଲେ, ଏହି ରୋଗର ଜୀବାଣୁ ଅଣ୍ଡା ଦେଖାଯାଏ । ରୋଗୀଣା ଛେଳି ବା ମେଣ୍ଢାକୁ ଅଲଗା ରଖନ୍ତୁ । ଗୁହାଳକୁ ପରିଷ୍କାର କରନ୍ତୁ । କମ୍ ଜାଗାରେ ଅଧିକା ଛେଳି ବା ମେଣ୍ଢା ରଖନ୍ତୁ ନାହିଁ । ଛେଳି ବା ମେଣ୍ଢା ଦାନାରେ ଆମ୍ପ୍ରୋଲିଅମ୍ ବା ବାଇଫୁରାନ୍ ଔଷଧ ପଶୁଡାକ୍ତରଙ୍କ ସହାୟତାରେ ଖାଇବାକୁ ଦିଅନ୍ତୁ ।

**ଥନହରା** – ଏହି ରୋଗରେ ପହ୍ନା ଓ ଚିର ଫୁଲିଯାଏ । ମାଆ ଛୁଆକୁ କ୍ଷୀର ପିଇବାକୁ ଦିଏ ନାହିଁ । ଦୁହିଁଲା ବେଳେ ଚୀରରୁ କ୍ଷୀର ବାହାରେ ନାହିଁ । କ୍ଷୀର ହଳଦିଆ କିମ୍ବା ଲାଲ ଦେଖାଯାଏ । କ୍ଷୀର ଛିଣ୍ଡିଯାଏ ଓ ଛେନାଭଳିଆ ହୋଇଯାଏ ।



ବେଳେବେଳେ ପହ୍ନାଟି ପଥର ଭଳି ଟାଣ ହୋଇଯାଏ ଓ ଦୁହିଁଲେ ଆଦୌ କ୍ଷୀର ବାହାରେ ନାହିଁ । ଏଭଳି ହେଲେ ଚିରରୁ ଯେତେ ସମ୍ଭବ କ୍ଷୀର ଦୁହିଁ ବାହାର କରିଦିଅନ୍ତୁ । ତାପରେ ଚିର ମୁହଁରେ ବିଟାଡିନ୍ ନାମକ ଔଷଧ (ମଣିଷ ପାଇଁ ବ୍ୟବହୃତ ଔଷଧ) ଲଗାନ୍ତୁ । ଛେଳି ବା ମେଣ୍ଢାର ଗୁହାଳକୁ ପରିଷ୍କାର ରଖନ୍ତୁ । ପହ୍ନା ଓ ଚିର ଦୈନିକ ସଫା କରନ୍ତୁ ।

**ଅମ୍ଳରୋଗ** – ଅତ୍ୟଧିକ ଶର୍କରା ପୂର୍ଣ୍ଣଥିବା ଖାଦ୍ୟ ଯଥା : ଚାଉଳ, ଗହମ, ଧାନ, ମକା, ଭୋଜିଭାତ, ମହୁଲ, ଇତ୍ୟାଦି ପାକସ୍ଥଳୀରେ ଜମା ହୋଇ ରହେ ଓ ଏହି ରୋଗ ହୁଏ । ଭୋକିଲା ପଶୁ ସାଧାରଣତଃ ବିକଳରେ ଏଭଳି ଖାଦ୍ୟ ଖାଇଦେଇଥାଏ ଓ ସେମାନଙ୍କୁ ଏକ ପ୍ରକାର ରୋଗ ହୋଇଥାଏ ।

ପାକସ୍ଥଳୀରେ ଏଭଳି ଖାଦ୍ୟ ଜମାହୋଇ ରହିଲେ, ଜୀବାଣୁମାନଙ୍କ ଦ୍ୱାରା ସେଥିରୁ ଏକ ପ୍ରକାର ଅମ୍ଳ ନିର୍ଗତ ହୁଏ ଓ ସେଥିଯୋଗୁଁ ଶରୀରର ବିଭିନ୍ନ ଭାଗରୁ ଜଳ ଟାଣିହୋଇ ପାକସ୍ଥଳୀରେ ଜମା ହୁଏ । ଜଳୀୟ ଅଂଶ ଅଭାବ ଯୋଗୁଁ ରକ୍ତ ମୋଟା ଓ ବହଳା ହୋଇଯାଏ । ଛେଳି ବା ମେଣ୍ଢା ସବୁବେଳେ ଶୋଇରହେ । ପରେ ଶାରୀରିକ ଉତ୍ତାପ କମିଯାଏ । ବାହାରୁ ବାମପଟ ଚିପିଲେ ଚିପିହୋଇ ଖାଲ ଚିହ୍ନ କିଛି ସମୟ ରହେ । ପରିସ୍ରା ଆଦୌ ହୁଏ ନାହିଁ । ୩ ଦିନ ଭିତରେ ଛେଳି ବା ମେଣ୍ଢା ମରିଯାଏ ।

ଏକ ଲିଟର ପାଣିରେ ୫୦ ଗ୍ରାମ୍ ଖାଇବା ସୋଡ଼ା ମିଶାଇ ପିଆଇ ଦିଅନ୍ତୁ । ନଚେତ୍, ପଲିକ୍ରୋଜେଲ୍ ଫର୍ଟ କିମ୍ବା ଡାଇଭଲ୍ କିମ୍ବା ଡାଇଜିନ୍ ତରଳ ଔଷଧ (ମଣିଷ ପାଇଁ) ଶିଶିଟିଏ ପିଆଇ ଦିଅନ୍ତୁ ।

**ଯାଦୁ** – ଏକ ପ୍ରକାର ମାଇଟ୍ ଛେଳି ବା ମେଣ୍ଢା ଚମଡ଼ା ଫୁଟାଇ ଚମଡ଼ାର ଯାଦୁରୋଗ କରନ୍ତି । ଏମାନେ ଚମଡ଼ାକୁ ଖାଇଯାନ୍ତି । ଏହାଦ୍ୱାରା ଚମଡ଼ାର ସେହି ସ୍ଥାନରେ ଭୀଷଣ ଗଲୁ ହୁଏ ଓ ପଶୁ କାନ୍ଥ ବା ଗଛରେ ଘଷି ହୁଅନ୍ତି । ସେହି ସ୍ଥାନମାନଙ୍କରୁ

ରକ୍ତ ଓ ପାଣି ବାହାରେ ଏବଂ ଘା ହୋଇଯାଏ । ରୁମ ଛିଣ୍ଡିଯାଏ । ଚମଡ଼ା ମୋଟା ହୋଇ ଚୋପା ଛାଡ଼େ ଓ ସେଥିରେ ବିଭିନ୍ନ ଜୀବାଣୁମାନେ ପଶି ବଥମାନ ସୃଷ୍ଟି କରନ୍ତି । ବଥ ପାଚି ଫାଟିଯାଏ ଓ ପୁଜରକ୍ତ ବାହାରେ । ଯାଦୁ ଛୋଟରୁ ବଡ଼ ଆକାର ଧାରଣ କରେ । ବାରମ୍ବାର ଗଲୁ ହେବା ଯୋଗୁଁ ଛେଳି ବା ମେଣ୍ଢା ଖାଇବା ପିଇବା ପ୍ରତି ଆଗ୍ରହ ପ୍ରକାଶ କରେ ନାହିଁ ଓ ଦିନକୁ ଦିନ ଦୁର୍ବଳ ହୋଇଯାଏ ।

ପ୍ରଥମେ ପୁରା ଦେହର ଚମଡ଼ାକୁ ଲିମ୍ବ ପତ୍ର ସିଝା ପାଣିଦ୍ୱାରା ଧୋଇ ଭଲଭାବେ ବ୍ରସ୍ କରନ୍ତୁ ଓ ପୁଣି ଲିମ୍ବପତ୍ର ସିଝା ପାଣି ଦ୍ୱାରା ଧୁଅନ୍ତୁ । ତା ପରେ ବିଟାଡିନ୍ କିମ୍ବା ହିମାକ୍ସ ଭଳି ଅଏଣ୍ଟମେଣ୍ଟ ଘାଆ ସ୍ଥାନରେ ଲଗାନ୍ତୁ । ଏହିଭଳି ଦିନେ ଛାଡ଼ି ଦିନେ କରନ୍ତୁ । ଏହାଛଡ଼ା ଆଇଭରମେକ୍ଟିନ୍ ନାମକ ଇଞ୍ଜେକ୍ସନ୍ ପଶୁଡାକ୍ତରଙ୍କର ସହାୟତାରେ ଦିଅନ୍ତୁ । ଆଉ ମଧ୍ୟ ଛେଳି ରହୁଥିବା ଘରର ତଳ, କାନ୍ଥ, ବାଡ଼, ଛାତ ଇତ୍ୟାଦିକୁ ବ୍ୟୁଟକ୍ସ ଔଷଧ (୧ ମି.ଲି.କୁ ୧୦୦ ମି.ଲି. ପାଣିରେ ମିଶାଇ) ଦ୍ୱାରା ପ୍ରତି ୭ ଦିନରେ ଥରେ ଭଲ ଭାବେ ସ୍ପ୍ରେ କରନ୍ତୁ ।

**କୃମିରୋଗ** – ଆମ ଦେଶରେ ଗୋରୁ ଛେଳି ବା ମେଣ୍ଢା ଇତ୍ୟାଦି ପଶୁ ବାହାରେ ଚରିବା ବେଳେ ଭୂଇଁରେ ମଳ ଓ ମୂତ୍ର ତ୍ୟାଗ କରନ୍ତି । ମଳରେ ଥିବା କୃମିର ଅଣ୍ଡା ପେଟ ଭିତରୁ ପଦାକୁ ଆସି କିଛିଦିନ ଭିତରେ ଫୁଟି ଯାଆନ୍ତି । ଅଣ୍ଡା ଫୁଟିବା ପରେ ସେଥିରୁ ବାହାରିଥିବା ଲାର୍ଭା ଅଧିକାଂଶ କ୍ଷେତ୍ରରେ ଗେଣ୍ଡା, ମାଛି, ମଶା, ଡାଆଁଶ, ଟିଙ୍କ, ଉକୁଣୀ ଇତ୍ୟାଦି ମଧ୍ୟବର୍ତ୍ତୀ ରୋଗବାହକମାନଙ୍କ ପେଟ ଭିତରକୁ ଯାଇ ସେମାନଙ୍କର ଶାରୀରିକ ପରିବର୍ତ୍ତନ କରନ୍ତି ଓ ରୋଗବାହକ ମାନଙ୍କର ପେଟ ଭିତରୁ ପରେ ବାହାରି ଘାସ, କୁଟା ବା ଖାଲୁଆ ଜମିରେ, ଗଛ ପତ୍ରରେ ଲାଗି ରହନ୍ତି । ପଶୁ ଏହି ଘାସ, କୁଟା ବା ଉଦ୍ଭିଦ ଖାଇଲା ପରେ କୃମି ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ବିଭିନ୍ନ କୃମି ପଶୁର ଶରୀର ଭିତରେ ବିଭିନ୍ନ ସ୍ଥାନରେ ରହି ରକ୍ତ ତଥା ଶରୀରର ରସ ଶୋଷଣ କରି ବଂଶ ବିସ୍ତାର କରନ୍ତି ।

**କଲିଜାକୃମି** – ଏଥିରେ ଆଖିପତା ତଳ ଓ ଜିଭ ହଳଦିଆ ଦେଖାଯାଏ । ଆକ୍ରାନ୍ତ ପଶୁ ଖାଇବାକୁ ଇଚ୍ଛା କରନ୍ତି ନାହିଁ । ପଶୁଡାକ୍ତରଙ୍କ ସହାୟତାରେ ଡିଷ୍ଟୋବିନ୍ କିମ୍ବା ଟଲ୍‌ଜାନ୍ କିମ୍ବା ସେହିଭଳି ଫ୍ଲୁକ୍‌ନାଶୀ ଔଷଧ ଦିଅନ୍ତୁ ।



**ଫିତାକୃମି** – ଏହି କୃମି ଦ୍ୱାରା ଆକ୍ରାନ୍ତ ଛେଳି ବା ମେଣ୍ଢାର ଅନ୍ତଃନଳୀରେ ଲମ୍ବା (୬୦୦ ସେ.ମି. ଲମ୍ବ ଓ ୧-୨ ସେ.ମି. ଓସାର) କୃମି ରହି ଖାଦ୍ୟ ହଜମରେ ବାଧା ସୃଷ୍ଟି କରନ୍ତି । ଛେଳି ଓ ମେଣ୍ଢା ଭଲ ବଢ଼ନ୍ତି ନାହିଁ । ମଳରେ ବେଳେବେଳେ ଏ କୃମି ପଡ଼ନ୍ତି । ପଶୁଡାକ୍ତରଙ୍କ ସହାୟତାରେ ଫିତା କୃମିନାଶୀ ଔଷଧ ଦିଅନ୍ତୁ ।

**ରକ୍ତପିଆ କୃମି** – ଏମାନେ ଛେଳି ବା ମେଣ୍ଢା ଦେହରୁ ଯଥେଷ୍ଟ ପରିମାଣରେ ରକ୍ତ ପିଇଥାନ୍ତି । ଏଥିରେ ତରଳ ଝାଡ଼ା ଓ ରକ୍ତଶୂନ୍ୟତା (ଆଖିପତା ଓ ଜିଭଧଳା ହୁଏ) ଦେଖାଯାଏ । ଛେଳି ବା ମେଣ୍ଢା ଦୁର୍ବଳ ହୋଇଯାଏ । ପେଟ ଓହଳି ପଡ଼େ ଓ ଥୋମଣି ତଳେ ବଲ୍‌ଭଳି ମାଂସ ଓ ପାଣି ପିଣ୍ଡୁଳା ଦେଖାଯାଏ । ଏଥିପାଇଁ ନିଲ୍‌ଭର୍ମ କିମ୍ବା ପାନାକୁର କିମ୍ବା ହେଲାଟାକ୍ ଔଷଧ ପଶୁଡାକ୍ତରଙ୍କ ସହାୟତାରେ ଦିଅନ୍ତୁ ।

**ଟିଙ୍କ, ମାଇଟ୍, ଉକୁଣୀ ଜନିତ ରୋଗ** – ଏମାନେ ସାଧାରଣତଃ ଘାସ ପଡ଼ିଆ, ଗଛ ବା ବୁଦାତଳ ବା ଗୁହାଳ କାନ୍ଥ ଫାଟକ, ଫଟା ସ୍ଥାନମାନଙ୍କରେ ଲୁଚି ରହନ୍ତି । ଏହି ସ୍ଥାନମାନଙ୍କରୁ ଆସି ପଶୁ ଦେହରେ ଲାଗିରହି ରକ୍ତ ପିଅନ୍ତି । କିଛି ସମୟ ପରେ ପୁଣି ପୂର୍ବୋକ୍ତ ସ୍ଥାନକୁ ଚାଲିଯାଆନ୍ତି । ଛେଳି ବା ମେଣ୍ଢା ରକ୍ତ-ଶୂନ୍ୟତା ରୋଗରେ ଆକ୍ରାନ୍ତ ହୁଏ ଓ ଛେଳି ବା ମେଣ୍ଢାର ବିରକ୍ତ ଭାବ ଆସେ, ଖାଇବା ପିଇବା କମିଯାଏ ।

ଏହି କୃମିମାନଙ୍କୁ ନଷ୍ଟ କରିବାକୁ ହେଲେ ପଶୁ ରହିବା ସ୍ଥାନ ପରିବର୍ତ୍ତନ କରନ୍ତୁ । ପୁରୁଣା ସ୍ଥାନରେ ଜମି ରହିଥିବା ମଳମୂତ୍ରକୁ ପରିଷ୍କାର କରନ୍ତୁ ଓ ଘରକୁ ୪-୫ ଦିନପାଇଁ ଶୁଖିଲା ରଖନ୍ତୁ । ମାଟି ଚଟାଣ ହୋଇଥିଲେ, ମାଟିକୁ ହାଣି ତଳ ଉପର କରିଦିଅନ୍ତୁ । ଚଟାଣ ଓ କାନ୍ଥରେ କୀଟନାଶକ ଔଷଧ ସ୍ପ୍ରେ କଲାପରେ ଚୂନ ଲିପି ଦିଅନ୍ତୁ । ପଶୁ ଦେହକୁ ମଧ୍ୟ କୀଟନାଶକ ଔଷଧ ଦ୍ରବଣ ସ୍ପ୍ରେ କରନ୍ତୁ । ସ୍ପ୍ରେ କଲା ସମୟରେ ମନେ ରଖିବା ଉଚିତ୍ ଯେ ଔଷଧର ଦ୍ରବଣ ଆଖି, ନାକ ଓ ପାଟିରେ ନ ପଡ଼େ । ତା ପରେ ଛାଇରେ ଏକ ଘଣ୍ଟା ପଶୁକୁ ରଖିବା ପରେ ଭଲଭାବେ ବ୍ରସ୍ କରି

ଧୁଅନ୍ତୁ । ପଶୁକୁ ଦେହ ଚାଟିବାକୁ ଦିଅନ୍ତୁ ନାହିଁ । ତୁଣ୍ଡି ଲଗାନ୍ତୁ । କୀଟନାଶକ ଦ୍ରବଣ ଅନୁପାତ –

| **କୀଟନାଶକ ଔଷଧ** | **(୧ ଲିଟର ପାଣିରେ)** | **ମନ୍ତବ୍ୟ** |
|---|---|---|
| ମାଲାଥିଅନ | ୧୦ ଗ୍ରାମ୍ | ପ୍ରତି ୧୫ ଦିନକୁ |
| ଆସୁଣ୍ଟଲ୍ | ୩ ଗ୍ରାମ୍ | ଥରେ ପ୍ରୟୋଗ କରନ୍ତୁ |
| ସେଭିନ୍ | ୮ ଗ୍ରାମ୍ | |
| ବ୍ୟୁଟକ୍ସ | ୧ ମି.ଲି. | |

**ଛେଳି ବା ମେଣ୍ଢାଙ୍କ ପାଇଁ ମାସିଆରୀ ପ୍ରତିଷେଧକ ବ୍ୟବସ୍ଥା ସାରଣୀ**

| **ମାସର ନାମ** | **କଅଣ କରିବେ** | **ରୋଗ** |
|---|---|---|
| ଜାନୁଆରୀ | – | – |
| ଫେବୃଆରୀ | ଏଣ୍ଟରୋଟକ୍ସିମିଆ ଟିକା ଦିଅନ୍ତୁ | ଏଣ୍ଟରୋଟକ୍ସିମିଆ ରୋଗପାଇଁ |
| ମାର୍ଚ୍ଚ | – | – |
| ଏପ୍ରିଲ୍ | କକ୍ସିଡ଼ିଆନାଶୀ ଔଷଧ ଦିଅନ୍ତୁ | ଜ୍ୱର ଓ ଝାଡ଼ା ପାଇଁ |
| ମେ | – | – |
| ଜୁନ୍ | ଫାଟୁଆ ଟୀକା ଦିଅନ୍ତୁ | ଫାଟୁଆ ରୋଗ ପାଇଁ |
| ଜୁଲାଇ | ସାହାଣ ଟୀକା ଦିଅନ୍ତୁ | ସାହାଣ ରୋଗ ପାଇଁ |
| | କୃମି ଔଷଧ ଦିଅନ୍ତୁ | କୃମିନାଶ ପାଇଁ |
| ଅଗଷ୍ଟ | କକ୍ସିଡ଼ିଆନାଶୀ ଔଷଧ | ଜ୍ୱର ଓ ଝାଡ଼ା ପାଇଁ |
| | ଏଣ୍ଟରୋଟକ୍ସିମିଆ ଟୀକା | ଏଣ୍ଟରୋଟକ୍ସିମିଆ ରୋଗପାଇଁ |
| ସେପ୍ଟେମ୍ବର | – | – |
| ଅକ୍ଟୋବର | କୃମି ଔଷଧ ଦିଅନ୍ତୁ | କୃମି ପାଇଁ |
| ନଭେମ୍ବର | କୃମି ଔଷଧ ଦିଅନ୍ତୁ | କୃମି ପାଇଁ |
| ଡିସେମ୍ବର | ଫାଟୁଆ ଟୀକା ଦିଅନ୍ତୁ | ଫାଟୁଆ ରୋଗ ପାଇଁ |
| | ପି.ପି.ଆର୍ ଟୀକା ଦିଅନ୍ତୁ | ପି.ପି.ଆର୍ ରୋଗ ପାଇଁ |



**ସରକାରୀ ଯୋଜନା–** ଛେଳିମାଂସର ବଜାର ଚାହିଦା ଓ ଛେଳିପାଳନରୁ ଯଥେଷ୍ଟ ଲାଭ ହେବାର ସମ୍ଭାବନା ଥିବାରୁ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ସରକାରଙ୍କ ବିଭିନ୍ନ ଲାଭକାରୀ ଯୋଜନାରେ ଛେଳିମାନଙ୍କୁ ଗୁରୁତ୍ୱ ଦିଆଯାଉଛି । ଛେଳି ପାଳନରୁ ଅଧିକ ଲାଭ ମିଳୁଥିବାରୁ ନାବାର୍ଡ଼ ଏବଂ ଅନ୍ୟ ଜାତୀୟ ସ୍ତରର ବ୍ୟାଙ୍କମାନେ ଛେଳି ଫାର୍ମ ଆରମ୍ଭ କରିବା ପାଇଁ ପରିଯୋଜନାର ମୂଲ୍ୟାଙ୍କନ କରି ନିୟମାନୁଯାୟୀ ଋଣ ଯୋଗାଇ ଦେଉଛନ୍ତି ।

ବୀମା କମ୍ପାନୀମାନେ ବୀମା ଦ୍ୱାରା ଛେଳିର ମୃତ୍ୟୁ ହେଲେ ଆବଶ୍ୟକୀୟ କ୍ଷତିପୂରଣ ମଧ୍ୟ ଦେଉଛନ୍ତି । ତେଣୁ ନିକଟସ୍ଥ ବ୍ୟାଙ୍କ୍ ଓ ବୀମା କମ୍ପାନୀମାନଙ୍କ ସହିତ ଯୋଗାଯୋଗ କଲେ ଅଧିକ ସୂଚନା ମିଳିପାରିବ ।

**ଛେଳିପାଳନର ଆର୍ଥିକ ଦିଗ**

ଜଣେ ଲୋକ ସାଧାରଣତଃ ୫୦ଟି ଛେଳି ଚରାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବନାହିଁ । ତେଣୁ ଶ୍ରମର ସଦ୍‌ଉପଯୋଗ କରିବାକୁ ହେଲେ ୫୦ଟି ବା ତାର ଗୁଣିତକ ହିସାବରେ ଛେଳି ପାଳନ କରାଯାଇପାରେ । ବେଙ୍ଗଲ ଜାତୀୟ ଛେଳି ପ୍ରତି ୮ ମାସ ଅନ୍ତରରେ ଥରେ ଓ ଥରକୁ ହାରାହାରି ୨ଟି ଲେଖାଏଁ ଛୁଆ ଦେଇଥାନ୍ତି । ସମୟେ ସମୟେ ୩ ରୁ ୪ ଟି ଛୁଆ ଜନ୍ମ ହେବାର ମଧ୍ୟ ଦେଖାଯାଏ । ସେହିପରି ଗଞ୍ଜାମ ଛେଳି ୧୧ ମାସରେ ଥରେ ଓ ଥରକୁ ହାରାହାରି ଗୋଟିଏ ଛୁଆ ଜନ୍ମ କରିଥାନ୍ତି । ତେଣୁ ବେଙ୍ଗଲ ଜାତୀୟ ଛେଳି ୨ ବର୍ଷରେ ୬ଟି ଛୁଆ ଦେଉଥିଲା ବେଳେ ଗଞ୍ଜାମ ଛେଳି ୨ ବର୍ଷରେ ୨ ଟି ଛୁଆ ଦେଇଥାନ୍ତି । କିନ୍ତୁ ଛେଳି ଛୁଆର ବିକ୍ରି ବୟସ ୧୨ ମାସ ଧରାଗଲେ ଏହି ସମୟ ବେଳକୁ ବେଙ୍ଗଲ ଜାତୀୟ ଛେଳିର ଓଜନ ୧୦ ରୁ ୧୨ କି.ଗ୍ରା. ହୋଇଥିଲା ବେଳେ ଗଞ୍ଜାମ ଛେଳିର ଓଜନ ୧୮ ରୁ ୨୦ କି.ଗ୍ରା. ହୋଇଥାଏ । ଛେଳିଛୁଆର ଜନ୍ମ ବେଳର ଓଜନ କମ୍‌ଥିବାରୁ ଏବଂ ମା ଛେଳି ଦୁଗ୍ଧ କମ୍ ହେଉଥିବାରୁ ମୃତ୍ୟୁ ହାର ଟିକେ ଅଧିକ ହୁଏ । ଏସବୁ ହିସାବକୁ ନେଲେ ଦେଖାଯାଏ ଗୋଟିଏ ଛେଳିରୁ ବାର୍ଷିକ ଆୟ ହାରାହାରି ୧୦୦୦ ଟଙ୍କା ହୋଇଥାଏ । ଉତ୍ତମ ଚାରଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଥିଲେ ଗୋଟିଏ

ଛେଳିରୁ ୧୨୦୦ ଟଙ୍କା ଲାଭ ହୋଇଥାଏ କିମ୍ବା ମାସକୁ ଗୋଟିଏ ଛେଳିରୁ ହାରାହାରି ୧୦୦ ଟଙ୍କା ଲାଭ ମିଳିଥାଏ ।

ଆମ ରାଜ୍ୟର ଜଳବାୟୁ ପରିବେଶ ଓ ଛେଳି ମାଂସର ଚାହିଦାକୁ ବିଶ୍ଳେଷଣ କଲେ ବ୍ୟବସାୟିକ ଭିତ୍ତିରେ ଛେଳି ପାଳନର ଭିତ୍ତିଭୂମି ଅତି ଉନ୍ନତ କହିଲେ ଅତ୍ୟୁକ୍ତି ହେବନାହିଁ । ଆମ ରାଜ୍ୟର ଛେଳି ମାଂସ ସୁସ୍ୱାଦୁ ଏବଂ ଆତ୍ମ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳରେ ଛେଳି ଚାଷ ଏକ ନିର୍ଭର ଯୋଗ୍ୟ ପଦକ୍ଷେପ କହିଲେ ଭୁଲ୍ ହେବନାହିଁ ।

**ଯୋଗାଯୋଗ –** ଅଧିକ ସୂଚନା ପାଇଁ ଭୁବନେଶ୍ୱର ସ୍ଥିତ ଓଡ଼ିଶା ପଶୁପାଳନ ଓ ପଶୁବିଜ୍ଞାନ ମହାବିଦ୍ୟାଳୟରେ ଯୋଗାଯୋଗ କରିପାରନ୍ତି ।

## ୫ଟି ମାଈ ଛେଳି ଓ ଗୋଟିଏ ବୋଦା ପାଳନରୁ ଲାଭକ୍ଷତିର ହିସାବ

### କ. ଅଣ ପୌନଃପୁନିକ

| | | | |
|---|---|---|---|
| ୧. | ଗୁହାଳ – ୭୦ ବର୍ଗଫୁଟ (୧୦୦ଟଙ୍କା ପ୍ରତି ବର୍ଗଫୁଟ) | – | ୭୦୦୦.୦୦ |
| ୨. | ୫ଟି ମାଈ ଛେଳି (ଗୋଟି ୧୫୦୦ ଟଙ୍କା) | – | ୭୫୦୦.୦୦ |
| ୩. | ୧ ଟି ବୋଦା | – | ୪୦୦୦.୦୦ |
| | | **ମୋଟ** | **୧୮୫୦୦.୦୦** |

### ଖ. ପୌନଃପୁନିକ

| | | | |
|---|---|---|---|
| ୧. | ଦାନା (୧୦୦ ଦିନ ପାଇଁ) ପ୍ରତି ଛେଳିକୁ ୧୦୦ ଗ୍ରାମ୍ ଓ ବୋଦାକୁ ୨୦୦ ଗ୍ରାମ୍ ଏବଂ ଦାନା କି.ଗ୍ରା. ପ୍ରତି ୧୫ ଟଙ୍କା କରି (୭୦ କି.ଗ୍ରା. x ୧୫ ଟଙ୍କା) | – | ୧୦୫୦.୦୦ |
| ୨. | ଚିକିତ୍ସା ଖର୍ଚ୍ଚ (ଗୋଟିକୁ ୧୦୦ ଟଙ୍କା ହାରରେ) | – | ୬୦୦.୦୦ |
| ୩. | ବୀମା ଖର୍ଚ୍ଚ (ଛେଳି ଦାମ୍‌ର ୫ ପ୍ରତିଶତ) | – | ୫୭୫.୦୦ |
| | | **ମୋଟ** | **୨୨୨୫.୦୦** |



### ଗ. ମୋଟ ମୂଳଧନ ଖର୍ଚ୍ଚ

| | | | |
|---|---|---|---|
| | ସ୍ଥାୟୀ ମୂଳଧନ | – | ୧୮୫୦୦.୦୦ |
| | ପୌନଃପୌନିକ ଖର୍ଚ୍ଚ | – | ୨୨୨୫.୦୦ |
| | | **ମୋଟ** | **୨୦୭୨୫.୦୦** |

### ଘ. ଆଦାୟ

| | | | |
|---|---|---|---|
| ୧. | ୭ଟି ଅଣ୍ଡିରା ଛେଳିର ବିକ୍ରି<br>ଗୋଟିକୁ ୧୫୦୦ ଟଙ୍କା ହାରରେ<br>କି.ଗ୍ରା. ପ୍ରତି ୧୨୦-୧୪୦ ଟଙ୍କା ହାରରେ<br>ଛେଳିର ଓଜନ ୧୨-୧୪ କିଲୋଗ୍ରାମ୍ | – | ୧୦୫୦୦.୦୦ |
| ୨. | ୫ଟି ମାଈ ଛେଳିର ବିକ୍ରି (ଗୋଟିକୁ ୧୦୦୦ ଟଙ୍କା) | – | ୫୦୦୦.୦୦ |
| | | **ମୋଟ** | **୧୫୫୦୦.୦୦** |

(ଗୋଠ ବଢ଼ାଇବା ପାଇଁ ଗୋଟିଏ ବା ଦୁଇଟି ମାଇ ଛୁଆକୁ ବିକ୍ରି କରାଯିବ ନାହିଁ)

### ଲାଭ

| | | |
|---|---|---|
| **ଆଦାୟ** | – | ୧୫୫୦୦.୦୦ |
| (–) ପୌନଃପୌନିକ ଖର୍ଚ୍ଚ | – | ୨୨୨୫.୦୦ |
| (–) ଗୁହାଳର ମୂଲ୍ୟହାନୀ ଖର୍ଚ୍ଚ (ପ୍ରତିବର୍ଷକୁ ୧୦ ପ୍ରତିଶତ ହାରରେ) | – | ୭୦୦.୦୦ |
| | – | ୧୨୫୭୫.୦୦ |
| ବାର୍ଷିକ ହାରାହାରି ଲାଭ | – | ୧୨୫୭୫.୦୦ |
| ମାସିକ ହାରାହାରି ଲାଭ | – | ୧୦୪୮.୦୦ |

ଲାଭକ୍ଷତିର ହିସାବ ବେଳେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।

୧. କିଣିବାକୁ ଥିବା ମାଈଛେଳି ଦୁଇ ଦାନ୍ତିଆ ହେବା ଜରୁରୀ ।

୨. ଛେଳି ଗୁହାଳ ପାଇଁ ୧ଟି ଛେଳି ପ୍ରତି ୧୦ ବର୍ଗଫୁଟ ଓ ବୋଦା ପାଇଁ ୨୦ ବର୍ଗଫୁଟର ଚଟାଣ ଆବଶ୍ୟକ । ଏହି ଉପଯୋଜନାରେ ସ୍ୱଳ୍ପ ମୂଲ୍ୟଯୁକ୍ତ ଗୁହାଳ ତିଆରି ପରାମର୍ଶ ଦିଆଯାଇଛି । ଏଥିରେ ମାଟି ଓ ବାଲି (ପି.ପି.) ଅନୁପାତରେ ଚଟାଣ ତିଆରି କରାଯିବ ଏବଂ ଛପର ଚାଳ ବା ଖପର ଦେବା ଦରକାର । ଘରର ଚାରିପଟ ମାଟି ପେଚ ଇଟା କାନ୍ଥ ବା ବାଉଁଶ ବତା ହେଲେ ଭଲ । ଜଙ୍ଗଲରେ ମିଳୁଥିବା ଝାଟି ଦ୍ୱାରା ମଧ୍ୟ ଚାରିପଟେ କାନ୍ଥ କରାଯାଇପାରେ ।

*****

ବିଷୟବସ୍ତୁ
**ଡା ଭାଗିରଥି ପାଣିଗ୍ରାହୀ,** ପ୍ରାଧ୍ୟାପକ
ପ୍ରାଣୀଧନ ଉତ୍ପାଦନ ଓ ପରିଚାଳନା ବିଭାଗ
ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ
ଭୁବନେଶ୍ୱର - ୭୫୧୦୦୩

ଓୟୁଏଟି ପ୍ରେସ୍, ୨୦୧୪



ଏଠାରୁ କାଟନ୍ତୁ

# ଗୋପାଳନ (ନବମ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ଓଡ଼ିଶାରେ କେଉଁ କେଉଁ ଜାତୀୟ ଛେଳି ଦେଖାଯାନ୍ତି ? କେଉଁ ଛେଳି ପାଳନ କଲେ ଚାଷୀମାନେ ଅଧିକ ଲାଭ ପାଇପାରିବେ ?
ଉ–

ପ୍ର. ୨ – ଗୋଟିଏ ଗୁହାଳରେ କେତୋଟି ସମବୟସ୍କ ଛେଳି ରଖାଯାଇପାରିବ ?
ଉ.–

ପ୍ର. ୩– ଘରୋଇ ଉପାୟରେ ଖାଦ୍ୟ ଉତ୍ପାଦନ ପାଇଁ କି କି ଉପାଦାନ ଆବଶ୍ୟକ ହୋଇଥାଏ ?
ଉ.–

ପ୍ର. ୪ – ଛେଳି ଓ ମେଣ୍ଢାମାନଙ୍କୁ କୃମି ରୋଗ ନ ହେବା ପାଇଁ କଣ କରିବା ଉଚିତ୍ ?
ଉ.–

ପ୍ର. ୫ –ମେଣ୍ଢାମାନେ କେତେ ବର୍ଷରେ ପୂର୍ଣ୍ଣ ଗର୍ଭଧାରଣ ପାଇଁ ସକ୍ଷମ ହୋଇଥାନ୍ତି ?
ଉ.–

ଚାଷୀଙ୍କ ସ୍ୱାକ୍ଷର –
ଡାକ ଠିକଣା
କ୍ରମିକ ନଂ –
ତାରିଖ –

ଷଷ୍ଠ ପାଠ

# ଗୋପାଳନ



**ଦୂରଶିକ୍ଷା କାର୍ଯ୍ୟକ୍ରମ**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩**

ନାମ...............................

କ୍ରମିକ ନଂ .......................

**ଷଷ୍ଠ ପାଠ**

# ଗୋରୁଗାଈମାନଙ୍କର କେତେକ ପ୍ରଧାନ ରୋଗ ଓ ପ୍ରତିଷେଧ ବ୍ୟବସ୍ଥା

### ସୁସ୍ଥ ଓ ରୁଗ୍ଣ ଗୋରୁଙ୍କ ଲକ୍ଷଣ

ରୁଗ୍ଣ ଗୋରୁର କେଉଁ ରୋଗ ହୋଇଛି ତାକୁ ଜାଣିବାକୁ ହେଲେ ରୋଗର ଲକ୍ଷଣ ଗୁଡ଼ିକୁ ପ୍ରଥମେ ଅନୁଧ୍ୟାନ କରାଯାଏ । ତାପରେ ଗୋରୁର ଶରୀର ଉତ୍ତାପ, ନାଡ଼ିର ଗତି ଓ ଶ୍ୱାସ ପ୍ରଶ୍ୱାସ ହାର ଏବଂ ଝାଡ଼ା, ପରିସ୍ରା, ରକ୍ତ ଆଦି ପରୀକ୍ଷା କରାଯାଏ । ଏଥିସହିତ ଫୁସ୍‌ଫୁସ୍, ପାକସ୍ଥଳୀ, କଲିଜା ଇତ୍ୟାଦି ଅଙ୍ଗମାନଙ୍କର ଅବସ୍ଥା କିପରି ଅଛି ପରୀକ୍ଷା କରାଯାଏ । ମୃତ ଗୋରୁଙ୍କର ପୋଷ୍ଟମର୍ଟମ କରି ମଧ୍ୟ ରୋଗ ଚିହ୍ନଟ କରାଯାଏ । ଏହିସବୁ ପରୀକ୍ଷା ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରି କେଉଁ ରୋଗ ହୋଇଛି ତାହା ଜଣାପଡ଼େ ।

ପ୍ରଥମେ ରୁଗ୍ଣ ଗୋରୁଙ୍କୁ ଚିହ୍ନଟ କରିବା ପାଇଁ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ନିକଟରୁ ଭଲ ଭାବରେ ନିରୀକ୍ଷଣ କରିବା ଦରକାର ଏବଂ ସୁସ୍ଥ ଗୋରୁଙ୍କଠାରୁ ସେମାନଙ୍କୁ ଅଲଗା କରି ଦରକାର ମୁତାବକ ଚିକିତ୍ସାର ବନ୍ଦୋବସ୍ତ କରିବା ଉଚିତ୍ । ପ୍ରତ୍ୟେକ ଗୋପାଳକ ସୁସ୍ଥ ଗୋରୁଙ୍କ ସାଧାରଣ ଲକ୍ଷଣ ବିଷୟରେ ଅବଗତ ଥିଲେ ରୁଗ୍ଣ ଗୋରୁମାନଙ୍କୁ ଅନାୟାସରେ ଚିହ୍ନଟ କରିପାରିବେ ।

ସାଧାରଣ ଲକ୍ଷଣ ହିସାବରେ ପ୍ରତ୍ୟେକ ସୁସ୍ଥ ଗୋରୁ ନିୟମିତ ଭାବରେ ଠିକ୍ ପରିମାଣରେ ଖାଏ, ପାଣି ପିଏ ଏବଂ ପାକୁଳି କରେ । ସେ ସର୍ବଦା ଚଞ୍ଚଳ, କର୍ମଠ ଥାଏ ଓ ବାହାର ପରିବେଶ ପ୍ରତି ସତର୍କ ଥାଏ । ଚାଲିଲାବେଳେ ଗୋଡ଼ ଏପଟ ସେପଟ ହୁଏ ନାହିଁ ଓ ସାଧାରଣ ଚଲାବୁଲା କରେ । ମୁଣ୍ଡ ଉପରକୁ ରଖିଥାଏ ।

ରୋଗାକ୍ରାନ୍ତ ଗୋରୁ ମୁଣ୍ଡ ତଳକୁ ରଖେ ଓ କାନ ତଳକୁ ଓହଳିପଡ଼େ । କେତେକ ରୋଗରେ ଗୋରୁ ଛୋଟାଏ କିମ୍ବା ଧିରେ ଧିରେ ଚାଲେ ଓ ଗୋଠରୁ ଅଲଗା ହୋଇଯାଏ । ତାର କ୍ଷୁଧା ଓ ନିଦ୍ରା ବ୍ୟାହତ ହୁଏ । ପାକୁଳି ବନ୍ଦ କରିଦିଏ । ରୋଗାକ୍ରାନ୍ତ ଗୋରୁ ଖାଇବା ଓ ପିଇବା ଅଳ୍ପ କରେ ବା ଆଦୌ କରେ ନାହିଁ । ପେଟ ଫମ୍ପାଏ ବା ମାନ୍ଦା ହୋଇ ରହିଥାଏ । ଗୋରୁ ମଧ୍ୟ କେତେକ ରୋଗରେ ଉତ୍ତେଜିତ ଅବସ୍ଥାରେ ରହେ ।

ସୁସ୍ଥ ଗୋରୁର ଶରୀରର ଉତ୍ତାପ, ନାଡ଼ିର ଗତି ଓ ଶ୍ୱାସ-ପ୍ରଶ୍ୱାସର ହାର ସର୍ବଦା ସ୍ୱାଭାବିକ ରହେ । ଏମାନଙ୍କ ଶରୀରର ଉତ୍ତାପ ସାଧାରଣତଃ ୧୦୧.୫° ଫାରେନ୍‌ହାଇଟ୍ (୩୮.୬° ସେଲ୍‌ସିୟସ୍), ନାଡ଼ି ଗତିର ହାର ମିନିଟ୍‌କୁ ୬୦ ରୁ ୭୦ ଓ ଶ୍ୱାସ ପ୍ରଶ୍ୱାସର ହାର ମିନିଟ ପ୍ରତି ୨୦ ରୁ ୨୫ ଥାଏ । ସଙ୍କର ଜାତୀୟ ଗୋରୁ, ବାଛୁରୀ ଓ ଗର୍ଭବତୀ ଗାଈମାନଙ୍କ କ୍ଷେତ୍ରରେ ଏହା ଅପେକ୍ଷାକୃତ ଅଳ୍ପ ଅଧିକ ଥାଏ, କିନ୍ତୁ ରୁଗ୍‌ଣ ଗୋରୁମାନଙ୍କ କ୍ଷେତ୍ରରେ ଏହାର ତାରତମ୍ୟ ବହୁତ ଥାଏ । ମୋଟାମୋଟି ଭାବରେ ଗୋରୁର ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା ଲକ୍ଷ କରାଯିବ ଓ ଏହାର ଶରୀରର ଉତ୍ତାପ, ନାଡ଼ିର ଗତି ଓ ଶ୍ୱାସ ପ୍ରଶ୍ୱାସର ହାରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ।

ସୁସ୍ଥ ଗୋରୁଙ୍କ ଚର୍ମ ଚିକ୍କଣ, ତେଲିଆ ଓ ନରମ ଥାଏ । ଅସୁସ୍ଥ ଅବସ୍ଥାରେ ଏହା ଶୁଖିଲା ଓ ଟାଣ ହୋଇଯାଏ । ଲୋମଗୁଡ଼ିକ ଠିଆ ଠିଆ ହୋଇ ଟାଆଁସା ଦେଖାଯାଏ ଏବଂ କେତେକ କୃମି ରୋଗରେ ଗୋରୁଙ୍କ ଲୋମ ମଧ୍ୟ ଝଡ଼ି ଯିବାର ଦେଖାଯାଏ । କେତେକ ରୋଗରେ ଦେହର ସମସ୍ତ ଚମଡ଼ାରେ ବା କାନ୍ଧ ଉପରେ ଯାଦୁ ହେବାର ଦେଖାଯାଏ ।

ଆଉ ଏକ ମୁଖ୍ୟ ଲକ୍ଷଣ ଗୋରୁର ଥୋମଣୀର ଅବସ୍ଥାରୁ ଜଣା ପଡ଼େ । ସୁସ୍ଥ ଗୋରୁଙ୍କ ଥୋମଣୀ ସାଧାରଣତଃ ଓଦାଳିଆ ରହେ ଏବଂ ବିନ୍ଦୁ ବିନ୍ଦୁ ହୋଇ ପାଣି ଲାଗିଥାଏ, କିନ୍ତୁ ରୋଗୀଣା ଗୋରୁର ଥୋମଣିରେ ବୁନ୍ଦା ବୁନ୍ଦା ପାଣି ନଥାଇ ଶୁଖିଲା ଦେଖାଯାଏ । ସମୟ ସମୟରେ ପାଟି, ନାକ ବା ଆଖି ମାନଙ୍କରୁ ନାଳ, ପାଣି ବା



ରକ୍ତସ୍ରାବ ହୁଏ । ବେଳେ ବେଳେ ଆଖିରେ ଲେଞ୍ଜେରା ମଧ୍ୟ ଦେଖିବାକୁ ମିଳିଥାଏ । ଆଖିରୁ ପାଣି ଓ ପୂଜ ନିର୍ଗତ ହୋଇ ନାଳି ପଡ଼ି ଶେଷକୁ ଆଖିରେ ଫୁଲା ପଡ଼ିଯାଏ ।

ରୋଗାକ୍ରାନ୍ତ ଗୋରୁର ଝାଡ଼ା ଓ ପରିସ୍ରାର ପରିବର୍ତ୍ତନ ଦେଖାଯାଏ । ଗୋଟିଏ ସୁସ୍ଥ ଗୋରୁର ମୂତ୍ର ସ୍ୱଚ୍ଛ, ଈଷତ୍ ହଳଦିଆ ରଙ୍ଗର ଏବଂ ଏଥିରେ କୌଣସି ଅପ୍ରାକୃତିକ ଗନ୍ଧ ନଥାଏ । କିନ୍ତୁ କେତେକ ରୋଗରେ ମୂତ୍ରର ରଙ୍ଗ ରକ୍ତ ବର୍ଣ୍ଣ ବା କଫି ବର୍ଣ୍ଣର ହୋଇଥାଏ ବା ଗନ୍ଧରେ ମଧ୍ୟ ପରିବର୍ତ୍ତନ ଦେଖାଯାଇଥାଏ । ଗାଈଗୋରୁଙ୍କ ଗୋବର ସାଧାରଣତଃ ଅର୍ଦ୍ଧ କଠିନ ଓ ଗାଢ଼ ଶାଗୁଆ ରଙ୍ଗର, ଯଦିଓ ଖାଦ୍ୟର ପରିବର୍ତ୍ତନକୁ ନେଇ କିଛିଟା ଅଲଗା ହୋଇପାରେ, କିନ୍ତୁ ଏଥିରେ ରକ୍ତ ବା ଲାଳ ମିଶି ନଥାଏ । ଅସୁସ୍ଥ ଗୋରୁଙ୍କ କ୍ଷେତ୍ରରେ ଝାଡ଼ା କଠିନ କିମ୍ବା ପତଳା ହେବା ସହ ବେଳେବେଳେ ଏଥିରେ ଲାଳ କିମ୍ବା ରକ୍ତସ୍ରାବ ଦେଖାଯାଏ । କେତେକ ରୋଗରେ କୌଣସି ଲକ୍ଷଣ ନ ଦେଖାଇ ଗୋରୁ ମରି ପଡ଼ିଥିବାର ଦେଖାଯାଏ । କେତେକ ରୋଗରେ ଗୋରୁ ମରିଗଲାପରେ ପାଟି, ନାକପୁଡ଼ା ଓ ମଳଦ୍ୱାରରୁ ରକ୍ତ ନିର୍ଗତ ହୋଇଥାଏ ।

ଗାଈ ଗରମ ଥିବା ସମୟରେ କିମ୍ବା ପ୍ରସବ ସମୟ ବ୍ୟତୀତ ସେମାନଙ୍କ ମୂତ୍ରଦ୍ୱାର ସର୍ବଦା ଲାଳ ମୁକ୍ତ ଥାଏ । ଗାଈ ଗରମ ଥିବା ଅବସ୍ଥାରେ ଯୋନିଦ୍ୱାରରୁ ନିର୍ଗତ ଲାଳ ସ୍ୱଚ୍ଛ ଓ ନିର୍ମଳ ଥାଏ, କିନ୍ତୁ କେତେକ ଜରାୟୁ ପ୍ରଦାହ ଜନିତ ଅବସ୍ଥାରେ ପୂଜ କିମ୍ବା ରକ୍ତମିଶା ଲାଳ ନିର୍ଗତ ହେବା ଦେଖାଯାଏ । ଗୋଟିଏ ସୁସ୍ଥ ଦୁଧିଆଳୀ ଗାଈର ଦୈନିକ ଉତ୍ପାଦନ ଦୁଗ୍ଧର ପରିମାଣ ଓ ଗୁଣବତ୍ତାରେ ପ୍ରାୟ କିଛି ପରିବର୍ତ୍ତନ ହୁଏ ନାହିଁ, କିନ୍ତୁ ଅସୁସ୍ଥ ଅବସ୍ଥାରେ ଦୈନିକ ଦୁଗ୍ଧ ଉତ୍ପାଦନ ପରିମାଣ କମିଯାଏ ଓ ଗୁଣବତ୍ତା ହ୍ରାସ ପାଏ । ଥନହରା ଜାତୀୟ ରୋଗରେ ବେଳେବେଳେ ଦୁଗ୍ଧର ବର୍ଣ୍ଣ ଲାଲ ବା ଗୋଲାପୀ ରଙ୍ଗ ଦେଖାଯାଏ ଏବଂ ଦୁଗ୍ଧ ଛେନା ଛିଡ଼ିଲା ଭଳି ଦେଖାଯାଏ । ଏହିପରି ବିଭିନ୍ନ ପ୍ରକାର ଲକ୍ଷଣ ରୁଗ୍‌ଣ ଗୋରୁମାନଙ୍କଠାରେ ଦେଖାଯାଏ ।

## ଗୋରୁଗାଈଙ୍କ ବିଭିନ୍ନ ରୋଗ

ବିଭିନ୍ନ କାରଣରୁ ଗାଈଗୋରୁମାନେ ରୋଗଗ୍ରସ୍ତ ହେବାର ଦେଖାଯାଏ । ଏହି ରୋଗମାନେ ଯଥାକ୍ରମେ ଭୂତାଣୁ, ଜୀବାଣୁ, କୃମି, ପ୍ରୋଟୋଜୋଆ ଓ ରକ୍ତକୃମି ଜନିତ କିମ୍ବା ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣ ଅଭାବ ଏବଂ ବଦ୍‌ହଜମୀ ଯୋଗୁଁ ସାଧାରଣ ଭାବରେ ଦେଖାଯାନ୍ତି । ବିଭିନ୍ନ ରୁଗ୍‌ଣ ଗାଈଙ୍କ ସଂସ୍ପର୍ଶରେ ଆସି କିମ୍ବା ଅପରିଷ୍କାର ପରିବେଶରେ ରହି ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମଧ୍ୟ ପଶୁମାନେ ରୋଗାକ୍ରାନ୍ତ ହୋଇଥାନ୍ତି । ଏହିସବୁ କାରଣ ଗୁଡ଼ିକୁ ନେଇ ସେମାନଙ୍କଠାରେ ଦେଖାଯାଉଥିବା ମୁଖ୍ୟ ରୋଗମାନଙ୍କୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି, ଯଥା : ସଂକ୍ରମିତ ଓ ଅସଂକ୍ରମିତ । ସଂକ୍ରମିତ ରୋଗରେ ରୋଗ ଗୋଟିଏ ଗୋରୁ ଠାରୁ ଅନ୍ୟ ଗୋରୁଙ୍କୁ ସଂକ୍ରମିତ ହୋଇଥାଏ । କିନ୍ତୁ ଅସଂକ୍ରମିତ କାରଣରୁ ରୋଗ ଗୋଟିଏ ଗୋରୁଠାରୁ ଅନ୍ୟ ଗୋରୁଙ୍କୁ ସଂକ୍ରମିତ ହୁଏନାହିଁ ।

### ସଂକ୍ରମିତ ରୋଗ

ଏହି ପ୍ରକାର ରୋଗ ଭୂତାଣୁ, ଜୀବାଣୁ, କୃମି ଓ ରକ୍ତକୃମି ଯୋଗୁ ହୋଇଥାଏ ।

### ୧. ଭୂତାଣୁ ଜନିତ ରୋଗ

### ଫାଟୁଆ ରୋଗ

ଦୁଇଫାଳ ବିଶିଷ୍ଟ ଖୁରାଥିବା ପଶୁମାନଙ୍କର ଫାଟୁଆ ଏକ ସଂକ୍ରାମକ ରୋଗ । ଏଥିରେ ଆକ୍ରାନ୍ତ ଗୋରୁଙ୍କ ମୃତ୍ୟୁ ସମ୍ଭାବନା କମ୍ କିନ୍ତୁ ଏହାଦ୍ୱାରା ଗାଈଙ୍କ ଉତ୍ପାଦନ, ଗର୍ଭଧାରଣ କ୍ଷମତା ତଥା ବଳଦମାନଙ୍କର କାର୍ଯ୍ୟ ଦକ୍ଷତା କମିଯାଏ ।

***କାରଣ ଓ ଲକ୍ଷଣ*** – ଏ ରୋଗରେ ଭୂତାଣୁମାନେ ଗୋରୁଙ୍କ ଶରୀର ଭିତରକୁ ଖାଦ୍ୟ, ଜଳ ଓ ପବନ ଜରିଆରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାନ୍ତି । ଭୂତାଣୁମାନେ ରୋଗୀଣା ଗୋରୁର ରକ୍ତ, ଝାଡ଼ା, ପରିସ୍ରା ଓ ପାଟିରୁ ବାହାରୁ ଥିବା ଲାଳରେ ଭର୍ତ୍ତି ହୋଇଥାନ୍ତି । ଗୋଟିଏ ଗୋରୁଠାରୁ ସହଜରେ ଅନ୍ୟ ସମସ୍ତ ଗୋରୁମାନଙ୍କୁ ଏହି ରୋଗ ସଂକ୍ରମିତ ହୋଇପାରିଥାଏ ।



ଭୂତାଣୁ ଆକ୍ରମଣ କରିବାର ୩ ରୁ ୮ ଦିନ ମଧ୍ୟରେ ଲକ୍ଷଣମାନ ଦେଖାଯାଇଥାଏ । ରୋଗ ଆରମ୍ଭରେ ହଠାତ୍ ଭୀଷଣ ଜ୍ୱର ହୁଏ, ଗୋରୁ ଖାଇବା ପିଇବା ବନ୍ଦ କରିଦିଏ ଓ କ୍ଷୀର ଦେବା କମିଯାଏ । ମାଢ଼ି, ଜିଭ ଓ ଖୁରା ସନ୍ଧିରେ ଫୋଟକା ହୋଇ ଫାଟିଯିବା ଦ୍ୱାରା ଘାଆ ହୋଇଯାଏ । ଗୋରୁଙ୍କର ଶୋଇବା ଚାଲିବାରେ କଷ୍ଟ ହୁଏ । ପାଟିରୁ ବହୁତ ଲାଳ ବାହାରିଥାଏ । ମାଛି ଦ୍ୱାରା ଖୁରାରେ ପୋକ ହେବାର ଦେଖାଯାଏ ଏବଂ ଗୋରୁ ସବୁବେଳେ ଗୋଡ଼ ବାଡ଼େଇ ଚାଲେ । ବେଳେବେଳେ ଖୁରା ପଚି ବାହାରି ପଡ଼େ । ଚିର ଓ ଚିରନଳୀ ଭିତରେ ଘାଆ ହୋଇ କ୍ଷୀର ପଦାକୁ ନ ଆସିପାରି ଥନହରା ବେମାରୀ କରାଏ । ଗର୍ଭବତୀ ଗାଈମାନଙ୍କର ଗର୍ଭପାତ ହୋଇଯାଏ । ଛୋଟ ବାଛୁରୀମାନେ ଏହି ରୋଗରେ ଆକ୍ରାନ୍ତ ହେଲେ ମୃତ୍ୟୁ ମୁଖରେ ପଡ଼ିଥାଆନ୍ତି ।

**ପ୍ରତିଷେଧ –** ରୁଗ୍‌ଣ ଗୋରୁମାନେ ଚଳପ୍ରଚଳ ହେଉଥିବା ସ୍ଥାନ, ଗୁହାଳ ଓ ବାହାରେ ବନ୍ଧାହେବା ସ୍ଥାନ ଆଦିକୁ ୨% ଫରମାଲିନ୍ ଦ୍ରବଣ ବା ସୋଡାପାଣିରେ ଧୋଇଦେଲେ ଭୂତାଣୁମାନେ ମରିଯାନ୍ତି । ଚାରଣ ଭୂମିକୁ ୧୦ ଦିନ ପର୍ଯ୍ୟନ୍ତ ଗୋରୁଙ୍କୁ ଚରିବାକୁ ନ ଛାଡ଼ିଲେ ସୂର୍ଯ୍ୟକିରଣରେ ଭୂତାଣୁମାନେ ମରିଯାନ୍ତି ଓ ରୋଗ ବ୍ୟାପି ନଥାଏ । ଏହା ବ୍ୟତୀତ ରୋଗ ଦେଖାଦେବା ମାତ୍ରେ ଗୋରୁର ପାଟିକୁ ୪% ଖାଇବା ସୋଡ଼ା ଦ୍ରବଣରେ ଧୋଇଦେବା ଉଚିତ୍ । ଖୁରା ସନ୍ଧି ଓ ଗୁହାଳକୁ ଫିନାଇଲ ବା ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣରେ ଭଲଭାବେ ଧୋଇନେବା ଦରକାର । ରୋଗଗ୍ରସ୍ତ ପଶୁମାନଙ୍କୁ ସୁସ୍ଥ ପଶୁଙ୍କଠାରୁ ଅଲଗା ରଖି ଚରିବା ପାଇଁ ବାହାରକୁ ଛାଡ଼ିବା ଅନୁଚିତ୍ । ଏହି ରୋଗ ସଙ୍କର ଜାତୀୟ ଗୋରୁମାନଙ୍କୁ ବିଶେଷ ଭାବରେ ହୋଇଥାଏ । ତେଣୁ ପ୍ରତିବର୍ଷ ଗୋରୁଙ୍କୁ ଏହି ରୋଗର ପ୍ରତିଷେଧକ ଟିକା ଉପଯୁକ୍ତ ମାତ୍ରାରେ ଦିଆଗଲେ ରୋଗର ପ୍ରାଦୁର୍ଭାବ ରହେନାହିଁ ।

## ଜଳାତଙ୍କ ରୋଗ

ଏହି ମାରାତ୍ମକ ଭୂତାଣୁ ଜନିତ ରୋଗ ପାଗଳା କୁକୁର ବା ବିଲୁଆ ଗୋରୁଙ୍କୁ କାମୁଡ଼ିବା ଦ୍ୱାରା ହୋଇଥାଏ ।

***କାରଣ ଓ ଲକ୍ଷଣ*** – ରୋଗାକ୍ରାନ୍ତ ପଶୁର ଲାଳରେ ଏହି ଭୂତାଣୁ ଯଥେଷ୍ଟ ସଂଖ୍ୟାରେ ଥାନ୍ତି । ଏହି ଭୂତାଣୁ, ରୋଗାକ୍ରାନ୍ତ ପଶୁର ଲାଳଦ୍ୱାରା ଶରୀର ଭିତରେ ପ୍ରବେଶ କରି ସ୍ନାୟୁ ଜରିଆରେ ମସ୍ତିଷ୍କରେ ପହଞ୍ଚି ରୋଗର ଲକ୍ଷଣ ମାନ ପରିପ୍ରକାଶ କରିଥାନ୍ତି । ଏଣୁ କୁକୁର ବା ବିଲୁଆ କାମୁଡ଼ାର ୨୧ ଦିନରୁ ୬ ମାସ ଭିତରେ ସାଧାରଣତଃ ରୋଗର ଲକ୍ଷଣମାନ ଦେଖାଯାଏ । ଏହି ରୋଗ ହେଲାପରେ ଦୁଇ ପ୍ରକାର ଲକ୍ଷଣ ଦେଖାଯାଇଥାଏ, ଯଥା : ପାଗଳାମି ଅବସ୍ଥା ଓ ପକ୍ଷାଘାତ ଅବସ୍ଥା ।

ରୋଗ ଆରମ୍ଭରୁ ଗୋରୁ ଖାଇବାକୁ ଅନିଚ୍ଛା ପ୍ରକାଶ କରେ । ଏମାନଙ୍କଠାରେ ଚଞ୍ଚଳ ପ୍ରକୃତିର ଲକ୍ଷଣ ଦେଖାଯାଏ । ପ୍ରାଥମିକ ଅବସ୍ଥାରେ ଏଣେତେଣେ ଦୌଡ଼ା ଦୌଡ଼ି କରେ । ଶରୀରର ମାଂସପେଶୀ ଥରେ, ପାଟିରୁ ଲାଳ ବୋହେ, ପାଣି ପିଇପାରେ ନାହିଁ । ଖାଦ୍ୟ ପାଟିରେ ଧରି ରଖେ କିନ୍ତୁ ଢୋକି ପାରେ ନାହିଁ । ଏପରି ଲକ୍ଷଣମାନ ଦୁଇ ବା ତିନିଦିନ ଦେଖା ଗଲାପରେ ପଶୁ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୁଏ । ଶରୀରର ସ୍ନାୟୁଶକ୍ତି ହ୍ରାସ ପାଇବାରୁ ଦେହରେ କିଛି ବାଜିଲେ ମଧ୍ୟ ଜାଣିପାରେ ନାହିଁ । ପଶୁଟି ପଡ଼ିରହି ୬–୭ ଦିନ ଭିତରେ ମରିଯାଏ ।

**ପ୍ରତିଷେଧ** – ଏହି ରୋଗର ଲକ୍ଷଣ ଗୋରୁମାନଙ୍କଠାରେ ଦେଖିବା ମାତ୍ରେ ତାକୁ ଗୋଟିଏ ଅଲଗା ଘରେ ରଖାଯାଏ ଏବଂ ତାର ସଂସ୍ପର୍ଶରେ କୌଣସି ଲୋକ ବା ପଶୁ ଆସିବା ଅନୁଚିତ୍ । ଏହାର ପାଟିରେ ହାତ ପୁରାଇ କିଛି ଖୁଆଇବା ମଧ୍ୟ ଅନୁଚିତ୍ । ଏ ରୋଗରେ ଚିକିତ୍ସା ନାହିଁ । କେବଳ ଟୀକା ଦେଇ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । ରୋଗ ନହେବା ପାଇଁ ଜଳାତଙ୍କ ଟୀକା ଗୋରୁମାନଙ୍କୁ ୩ ବର୍ଷରେ ଥରେ ଓ କୁକୁର ମାନଙ୍କୁ ୨ ବର୍ଷରେ ଥରେ ଦେବା ଦରକାର । ବାହାର ଦେଶରୁ ଆସୁଥିବା ଗୋରୁ, କୁକୁର ଓ ଅନ୍ୟାନ୍ୟ ପଶୁମାନଙ୍କୁ ଅଲଗା କରି ୬ ମାସ ରଖିଲା ପରେ ଦେଶ ଭିତରକୁ ପୁରାଯାଏ । ପାଗଳା କୁକୁର ଓ ବିଲୁଆ କାମୁଡ଼ିଥିବା ପଶୁଙ୍କୁ ୭ ରୁ ୧୪ଟି ଜଳାତଙ୍କ ନିରୋଧ ଇଂଜେକ୍ସନ୍ ଲଗାତର ଦେବା ଦରକାର ।



## ୨. ଜୀବାଣୁ ଜନିତ ରୋଗ

ଗୋରୁଗାଈଙ୍କ ଜୀବାଣୁ ଜନିତ ରୋଗ ଗୁଡ଼ିକ ମଧ୍ୟରେ ନିମ୍ନଲିଖିତ ରୋଗ ପ୍ରଧାନ ।

### ସାହାଣା

ଏହି ସଂକ୍ରାମକ ରୋଗ ବର୍ଷା ଋତୁର ଆରମ୍ଭରେ ଦେଖାଯାଏ । ଏହା ପାଶ୍ଚୁରେଲା ମଲଟୋସିଡ଼ା ନାମକ ଜୀବାଣୁ ଦ୍ୱାରା ସଂକ୍ରମିତ ହୁଏ । ଓଡ଼ିଶାରେ ଏହି ରୋଗ ଗୋରୁଗାଈ ଓ ମଇଁଷିମାନଙ୍କଠାରେ ବିଶେଷ ଭାବରେ ଦେଖାଯାଏ । ଗୋରୁ ଆକ୍ରାନ୍ତ ହେଲେ ଶରୀରର ତାପମାତ୍ରା ବଢ଼ିଯାଏ, ଆଖି ଲାଲ ହୋଇଯାଏ । ପଶୁଲୋମ ଟାଙ୍କୁରି ଠିଆହୁଏ ଓ ଥରିବାକୁ ଲାଗେ । ଖାଇବା ପିଇବା ବନ୍ଦ କରିଦିଏ । ନାକ ଓ ଆଖିରୁ ପାଣି ଝରେ । କେତେକ ପଶୁର ବେକ ତଳଠାରୁ ଆରମ୍ଭ କରି କମଳର ଶେଷଭାଗ ବା ଛାତି ପର୍ଯ୍ୟନ୍ତ ଫୁଲିଯାଇ ଦରଜ ରୁହେ । ଶ୍ୱାସପ୍ରଶ୍ୱାସ ନେବା ଆଣିବାରେ କଷ୍ଟ ହୁଏ । ତଣ୍ଟି ବାଟେ ପ୍ରଶ୍ୱାସ ନେଲାବେଳେ ଘଡ଼ ଘଡ଼ ଶବ୍ଦ ହୁଏ । ପାଟିବାଟେ ଲଗାତାର ଲାଳ ବାହାରୁଥାଏ । ଚିକିତ୍ସା ଅଭାବରେ ଦିନେ ଦୁଇଦିନ ମଧ୍ୟରେ ଗାଈ ମୃତ୍ୟୁ ମୁଖରେ ପଡ଼ିଥାଏ ।

***ପ୍ରତିଷେଧ*** – ରୋଗ ନ ହେବା ପାଇଁ ଗୋରୁ ଓ ମଇଁଷିମାନଙ୍କୁ ବର୍ଷାଦିନ ଆସିବା ପୂର୍ବରୁ ସାହାଣ ଟୀକା ଦେଇଦେବା ବିଧେୟ । ଏହି ଟୀକା ୨ ପ୍ରକାରର ଓ ଏମାନଙ୍କ ପ୍ରତିଷେଧ କ୍ଷମତା ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ରହିଥାଏ । ଏହା ବ୍ୟତୀତ ସୁସ୍ଥ ପଶୁମାନଙ୍କୁ ରୋଗାକ୍ରାନ୍ତ ଗୋରୁଙ୍କଠାରୁ ଅଲଗା ରଖିବା ଉଚିତ୍ । ରୋଗରେ ମରିଥିବା ପଶୁଙ୍କୁ ଗଭୀର ଗାତ ଖୋଳି ପୋତିଦେବା କିମ୍ବା ପୋଡ଼ିଦେବା ଦରକାର ।

### ବଜବଜିଆ

ଏହି ରୋଗ ସାଧାରଣତଃ ବର୍ଷାଦିନେ ଆରମ୍ଭ ହେବା ପରେ ଦେଖାଯାଏ । ବଜବଜିଆ ରୋଗ ୩ ମାସ ବୟସରୁ ଉର୍ଦ୍ଧ୍ୱ ଓ ୨ ବର୍ଷରୁ କମ୍ ବୟସର ବାଛୁରୀମାନଙ୍କୁ ହୋଇଥାଏ । ଏହା କ୍ଲଷ୍ଟ୍ରିଡ୍ରିୟମ୍ ଚୋଭାଏ ନାମକ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହି ଜୀବାଣୁମାନେ ମାଟିରେ ଥାନ୍ତି । ଘାସ ବା କୁଟା ଖାଇବା ବେଳେ ଜୀବାଣୁ ପେଟ ଭିତରକୁ ଯାଇ ରୋଗ କରିଥାନ୍ତି । ଏହି ଜୀବାଣୁମାନେ ଖାଦ୍ୟନଳୀରୁ ରକ୍ତ ଜରିଆରେ ଭଲ ବଢ଼ିଥିବା ମାଂସପେଶୀରେ ଯାଇ ଅବସ୍ଥାନ କରନ୍ତି ।

ଏହି ରୋଗରେ ହଠାତ୍ ଭୀଷଣ ଜ୍ୱର ହୁଏ । ଗୋରୁ କିଛି ଖାଏନାହିଁ, ଶତକଡ଼ା ୯୫ ଭାଗ ବାଛୁରୀଙ୍କର ପଛ ଗୋଟିଏ ବା ଦୁଇଟି ଗୋଡ଼ର ଫଡ଼ିଆର ମାଂସପେଶୀରେ ଲକ୍ଷଣ ଦେଖାଯାଏ । ଅବଶିଷ୍ଟ ୫ ଭାଗ ବାଛୁରୀଙ୍କର ଆଗଗୋଡ଼ ଚଟୁଆର ମାଂସପେଶୀ ଆକ୍ରାନ୍ତ ହୁଏ । ଗୋଡ଼ର ଜଙ୍ଘଂଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଫୁଲିଯାଏ ଓ ଛୁଇଁଲେ ଗରମ ଲାଗେ ଏବଂ ଚାଲିବାରେ କଷ୍ଟ ହୁଏ । ଫୁଲା ଜାଗାକୁ ଚିପିଲେ ସେଥିରେ ପବନ ଥିବାରୁ ବଜ ବଜ ଶବ୍ଦ ହୁଏ । ଏଣୁ ଏହାକୁ ବଜବଜିଆ ରୋଗ କୁହାଯାଏ । ଫୁଲିବା ସ୍ଥାନ ଚମଡ଼ାର ରଙ୍ଗ କଳା ଦେଖାଯାଏ । ଆସ୍ତେ ଆସ୍ତେ ଚମଡ଼ା ଫାଟିବା ଦାଗମାନ ଦେଖାଯାଏ । ବାଛୁରୀ ଗୋଟିଏ ସ୍ଥାନରୁ ଉଠି ଚଳପ୍ରଚଳ ହୋଇପାରେ ନାହିଁ । ଲକ୍ଷଣ ଦେଖାଦିବା ପରେ ତୁରନ୍ତ ଚିକିତ୍ସା ଆରମ୍ଭ ନକଲେ ଆକ୍ରାନ୍ତ ପଶୁଟି ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମୃତ୍ୟୁ ମୁଖରେ ପଡ଼େ । ବର୍ଷାଋତୁ ଆରମ୍ଭର ୨ ମାସ ପୂର୍ବରୁ ବାଛୁରୀମାନଙ୍କ ବେକର ଚମଡ଼ା ତଳେ ପ୍ରତିଷେଧକ ଟୀକା ୫ ମି.ଲି. କରି ଇଂଜେକ୍ସନ୍ ଦିଆଯାଏ ଓ ୧୦ ଦିନ ପରେ ପୁନଶ୍ଚ ଆଉ ୫ ମି.ଲି. ଟୀକା ବୁଷ୍ଟର ମାତ୍ରା ଭାବେ ଦେଲେ, ୧ ବର୍ଷ ପର୍ଯ୍ୟନ୍ତ ଏହି ରୋଗ ହୋଇ ନଥାଏ ।

## ପ୍ଲୀହାଜ୍ୱର ବା ଆନ୍ଥ୍ରାକ୍ସ

ଏହି ରୋଗ ବାସିଲସ୍ ଆନ୍ଥ୍ରାସିସ୍ ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗରେ ପ୍ରବଳ ଜ୍ୱର ହୁଏ ଓ ରୋଗ ଧରିବା ସଙ୍ଗେ ସଙ୍ଗେ ଗୋରୁମାନେ ମରିଯାନ୍ତି । ରୋଗ ହେଲେ ଆକ୍ରାନ୍ତ ଗୋରୁମାନଙ୍କର ପାଟି, ନାକ ଓ ମଳଦ୍ୱାର ମୁହଁରୁ କଳାରଙ୍ଗର ରକ୍ତସ୍ରାବ ହୁଏ ଏବଂ ରକ୍ତ ଜମାଟ ବାନ୍ଧେ ନାହିଁ ।

ଆକ୍ରାନ୍ତ ଗୋରୁ ମଲା ପରେ ଲୋକେ ନଦୀରେ ଭସାଇ ଦିଅନ୍ତି ବା ଶ୍ମଶାସନରେ ଫୋପାଡ଼ି ଦିଅନ୍ତି । ସୁସ୍ଥ ଗୋରୁମାନେ ଚରିଲାବେଳେ ରୋଗ ଜୀବାଣୁ ଆହରଣ କରି ରୋଗଗ୍ରସ୍ତ ହୁଅନ୍ତି । ଏହାଛଡ଼ା ଜୀବାଣୁମାନେ ଶରୀରରୁ ଆସି ବାହାରେ ରେଣୁ ବା ସ୍ପୋର ରୂପେ ମାଟି ଘାସରେ ବର୍ଷ ବର୍ଷ ଧରି ରହି ରୋଗ କରାଇଥାନ୍ତି । ଏମାନେ ଖରା, ବର୍ଷା ବା ଶୀତରେ ନଷ୍ଟ ହୋଇନଥାନ୍ତି । ତେଣୁ ଏହି ରୋଗାକ୍ରାନ୍ତ



ପଶୁଙ୍କ ଶବ ବ୍ୟବଚ୍ଛେଦ କରାନଯାଇ ଶବକୁ ଗଭୀର ଗାତ ଖୋଳି ଚୂନ ଓ ଲୁଣ ମିଶାଇ ପୋତି ଦେବା ଭଲ, ନଚେତ ମୃତ ଗୋରୁକୁ ପୋଡ଼ି ଦିଆଯାଏ । ଏ ରୋଗ ନ ହେବା ପାଇଁ ପ୍ରତିବର୍ଷ ଗୋରୁମାନଙ୍କୁ ଥରେ ଲେଖାଏଁ ପ୍ରତିଷେଧ ଟୀକା ଦେବା ଦରକାର । ଏହି ଟୀକାର ନାମ ଆନ୍ଥ୍ରାକ୍ସ ସ୍ପୋର ଭାକସିନ୍ । ଏଥିରୁ ୧ ମି.ଲି. ଗୋରୁର ବେକ ଚମଡ଼ା ତଳେ ଇଂଜେକ୍ସନ୍ ଦେଲେ ବର୍ଷକ ପାଇଁ ଏହି ରୋଗ ହୋଇନଥାଏ ।

## ଥନହରା ରୋଗ

ଆଜିକାଲି ଅଧିକ ଦୁଗ୍ଧ ଉତ୍ପାଦନ ନିମିତ୍ତ ଚାଷୀମାନେ ଅନେକ ପ୍ରଜାତିର ଅଧିକ ଉତ୍ପାଦନକ୍ଷମ ଗାଈ ଓ ମଇଁଷି ପାଳନ କରୁଛନ୍ତି । ଥନହରା ରୋଗ ମୁଖ୍ୟତଃ ଏହି ଦୁଧିଆଳୀ ଗାଈଙ୍କ ଠାରେ ଅଧିକ ମାତ୍ରାରେ ଦେଖାଯାଏ । ଏହା ପହ୍ନାର ଏକ ସଂକ୍ରାମକ ରୋଗ । ଜୀବାଣୁ, ଭୂତାଣୁ ଓ ଫିମ୍ପିମାନେ ଗାଈ ଓ ମଇଁଷିମାନଙ୍କର ଚିରବାଟେ ପହ୍ନା ଭିତରକୁ ପ୍ରବେଶ କରି ଏହି ରୋଗ ସୃଷ୍ଟି କରିଥାନ୍ତି । ଏହା ବ୍ୟତୀତ ପହ୍ନାରେ କ୍ଷତ ହେଲେ, ଅପରିଷ୍କାର ହାତରେ ଦୁହିଁଲେ, ବାଛୁରୀ କ୍ଷୀର ପିଉଥିବା ବେଳେ କାମୁଡ଼ିଦେଲେ, ଗାଈମାନଙ୍କୁ ଅପରିଷ୍କାର ଓ ସନ୍ତସନ୍ତିଆ ଜାଗାରେ ବାନ୍ଧିଲେ, ଜୀବାଣୁ ଚିର ଦେଇ ଦୁଗ୍ଧ ଗ୍ରନ୍ଥିରେ ପ୍ରବେଶ କରି ଥନହରା ରୋଗ କରାଏ ।

ଏହି ରୋଗରେ ପହ୍ନା ଓ ଚିର ଫୁଲିଯାଏ, ଟାଣ ଲାଗେ ଏବଂ ହାତ ମାରିଲେ ଗାଈ ଯନ୍ତ୍ରଣା ଅନୁଭବ କରେ । କ୍ଷୀର ଛିଣ୍ଡି ଛିଣ୍ଡିଆ ହୋଇ ପହ୍ନାରୁ ରକ୍ତ ଓ ପୂଜ ବାହାରେ ଏବଂ ବେଳେବେଳେ କ୍ଷୀର ପାଣି ଭଳି ପତଳା ହୋଇଥାଏ । ତେଣୁ ଏରୋଗ ଜାଣିବାକୁ ମଡ଼ିଫାଏଡ୍ କାଲିଫର୍ଣ୍ଣିଆ ମାଷ୍ଟାଇଟିସ୍ ଟେଷ୍ଟ କରି ଥନହରା ବେମାର ଅଛି ନା ନାହିଁ ଜଣାପଡ଼ିଥାଏ । ପ୍ରତି ଚିରରୁ ୩ ମି.ଲି. କ୍ଷୀର ଓ ୩ ମି.ଲି. ଉପରୋକ୍ତ ଟେଷ୍ଟ ରିଏଜେଣ୍ଟ ମିଶାଇଲେ ୩୦ ସେକେଣ୍ଡ ଭିତରେ ଥଲଥଲିଆ ହୋଇ ଯଦି ବସିଯାଏ ତେବେ ଥନହରା ବେମାରୀ ଥିବାର ଜଣାପଡ଼ିଥାଏ । ଏହି ମିଶ୍ରଣ ଯଦି ପାଣି ଅବସ୍ଥାରେ ରହେ ଥନହରା ହୋଇ ନଥିବା ଜଣାପଡ଼େ । ଗାଈର ଏହି ରୋଗପାଇଁ କୌଣସି ଟୀକା ନାହିଁ । ତେଣୁ ରୋଗ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା

ବ୍ୟବସ୍ଥା କରିବା ଉଚିତ୍ । ନଚେତ୍ ରୋଗର ଜୀବାଣୁ ପାଖ ପଡ଼ିଶା ଗାଈମାନଙ୍କ ଭିତରେ ପ୍ରବେଶ କରି ଥନହରା ବେମାର କରିଥାଏ ।

ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସଫା ହାତରେ ଦୁହିଁବା, ଗୁହାଳର ଚଟାଣକୁ ସଫା କରିବା, ଆକ୍ରାନ୍ତ ଗାଈକୁ ସବା ଶେଷରେ ଦୁହିଁବା, ଗାଈଙ୍କ ପହ୍ନାକୁ ସାଭ୍‌ଲନ୍ ବା ବିଟାଡିନ୍ ଜାତୀୟ ଔଷଧ ଦ୍ରବଣରେ ସଫା କରିବା ଓ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇବା ଉଚିତ୍ ।

**ଗର୍ଭପାତ ବା ବ୍ରୁସେଲୋସିସ୍**

ଏହା ଏକ ସଂକ୍ରାମକ ରୋଗ । ଏହା ବ୍ରୁସେଲା ଆବୋରଟସ୍ ନାମକ ଜୀବାଣୁ ଦ୍ୱାରା ସଂକ୍ରମିତ ହୁଏ । ଏହି ରୋଗ ଗାଈମାନଙ୍କଠାରେ ଗର୍ଭପାତ କରାଏ ଓ ବାରମ୍ବାର ଗର୍ଭ ଲେଉଟାଇବା ଦେଖାଯାଏ । ଗର୍ଭାବସ୍ଥାର ଶେଷ ତିନିମାସ ବେଳକୁ ଏହି ରୋଗଦ୍ୱାରା ଗାଈମାନଙ୍କର ଗର୍ଭପାତ ହୋଇଥାଏ । ଗର୍ଭପାତ ପରେ ପରେ ଫୁଲ ସହଜରେ ପଡ଼ି ନଥାଏ ଏବଂ ଫୁଲ ଜରାୟୁରେ ପଚି ଗାଈର ଜରାୟୁ ପ୍ରଦାହ ହେବା ସହ ମୃତ୍ୟୁ ମଧ୍ୟ ହୋଇଥାଏ । ଏହି ରୋଗର ତୁରନ୍ତ ଚିକିତ୍ସା ନ କଲେ ଗାଈ ସବୁଦିନ ପାଇଁ ବନ୍ଧ୍ୟା ହୋଇଯାଏ । ଏହି ରୋଗରେ ଆକ୍ରାନ୍ତ ଗାଈମାନଙ୍କ ଦ୍ୱାରା ଗୋଟିଏ ଗୋଠରୁ ଆଉ ଗୋଟିଏ ଗୋଠ, ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନ, ଏପରିକି ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶକୁ ମଧ୍ୟ ରୋଗ ବ୍ୟାପିଥାଏ । ଷଣ୍ଢମାନଙ୍କ ଦେହରେ ଏହି ଜୀବାଣୁ ପ୍ରବେଶ କରି ଶୁକ୍ରାଶୟ ନଷ୍ଟ କରି ବୀର୍ଯ୍ୟ ଜରିଆରେ ଜୀବାଣୁ ଆସି ଗାଈମାନଙ୍କୁ ରୋଗିଣା କରିଥାଏ । ରୋଗାକ୍ରାନ୍ତ ପଶୁଙ୍କ ସିଧାସଳଖ ସଂସ୍ପର୍ଶରେ ଆସିଲେ ମନୁଷ୍ୟଙ୍କୁ ମଧ୍ୟ ଏହି ରୋଗ ହେବାର ସମ୍ଭାବନା ଥାଏ । ଏହି ରୋଗରୁ ରକ୍ଷା ପାଇବା ପାଇଁ ୪ ରୁ ୮ ମାସର ମାଈ ବାଛୁରୀଙ୍କୁ ଟୀକା ଦିଆଯିବା ଉଚିତ୍ । ଗର୍ଭପାତ ହୋଇଥିବା ଭ୍ରୂଣ, ଫୁଲ ଓ ତାର ସଂସ୍ପର୍ଶରେ ଆସିଥିବା ସମସ୍ତ ବସ୍ତୁକୁ ଗଭୀର ଗାତ ଖୋଳି ଚୂନ ଦେଇ ପୋତିଦେବା କିମ୍ବା ନିଆଁ ଲଗାଇ ପୋଡ଼ିଦେବା ବିଧେୟ । ଯେଉଁ ଗାଈମାନେ ବାରମ୍ବାର ଲେଉଟାନ୍ତି ସେମାନଙ୍କ ଜରାୟୁର



ଲାଳ ଗାଈ ଗରମ ଥିବା ବେଳେ ସଂଗ୍ରହ କରି ଓ ଷଣ୍ଢର ଶୁକ୍ର ବିଶୁଦ୍ଧ କାଚନଳୀରେ ଗବେଷଣାଗାରକୁ ପଠାଇ ରୋଗର କାରଣ ଓ ଚିକିତ୍ସା କରିବାକୁ ପଡ଼ିଥାଏ । ଏହା ବ୍ୟତୀତ ରୋଗଗ୍ରସ୍ତ ପଶୁର ଗୁହାଳକୁ ଉପଯୁକ୍ତ ଜୀବାଣୁ ନାଶକ ଦ୍ରବଣ ଦ୍ୱାରା ଧୋଇ ପରିଷ୍କାର କରିଦେବା ଉଚିତ୍ ।

**ଯକ୍ଷ୍ମା ବା ଟ୍ୟୁବରକୁଲୋସିସ୍**

ଗୋରୁମାନଙ୍କର ଯକ୍ଷ୍ମାରୋଗ ମାଇକୋବାକ୍ଟିୟମ୍ ବୋଭିସ୍ ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ଜୀବାଣୁମାନେ ରୁଗ୍‌ଣ ଗୋରୁର ନିଃଶ୍ୱାସ ପବନ, କଫ, ସିଂଘାଣି, ଝାଡ଼ା, ପରିସ୍ରା, ଗର୍ଭାଶୟରୁ ନିର୍ଗତ ହେଉଥିବା ପଚାପାଣି ଏବଂ ଫାଟିଥିବା ରୁଗ୍‌ଣ ଲାସିକା ଗ୍ରନ୍ଥିମାନଙ୍କରେ ଯଥେଷ୍ଟ ସଂଖ୍ୟାରେ ଥାଆନ୍ତି । ଜୀବାଣୁମାନେ ପବନ ଜରିଆରେ ଶ୍ୱାସ ଓ ପ୍ରଶ୍ୱାସରେ ଶ୍ୱାସନଳୀ ବାଟେ ଫୁସ୍‌ଫୁସ୍‌ରେ ପହଞ୍ଚି ସେଠାରେ ବଂଶ ବିସ୍ତାର କରି ଯକ୍ଷ୍ମା ରୋଗ କରିଥାନ୍ତି । ଏହି ରୋଗଦ୍ୱାରା ଗୋରୁମାନେ ଯେତେ ଖାଦ୍ୟ ଖାଇଲେ ମଧ୍ୟ ଦୁର୍ବଳ ହୋଇ ରୁହନ୍ତି । ଶରୀରର ଉତ୍ତାପ କେତେବେଳେ ବଢ଼ିଯାଏ ତ କେତେବେଳେ କମିଯାଏ । ଏମାନଙ୍କର ବିଭିନ୍ନ ଅଙ୍ଗରେ ଛୋଟ ଛୋଟ ଫୋଟକାମାନ ଦେଖାଯାଏ । ଫୁସ୍‌ଫୁସ୍ ସଂକ୍ରମଣ ହେତୁ ଗୋରୁକୁ କାଶ ହୁଏ ଏବଂ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏ । ଗଳା ଭିତର ଲସିକା ଗ୍ରନ୍ଥି ବଡ଼ ଆକାରରେ ଫୁଲି ଶ୍ୱାସନଳୀ ଜାକି ହୋଇ ନିଃଶ୍ୱାସ ପ୍ରଶ୍ୱାସ ବେଳେ ଘଡ଼ଘଡ଼ ଶବ୍ଦ ହୋଇଥାଏ । ଏହି ଜୀବାଣୁମାନେ ପହ୍ନାରେ ପ୍ରବେଶ କରି ଥନହରା ରୋଗ ମଧ୍ୟ କରିଥାନ୍ତି । ପ୍ରତିଷେଧ ବ୍ୟବସ୍ଥା ସ୍ୱରୂପ ରୋଗିଣା ଗୋରୁଙ୍କୁ ଅନ୍ୟ ଗୋରୁମାନଙ୍କଠାରୁ ବହୁତ ଦୂରରେ ଅଲଗା ରଖି ଚିକିତ୍ସା କରାଯାଏ । ଆକ୍ରାନ୍ତ ଗାଈର କ୍ଷୀର ବାଛୁରୀ ଓ ମନୁଷ୍ୟମାନଙ୍କୁ ଖାଇବାକୁ ଦେବା ଉଚିତ୍ ନୁହେଁ । ଗୁହାଳର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବା ଦରକାର । ଗୋଠର ପ୍ରତି ଗୋରୁଙ୍କୁ ଟ୍ୟୁବରକୁଲିନ୍ ଇଂଜେକ୍‌ସନ୍ ଦେଇ ରୋଗ ଚିହ୍ନଟ କରାଇନେବା ଉଚିତ୍ । ପ୍ରତିବର୍ଷ ଥରେ ଲେଖାଏଁ ଗୋରୁମାନଙ୍କୁ ବି.ସି.ଜି. ଟୀକା ଦେଲେ ଏହି ରୋଗ ହୋଇ ନଥାଏ ।

### କଅଁଳ ବାଛୁରୀଙ୍କ ତରଳ ଝାଡ଼ା ରୋଗ

ଏହି ରୋଗ ଇଶ୍ଚେରିଚିଆ କୋଲାଇ ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ଏହା ଦିନିକିଆ ବାଛୁରୀଠାରୁ ଆରମ୍ଭ କରି ୩ ସପ୍ତାହ ପର୍ଯ୍ୟନ୍ତ ବାଛୁରୀଙ୍କଠାରେ ଦେଖାଯାଏ । ଶତକଡ଼ା ୭୫ ଭାଗ ପର୍ଯ୍ୟନ୍ତ ବାଛୁରୀ ଏ ରୋଗରେ ଆକ୍ରାନ୍ତ ହୁଅନ୍ତି ଓ ଆକ୍ରାନ୍ତ ହୋଇଥିବା ବାଛୁରୀଙ୍କ ମଧ୍ୟରୁ ୧୦ ରୁ ୫୦ ଭାଗ ପର୍ଯ୍ୟନ୍ତ ମରିଥାନ୍ତି । ଅଧିକ ସଂଖ୍ୟକ ବାଛୁରୀ ଅଳ୍ପ ସ୍ଥାନରେ ରହିବା ଦ୍ୱାରା, ଜନ୍ମପରେ ଯଥେଷ୍ଟ ପରିମାଣର କଷକ୍ଷୀର ନ ପିଇବା ଦ୍ୱାରା, ଅସ୍ୱାସ୍ଥ୍ୟକର କ୍ଷୀର ପିଇବା ଦ୍ୱାରା, ଅପରିଷ୍କାର ଗୁହାଳ ବା ଚଟାଣରେ ରହିବା ଦ୍ୱାରା ବାଛୁରୀଙ୍କୁ ତରଳ ଝାଡ଼ା ରୋଗ ହୋଇଥାଏ । ଜୀବାଣୁମାନେ ଖାଦ୍ୟରେ ଯାଇ ବାଛୁରୀର ଅନ୍ତନଳୀରେ ବିଷ ଉତ୍ପନ୍ନ କରି ବାଛୁରୀ ମୃତ୍ୟୁର କାରଣ ହୋଇଥାନ୍ତି । ଯେଉଁମାନେ ବଞ୍ଚନ୍ତି ଅତି ଦୁର୍ବଳ ଅବସ୍ଥାରେ ରହନ୍ତି । ଆଖିପତା ଓ ପାଟି ଶେତା ଦେଖାଯାଏ । ବାଛୁରୀଙ୍କୁ ତରଳ ଧଳା ଦୁର୍ଗନ୍ଧଯୁକ୍ତ ଝାଡ଼ା ହୁଏ । ମଝିରେ ମଝିରେ ଝାଡ଼ାରେ ରକ୍ତ ପଡ଼େ । ବାଛୁରୀ ଶୀଘ୍ର ନିସ୍ତେଜ ହୋଇପଡ଼େ, ଖାଇବା ବନ୍ଦ କରିଦିଏ ଏବଂ ମୃତ୍ୟୁମୁଖରେ ପଡ଼େ ।

***ପ୍ରତିଷେଧ*** : ଛୋଟ ବାଛୁରୀଙ୍କୁ ପରିଷ୍କାର ଗୁହାଳରେ ରଖିବା ଦରକାର । ଗାଈ ଦୁହିଁଲାବେଳେ ପହ୍ନା ପରିଷ୍କାର ରହିବା ଉଚିତ୍ । ଗୋବର ବା ମାଟି ଲାଗିଥିବା ଚିରରୁ ବାଛୁରୀ କ୍ଷୀର ଖାଇଲେ ଏହି ରୋଗ ହୁଏ । ଏଣୁ ଚିରକୁ ପରିଷ୍କାର ରଖିବା ଉଚିତ୍ । ଅଳ୍ପ ସ୍ଥାନରେ ବେଶୀ ସଂଖ୍ୟକ ବାଛୁରୀ ଯେପରି ନ ରହନ୍ତି ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ବାଛୁରୀ ଜନ୍ମପରେ ତା ଦେହରେ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବା ପାଇଁ ଯଥେଷ୍ଟ ପରିମାଣର କଷକ୍ଷୀର ଖାଇବାକୁ ଦେବା ଦରକାର ।

## ୩. କୃମି ଜନିତ ରୋଗ

ଆମ ଦେଶର ଗ୍ରୀଷ୍ମ ଓ ଆର୍ଦ୍ର ଜଳବାୟୁ ତଥା ଅସ୍ୱାସ୍ଥ୍ୟକର ଗୁହାଳ ପିରିବେଶ ହିଁ ଗାଈଗୋରୁଙ୍କ କୃମିରୋଗ ବିସ୍ତାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଗୋରୁଙ୍କ



ମଳରେ ଥିବା କୃମିର ଅଣ୍ଡା ପେଟ ଭିତରୁ ଆସି ଉପଯୁକ୍ତ ବାତାବରଣ ମଧ୍ୟରେ କିଛିଦିନ ଭିତରେ ଫୁଟିଯାଇଥାନ୍ତି । ଏଥିରୁ ନିର୍ଗତ ହୋଇଥିବା ଲାର୍ଭା ଗେଣ୍ଡା, ମାଛି, ମଶା, ଟିଙ୍କ ଆଦି ମଧ୍ୟବର୍ତ୍ତୀ ରୋଗ ବାହକ ମାନଙ୍କ ଦ୍ୱାରା ପୁନର୍ବାର ସୁସ୍ଥ ଗୋରୁଙ୍କୁ ଆକ୍ରାନ୍ତ କରିଥାନ୍ତି । ବିଭିନ୍ନ କୃମି ଗୋରୁମାନଙ୍କର ଶରୀର ଭିତରେ ବିଭିନ୍ନ ସ୍ଥାନରେ ରହି ରକ୍ତ ତଥା ଶରୀରର ରସ ଶୋଷଣ କରି ବଂଶ ବିସ୍ତାର କରିଥାନ୍ତି । ଏମାନଙ୍କ ଦ୍ୱାରା ଗୋରୁ ରକ୍ତହୀନ ହୋଇ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ । ବାଛୁରୀମାନଙ୍କ ଶରୀର ବୃଦ୍ଧି ବାଧାପ୍ରାପ୍ତ ହୁଏ ତଥା ଗାଈମାନଙ୍କ ଦୁଗ୍ଧ ଉତ୍ପାଦନ ଏବଂ ବଳଦମାନଙ୍କର ଭାର ବହନ ଶକ୍ତି ମଧ୍ୟ ହ୍ରାସ ପାଏ ।

ଗାଈଗୋରୁଙ୍କ କୃମି ଜନିତ ରୋଗ ସାଧାରଣତଃ ଦୁଇପ୍ରକାରର ।

କ) ଆଭ୍ୟନ୍ତରୀଣ ବା ଅନ୍ତଃକୃମି ଜନିତ, ଖ) ବାହ୍ୟ କୃମି ଜନିତ ।

### ଅନ୍ତଃକୃମି

ଆଭ୍ୟନ୍ତରୀଣ କୃମିମାନଙ୍କ ମଧ୍ୟରେ କେଞ୍ଚୁଆ କୃମି, ଯକୃତ କୃମି, ଚାକୁଣ୍ଡା କୃମି, କକ୍ସିଡ଼ିଆ ଓ ସିଷ୍ଟୋସୋମା କୃମି ଆଦି ପ୍ରଧାନ ।

**କେଞ୍ଚୁଆ କୃମି :** ପ୍ରାୟତଃ ବାଛୁରୀମାନେ ଏହି କୃମି ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ଏମାନଙ୍କ ମଧ୍ୟରେ ହେମୋଙ୍କସ୍ ଜାତୀୟ କୃମି ପ୍ରଧାନ । ହେମୋଙ୍କସ୍ କୃମି ପାକସ୍ଥଳୀରୁ ରକ୍ତ ଶୋଷଣ କରେ ଓ ଅନ୍ୟମାନେ ଅନ୍ତଃନଳୀରେ ଥିବା ଖାଦ୍ୟ ଖାଆନ୍ତି । ଏହାଦ୍ୱାରା ବାଛୁରୀଙ୍କ ଓଜନ କମିଯାଏ ଓ ଏମାନେ ପେଟୁଆ, ପତଳା ଓ ଦୁର୍ବଳ ହୋଇଯାନ୍ତି । ଗଳାପାଟି ତଳେ ପାଣି ଜମାହୋଇ ଚମଡ଼ା ଓହଳି ପଡ଼େ । ଆକ୍ରାନ୍ତ ଗୋରୁଙ୍କୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ନିୟମିତ ମଳ ପରୀକ୍ଷା କରାଇ ଉପଯୁକ୍ତ ପରିମାଣର କୃମି ନିବାରକ ଔଷଧ ଖୁଆଇବା ଦରକାର । ଗୁହାଳର ପରିଷ୍କାର ପରିଚ୍ଛନ୍ନତା ତଥା ନିର୍ମଳ ପାନୀୟ ଜଳଯୋଗାଣ ଏହାର ନିରାକରଣରେ ସାହାଯ୍ୟ କରେ ।

**ଯକୃତ କୃମି** : ଏହି ସଂକ୍ରମଣ ସାଧାରଣତଃ ସମୁଦ୍ର ଉପକୂଳବର୍ତ୍ତୀ ଓ ବନ୍ୟା ପ୍ରପୀଡିତ ଅଞ୍ଚଳରେ ତଥା ସନ୍ତସନ୍ତିଆ ସ୍ଥାନମାନଙ୍କରେ ଦେଖାଯାଏ । ଏହି ରୋଗ ବ୍ୟାପିବାରେ

ଗେଣ୍ଡାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଏଥିରେ ଆକ୍ରାନ୍ତ ଗୋରୁ ନିସ୍ତେଜ ହୋଇ ଖାଇବାରେ ଅନିଚ୍ଛା ଦେଖାଏ, ପାକୁଳି ନିୟମିତ କରେ ନାହିଁ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରେ ଓ ଗଳା ପାଟିତଳେ ପାଣି ଜମି ଚମଡ଼ା ଓହଳିଯାଏ । ଏହି ରୋଗ ନିରାକରଣ ପାଇଁ ଗେଣ୍ଡାମାନଙ୍କୁ ମାରି ସେମାନଙ୍କ ବଂଶବୃଦ୍ଧି ରୋକିବା ଉଚିତ୍ । ଗୋରୁଙ୍କୁ ସନ୍ତସନ୍ତିଆ ସ୍ଥାନରେ ଚରାଇବା ଅନୁଚିତ୍ ।

**ଚାକୁଣ୍ଡା କୃମି** : ଆସ୍‌କାରିଆ ନାମକ ଏକ ଅନ୍ତଃକୃମି ଦ୍ୱାରା ଆସ୍କାରିଆସିସ୍ ରୋଗ ହୁଏ ଓ ଛୋଟ ବାଛୁରୀମାନେ ଏଥିରେ ବହୁଳ ଭାବରେ ଆକ୍ରାନ୍ତ ହୁଅନ୍ତି । ଏହାଦ୍ୱାରା ସେମାନେ ଦୁର୍ବଳ ହୋଇଯାନ୍ତି ଓ ଭଲ ବଢ଼ିପାରନ୍ତି ନାହିଁ, ଲୋମ ଟାଆଁସ ହୋଇଯାଏ ଭୋକ କମିଯାଏ ଓ ପତଳା ଝାଡ଼ା ହୁଏ । ପ୍ରତିଷେଧ ବ୍ୟବସ୍ଥା ସ୍ୱରୂପ ବାଛୁରୀମାନଙ୍କ ନିୟମିତ ଝାଡ଼ା ପରୀକ୍ଷା କରାଇ ଔଷଧ ଖୁଆଇବା ଉଚିତ୍ । ସେମାନଙ୍କୁ ସଂକ୍ରମିତ ଘାସ ପଡ଼ିଆକୁ ଚରିବାକୁ ଛାଡ଼ିବା ଉଚିତ୍ ନୁହେଁ । ଗୁହାଳର ଭିତର ଓ ବାହାରକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ଦରକାର ।

**କକ୍‌ସିଡ଼ିଆ** : ଏହା ଏକ ପ୍ରକାର ପ୍ରୋଟୋଜୋଆ ଓ ବାଛୁରୀମାନେ ସାଧାରଣତଃ ଏହାଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । ଏହି ରୋଗର ଲକ୍ଷଣମାନଙ୍କ ମଧ୍ୟରେ ବାଛୁରୀଙ୍କ ଖାଦ୍ୟ ପ୍ରତି ଅନାଗ୍ରହ ଓ ନାଳ ରକ୍ତ ଝାଡ଼ା ପ୍ରଧାନ । ଗୁହାଳର ପରିଷ୍କାର ପରିଚ୍ଛନ୍ନତା, ପରିଷ୍କାର ପାନୀୟ ଜଳ ଓ ସୁଷମ ଖାଦ୍ୟ ଯୋଗାଣ ତଥା ଉତ୍ତମ ରକ୍ଷଣାବେକ୍ଷଣ ଦ୍ୱାରା ଏହି ରୋଗ ନିରାକରଣ କରାଯାଇପାରିବ ।

**ସିଷ୍ଟୋସୋମା କୃମି** : ସିଷ୍ଟୋସୋମା ବା ସଂସରା ରୋଗ ସିଷ୍ଟୋସୋମା ନାଜାଲିସ୍ ନାମକ କୃମି ଦ୍ୱାରା ବ୍ୟାପେ । ଏହି ଜାତୀୟ କୃମି ଗୋରୁଗାଈଙ୍କ ନାକପୁଡ଼ାର ରକ୍ତନଳୀରେ ରହି ଘାଆ ସୃଷ୍ଟି କରନ୍ତି । ଏହି ଘାଆ କ୍ରମେ ବଢ଼ି ବଢ଼ି ଛୋଟ ଫୁଲକୋବି ଆକାର ଧାରଣ କରିଥାଏ । ଏହାଦ୍ୱାରା ଗୋରୁ ନିଃଶ୍ୱାସ ପ୍ରଶ୍ୱାସ କରିବା ସମୟରେ କଷ୍ଟ ଅନୁଭବ କରେ ଏବଂ ନିଃଶ୍ୱାସ ଛାଡ଼ିବା ବେଳେ ସଣ ସଣ ଶବ୍ଦ କରେ । ସ୍ତ୍ରୀ ଜାତୀୟ କୃମି ନାକ ଭିତରେ ଛୋଟ ଛୋଟ ରକ୍ତ ନଳୀରେ ରହି ଅଣ୍ଡା



ଦିଅନ୍ତି । ଏକ ପ୍ରକାର ଗେଣ୍ଡା ଏହି ରୋଗର ବାହାକ ରୂପେ କାମ କରେ । ରୋଗିଣା ଗୋରୁର ନାକ ଭିତରୁ ରକ୍ତ ମିଶ୍ରିତ ସିଂଘାଣି ବା ନାକ ଭିତର ଘାଆକୁ କୋରି ଏହି ନମୁନା ଅଣୁବୀକ୍ଷଣ ଯନ୍ତ୍ରରେ ପରୀକ୍ଷା କଲେ କୃମିର ଅଣ୍ଡା ଦେଖାଯାନ୍ତି । ଆଣ୍ଟିଓମାଲିନ୍ ନାମ ଔଷଧ ଦ୍ୱାରା ଏହି ରୋଗର ସଫଳ ଚିକିତ୍ସା କରାଯାଇ ପାରୁଛି । ଗେଣ୍ଡା ମାରିବା ପାଇଁ ତୁତିଆ ବା କପର ସଲ୍‌ଫେଟ୍ ମଧ୍ୟ ବ୍ୟବହାର କରାଯାଉଛି ।

**ବାହ୍ୟକୃମି** : ବାହ୍ୟକୃମି ମାନଙ୍କ ମଧ୍ୟରେ ଟିଙ୍କ, ଉକୁଣୀ, ମାଇଟ୍, ମଶା ଓ ମାଛି ପ୍ରଧାନ । ଟିଙ୍କ ଓ ଉକୁଣୀ ଗୋରୁମାନଙ୍କ ଦେହରେ ଲାଗି ରହି ସେମାନଙ୍କଠାରୁ ରକ୍ତ ପିଇ ଗୋରୁଙ୍କୁ ଦୁର୍ବଳ କରିଦିଅନ୍ତି ଏବଂ ରୋଗୀଣା ଗୋରୁଙ୍କଠାରୁ ବିଭିନ୍ନ ରୋଗର ଭୂତାଣୁ, ଜୀବାଣୁ ଆଦି ଆଣି ସୁସ୍ଥ ଗୋରୁଙ୍କ ଦେହରେ ଛାଡ଼ି ରୋଗ ସୃଷ୍ଟି କରିଥାନ୍ତି । ମାଇଟସ୍‌ମାନେ ଗୋରୁର ଚମଡ଼ା ଫୁଟାଇ ଚମଡ଼ାରେ ରହି ଯାଦୁ ରୋଗ କରାନ୍ତି । ଆକ୍ରାନ୍ତ ଗୋରୁ କାନ୍ଥ, ବାଡ଼ ବା ଗଛରେ ଦେହକୁ ବାରମ୍ବାର ଘଷନ୍ତି ଓ ଅସ୍ୱସ୍ତି ଅନୁଭବ କରନ୍ତି । ଚମଡ଼ା ମୋଟା ଓ ଧୋକଡ଼ା ହୋଇଯାଏ ଏବଂ ଲୋମ ଶୁଖିଲା ଓ ମୃତପ୍ରାୟ ହୋଇଯାଏ । କାନ୍ଧ, ବେକ, ପେଟ ଓ ଶରୀରର ଉପର ଅଂଶ ଘଷି ହୋଇ ଠାଏ ଠାଏ ଲୋମ ଉପୁଡ଼ିଯାଏ । ଗାଈର ଦୁଗ୍ଧ ଉତ୍ପାଦନ କମିଯାଏ ଏବଂ ବାଛୁରୀମାନଙ୍କର ଶରୀର ବୃଦ୍ଧି ବାଧାପ୍ରାପ୍ତ ହୁଏ । ଏହା ବ୍ୟତୀତ ଗୋରୁମାନଙ୍କର କାନ୍ଧ ବା ଚୁଳ ଯାଦୁ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ । ଏହା ଷ୍ଟେପ୍ଟୋନୋଫାଇଲେରିଆ ଆସାମେନ୍‌ସିସ୍ ନାମକ ଏକ କୃମିଦ୍ୱାରା ହୋଇଥାଏ । ମୁଖ୍ୟତଃ ମଶା ଓ ମାଛିମାନେ, ଏହି ରୋଗ କରୁଥିବା କୃମିକୁ ରୋଗୀଣା ଗୋରୁଙ୍କଠାରୁ ନେଇ ସୁସ୍ଥ ଗୋରୁଙ୍କ ଦେହରୁ ରକ୍ତ ପିଇଲା ବେଳେ ସେଠାରେ ଛାଡ଼ି ଦେଇ ଏ ରୋଗ କରାଇଥାନ୍ତି । କାନ୍ଧ ଉପର ଯାଦୁ ବା ଘାଆ ଦଲଦଲିଆ ହୋଇଯିବାରୁ ଗୋରୁ ହଳ ବା ଗାଡ଼ି ଟାଣିପାରେ ନାହିଁ । କାନ୍ଧ ଓ ଚୁଳ ଫୁଲିଯାଏ । ଏହି ଯାଦୁକୁ ଚିକିତ୍ସା ନକଲେ ବର୍ଷ ବର୍ଷ ଧରି ରହିଥାଏ ଓ ଯାଦୁର ଆକାର ବଢ଼ିଯାଏ ।

***ପ୍ରତିଷେଧ*** – ବାହ୍ୟ କୃମିଙ୍କ ଦ୍ୱାରା ଅଧିକାଂଶ ଗୋରୁ ଆକ୍ରାନ୍ତ ହୋଇଥିଲେ ଗୋଟିଏ କୁଣ୍ଡରେ ଔଷଧ ମିଶା ପାଣିରେ ପ୍ରତ୍ୟେକ ଗୋରୁଙ୍କୁ ଏହା ଭିତରେ ଛାଟି ଗାଧୋଇ ଦିଆଯାଏ । ଏହାକୁ ଡିପିଙ୍ଗ୍ କୁହାଯାଏ । ଏହି ଜାତୀୟ ରୋଗରେ ଗୁହାଳର ବିଶୋଧନ ଏବଂ ଆକ୍ରାନ୍ତ ଗୋରୁମାନଙ୍କୁ ସ୍ପ୍ରେ, ଡିପିଙ୍ଗ୍ ବା ବ୍ରସ୍ ଦ୍ୱାରା ଲିଣ୍ଡେନ୍, ମାଲାଥିଅନ୍ ଜାତୀୟ ଔଷଧ ଉପଯୁକ୍ତ ମାତ୍ରାରେ ପ୍ରୟୋଗ କରି ତୁରନ୍ତ ଚିକିତ୍ସା କରିବା ଉଚିତ୍ । ଗୁହାଳରେ ମଶା ଓ ମାଛି ଗୋରୁ ଶରୀରରୁ ରକ୍ତ ଶୋଷଣ କରନ୍ତି । ଏମାନେ ଖତଗଦା, ପଚାସଢ଼ା ନଡ଼ା ଓ ସନ୍ତସନ୍ତିଆ ଜାଗା ଇତ୍ୟାଦିରେ ଅଣ୍ଡା ଦେଇ ବଂଶ ବୃଦ୍ଧି କରନ୍ତି । ପାଖରେ ଥିବା ଗଛ ଓ ବୁଦାମାନଙ୍କରେ ଆଶ୍ରୟ ନିଅନ୍ତି । ଏଣୁ ଖତଗଦା, ଗାଡ଼ିଆ ଓ ପାଖରେ ଥିବା ବୁଦାମାନଙ୍କରେ ନିୟମିତ ଔଷଧ ସ୍ପ୍ରେ କରାଯାଇ ଏମାନଙ୍କୁ ଦମନ କରାଯାଇ ପାରିବ ।

## ୪. ରକ୍ତ କୃମି ଜନିତ ରୋଗ

ରକ୍ତକୃମି ଜନିତ ରୋଗମାନଙ୍କ ମଧ୍ୟରେ ଥେଲେରିଆସିସ୍, ବାବେସିଓସିସ୍, ଟ୍ରିପାନୋସୋମିଆସିସ୍ ଓ ଆନାପ୍ଲାଜମୋସିସ୍ ରୋଗ ପ୍ରଧାନ ।

**ଥେଲେରିଆସିସ୍ :** ଏହି ରକ୍ତ କୃମି ରୋଗ ଗୋରୁ ଓ ମଇଁଷିମାନଙ୍କୁ ହୋଇଥାଏ ଏବଂ ସଙ୍କର ଜାତୀୟ ବାଛୁରୀ, ଗାଈ ଓ ଷଣ୍ଢମାନଙ୍କ ପାଇଁ ଏହା ଏକ ମାରାତ୍ମକ ରୋଗ । ଥେଲେରିଆ ଆନୁଲାଟା ନାମକ ରକ୍ତ କୃମି ଦ୍ୱାରା ଏହି ରୋଗ ସୃଷ୍ଟି ହୁଏ । ଟିଙ୍କମାନେ ରୋଗୀଣା ଗୋରୁର ରକ୍ତ ପିଇଲା ବେଳେ କୃମିକୁ ଆଣି ସୁସ୍ଥ ଗୋରୁଙ୍କ ରକ୍ତରେ ଛାଡ଼ି ଦିଅନ୍ତି । ଏହି କୃମିମାନେ ରକ୍ତ କଣିକା ମାନଙ୍କ ଭିତରେ ରହି ରକ୍ତ କଣିକାମାନଙ୍କୁ ନଷ୍ଟ କରିଦିଅନ୍ତି । ଏହି ରୋଗରେ ଗୋରୁଙ୍କୁ ଭୀଷଣ ଜ୍ୱର ହୁଏ ଓ ଗୋରୁ ଖାଇବା ପିଇବା ବନ୍ଦ କରିଦିଏ । ଚଟୁଆ ପାଖ ଲସିକା ଗ୍ରନ୍ଥି ଛୋଟ ବଲ୍ ଭଳି ଫୁଲିଯାଏ । ରକ୍ତରୁ ହିମୋଗ୍ଲୋବିନ୍ ପରିମାଣ କମିଯାଏ । ଶ୍ୱାସ ପ୍ରଶ୍ୱାସ କ୍ରିୟା ଦ୍ରୁତ ଗତିରେ ବଢ଼ିଯାଏ । ଦିନକୁ ଦିନ ଗୋରୁ ଦୁର୍ବଳ ହୋଇଯାଏ । ଦୁଧିଆଳୀ ଗାଈ କ୍ଷୀର ଦେବା କମାଇ ଦେଇ ଶେଷକୁ ପୁରା ବନ୍ଦ କରିଦିଏ ।



***ପ୍ରତିଷେଧ*** – ରୋଗ ହେବା ସଙ୍ଗେ ସଙ୍ଗେ ରକ୍ତ ଓ ଲସିକା ଗ୍ରନ୍ଥିରୁ ସ୍ମିୟର ନେଇ ପରୀକ୍ଷା କରାଇବା ଉଚିତ୍ । ଗୋରୁଙ୍କୁ ଏହି ରୋଗରୁ ରକ୍ଷା କରିବା ପାଇଁ ତୁରନ୍ତ ଚିକିତ୍ସା କରିବା ଦରକାର । ଟିଙ୍କ ମାରିବା ପାଇଁ ଉପଯୁକ୍ତ ଔଷଧ ଠିକ୍ ପରିମାଣରେ ବ୍ୟବହାର କରିବା ଉଚିତ୍ ।

**ବାବେସିଓସିସ୍ :** ଏହି ରୋଗର ଅନ୍ୟନାମ ହେଲା ଟିକ୍ ଫିଭର ଓ ରେଡ୍ ୱାଟର ଫିଭର । ସଙ୍କର ଜାତୀୟ ଗୋରୁଙ୍କର ଏହା ଅନ୍ୟ ଏକ ମାରାତ୍ମକ କୃମି ରୋଗ । ଗୋରୁ ଓ ମଇଁଷିମାନେ ବାବେସିଆ ବାଇଜେମିନା ଓ ବାବେସିଆ ଓଭିସ୍ ନାମକ କୃମି ଦ୍ୱାରା ଆକ୍ରାନ୍ତ ହୋଇ ଏହି ରୋଗରେ ପୀଡ଼ିତ ହୁଅନ୍ତି । ଏହି କୃମିମାନେ ଲୋହିତ ରକ୍ତ କଣିକାରେ ରହି ସେଗୁଡ଼ିକୁ ନଷ୍ଟ କରି ରୋଗ କରାନ୍ତି । କୃମି ଆକାରରେ ଲମ୍ୱା ଓ ହଳିକିଆ ହୋଇ ଲୋହିତ ରକ୍ତ କଣିକାରେ ରହିଥାନ୍ତି । ରୋଗାକ୍ରାନ୍ତ ଗୋରୁଙ୍କଠାରୁ ବୁଫାଇଲସ୍ ଟିଙ୍କ ରକ୍ତ ସହ କୃମିକୁ ପେଟ ଭିତରକୁ ଶୋଷିନେଇ ପୁନର୍ବାର ସୁସ୍ଥ ଗୋରୁଙ୍କ ରକ୍ତରେ ଛାଡ଼ି ଦେଇ ରୋଗ ସୃଷ୍ଟି କରିଥାନ୍ତି । କୃମିମାନେ ରକ୍ତରେ ପହଞ୍ଚିବାର ୨–୩ ସପ୍ତାହ ପରେ ରୋଗର ଲକ୍ଷଣ ଦେଖାଯାଏ । ଏହି ରୋଗରେ ୧୦୬° ଫାରେନ୍‌ହାଇଟ୍ ପର୍ଯ୍ୟନ୍ତ ଜ୍ୱର ହୁଏ । ଗୋରୁଟି ମାନ୍ଦା ରହେ, ଖାଇବାକୁ ଇଚ୍ଛା କରେ ନାହିଁ ଓ ରୋମନ୍ଥନ ବନ୍ଦ କରିଦିଏ । ଆଖିତଳ ପତା ଶେତା ପଡ଼ିଯାଏ ଓ ପରେ ହଳଦୀ ବର୍ଣ୍ଣ ହୋଇଯାଏ । ପରିସ୍ରାର ରଙ୍ଗ ଲାଲ ବା କଫି ବର୍ଣ୍ଣର ଦେଖାଯାଏ । କେତେକ କ୍ଷେତ୍ରରେ ଗୋରୁ ଏପରି ଲକ୍ଷଣ ଦେଖାଇବାର ୨୪ ଘଣ୍ଟା ଭିତରେ ମରିଯାଏ । ଗର୍ଭବତୀ ଗାଈମାନଙ୍କର ଗର୍ଭପାତ ମଧ୍ୟ ହୋଇଥାଏ ।

***ପ୍ରତିଷେଧ*** – ରୋଗୀଣା ଗୋରୁର ତୁରନ୍ତ ଚିକିତ୍ସା କରିବା ଦରକାର । ଗାଈମାନଙ୍କ ଦେହରୁ, ଗୁହାଳରୁ ଓ ଚାରଣ ଭୂମିରୁ ଟିଙ୍କମାନଙ୍କୁ ମାରିବା ପାଇଁ ଔଷଧ ସ୍ପ୍ରେ କରିବା ଉଚିତ୍ । ପ୍ରତିବର୍ଷ ଏହି ରୋଗର ପ୍ରତିଷେଧକ ଟୀକା ଦେଲେ ରୋଗ ହୋଇ ନଥାଏ ।

**ଟ୍ରିପାନୋସୋମିଆସିସ୍ ବା ସରା :** ଗୋରୁ ବା ମଇଁଷିମାନଙ୍କ ଦେହରେ ଟ୍ରିପାନୋସୋମା ଇଭାନ୍‌ସି ନାମକ କୃମି ଦ୍ୱାରା ଏହି ରୋଗ ବ୍ୟାପେ । ଡାଆଁଶ, ମାଛି ଓ ଟିଙ୍କମାନେ

ରୋଗୀଣା ଗୋରୁଠାରୁ ଏହି କୃମି ନେଇ ସୁସ୍ଥ ଗୋରୁଙ୍କ ଦେହରେ ଛାଡ଼ି ଏହି ରୋଗ କରାନ୍ତି । ବର୍ଷା ଦିନରେ ମାଛି ଓ ଡାଆଁଶମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନେ ଏହି ସମୟରେ ରୋଗ ବଢ଼ାଇବାରେ ସହାୟକ ହୁଅନ୍ତି ।

ଏହି ରୋଗରେ ଗୋରୁ ଓ ମଇଁଷିମାନେ ସ୍ନାୟୁ ରୋଗର ଲକ୍ଷଣମାନ ଦେଖାଇଥାନ୍ତି । ସେମାନେ ପାଗଳ ଭଳି ଏଣେତେଣେ ଦୌଡ଼ନ୍ତି ଓ ଅନ୍ଧ ହୋଇଯାନ୍ତି । ଶେଷରେ ତଳେ ପଡ଼ିଯାଇ ବାଡ଼େଇ କଚାଡ଼ି ହୋଇ ମରିଯାନ୍ତି । ଏହି କୃମିମାନେ ମସ୍ତିଷ୍କର ରକ୍ତନଳୀ ବାଟ ବନ୍ଦ କରିଦେବାରୁ ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ ଓ ପଶୁଟି ହଠାତ୍ ମରିଯାଏ । କାରଣ ମସ୍ତିଷ୍କର କୋଷମାନ ଖାଦ୍ୟ ଓ ଅମ୍ଳଜାନ ଅଭାବରୁ ମରିଯାନ୍ତି ଓ ଆକ୍ରାନ୍ତ ପଶୁ ମଧ୍ୟ ମରିଯାଏ ।

**ପ୍ରତିଷେଧ** – ବର୍ଷାଦିନ ମାନଙ୍କରେ ଗୋରୁ ମଇଁଷିଙ୍କର ରକ୍ତ ପରୀକ୍ଷା କରି ରୋଗର ଶୀଘ୍ର ଚିକିତ୍ସା କରିବା ଉଚିତ୍ । ମାଛି ଓ ଡାଆଁଶ ଦାଉରୁ ପଶୁମାନଙ୍କୁ ରକ୍ଷା କଲେ ଏରୋଗ ବିଶେଷ ଭାବେ ଦେଖାଯାଏ ନାହିଁ । ଏଣୁ ଗୁହାଳରେ ଓ ପଶୁଙ୍କ ଦେହରେ ଟିଙ୍କ ଓ ମାଛିମରା ଔଷଧ ବ୍ୟବହାର କରିବା ଦରକାର ।

## ଅସଂକ୍ରମିତ ଅସୁସ୍ଥତା

ଏହି ପ୍ରକାର ଅସୁସ୍ଥତା ସାଧାରଣତଃ ଗୋଟିଏ ଗୋଟିଏ ଗୋରୁଙ୍କୁ ଆକ୍ରମଣ କରିଥାଏ । କିନ୍ତୁ ଏହା ପ୍ରାୟତଃ ଅନ୍ୟ ପଶୁମାନଙ୍କୁ ସଂକ୍ରମିତ କରି ନଥାଏ ।

ଗୋରୁ ଗାଈଙ୍କ କ୍ଷେତ୍ରରେ ବିଶେଷତଃ ଉତ୍କୃଷ୍ଟ ଦୁଧିଆଳୀ ଗାଈଙ୍କ ଉପରେ ଶରୀର ପ୍ରକ୍ରିୟା ଜନିତ ଚାପ ତଥା ପରିପାଚନିକ ଅବ୍ୟବସ୍ଥା ଜନିତ ଚାପ ପଡ଼ିବା ଫଳରେ କେତେକ ଶାରୀରିକ ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ । ଏହି ରୋଗ ଗୁଡ଼ିକର ଯଥାର୍ଥ ଚିକିତ୍ସା ଓ ପ୍ରତିରୋଧ ବ୍ୟବସ୍ଥା ଅବଲମ୍ବନ ନ କଲେ ଗୋପାଳନରେ ଯଥେଷ୍ଟ କ୍ଷତି ହେବାର ଆଶଙ୍କା ଥାଏ । ଏହି ପ୍ରକାର ରୋଗଗୁଡ଼ିକ ମଧ୍ୟରୁ କେତେକ ମୁଖ୍ୟ ରୋଗମାନଙ୍କ ଲକ୍ଷଣ ଓ ପ୍ରତିରୋଧ ବ୍ୟବସ୍ଥା ନିମ୍ନରେ ବର୍ଣ୍ଣନା କରାଗଲା ।



## ଦୁଗ୍ଧ ଜ୍ୱର

ସାଧାରଣତଃ ସୁସ୍ଥ ସବଳ ଓ ବହୁତ କ୍ଷୀର ଦେଉଥିବା ବୟସ୍କ ଗାଈମାନଙ୍କୁ ଛୁଆ ଜନ୍ମ କଲାପରେ ଦୁଗ୍ଧ ଜ୍ୱର ହୋଇଥାଏ । ଏହି ରୋଗରେ ଗାଈମାନଙ୍କ ରକ୍ତରେ କାଲ୍‌ସିୟମ୍ ଅଂଶ ବହୁତ କମିଯାଏ ଓ ମାଂସପେଶୀ ଗୁଡ଼ିକ ଦୁର୍ବଳ ହୋଇପଡ଼େ । ପ୍ରାୟତଃ ଗାଈ ମାନଙ୍କର ପ୍ରଥମ ଓ ଦ୍ୱିତୀୟ ଫଳରେ ଏହି ରୋଗ ନ ହୋଇ ୩ୟ ବା ତଦୂର୍ଦ୍ଧ୍ୱ ଫଳରେ ଏ ରୋଗ ଦେଖାଯାଏ ।

***ଲକ୍ଷଣ*** – ଏହି ରୋଗରେ ଗାଈ ପ୍ରଥମେ ଢଳ ଢଳ ହୋଇ ଚାଲେ ଓ ଚାଲିବାକୁ ଇଚ୍ଛା କରେ ନାହିଁ । ଆଖି ଗୁଡ଼ିକ ଉଜ୍ଜ୍ୱଳ ନ ଦିଶି ମ୍ଳାନ ଦେଖାଯାଏ ଏବଂ ଶରୀରର ଉତ୍ତାପ ହ୍ରାସ ପାଏ । ଏଣୁ ଦୁଗ୍ଧ ଜ୍ୱରରେ ଅନ୍ୟାନ୍ୟ ଜ୍ୱର ଭଳି ଅଧିକ ତାପମାତ୍ରା ଦେଖାଯାଏ ନାହିଁ । ଗାଈ ତଳେ ପଡ଼ିରହେ ଓ ତାର ପକ୍ଷାଘାତ ଘଟେ । ଥୋମଣୀକୁ ନେଇ ଗୋଟିଏ ପାଖ ପେଟ ଉପରେ ରଖି ଶୋଇରହେ । ଥୋମଣୀ ଶୁଖିଯାଏ । ଶରୀର ଚମଡ଼ା ହାତକୁ ଥଣ୍ଡା ଲାଗେ ଓ ଶରୀରର ଉତ୍ତାପ ସାଧାରଣ ଉତ୍ତାପ ଠାରୁ କମ୍ ଥିବାର ଦେଖାଯାଏ । ରୋଗର ଶେଷ ଭାଗରେ ଗାଈ ତାର ଗୋଟିଏ କଡ଼ରେ ମୁଣ୍ଡକୁ ସିଧାସଳଖ ବିସ୍ତାର କରି ଭୂଇଁରେ ଶୋଇ ରହେ । ଏହି ସମୟରେ ଗାଈକୁ ନିମୋନିଆ ହୋଇପାରେ ଓ ତାର ପେଟ ଫାମ୍ପି ପାରେ । ଉପଯୁକ୍ତ ଚିକିତ୍ସା ଅଭାବରେ ଗାଈଟି ମୃତ୍ୟୁବରଣ କରେ ।

***ପ୍ରତିଷେଧ*** – ଏହି ରୋଗର ସଫଳ ଚିକିତ୍ସା ସ୍ୱରୂପ ୨୦% କାଲ୍‌ସିୟମ୍ ବୋରୋଗ୍ଲୁକୋନେଟ୍ ୨୫୦ ରୁ ୫୦୦ ମି.ଲି. ବେକ ଶିରା ମାଧ୍ୟମରେ ଦିଆଯାଇଥାଏ । ଆବଶ୍ୟକ ହେଲେ ଦ୍ୱିତୀୟ ଓ ତୃତୀୟ ମାତ୍ରା ଇଂଜେକ୍‌ସନ୍ ମଧ୍ୟ ଦିଆଯାଏ । ଏହା ବ୍ୟତୀତ ପ୍ରସବ କରିବାର ପାଞ୍ଚଦିନ ପୂର୍ବରୁ ଦୈନିକ ୨୦ ରୁ ୨୫ ନିୟୁତ ୟୁନିଟ୍ ଖାଦ୍ୟପ୍ରାଣ 'ଘ' ଖୁଆଇଲେ ଦୁଗ୍ଧ ଜ୍ୱର ହେବାର ସମ୍ଭାବନା ହ୍ରାସ ପାଇଥାଏ ।

## କିଟୋସିସ୍ ବା ଆସିଟୋନେମିଆ

ଗାଈର ଆବଶ୍ୟକତାଠାରୁ କମ୍ ଶକ୍ତି ଓ ଖାଦ୍ୟସାର ବିଶିଷ୍ଟ ଖାଦ୍ୟ ଖୁଆଇଲେ କିଟୋସିସ୍ ହୋଇଥାଏ । ଏହି ରୋଗରେ ରକ୍ତ, ମୂତ୍ର ଓ ଦୁଗ୍ଧରେ ଯଥେଷ୍ଟ ପରିମାଣର କିଟୋନ୍ ବଡ଼ି ଜମା ହେବାର ଦେଖାଯାଏ । ରକ୍ତ ଓ କଳିଜାରେ ଶର୍କରା ଭାଗ ଯେତିକି ରହିବା କଥା ତା ଠାରୁ କମ୍ ରହେ । ଏହି ରୋଗ ଦୁହାଁଳିଆ ଗାଈଙ୍କଠାରେ ବାଛୁରୀ ଜନ୍ମ କଲାପରେ ଦେଖାଯାଏ ।

***ଲକ୍ଷଣ*** – ଏହି ରୋଗର ଲକ୍ଷଣଗୁଡ଼ିକ ପ୍ରସବ ପରେ ୬ ସପ୍ତାହ ମଧ୍ୟରେ ଦେଖିବାକୁ ମିଳେ । ଗାଈ ପ୍ରସବ ପୂର୍ବରୁ ଓ ପରେ କମ୍ ଖାଦ୍ୟ ଖାଇଲେ ଏହି ରୋଗଦ୍ୱାରା ଆକ୍ରାନ୍ତ ହୋଇପାରେ । କେତେକ ସ୍ଥାନରେ ମୃତ୍ତିକାରେ ଖାଦ୍ୟସାର ଅଭାବରୁ ମଧ୍ୟ ଏହ ରୋଗ ଗାଈଙ୍କଠାରେ ଦେଖାଯାଇଥାଏ । ଗାଈର ଦୁଗ୍ଧ ଉତ୍ପାଦନ ହଠାତ୍ ବ୍ୟାହତ ହୁଏ, ଗାଈ ଖାଦ୍ୟ ଖାଏ ନାହିଁ, ତାର ଶରୀର ଶୀଘ୍ର ଜୀର୍ଣ୍ଣଶୀର୍ଣ୍ଣ ହୋଇପଡ଼େ । ନିଃଶ୍ୱାସର ପବନ ଓ କ୍ଷୀର ମିଠାଳିଆ ବାସନା ହୁଏ । ତାର ମୂତ୍ର, ଦୁଗ୍ଧ ଓ ସ୍ୱେଦରୁ କିଟୋନ୍ ଗନ୍ଧ ବାହାରେ । ରକ୍ତ ପରୀକ୍ଷା କଲେ କିଟୋସିସ୍ ଆକ୍ରାନ୍ତ ଗୋରୁର ରକ୍ତରେ ୨୦ ରୁ ୬୦ ମିଲିଗ୍ରାମ୍ % କିଟୋନ୍ ଥିବା ଜଣାଯାଏ ଯାହାକି ସାଧାରଣ ଗୋରୁଙ୍କ ରକ୍ତରେ ୩ ରୁ ୫ ମିଲିଗ୍ରାମ୍ % ଥାଏ ।

***ପ୍ରତିଷେଧ*** – ଏହି ରୋଗର ଚିକିତ୍ସା ପାଇଁ ତୁରନ୍ତ ଗ୍ଲୁକୋଜ ଇଂଜେକ୍ସନ୍ ରକ୍ତ ଶିରାରେ ଦିଆଯାଏ । ପ୍ରସବ ପୂର୍ବରୁ ଓ ଠିକ୍ ପରେ ପରେ ପ୍ରଚୁର ଶର୍କରାଯୁକ୍ତ ଖାଦ୍ୟ ଖୁଆଇଲେ, ଗାଈର ଶକ୍ତି ଆବଶ୍ୟକତା ପୂରଣ ହୋଇପାରିବ ଏବଂ ତାର ଗଚ୍ଛିତ ଚର୍ବି ବା ସ୍ନେହସାରକୁ ଶକ୍ତି ଉତ୍ପାଦନରେ ସମ୍ଭାବନାକୁ ଏଡ଼ାଇ ଦେବ । ଯେଉଁ ଗାଈକୁ ଏ ରୋଗ ହୁଏ ସେ ଜନ୍ମ କଲାପରେ ତାକୁ ଦୈନିକ ୧୧୦ ଗ୍ରାମ୍ ହିସାବରେ ସୋଡ଼ିୟମ୍ ପ୍ରୋପିଓନେଟ୍ ଦାନାରେ ଗୋଳି ୬ ସପ୍ତାହ ପର୍ଯ୍ୟନ୍ତ ଖାଇବାକୁ ଦେଲେ ଏହି ରୋଗ ହୋଇ ନଥାଏ । ବେଳେବେଳେ ସବୁ ଉପାୟ ବ୍ୟର୍ଥ ହୋଇଗଲେ ଗ୍ଲୁକୋକର୍ଟିକଏଡ୍ ଥିବା ଔଷଧ ଇଂଜେକ୍ସନ୍ ଆକାରରେ ଦିଆଯାଏ । ଏହା ଶରୀରରେ ଥିବା ପୁଷ୍ଟିସାରରୁ ପ୍ରଚୁର ଗ୍ଲୁକୋଜ ଉତ୍ପାଦନ କରେ ।



## ପେଟ ଫମ୍ପା ବା ଟିମ୍ପାନି

ଗାଈର ଚରା ପାକସ୍ଥଳୀ ବା ରୁମେନ୍‌ରେ ଅଙ୍ଗାରକାମ୍ଳ ଓ ମିଥେନ୍ ନାମକ ଦୁଇଟି ଗ୍ୟାସ୍ ଉତ୍ପନ୍ନ ହୁଏ । ଏହା ସାଧାରଣତଃ ହାକୁଟି ଦ୍ୱାରା ପାଟି ବାଟେ ବାହାରି ଯାଏ । କିନ୍ତୁ ଯେତେବେଳେ ଏହି ଗ୍ୟାସ୍‌ର ଉତ୍ପାଦନ ଏହାର ବହିଃଷ୍କାର ଶକ୍ତିଠାରୁ ଅତ୍ୟଧିକ ହୋଇପଡ଼େ, ସେତେବେଳେ ଗୋରୁର ପେଟ ଫମ୍ପାଏ । ଏହା ଫଳରେ ରୁମେନ୍ ବେଲୁନ୍ ପରି ଫୁଲିଯାଏ ଓ ଏହାର ମାଂସପେଶୀ ଗୁଡ଼ିକ ପକ୍ଷାଘାତରେ ଆକ୍ରାନ୍ତ ହୁଏ ।

***ଲକ୍ଷଣ*** – ଅଧିକ ପରିମାଣରେ ରବି ଜାତୀୟ ଘାସ, ଶସ୍ୟ କିମ୍ବା ନଷ୍ଟ ହୋଇଥିବା ଶସ୍ୟ ଖାଇଲେ ଏହି ରୋଗ ହୋଇଥାଏ । ଲୋକେ ଗୋରୁଗାଈଙ୍କୁ ବାହାରକୁ ଚରିବାକୁ ଛାଡ଼ିଦିଅନ୍ତି । ସେମାନେ ଅଳିଆ ଆବର୍ଜନା ଖାଆନ୍ତି ଓ ଏହା ଫଳରେ ମଧ୍ୟ ପେଟ ଫମ୍ପା ରୋଗ ହୋଇଥାଏ ଏବଂ ଖାଦ୍ୟ ବିଷାକ୍ତ ରୋଗ ମଧ୍ୟ ହୋଇଥାଏ । କେତେକ କ୍ଷେତ୍ରରେ ଅତ୍ୟଧିକ ଭାବରେ ପେଟ ଫମ୍ପା ହୋଇ ପଶୁଟି ଅତିମାତ୍ରାରେ ଅଶ୍ୱସ୍ତି ବୋଧ କରେ ଓ ନିଃଶ୍ୱାସ ପ୍ରଶ୍ୱାସ ନେଇ ନ ପାରି ତାର ମୃତ୍ୟୁ ଘଟେ ।

***ପ୍ରତିଷେଧ*** – ଏହି ରୋଗରେ ଗୋରୁର ବାମ ପଟ ପେଟ ସ୍ଥାନଟି ଫୁଲି ଉଠେ । ତେଣୁ ଏହାର ଚିକିତ୍ସା ପାଇଁ ବାମ ପଟ ପେଟକୁ ଟ୍ରୋକାର ଓ କାନୁଲା ସାହାଯ୍ୟରେ କଣା କରିଦେଲେ ଗ୍ୟାସ୍ ବା ବାୟୁ ନିର୍ଗତ ହୋଇଯାଏ କିମ୍ବା ପ୍ରୋବାଙ୍ଗ ପାଟି ବାଟେ ରୁମେନ୍ ଭିତରକୁ ପୁରାଇ ମଧ୍ୟ ଗ୍ୟାସ୍ ନିଷ୍କାସନ କରାଯାଇପାରେ । ଖାଦ୍ୟ ନଳୀରେ ଟାକୁଆ ବା ଟାଣ ଖାଦ୍ୟ ଅଟକି ରହିଲେ ରୁମେନରୁ ବାଷ୍ପ ବାହାରି ନ ପାରି ପେଟ ଫମ୍ପିଯାଏ । ଏହି ଖାଦ୍ୟ ବା ଟାକୁଆକୁ ପ୍ରୋବାଙ୍ଗ ସାହାଯ୍ୟରେ ରୁମେନ୍ ଭିତରକୁ ଠେଲି ଦେଲେ ପେଟ ଫମ୍ପା କମିଯାଏ । ଏକ ଲିଟର ପାଣିରେ ୬୦ ରୁ ୧୨୦ ମି.ଲି. ତାରପିନ୍ ତେଲ ମିଶାଇ ଖୁଆଇଲେ ଏହା ଅଧିକ ଗ୍ୟାସ୍ ଉତ୍ପାଦନ ବନ୍ଦ କରାଏ ଏବଂ ଉତ୍ପନ୍ନ ଗ୍ୟାସ୍‌କୁ ବହିଷ୍କାର କରାଇବାରେ ସାହାଯ୍ୟ କରେ । ଯଦି ଉଠିବା କିମ୍ବା ପିଇବାକୁ ସକ୍ଷମ ନ ହୁଏ ତେବେ ସିରିଞ୍ଜରେ ୧୦ ରୁ ୧୫ ମି.ଲି. ତାରପିନ୍ ତେଲ ନେଇ ସିଧାସଳଖ ରୁମେନ୍ ମଧ୍ୟକୁ ଛାଡ଼ିଦେବା ଦରକାର ।

## ଇମ୍ପାକ୍ସନ୍ ବା ଖାଦ୍ୟ ଗୁମ୍ମା ରୋଗ

ଗୋରୁମାନେ ଅଧିକା ଶର୍କରା ଅଂଶ ଥିବା ଖାଦ୍ୟ ବହୁତ ଖାଇଲେ, ପାକସ୍ଥଳୀ ବା ରୁମେନ୍‌ରେ ଏଥିରୁ ଅଧିକ ଲାକ୍ଟିକ୍ ଅମ୍ଳ ଉତ୍ପନ୍ନ ହୋଇ ଖାଦ୍ୟ ହଜମ କରିବାରେ ବ୍ୟାଘାତ ଘଟାଏ । ଲାକ୍ଟିକ୍ ଅମ୍ଳର ପ୍ରାଧାନ୍ୟ ଯୋଗୁଁ ଶରୀର ବିଷାକ୍ତ ହୋଇଯାଏ ଓ ଶରୀରର ଜଳୀୟ ଅଂଶ ସବୁ ଆସି ପାକସ୍ଥଳୀରେ ଭର୍ତ୍ତି ହୋଇଯାଏ । ଏହାଦ୍ୱାରା ଗୋରୁ ଶୁଖିଲା ଦେଖାଯାଏ । ରୁମେନ୍‌ର ସଙ୍କୋଚନ ଓ ପ୍ରସାରଣ କାର୍ଯ୍ୟରେ ବାଧା ସୃଷ୍ଟି ହୁଏ । ପଶୁଟି ନ ଖାଇ ନ ପିଇ ଦୁର୍ବଳ ହୋଇଯାଇ ଶେଷରେ ମରିଯାଏ ।

***ଲକ୍ଷଣ –*** ଯଥେଷ୍ଟ ପରିମାଣର ଶସ୍ୟ ରୁମେନ୍‌ରେ ଗଦା ରହିବାରୁ ଗୋରୁକୁ କଷ୍ଟ ହୁଏ, ବାରମ୍ବାର ନାତ ମାରେ, ଖାଇବା ଓ ପିଇବା ବନ୍ଦ କରିଦିଏ । ରୁମେନ୍‌ର କାର୍ଯ୍ୟ କରିବା ଶକ୍ତି କମିଯାଏ ଓ ରୋମନ୍ଥନ ବନ୍ଦ ହୋଇଯାଏ । ଗୋରୁ ସବୁବେଳେ ଶୋଇ ରହେ, ଶରୀରର ଉତ୍ତାପ କମିଯାଏ, ହୃତ୍‌ପିଣ୍ଡର ଗତି ଓ ଶ୍ୱାସ ପ୍ରଶ୍ୱାସର ବେଗ ବଢ଼ିଯାଏ । ରୁମନ୍ ଭିତରେ ଶସ୍ୟ ଓ ପାଣି ଭର୍ତ୍ତି ହୋଇ ରହିବାରୁ ଡବ୍ ଡବ୍ ଶବ୍ଦ ହୁଏ । ବାହାରୁ ଆଙ୍ଗୁଠି ଦ୍ୱାରା ରୁମେନ୍‌କୁ ଚିପିଲେ ଚିପି ହୋଇଥିବା ଖାଲ ଚିହ୍ନ କିଛି ସମୟ ରହେ । ପରିସ୍ରା କମ୍ ବା ଆଦୌ ହୁଏ ନାହିଁ । ବହୁତ ପରିମାଣରେ ତରଳ ଝାଡ଼ା ହୁଏ । ବେଳେ ବେଳେ ଝାଡ଼ାରେ ଗୋଟା ଶସ୍ୟ ଆସିବାର ଦେଖାଯାଏ । ଲକ୍ଷଣ ଦେଖାଯିବାର ୭୨ ଘଣ୍ଟା ଭିତରେ ଗୋରୁର ଚିକିତ୍ସା ନ କଲେ ମରିଯାଏ ।

***ପ୍ରତିଷେଧ –*** ଏହି ରୋଗ ହେବା ସଙ୍ଗେ ସଙ୍ଗେ ଚିକିତ୍ସା କରିବା ଦରକାର ବା ଅପରେସନ୍ କରି ରୁମେନ୍‌ରେ ଭର୍ତ୍ତି ହୋଇଥିବା ଶସ୍ୟ ସବୁ ବାହାର କରିଦେବା ଭଲ । ନଡ଼ା କାଟି ବତୁରାଇ ଶସ୍ୟ ଗୁଣ୍ଡ ସହିତ ଗୋଳାଇ ଖାଇବାକୁ ଦେଲେ ଏ ରୋଗ ହୋଇ ନଥାଏ । ଭୋକିଲା କିମ୍ବା ଉପାସ ଥିବା ଗୋରୁକୁ ଯଥେଷ୍ଟ ପରିମାଣର ଶୁଖିଲା ଗୁଣ୍ଡ ଶସ୍ୟ ବା ଗୋଟା ଶସ୍ୟ ଖାଇବାକୁ ଦେବା ଅନୁଚିତ୍ । ବେଙ୍ଗଳାରୁ ପାଚିଲା ଧାନ କ୍ଷେତକୁ ଗୋରୁ ଯେପରି ବହୁତ ଶସ୍ୟ ନ ଖାଆନ୍ତି ସେଥିପ୍ରତି ସାବଧାନ ରହିବା ଆବଶ୍ୟକ ।



## ବଦହଜମି

ଗୋରୁଙ୍କୁ ଦାନା ସହିତ ଭଲ ଧରଣର ନଡ଼ା ଖାଇବାକୁ ନ ଦେଲେ ବା ପୁଷ୍ଟିକାରକ ଖାଦ୍ୟ କମ୍ ଦିଆଗଲେ ବା ଫିମ୍ପି ହୋଇଥିବା ଖାଦ୍ୟ ଖାଇବାକୁ ଦେଲେ ବା ଅତ୍ୟଧିକ ଗରମ କିମ୍ବା ଥଣ୍ଡା ଖାଦ୍ୟ ଖାଇବାକୁ ଦେଲେ ବା ଖାଦ୍ୟର ପରିବର୍ତ୍ତନ କଲେ ଏହି ରୋଗ ହୋଇଥାଏ । ଆଣ୍ଟିବାୟୋଟିକ୍ସ ଓ ସଲ୍‌ଫା ଔଷଧମାନ ବହୁତ ଦିନ ଧରି ଖୁଆଇଲେ ହଜମରେ ସାହାଯ୍ୟ କରୁଥିବା ଜୀବାଣୁ ଓ କୃମିମାନେ ମରିଯାଇ ମଧ୍ଯ ବଦହଜମି ରୋଗ କରାନ୍ତି ।

***ଲକ୍ଷଣ –*** ଏହି ରୋଗରେ ଆକ୍ରାନ୍ତ ଗୋରୁ ଖାଇବାକୁ ଇଚ୍ଛା କରେ ନାହିଁ । ଗାଈର କ୍ଷୀର ଦେବା ପରିମାଣ ଆସ୍ତେ ଆସ୍ତେ କମିଯାଏ । ସେ ମାନ୍ଦା ହୋଇ ରହେ, ରୋମନ୍ଥନ ବନ୍ଦ ହୋଇଯାଏ ଓ ଝାଡ଼ା କଠିନ ହୁଏ । ଫିମ୍ପି ମାରିଥିବା ନଡ଼ା ବା ଖାଦ୍ୟ ଖାଇଥିଲେ ତରଳ ଝାଡ଼ା ହୁଏ । ଶରୀରର ଉତ୍ତାପ, ନାଡ଼ିର ଗତି ଓ ଶ୍ୱାସକ୍ରିୟାର କୌଣସି ପରିବର୍ତ୍ତନ ଦେଖାଯାଏ ନାହିଁ ।

***ପ୍ରତିଷେଧ –***

୧. କାରଣ ନିରୂପଣ କରି ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ।

୨. ଝାଡ଼ା ହେବା ଔଷଧ ଖୁଆଇଲେ ଝାଡ଼ା ପରିଷ୍କାର ହେବା ସହ ଖାଇବା ଓ ହଜମ ଶକ୍ତି ବଢ଼େ ।

୩. ସୁସ୍ଥ ଗାଈ ରୁମେନ୍‌ରୁ ପ୍ରୋବାଙ୍ଗ ସାହାଯ୍ୟରେ ରୁମେନ୍‌ର ତରଳ ଅଂଶ ବାହାର କରି ରୋଗୀଣା ଗାଈକୁ ପିଆଇଲେ ହଜମ ଶକ୍ତି ଫେରି ଆସେ ।

୪. ରୁମେନ୍‌ର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଉପଯୁକ୍ତ ଔଷଧ ଖୁଆଇଲେ ବା ଇଞ୍ଜେକ୍ସନ୍ ଆକାରରେ ଦେଲେ ବଦହଜମି ଭଲ ହୋଇଥାଏ ।

୫. ଦାନା ପରିବର୍ତ୍ତନ ବାରମ୍ବାର କରିବା ଅନୁଚିତ୍ ଓ ଫିମ୍ପି ମାରି ଯାଇଥିବା ନଡ଼ା ବା ଦାନା ଗୋରୁଙ୍କୁ ଖାଇବାକୁ ଦେବା ଆଦୌ ଉଚିତ୍ ନୁହେଁ ।

୬. ଗୋରୁର ହଜମ ପାଇଁ ଦୈନିକ ବ୍ୟାୟାମ ହିସାବରେ ଘାସ ଚରିବା ଓ କାମ କରାଇବା ଦରକାର ।

୭. ଦୈନିକ ଯଥେଷ୍ଟ ପରିମାଣର ପରିଷ୍କାର ପାଣି ପିଇବାକୁ ଦେଲେ ଖାଦ୍ୟ ଠିକ୍ ଭାବରେ ହଜମ ହୁଏ ।

## ଘାସ ଧନୁଷ୍ଟଙ୍କାର

ଗୋରୁମାନଙ୍କର ରକ୍ତ ପ୍ରବାହରେ ବେଳେ ବେଳେ ମାଗ୍‌ନେସିୟମ୍‌ର ଅଭାବ ପରିଲକ୍ଷିତ ହୁଏ । ଏହା ସାଙ୍ଗକୁ କାଲ୍‌ସିୟମ୍‌ର ମଧ୍ୟ ଅଭାବ ଘଟିଥାଏ । ଫଳରେ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀରେ ତ୍ରୁଟି ଦେଖାଯାଏ ଓ ଗୋରୁ ଢଳି ଢଳି ଚାଲନ୍ତି । ମାଂସପେଶୀ ଉପରୁ ସେମାନେ ତାଙ୍କର ନିୟନ୍ତ୍ରଣ ହରାଇଥାନ୍ତି । ଏମାନେ କିଛି ସମୟ ଥରି ଥରି ତଳେ ପଡ଼ି ପ୍ରାଣ ହରାଇଥାନ୍ତି । ଏହି ରୋଗ ପ୍ରଚୁର ଘାସ ଚରିବା ପରେ ପରେ ହେଉଥିବାରୁ ଏହାକୁ ଘାସ ଧନୁଷ୍ଟଙ୍କାର ରୋଗ କୁହାଯାଏ ।

***ଲକ୍ଷଣ –*** ଶରୀରରେ ମାଗ୍ନେସିୟମ୍‌ର ଅଭାବ ହେଲେ ଗୋରୁ ଖାଇବା ବନ୍ଦ କରିଦିଏ । ସାରା ଶରୀର ଓ କାନର ମାଂସପେଶୀମାନ ଥରେ ଏବଂ ବାତ ମାରେ । ଗାଈ ସବୁବେଳେ ବୋବାଏ ଓ ପାଗଳଙ୍କ ପରି ଏପାଖ ସେପାଖ ଦୌଡ଼େ । ଗାଈ ଦୁର୍ବଳ ହୋଇଯାଇ ଶୋଇ ରହେ । ମୁଣ୍ଡ ପିଠି ଆଡ଼କୁ ଧନୁଭଳି ଭାଙ୍ଗି କରି ରଖେ । ପାଟିରୁ ଫେଣ ବାହାରେ । ନାଡ଼ି ଓ ଶ୍ୱାସକ୍ରିୟାରେ ଗତି ବଢ଼ିଯାଏ । ରୋଗର ସଙ୍ଗେ ସଙ୍ଗେ ଚିକିତ୍ସା ନ କଲେ ଗାଈ ମରିଯାଏ ।

***ପ୍ରତିଷେଧ –***

୧. କାଲ୍‌ସିୟମ୍ ଗ୍ଲୁକୋନେଟ୍ ସହିତ ମାଗ୍‌ନେସିୟମ୍ ମିଶାଇ ରକ୍ତ ଶିରାରେ ଇଂଜେକ୍‌ସନ୍ ଦେଲେ ସଙ୍ଗେ ସଙ୍ଗେ ଉପକାର ମିଳେ ।

୨. ରୋଗ ନ ହେବା ପାଇଁ ଦୈନିକ ୬୦ ରୁ ୧୨୦ ଗ୍ରାମ୍ ପର୍ଯ୍ୟନ୍ତ ମାଗ୍ନେସିୟମ୍ ଅକ୍‌ସାଇଡ୍ ଦାନାରେ ଗୋଳାଇ ଖାଇବାକୁ ଦିଆଯାଏ ।



୩. ଚାରଣ ଭୂମିରେ କାଲସିନାଇଡ୍ ମାଗ୍ନେସାଇଟ୍ ବା ମାଗ୍ନେସିକ୍ ଲାଇମ୍‌ଷ୍ଟୋନ୍ ସ୍ପ୍ରେ କରି ଘାସରେ ମାଗ୍ନେସିୟମ୍‌ର ଅଭାବ ପୂରଣ କରାଯାଇପାରିବ ।

## ଗୋରୁଙ୍କ ବିଷକ୍ରିୟା ଜନିତ ରୋଗ

ଗୋରୁଗାଈ ଚରିଲାବେଳେ ବିଭିନ୍ନ ପ୍ରକାର ଘାସ, ଗଛର ପତ୍ର, ଡାଳ, ଦଳ, ଶିଉଳି ଓ ଫିମ୍ପି ମାରିଥିବା ଖାଦ୍ୟ ଖାଇଥାନ୍ତି । ବେଳେ ବେଳେ ଏହି ସବୁ ଖାଦ୍ୟରେ ଥିବା ବିଷାକ୍ତ ପଦାର୍ଥ ଗୋରୁର ବିଶେଷ କ୍ଷତି କରେ । ହଜମ ପ୍ରକ୍ରିୟା ସମୟରେ ଏହି ଖାଦ୍ୟରୁ ବିଷ ବାହାରି ରକ୍ତରେ ମିଶି ଗୋରୁଙ୍କୁ ରୋଗାକ୍ରାନ୍ତ କରିଥାନ୍ତି ଓ ଗୋରୁ ମୃତ୍ୟୁ ମୁଖରେ ପଡ଼ନ୍ତି । କେତେକ ରାସାୟନିକ ପଦାର୍ଥ ଖାଇବା ଦ୍ୱାରା ମଧ୍ୟ ଗୋରୁଗାଈ ଅନେକ ବିଷାକ୍ତ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି ।

ଉଦ୍ଭିଦ ଜନିତ ବିଷକ୍ରିୟାକାରୀ କାରଣ ଗୁଡ଼ିକ ମଧ୍ୟରେ ବ୍ରାକନ ଫର୍ଣ୍ଣ ଗଛ, ନାଗଅଇରି ଗଛର ପତ୍ର, କୋଚିଲା ପତ୍ର, ଆଇପୋମିଆ ଗଛର ପତ୍ର, ରାଇ ଘାସ, ମିଠା କ୍ଲୋଭର ବୁଦାର ପତ୍ର ଓ ଡାଳ, ଲୁପାଇନ୍ ଗଛର ଫଳ, ଶିଉଳି ଓ ଫିମ୍ପି ମାରିଥିବା ବାଦାମ ପିଡ଼ିଆ ବା ଅନ୍ୟାନ୍ୟ ଖାଦ୍ୟ ଯେଉଁଥିରେ ଆଫ୍ଲାଟକ୍ସିନ୍ ଭରପୂର ଥାଏ ସେ ସବୁ ପ୍ରଧାନ । ରାସାୟନିକ ଦ୍ରବ୍ୟ ମଧ୍ୟରେ ମଲିବ୍‌ଡେନମ୍, ଫ୍ଲୋରିନ୍, ସେଲେନିୟମ୍, ନାଇଟ୍ରେଟ୍, ସୀସା, ସଙ୍ଖୁଆ ଆଦି ପ୍ରଧାନ ।

***ଲକ୍ଷଣ –*** ମୋଟା ମୋଟି ଭାବରେ ଗୋରୁ ଉପରୋକ୍ତ ବିଷାକ୍ତ ଖାଦ୍ୟ ଖାଇଲା ପରେ ହଜମ ପ୍ରକ୍ରିୟା ଦ୍ୱାରା ବିଷ ଖାଦ୍ୟରୁ ନିର୍ଗତ ହୋଇ ରକ୍ତରେ ମିଶେ । ରକ୍ତରେ ବିଷ ଶରୀରକୁ ଯାଇ ବିଷାକ୍ତ କରିଦିଏ । ବିଭିନ୍ନ ବିଷାକ୍ତ ଖାଦ୍ୟର ପ୍ରଭାବରରେ ବିଭିନ୍ନ ପ୍ରକାର ଲକ୍ଷଣ ଦେଖଶଯାଏ । ମୁଖ୍ୟତଃ ବିଷ ପ୍ରକ୍ରିୟାରେ ଗୋରୁଙ୍କ ଯକୃତ ଓ ବୃକକ୍ ବିଶେଷ କ୍ଷତିଗ୍ରସ୍ତ ହୋଇଥାଏ । ବିଷାକ୍ତ ଖାଦ୍ୟର ପ୍ରଭାବରେ ସ୍ନାୟୁ କାର୍ଯ୍ୟକ୍ଷମ ହୋଇ ନଥାଏ । ଶରୀରର ଚମଡ଼ାର ବିଭିନ୍ନ ସ୍ଥାନରେ କ୍ଷତମାନ ଦେଖାଯାଏ । କେତେକ ସ୍ଥଳରେ ରକ୍ତ ଶିରାରୁ ରକ୍ତ ନିର୍ଗତ ହୋଇ ଚାଲେ । ଗାଈର କ୍ଷୀର ଜରିଆରେ ବିଷ ନିର୍ଗତ ହୋଇ ମନୁଷ୍ୟକୁ ମଧ୍ୟ ଆକ୍ରାନ୍ତ କରେ । ଗୋରୁଙ୍କ ହୃତପିଣ୍ଡ ଓ ପ୍ଲୀହା ବଡ଼ ଆକାର ହୋଇଯାଏ ଏବଂ କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହୁଏ ।

ବିଷ ପ୍ରକ୍ରିୟା ଯୋଗୁଁ ଗୋରୁ ଦିନକୁ ଦିନ ଦୁର୍ବଳ ହୋଇଯାଏ । ନିଃଶ୍ୱାସ ଓ ପ୍ରଶ୍ୱାସ ନେବା ଆଣିବାରେ କଷ୍ଟକର ହୋଇଥାଏ । କେତେକ ବିଷ ଖାଇବା ପରେ ଗୋରୁ ହଠାତ୍ ମରିଯାଇଥାଏ । କେତେକ କ୍ଷେତ୍ରରେ ସ୍ନାୟୁଗତ ସମସ୍ୟା ଦେଖା ଦେଇଥାଏ । ଗୋରୁ କେତେକ କ୍ଷେତ୍ରରେ ଅନ୍ଧ ହୋଇଯାଏ ଓ ତା ପକ୍ଷରେ ଚାଲିବା କଷ୍ଟକର ହେତୁ ବୁଲି ବୁଲି ପଡ଼ିଯିବା ଦେଖାଯାଏ । ବେଳେ ବେଳେ ତରଳ ଝାଡ଼ା ହୁଏ । ଝାଡ଼ା ରଙ୍ଗରେ ପରବର୍ତ୍ତନ ହୁଏ । ଗୋରୁ ଦେହରେ ଖରା ବାଜିଲେ ପୋଡ଼ା ଜ୍ୱଳା ହୁଏ ଓ ଚମଡ଼ାରେ କ୍ଷତ ଦେଖାଯାଏ । ତାର ମାଂସପେଶୀମାନ ଥରେ । ରୁମେନ୍‌ରୁ ଖାଦ୍ୟ ଓ ପାଣି ବାନ୍ତି ହୋଇ ନାକ ବାଟେ ବାହାରେ । ଗାଇ ଗର୍ଭବତୀ ଥିଲେ ଗର୍ଭପାତ ହୁଏ ଏବଂ ଗାଈର ଗର୍ଭଧାରଣ ଶକ୍ତି ନଷ୍ଟ ହୋଇଯାଏ । ଗାଈକୁ କାମଳ ରୋଗ ହୁଏ । ଯକୃତ ବିଶେଷ ଭାବରେ ନଷ୍ଟ ହୋଇଯାଏ । ପାଟିରୁ ସବୁବେଳେ ଲାଳ ବୋହୁଥାଏ । ଗୋରୁଗାଈ ଖାଇବାକୁ ଇଚ୍ଛା କରନ୍ତି ନାହିଁ ଓ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡନ୍ତି ।

ରାସାୟନିକ ମଲିବ୍‌ଡେନମ୍ ବିଷ ପ୍ରକ୍ରିୟା ଯୋଗୁଁ ଗୋରୁଙ୍କର ଖୁବ୍ ଝାଡ଼ା ହୁଏ, ସେମାନେ ଦୁର୍ବଳ ହୋଇଯାନ୍ତି । ରକ୍ତହୀନତା ଘଟେ ଓ ଲୋମର ବର୍ଣ୍ଣ ମଉଳିଯାଏ । ଶିଳ୍ପାୟନ ଯୋଗୁଁ ଧୂଆଁ ଓ ଧୂଳି ସହିତ ମୃତ୍ତିକା ଓ ଉଦ୍ଭିଦରେ ଫ୍ଲୋରିନ୍‌ର ମାତ୍ରା ଅଧିକ ହୋଇ ବାଛୁରୀ ମାନଙ୍କର ଅସ୍ଥି ଓ ଦନ୍ତରେ କାଲସିୟମ୍ ଜମିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ । ପ୍ରାପ୍ତ ବୟସ୍କ ଗୋରୁଙ୍କ ଦାନ୍ତ ଅତିଶୟ ମାତ୍ରାରେ ଖାଇଯାଏ ଓ ଅସ୍ଥି ଆକ୍ରାନ୍ତ ହୋଇ ଗଣ୍ଠି ସିଧା ହୁଏ ନାହିଁ ଏବଂ ଗୋରୁ ଛୋଟେଇ ଛୋଟେଇ ଚାଲେ । ସେଲେନିୟମ୍ ବିଷ ପ୍ରକ୍ରିୟାରେ ଗୋରୁର ଶିଙ୍ଗ କର୍କଶ ହୁଏ, ଖୁରାରେ ତ୍ରୁଟି ଦେଖାଯାଏ, ଖୁରା ନଷ୍ଟ ହୋଇଯାଏ, ଲାଞ୍ଜରୁ ଲୋମ ଝଡ଼ିଯାଏ ଏବଂ ଗୋରୁର ପ୍ରଜନନ ପ୍ରଣାଳୀରେ ଅସୁବିଧା ଦେଖାଯାଏ । ମରୁଡ଼ି ଯୋଗୁ ବାଜରା, ମକା, ସୋରଘମ୍ ପ୍ରଭୃତି ସବୁଜ ଗୋ ଖାଦ୍ୟ ବଢ଼ି ନ ପାରି ଶୁଖିଗଲେ ସେଥିରେ ନାଇଟ୍ରେଟ୍ ପରିମାଣ ବୃଦ୍ଧି ପାଏ । କାରଣ ଗଛ



ଶୁଖିଯିବା ଫଳରେ ନାଇଟ୍ରେଟ୍ ନାଇଟ୍ରାଇଟ୍‌ରେ ପରିଣତ ହୋଇପାରେ ନାହିଁ । ଏପରି ଉଦ୍ଭିଦ ଖାଇଲେ ଗୋରୁର ପେଟରେ ନାଇଟ୍ରେଟ ନାଇଟ୍ରାଇଟ୍‌ରେ ପରିଣତ ହୁଏ ଏବଂ ଏହା ଶୋଷିତ ହୋଇ ରକ୍ତ ପ୍ରବାହରେ ପ୍ରବେଶ କରେ । ଏହି ନାଇଟ୍ରାଇଟ୍ ଲାଲ ରକ୍ତ କଣିକାର ଅମ୍ଳଜାନ ବହନ ଶକ୍ତି ସହିତ ବାନ୍ଧି ହୋଇଯିବାରୁ ଶରୀରର ସାଧାରଣ ଦଗ୍ଧୀକରଣ ପ୍ରକ୍ରିୟା ବ୍ୟାହତ ହୁଏ, ଏହା ଫଳରେ ଗୋରୁ ଢ଼ଳି ଢ଼ଳି ଚାଲେ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରେ । ଗୁହାଳ ଓ ଯନ୍ତ୍ରପାତିରେ ଦିଆଯାଉଥିବା ପେଣ୍ଟ୍ ବା ରଙ୍ଗ ଗୋରୁ ଚାଟିଲେ ସୀସା ବିଷକ୍ରିୟା ଘଟେ । ଏହି ବିଷକ୍ରିୟାରେ ଗୋରୁର ପ୍ରଚୁର ଲାଳ ଗଡ଼େ, ଅନ୍ତ ନଳୀ ଫୁଲି ଲାଲ ହୋଇଯାଏ । ସ୍ନାୟୁ ପ୍ରଣାଳୀ ଆକ୍ରାନ୍ତ ହେବା ଦ୍ୱାରା ଗୋରୁ ଏଣେ ତେଣେ ଘୁରି ବୁଲେ । ବହୁତ ଝାଡ଼ା ହୁଏ ଏବଂ ଖାଦ୍ୟ ଖାଇବାକୁ ଅନିଚ୍ଛା ପ୍ରକାଶ କରେ ।

### ପ୍ରତିଷେଧ

୧. ବିଷର ଲକ୍ଷଣ ଦେଖିବା ସଙ୍ଗେ ସଙ୍ଗେ ତୁରନ୍ତ ଡାକ୍ତରଙ୍କୁ ଡାକି ଚିକିତ୍ସା ବ୍ୟବସ୍ଥା କଲେ ଗୋରୁ ବଞ୍ଚିଯାଏ ।

୨. ପାକସ୍ଥଳୀରୁ ଖାଦ୍ୟ ବାହାର କରି କେମିକାଲ ପରୀକ୍ଷା ପାଇଁ ପଠାଇଲେ କେଉଁ ବିଷ ପ୍ରଭାବରୁ ଗୋରୁ ମରୁଛନ୍ତି ଜଣାପଡ଼େ । ବିଷ ପ୍ରକାର ଜଣାଗଲେ ଉପଯୁକ୍ତ ଚିକିତ୍ସା କରିବା ଦ୍ୱାରା ଗୋରୁ ଭଲ ହୋଇଯାଏ ।

୩. ଗୋରୁମାନଙ୍କୁ ବିଷାକ୍ତ ଘାସ, ପତ୍ର, ଫିମ୍ପି ମାରିଥିବା ଦାନା ଦେବା ଅନୁଚିତ୍ ।

୪. ଭୋକିଲା ଥିଲାବେଳେ ଗୋରୁକୁ ଚରିବାକୁ ଛାଡ଼ିଲେ ସେମାନେ ଭଲ ଘାସ ନ ପାଇ ଏହି ବିଷାକ୍ତ ଘାସ ବା ପତ୍ର ଖାଇ ରୋଗିଣା ହୋଇ ମରନ୍ତି ।

୫. ଖରାଦିନେ ବା ଡିରୋଟି ସମୟରେ ଘାସର ଅଭାବ ଯୋଗୁଁ ଗୋରୁମାନେ ବାହାରେ ଯାଇ ବିଷାକ୍ତ ଗଛରୁ ପତ୍ର ଓ ଘାସ ଖାଇ ବେମାର ହୁଅନ୍ତି । ତେଣୁ

ଘାସ ନଥିବା ସମୟରେ ଗୋରୁମାନଙ୍କୁ ଚରିବାକୁ ନ ଛାଡ଼ି ସଂରକ୍ଷଣ କରି ରଖାଯାଇଥିବା ଶୁଖିଲା ଘାସ କିମ୍ବା ଖଣି ଘାସ ବା ଘାସ ଆଚାର ଯୋଗାଇ ଦେବା ଦରକାର ।

**ଗୋରୁଙ୍କ ସାଧାରଣ ସଂକ୍ରାମକ ରୋଗର ପ୍ରତିଷେଧ ବ୍ୟବସ୍ଥା**

ପ୍ରତିଷେଧ ଚିକିତ୍ସାଠାରୁ ଉତ୍କୃଷ୍ଟତର । ଏହି ପୁରାତନ ଉକ୍ତିର ଯଥାର୍ଥତା ସବୁ ସମୟରେ ମନୁଷ୍ୟ ତଥା ପଶୁମାନଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ଆସିଅଛି । ପଶୁମାନଙ୍କୁ ରୋଗମାନଙ୍କ ଦାଉରୁ ନିୟନ୍ତ୍ରଣ କରିବା ପାଇଁ ଓ ନିରୋଗ ରଖିବା ପାଇଁ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଦରକାର ।

୧. ଯେ କୌଣସି ରୋଗ ଆରମ୍ଭ ହେବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ଖବର ଦେବା ଉଚିତ୍ ।

୨. ରୋଗାକ୍ରାନ୍ତ ପଶୁମାନଙ୍କୁ ପରୀକ୍ଷା କରାଇ ସଠିକ୍ ରୋଗ ନିରୂପଣ କରିବା ନିହାତି ଆବଶ୍ୟକ ।

୩. ରୋଗାକ୍ରାନ୍ତ ହୋଇଥିବା ଓ ରୋଗାକ୍ରାନ୍ତ ପଶୁଙ୍କ ସଂସ୍ପର୍ଶରେ ଆସିଥିବା ଏବଂ ସୁସ୍ଥ ପଶୁମାନଙ୍କୁ ଅଲଗା ଅଲଗା କରି ତିନି ଭାଗରେ ବିଭକ୍ତ କରିଦିଅନ୍ତୁ ।

୪. ରୋଗାକ୍ରାନ୍ତ ପଶୁଙ୍କର ତୁରନ୍ତ ଉପଯୁକ୍ତ ଚିକିତ୍ସା କରାନ୍ତୁ ଓ ସେମାନଙ୍କର ସଂସ୍ପର୍ଶରେ ଆସିଥିବା ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ ।

୫. ସୁସ୍ଥ ପଶୁମାନଙ୍କୁ ପ୍ରତିଷେଧକ ଟୀକା ଦେବା ବ୍ୟବସ୍ଥା କରନ୍ତୁ ।

୬. ମୃତ ପଶୁର ଶବକୁ ଗଭୀର ଗାତରେ ପୋତି ଦେବା କିମ୍ବା ପୋଡ଼ିଦେବା ସବୁଠାରୁ ଭଲ । ଶବ ଉପରେ ଚୂନ ପକାନ୍ତୁ ।

୭. ଫିନାଇଲ୍, ଡେଟଲ୍ କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ପାଣିରେ ଗୁହାଳ ଓ ତାର ଚାରିପାଖ ବିଶୋଧନ କରିବା ଉଚିତ୍ ।

୮. କୃମି ନିରାକରଣ ପାଇଁ ନିୟମିତ ଭାବେ କୃମିନାଶକ ଔଷଧ ଖୁଆଇବା ଉଚିତ୍ ।



୯. ରୋଗାକ୍ରାନ୍ତ ପଶୁଙ୍କୁ ଅଲଗା ଲୋକଙ୍କ ଦ୍ୱାରା ସେବା କରାଇବା ଉଚିତ୍ । ଯଦି ଏହ ସମ୍ଭବ ନ ହୁଏ, ତେବେ ପ୍ରଥମ ଲୋକଟି ସୁସ୍ଥ ପଶୁଙ୍କୁ ଦେଖାଶୁଣା କଲାପରେ ସବା ଶେଷରେ ରୋଗାକ୍ରାନ୍ତ ପଶୁଙ୍କ ସେବା କରିବା ଉଚିତ୍ ।

**ପ୍ରତିଷେଧକ ଟୀକା :**

ଗୋରୁଗାଈଙ୍କ ଅନେକ ସଂକ୍ରାମକ ରୋଗକୁ ପ୍ରତିଷେଧକ ଟୀକା ଦେଇ ନିୟନ୍ତ୍ରିତ କରାଯାଇପାରେ । ଏହି ପ୍ରତିଷେଧକ ଟୀକା ଗୁଡ଼ିକର ପ୍ରସ୍ତୁତି ପାଇଁ ଆମ ରାଜ୍ୟର ଭୁବନେଶ୍ୱର ଓ ବ୍ରହ୍ମପୁରଠାରେ ରାଜ୍ୟ ସରକାରଙ୍କ ତରଫରୁ ଦୁଇଟି ପଶୁଟୀକା ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଅଛି । ନିକଟରେ କେନ୍ଦ୍ର ସରକାରଙ୍କ ତରଫରୁ ମଧ୍ୟ ଖୋର୍ଦ୍ଧା ଜିଲ୍ଲାର ଅରଗୁଳଠାରେ ଫାଟୁଆ ରୋଗର ଏକ ଆନ୍ତର୍ଜାତୀୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହୋଇପାରିଛି । ତେଣୁ ଫାଟୁଆ, ସାହାଣ, ବଜବଜିଆ, ରିଣ୍ଡରପେଷ୍ଟ, ବ୍ରୁସେଲୋସିସ୍ ଓ ଆନ୍ଥ୍ରାକ୍ସ ଇତ୍ୟାଦି ସଂକ୍ରାମକ ରୋଗ ମାନଙ୍କର ପ୍ରତିଷେଧକ ଟୀକା ନିମ୍ନସୂଚୀ ଅନୁଯାୟୀ ସୁସ୍ଥ ପଶୁମାନଙ୍କୁ ଠିକ୍ ସମୟରେ ଦେଇ ସଂକ୍ରାମକ ରୋଗମାନଙ୍କ ଦାଉରୁ ରକ୍ଷା କରାଯାଇପାରିବ ।

*****

*ମୂଳ ବିଷୟ ବସ୍ତୁ*
**ଡଃ ଅନ୍ତର୍ଯ୍ୟାମୀ ମହାନ୍ତି**

*ସଂଶୋଧିତ ବିଷୟ ବସ୍ତୁ*
**ଡଃ ଚିତ୍ତ ରଞ୍ଜନ ପ୍ରଧାନ**
ପ୍ରଫେସର ଓ ବିଭାଗୀୟ ମୁଖ୍ୟ
ପ୍ରାଣୀ ଉତ୍ପାଦନ ଓ ପରିଚାଳନା ବିଭାଗ

ଓୟୁଏଟି ପ୍ରେସ୍, ୫୦୦-୨୦୧୪

## ସଂକ୍ରାମକ ରୋଗର ପ୍ରତିଷେଧକ ଟୀକା ସୂଚୀ / ପଦ୍ଧତି (Vaccination Schedule)

| କ୍ର.ନଂ. | ରୋଗର ନାମ | ପ୍ରତିଷେଧକ ଟୀକାର ପ୍ରକାର | ଟୀକାର ପରିମାଣ ଓ କେଉଁ ବାଟେ ଦିଆଯାଏ | ଟୀକା ଦେବାର ବୟସ | କେଉଁ ସମୟରେ ଟୀକା ଦିଆଯାଏ | ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ |
|---|---|---|---|---|---|---|
| ୧. | ଫାଟୁଆ (Foot & Mouth Disease) | ଫାଟୁଆ ରୋଗ ଟୀକା<br>କ.ହେକ୍ଷ୍ଟ (Hoechst) କମ୍ପାନୀ ଟୀକା<br>ଖ. ରକ୍ଷା ଟୀକା | ବରଫରେ ରଖି ଦିଆଯାଏ<br>୧୦ ମି.ଲି. ଚମଡ଼ା ତଳେ<br>୩ ମି.ଲି. ଚମଡ଼ା ତଳେ | ୩ ସପ୍ତାହ (୧ମ)<br>୧୯ ସପ୍ତାହ ଭିତରେ (୨ୟ)<br>୬ ମାସ ପରେ (୩ୟ) | ସେପ୍ଟେମ୍ବର ଓ ଫେବ୍ରୁୟାରୀ | ପ୍ରତି ୬ ମାସ ବ୍ୟବଧାନରେ ଦିଆଯିବା ଉଚିତ୍ । |
| ୨. | ସାହାଣା (Haemorrhagic Septicaemia) | କ. ତୈଳଯୁକ୍ତ ସାହାଣ ଟୀକା<br>ଖ. ଫରମାଲିନ୍ ଓ ଫିଟିକିରି ମିଶ୍ରିତ ସାହାଣ ଟୀକା | ୨ ରୁ ୩ ମି.ଲି. ମାଂସପେଶୀରେ<br>୫ ରୁ ୧୦ ମି.ଲି. ବେକ ଚମଡ଼ା ତଳେ ଦିଆଯାଏ | ୩ ମାସରୁ ଉର୍ଦ୍ଧ୍ୱ<br>୩ ମାସରୁ ଉର୍ଦ୍ଧ୍ୱ | ମେ ଓ ଜୁନ୍<br>ମେ ଓ ଜୁନ୍ | ପ୍ରତିରୋଧକ ଶକ୍ତି ୧ ବର୍ଷ<br>ପ୍ରତିରୋଧକ ଶକ୍ତି ୬ ମାସ<br>ଗର୍ଭବତୀ ଗାଇକୁ ଦିଆଯାଏ ନାହିଁ |
| ୩. | ବଜବଜିଆ (Black Quarter) | କ. ବଜବଜିଆ ପଲିଭାଲେଣ୍ଟ ଟୀକା<br>ଖ. ଫରମାଲିନ୍ ଓ ଫିଟିକିରି ମିଶ୍ରିତ ଟୀକା | ୫ ରୁ ୧୦ ମି.ଲି., ୧୦ ଦିନ ପରେ ପୁଣି ୫ ରୁ ୧୦ ମି.ଲି. ବେକ ଚମଡ଼ା ତଳେ ଦିଆଯାଏ | ୩ ମାସରୁ<br>୨ ବର୍ଷ ଭିତରେ | ମେ ଓ ଜୁନ୍ | ପ୍ରତିରୋଧକ ଶକ୍ତି ୧ ବର୍ଷ<br>ଗର୍ଭବତୀ ଗାଇକୁ ଦିଆଯାଏ ନାହିଁ |
| ୪. | ରିଣ୍ଡର ପେଷ୍ଟ (Rinder Pest) | କ. ଟିସ୍ୟୁ କଲଚର ଟୀକା<br>ଖ. ଗୋଟ୍ (Goat) ଟିସ୍ୟୁ ଭାଇରସ୍ ଟୀକା | ୧ ମି.ଲି. ଚମଡ଼ା ତଳେ<br>୧ ମି.ଲି. ଚମଡ଼ା ତଳେ<br>ବରଫରେ ରଖି ଦିଆଯାଏ | ୧ ମ ସପ୍ତାହ<br>୫ ମ ସପ୍ତାହ<br>୬ ମାସ | ବର୍ଷର ସବୁ ସମୟରେ ଦିଆଯାଏ | ପ୍ରତିରୋଧକ ଶକ୍ତି<br>୩ ରୁ ୫ ବର୍ଷ<br>ପ୍ରତିରୋଧକ ଶକ୍ତି ଆଜୀବନ |
| ୫. | ଗର୍ଭପାତ ରୋଗ (Brucellosist) | ବ୍ରୁସେଲା ଷ୍ଟ୍ରେନ୍ ୧୯ ଟୀକା | ୫ ମି.ଲି. ଚମଡ଼ା ତଳେ ଦିଆଯାଏ | ୬ ମାସରୁ<br>୯ ମାସ ବୟସ | ଯେ କୌଣସି ସମୟରେ | ଜୀବନରେ ଥରେ ମାତ୍ର ଦିଆଯାଏ |
| ୬. | ପ୍ଲୀହା ଜ୍ୱର (Anthrax) | ଆନ୍ଥ୍ରାକ୍ସ ସ୍ପୋର ଟୀକା | ୧ ମି.ଲି. ଚମଡ଼ା ତଳେ | ୬ ମାସ ବୟସ | ମେ ଓ ଜୁନ୍ | ୧ ବର୍ଷ ବ୍ୟବଧାନରେ<br>ଗର୍ଭବତୀ ଗାଇକୁ ଦିଆଯାଏ ନାହିଁ |



ଏଠାରୁ କାଟି ପଠାନ୍ତୁ

# ଗୋପାଳନ (ଷଷ୍ଠ ପାଠ)

# ଦୂରଶିକ୍ଷା କାର୍ଯ୍ୟକ୍ରମ

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩

ଦୟାକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ଏହି କାଗଜରେ ଲେଖି ୭ ଦିନ ଭିତରେ ଆମ ପାଖକୁ ପଠାନ୍ତୁ ।

***ଆପଣଙ୍କ ପାଇଁ ପ୍ରଶ୍ନ***

ପ୍ର. ୧ – ସୁସ୍ଥ ଗୋରୁର ଶରୀର ଉତ୍ତାପ କେତେ ?
ଉ–

ପ୍ର. ୨ – ଗୋରୁର କେଉଁ ରୋଗରେ ମାଢ଼ି, ଜିଭ, ଓ ଖୁରା ସନ୍ଧିରେ ଘାଆ ହୋଇଯାଏ ?
ଉ.–

ପ୍ର. ୩– ସାହାଣା ରୋଗ କେଉଁ ଋତୁରେ ଦେଖାଯାଇଥାଏ ?
ଉ.–

ପ୍ର. ୪ – ବଜବଜିଆ ରୋଗ କେଉଁ ବୟସର ଗୋରୁଙ୍କ ଠାରେ ଦେଖାଯାଏ ?
ଉ.–

ପ୍ର. ୫ –ରକ୍ତ କୃମି ଜନିତ ଦୁଇଗୋଟି ରୋଗର ନାମ ଉଲ୍ଲେଖ କର ?
ଉ.–

ପ୍ର. ୫ –କେଉଁ ରୋଗ ବ୍ୟାପିବାରେ ଗେଣ୍ଡାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ?
ଉ.–

ଚାଷୀଙ୍କ ସ୍ୱାକ୍ଷର –
ଡାକ ଠିକଣା
କ୍ରମିକ ନଂ –
ତାରିଖ –